ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୭/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, March 27/2023 | Page 14 | ₹ 7.00
୪୯ଶ ଭାଗ ୧୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 121 | ମୂଲ୍ୟ ₹୭/-

Committed to the Success of students since 1988.

Aakash + BYJU'S



| JEE (Adv.) 2021 IISc Bangalore 58 AIR | NEET (UG) 2021 720/720 AIIMS Delhi 1 AIR | JEE (Adv.) 2020 MIT USA 1 AIR | NEET (UG) 2022 715/720 AIIMS Delhi 2 AIR | JEE (MAIN) 2023 Session-1 100 Percentile Overall | NEET (UG) 2022 715/720 AIIMS Delhi 3 AIR | JEE (Adv.) 2022 ALL INDIA RANK (Female) IIT Bombay 1 AIR | NEET (UG) 2021 720/720 AIIMS Delhi 1 AIR | NEET (UG) 2021 720/720 AIIMS Delhi 1 AIR |
|---|---|---|---|---|---|---|---|---|
| Anmol Arichwal 4 Year Classroom | Mrinal Kutteri 2 Year Classroom | Chirag Falor 4 Year Classroom | Vatsa A Batra 2 Year Classroom | Dhruv Sanjay Jain 4 Year Classroom | Hrishikesh N Gangule 2 Year Classroom | Tanishka Kabra 4 Year Classroom | Tanmay Gupta 2 Year Classroom | Karthika G Nair 2 Year Classroom |

Omni Channel Learning | Meticulously Designed Study Material | Regular Tests & Assessments

**MEDICAL (NEET)**
- Audi Prep- Audiobook for NEET
- Know Your NCERT
- NCERT Maps-NEET
- NEET Challenger App

**ENGINEERING (JEE)**
- JEE Challenger App
- Focused Revision Program
- JEE Archive, Video Solutions
- Skull Crusher Quiz

**FOUNDATION (Class 8-10)**
- Activity Based Learning
- Quizzes & Workshops
- Experiment Based Videos
- Flash Cards & Lecture PPTs

93,500+ Students Qualified in NEET & JEE 2022 | 300+ Branches across India | 5000+ expert faculty

Our Students Selected in Top Medical & Engineering Colleges from Odisha (Classroom Programs)

NEET-UG 2022: Priya Somadutta N, AIIMS, Bhubaneswar; Subharanjan M, AIIMS, Bhubaneswar; Saumya Sajan P, AIIMS, Bhubaneswar; Suryansu Kumar D, AIIMS, Bhubaneswar; Pratik Sahoo, AIIMS, Bhubaneswar; and many more...

JEE (Main & Advanced) 2022: Atish Kumar Sahoo, IIT, Roorkee; Veda Raju, IIT, Bombay; Suryadeep Mallick, IIT, Bombay; Avipsa Swain, IIT, Bombay; Abhipsa Swain, IIT, Kharagpur; and many more...

Though every care has been taken to publish the result correctly, yet Aakash Educational Services Ltd. shall not be responsible for inadvertent error, if any.

ADMISSIONS OPEN
(Batch Commencement date: 27th March onwards)

Get up to 90% Scholarship*
Appear for Instant Admission & Scholarship Test. Register now for FREE visit: iacst.aakash.ac.in or scan the code
*T&C apply.

Crash Courses NEET / JEE 2023

Repeater Courses NEET / JEE 2024

6 Branches in Odisha
Scan code to locate the nearest centre

BHUBANESWAR
(Bhouma Nagar): 7008005000, 9337870700, 9337355775, 6372800243, 9078884986, 6372800244
(Chandrasekharpur): 7008005000, 90788 84990, 90788 84982, 7008000100
Cuttack: 7008005000, 9337355773, 9078891914
Balasore: 7008005000, 9311734469
Berhampur: 7008005000, 9337355235, 9348588695
Sambalpur: 7008005000, 9289821015, 9337355234
Information Centre: Rourkela: 9337355752

Download Aakash App — Google Play | App Store
CALL (TOLL-FREE) 1800-102-2727
VISIT aakash.ac.in
Aakash BYJU'S

**ଖାଦ୍ୟରେ ବିଷକ୍ରିୟା: ୧୦୦ ଜଣ ହସ୍ପିଟାଲରେ ଭର୍ତ୍ତି**

ପଶ୍ଚିମବଙ୍ଗ ସାଉଥ୍ ୨୪ ପ୍ରଗଣାର ପାଖିରାଲୟା ଗ୍ରାମରେ ଶୁକ୍ରବାର ଇଫତାର ଭୋଜି ଖାଇ ୧୦୦ ଜଣ ଅସୁସ୍ଥ ହୋଇ ପଡ଼ିଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଅସୁସ୍ଥଙ୍କୁ କୋଲକାତା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଖାଦ୍ୟରେ ବିଷକ୍ରିୟା ପାଇଁ ଏପରି ହୋଇଥିବା ଡାକ୍ତର କହିଛନ୍ତି।

## ସଂକ୍ଷେପରେ

### ତଟ ସୁରକ୍ଷା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ



**କୋଚି, ୨୬।୩:** ତଟ ସୁରକ୍ଷା ବାହିନୀର ଏକ ହେଲିକପ୍ଟର ରବିବାର ଅପରାହ୍ନରେ କୋଚି ବିମାନବନ୍ଦରରେ ପ୍ରଶିକ୍ଷଣ ଉଡ଼ାଣ କରୁଥିବାବେଳେ ରନ୍‌ୱେରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ପାଇଲଟ ଆହତ ହୋଇଛନ୍ତି। ୩ ଜଣ ଟ୍ରେନି ପାଇଲଟଙ୍କୁ ନେଇ ଉଡ଼ାଣ କରୁଥିବା ଅତ୍ୟାଧୁନିକ ହାଲୁକା ହେଲିକପ୍ଟର (ଏଏଲ୍‌ଏଚ୍) ଧ୍ରୁବ୍ ରନ୍‌ୱେ ଶେଷ ଭାଗରେ ଧକ୍କା ହୋଇଥିଲା। ଅନ୍ୟ ୨ ଟ୍ରେନି ପାଇଲଟ ସୁରକ୍ଷିତ ଅଛନ୍ତି।

### ଏମ୍‌ଜିଏନ୍‌ଆର୍‌ଇଜିଏ ମଜୁରିରେ ପରିବର୍ତ୍ତନ

**ନୂଆଦିଲ୍ଲୀ, ୨୬।୩ (ପି.ଟି.):** ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଏମ୍‌ଜିଏନ୍‌ଆର୍‌ଇଜିଏରେ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ମଜୁରି ବଢ଼ାଇ ଦିଆଯାଇଛି। ଏନେଇ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଛନ୍ତି। ହରିୟାଣାରେ ସର୍ବାଧିକ ଦୈନିକ ମଜୁରି ୩୫୭ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ମଧ୍ୟପ୍ରଦେଶ ଓ ଛତିଶଗଡ଼ ପାଇଁ ସର୍ବନିମ୍ନ ୨୨୧ ଟଙ୍କା ରହିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ), ୨୦୦୫ର ଧାରା ୬(୧) ଅନୁଯାୟୀ କେନ୍ଦ୍ର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ମଜୁରିରେ ପରିବର୍ତ୍ତନ ନେଇ ବିଜ୍ଞପ୍ତି ଜାରି ହୋଇଛି। ବିଭିନ୍ନ ରାଜ୍ୟରେ ୭ ଟଙ୍କାରୁ ୨୬ ଟଙ୍କା ପର୍ଯ୍ୟନ୍ତ ଦୈନିକ ମଜୁରି ବଢ଼ିଥିବାବେଳେ ଏପ୍ରିଲ ୧ରୁ ଏହା ଲାଗୁ ହେବ। ରାଜସ୍ଥାନରେ ମଜୁରି ୨୩୧ ଟଙ୍କାରୁ ବୃଦ୍ଧି ପାଇ ୨୫୫ ଟଙ୍କା ହୋଇଛି। ସେହିପରି ବିହାର ଓ ଝାଡ଼ଖଣ୍ଡରେ ଏହା ୨୧୦ ଟଙ୍କାରୁ ବଢ଼ି ୨୨୮ ଟଙ୍କା ହୋଇଛି।

### ଭୋଜପୁରି ଅଭିନେତ୍ରୀ ଆକାଂକ୍ଷା ଦୁବେଙ୍କ ସନ୍ଦେହଜନକ ମୃତ୍ୟୁ



**ବାରାଣସୀ, ୨୬।୩:** ବାରାଣସୀର ଏକ ହୋଟେଲରେ ରବିବାର ଭୋଜପୁରି ଅଭିନେତ୍ରୀ ଆକାଂକ୍ଷା ଦୁବେଙ୍କ ମୃତଦେହ ପୋଲିସକୁ ମିଳିଛି। ମଡେଲ୍‌ରୁ ଅଭିନେତ୍ରୀ ସାଜିଥିବା ଏହି ୨୫ ବର୍ଷୀୟା ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଘଟଣାର ପ୍ରାଥମିକ ତଦନ୍ତ ଜାରି ଥିବାବେଳେ ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ପଠାଇ ଦିଆଯାଇଛି। ରୁମ୍‌ରେ ଆକାଂକ୍ଷାଙ୍କ ଝୁଲନ୍ତା ମୃତଦେହ ଦେଖି ହୋଟେଲ୍ କର୍ମଚାରୀ ପୋଲିସକୁ ସୂଚନା ଦେଇଥିଲେ। ଆକାଂକ୍ଷା ଅନେକ ଭୋଜପୁରି ଫିଲ୍ମ, ମ୍ୟୁଜିକ୍ ଭିଡିଓରେ କାମ କରିଛନ୍ତି।

## ସଭାମଞ୍ଚରେ ଭାଜପା ଏମ୍‌ପିଙ୍କ ସହ ବିଲ୍‌କିସ୍ ବଳାତ୍କାରୀ



ବହୁଚର୍ଚ୍ଚିତ ବିଲ୍‌କିସ୍ ବାନୋ ଗଣବଳାତ୍କାର ମାମଲାର ଅନ୍ୟତମ ଦୋଷୀ ଶୈଳେଶ ଚିମନଲାଲ ଭଟ୍ଟ (ବୃତ୍ତ ଚିହ୍ନିତ) ଶନିବାର ଗୁଜରାଟର ଭାଜପା ଏମ୍‌ପି ଯଶୱନ୍ତ ସିଂ ଭାଭୋର ଏବଂ ବିଧାୟକ ଶୈଳେଶ ଭାଭୋରଙ୍କ ସହ ଗୋଟିଏ ମଞ୍ଚରେ ଉପସ୍ଥିତ ଅଛନ୍ତି। ଦାହୋଡ ଜିଲାର କର୍ମାଡ଼ି ଗ୍ରାମରେ ଗୋଷ୍ଠୀ ଜଳଯୋଗାଣ ଯୋଜନାର ଏକ କାର୍ଯ୍ୟକ୍ରମରେ ଭାଜପା ନେତାଙ୍କ ସହ ଅପରାଧୀ ଭଟ୍ଟ ଯୋଗ ଦେଇଛନ୍ତି। ୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍‌ଙ୍କୁ ଗଣବଳାତ୍କାର କରାଯିବା ସହ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଭଟ୍ଟଙ୍କ ସମେତ ୧୧ ଜଣଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ଆଜୀବନ ଜେଲଦଣ୍ଡ ହୋଇଥିଲା। ଗତବର୍ଷ ଅଗଷ୍ଟ ୧୫ରେ ସେମାନଙ୍କୁ ଗୁଜରାଟ ସରକାର କ୍ଷମା ପ୍ରଦାନ କରି ଜେଲରୁ ମୁକ୍ତ କରିଦେଇଥିଲେ, ଯାହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ଖବରଦାତାଙ୍କୁ ଖଲିସ୍ତାନୀ ସମର୍ଥକଙ୍କ ଆକ୍ରମଣ

ୱାଶିଂଟନ୍/ଚଣ୍ଡିଗଡ଼, ୨୬।୩

ଆମେରିକାରେ ଥିବା ଭାରତୀୟ ଦୂତାବାସ ବାହାରେ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ) ଖବରଦାତାଙ୍କୁ ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରିଛନ୍ତି। ଖଲିସ୍ତାନୀ ନେତା ଅମ୍ରିତପାଲ୍ ସିଂଙ୍କ ସମର୍ଥନରେ ଭାରତୀୟ ଦୂତାବାସ ବାହାରେ ଖଲିସ୍ତାନୀ ସମର୍ଥକଙ୍କ ବିକ୍ଷୋଭ ଚାଲିଥିବାବେଳେ ପିଟିଆଇ ପ୍ରତିନିଧି ଲଳିତ କେ. ଝା ନ୍ୟୁଜ୍ କଭର୍ କରିବା ପାଇଁ ସେଠାରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ କେତେଜଣ ବିକ୍ଷୋଭରତ ସମର୍ଥକ ଲଳିତଙ୍କ ଉପରକୁ ଆକ୍ରମଣ କରିଥିବା ସେ କହିଛନ୍ତି। ସ୍ଥାନୀୟ ପୋଲିସ ଓ ଆମେରିକା ସିକ୍ରେଟ୍ ସର୍ଭିସ୍ ସେଠାରେ ପହଞ୍ଚି ଲୋକଙ୍କୁ ଆୟତ୍ତ କରିଥିଲେ। ରବିବାର ୱାଶିଂଟନ୍ ଡିସିରେ ଖଲିସ୍ତାନୀ ବିକ୍ଷୋଭ ନ୍ୟୁଜ୍ କଭରବେଳେ ପିଟିଆଇର ବରିଷ୍ଠ ଖବରଦାତାଙ୍କୁ କେତେଜଣ ଲୋକ ଧମକାଇବା ସହ ଖଲିସ୍ତାନୀ ପତାକା ତାଙ୍କ ମୁହଁରେ ଲଳିତଙ୍କୁ ଠେଲାପେଲା କରୁଥିବା ଦେଖିବାକୁ ମିଳିଥିବା ଦୂତାବାସ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷେ ଖଲିସ୍ତାନୀ ସମର୍ଥକ ଅମ୍ରିତ୍‌ପାଲ୍ ସିଂଙ୍କୁ ଆଶ୍ରୟ ଦେଇଥିବା ପଟିଆଲର ଜଣେ ମହିଳାଙ୍କୁ ରବିବାର ପଞ୍ଜାବ ପୋଲିସ ଗିରଫ କରିଛି। ମାର୍ଚ୍ଚ ୧୯ରେ ୱାରିସ୍ ପଞ୍ଜାବ ଡେ' ମୁଖ୍ୟ ଓ ତାଙ୍କ ସହଯୋଗୀ ପପଲପ୍ରିତ ସିଂ ପଟିଆଲା ହରଗୋବିନ୍ଦ ନଗରରେ ଥିବା ବଲବୀର କୌରଙ୍କ ଘରେ ୬ ଘଣ୍ଟା କାଳ ଆଶ୍ରୟ ନେଇଥିବା ପୋଲିସ ଜାଣିବାକୁ ପାଇଛି। ଅମ୍ରିତପାଲ ସିଂ ଆତ୍ମସମର୍ପଣ କରିବା ସହ ତଦନ୍ତରେ ସହଯୋଗ କରନ୍ତୁ ବୋଲି ଶିଖ୍ ସମ୍ପ୍ରଦାୟର ଅକାଲ ତାଖତ ଜଠେଦାରର ଜ୍ଞାନୀ ହରପ୍ରିତ ସିଂ କହିଛନ୍ତି। ଏଥିସହ ଅମ୍ରିତ୍‌ପାଲଙ୍କୁ ଧରିବାରେ ପୋଲିସର ଅପାରଗତାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

# ବେଲାରୁଷ୍‌ରେ ଅଣୁଅସ୍ତ୍ର ମୁତୟନ କରିବ ରୁଷିଆ



ଭ୍ଲାଡିମିର୍ ପୁଟିନ୍



ମସ୍କୋ, ୨୬।୩

ବେଲାରୁଷ୍‌ରେ ରୁଷିଆ କୌଶଳଗତ ଅଣୁଅସ୍ତ୍ର ମୁତୟନ କରିବ ବୋଲି ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ କହିଛନ୍ତି। ଏଭଳି ଘୋଷଣା କରି ପୁଟିନ୍ ୟୁକ୍ରେନ୍‌କୁ ସାମରିକ ସହାୟତା ଯୋଗାଉଥିବା ନାଟୋକୁ ଚେତାବନୀ ଦେବା ସହ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସହ ଲାଗିରହିଥିବା ବିବାଦକୁ ବଢ଼ାଇଛନ୍ତି। ଆଣବିକ ଅପ୍ରସାର ପ୍ରତିଶ୍ରୁତିର ଉଲ୍ଲଂଘନ କରିବେ ନାହିଁ ବୋଲି ପୁଟିନ କହିଥିଲେ ମଧ୍ୟ ଏହା ଅପ୍ରତ୍ୟାଶିତ ନୁହେଁ। ୧୩ ମାସ ପୂର୍ବରୁ ୟୁକ୍ରେନ୍‌ରେ ଯୁଦ୍ଧ ଆରମ୍ଭ କରିବାଠାରୁ ରୁଷିଆ ଅନେକ ଥର ଆଣବିକ ଆକ୍ରମଣର ସଙ୍କେତ ଦେଲାଣି। ପୁଟିନ୍‌ଙ୍କ ମନ୍ତବ୍ୟକୁ ନେଇ ବିଶ୍ୱର ଅନ୍ୟତମ ଆଣବିକ ମହାଶକ୍ତି ଆମେରିକା ମାପିଚୁପି ପ୍ରତିକ୍ରିୟା ପ୍ରକାଶ କରିଛି। ମସ୍କୋ ଆଣବିକ ଅସ୍ତ୍ର ବ୍ୟବହାର ଯୋଜନା କରିଥିବା କୌଣସି ସଙ୍କେତ ନାହିଁ ବୋଲି ଆମେରିକାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି।

ଆମେରିକା ୟୁରୋପୀୟ ଦେଶରେ ଅସ୍ତ୍ର ଗଚ୍ଛିତ ରଖୁଥିବାରୁ ପୁଟିନ ବେଲାରୁଷ୍‌ରେ ଅଣୁଅସ୍ତ୍ର ମୁତୟନ କରିବା କଥା କହିଛନ୍ତି। ତେବେ ବେଲାରୁଷ୍‌କୁ ଅଣୁଅସ୍ତ୍ର ନିୟନ୍ତ୍ରଣ କ୍ଷମତା ଦିଆଯିବ ନାହିଁ ବୋଲି ପୁଟିନ୍ କହିଛନ୍ତି। ୧୯୯୦ ଦଶକ ମଧ୍ୟଭାଗରୁ ବର୍ତ୍ତମାନ ସୁଦ୍ଧା ରୁଷିଆ ପ୍ରଥମ ଥର ପାଇଁ ଦେଶ ବାହାରେ ଅଣୁଅସ୍ତ୍ର ମୁତୟନ କରିବା କଥା କହିଛି। ଆମେରିକା ବହୁବର୍ଷ ହେଲା ଏହାର ସହଯୋଗୀ ରାଷ୍ଟ୍ରରେ ଟାକ୍ଟିକାଲ ନ୍ୟୁକ୍ଲିୟର ୱିପନ ମୁତୟନ କରିଆସୁଛି। ତେଣୁ ରୁଷିଆ ଅନ୍ୟ ଦେଶରେ ଅଣୁଅସ୍ତ୍ର ରଖିବା କିଛି ଅସ୍ୱାଭାବିକ ନୁହେଁ ବୋଲି ଶନିବାର ପୁଟିନ୍ ସରକାରୀ ଟେଲିଭିଜନକୁ କହିଥିଲେ।

ରୁଷିଆ ବିରୋଧରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ୟୁକ୍ରେନ୍‌କୁ ପ୍ରଚୁର ଅସ୍ତ୍ର ଯୋଗାଇଦେଉଥିବାରୁ ଉତ୍ତେଜନା ବୃଦ୍ଧି ପାଇଛି। ତେଣୁ ରୁଷିଆ ଏହାର ରଣକୌଶସି ବଦଳାଇବାକୁ ଯୋଜନା କରିଛି। ପଡୋଶୀ ଦେଶ ସହ ମିଶି ଏହା ମିଳିତ ଭାବେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ମୁକାବିଲା କରିବାକୁ ଚାହୁଁଛି। ଅଣୁଅସ୍ତ୍ର ସ୍ଥାନାନ୍ତର ନେଇ ରୁଷିଆ ଓ ବେଲାରୁଷ୍ କିଛିଦିନ ହେଲା ଆଲୋଚନା ଚଳାଇଛନ୍ତି। ଏଥିରେ ଆମେରିକା ତାର ଆଣବିକ ରଣନୀତିରେ ପରିବର୍ତ୍ତନ କରିବାର କୌଣସି କାରଣ ନାହିଁ। ରୁଷିଆ ଅଣୁଅସ୍ତ୍ର ସ୍ଥାନନ୍ତର କରିବା ଅର୍ଥ ନୁହେଁ ଯେ ଏହାର ବ୍ୟବହାର ପାଇଁ ପ୍ରସ୍ତୁତ ହେଉଛି ବୋଲି ଆମେରିକାର ବରିଷ୍ଠ ଅଧିକାରୀ କହିଛନ୍ତି।

## ୟୁକ୍ରେନ୍ ଚିନ୍ତା ବଢ଼ିଲା

କିଭ୍, ୨୬।୩



ଭୋଲୋଡିମିର୍ ଜେଲେନ୍‌ସ୍କି

- ବେଲାରୁଷକୁ ପରମାଣୁ ବନ୍ଧକ କରିବାକୁ ଚାହୁଁଛି ମସ୍କୋ
- ଜାତିସଂଘ ସୁରକ୍ଷା ପରିଷଦ ବୈଠକ ଦାବି କଲା କିଭ୍

ବେଲାରୁଷରେ ରୁଷିଆ ଅଣୁଅସ୍ତ୍ର ମୁତୟନ କରିବ ବୋଲି ଘୋଷଣା କରିବା ପରେ ୟୁକ୍ରେନ୍‌ର ଚିନ୍ତା ବଢ଼ିଯାଇଛି। ରବିବାର କିଭ୍ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଜରୁରୀ ବୈଠକ ପାଇଁ ଦାବି କରିଛି। ଯୁଦ୍ଧକୁ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶନିବାର ଏକ ଟେଲିଭିଜନ୍ ଚ୍ୟାନେଲ୍‌ରେ ସାକ୍ଷାତ୍‌କାର ଦେଇଥିଲେ। ସାକ୍ଷାତ୍‌କାରରେ ପୁଟିନ୍ କହିଥିଲେ, ପାଶ୍ଚାତ୍ୟ ଦେଶ ଲଗାତର ଭାବେ ୟୁକ୍ରେନ୍‌କୁ ସୈନ୍ୟ ଓ ସାମରିକ ସହଯୋଗ କରିଆସୁଛନ୍ତି। ଆଗାମୀ ଦିନରେ କିଭ୍ ପ୍ରତି ମିତ୍ର ରାଷ୍ଟ୍ରଗୁଡ଼ିକର ସହଯୋଗ ବଢ଼ିଲେ, ବେଲାରୁଷରେ ମସ୍କୋ ଟାକ୍ଟିକାଲ ପରମାଣୁ ଅସ୍ତ୍ର ମୁତୟନ ଲାଗି ଯୋଜନା କରିବ। ପରମାଣୁ ଅସ୍ତ୍ର କ୍ଷେତ୍ରରେ ରୁଷିଆ ଆମେରିକାରକୁ ଅନୁକରଣ କରୁଥିବା ପୁଟିନ୍ କହିଛନ୍ତି। ବେଲ୍‌ଜିୟମ, ଜର୍ମାନ୍, ଇଟାଲି, ନେଦରଲାଣ୍ଡ ଏବଂ ତୁର୍କୀରେ ୱାଶିଂଟନର ନ୍ୟୁକ୍ଲିୟର ବେସ୍ ରହିଛି। ଟାକ୍ଟିକ୍ ପରମାଣୁ ଅସ୍ତ୍ର ନେଇ ଜାତିସଂଘ ସୁରକ୍ଷା ପରିଷଦ ହସ୍ତକ୍ଷେପ କଲେ ରୁଷିଆ ଏଥିରୁ ଓହରିଯିବ ବୋଲି ୟୁକ୍ରେନ୍ ଆଶା ରଖିଛି। ଅନ୍ୟପକ୍ଷେ ପରମାଣୁ ଅସ୍ତ୍ର ମାନବ ଜାତିର ଭବିଷ୍ୟତକୁ ବଡ଼ ବିପଦ ଭିତରକୁ ଠେଲିଦେବା ଆଶଙ୍କା ରହିଥିବାବେଳେ ଏହା ବିରୋଧରେ ସାରା ବିଶ୍ୱ ଏକାଠି ହେବା ଲାଗି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି କହିଛନ୍ତି।

## ଖଲିସ୍ତାନୀ ବିକ୍ଷୋଭ: କାନାଡ଼ା ଦୂତାବାସକୁ ସ୍ପଷ୍ଟୀକରଣ ମାଗିଲା ଭାରତ

ନୂଆଦିଲ୍ଲୀ, ୨୬।୩ (ଆଇଏଏନ୍‌ଏସ୍)

କାନାଡ଼ାରେ ଥିବା ଭାରତୀୟ ମିଶନ ଓ କନ୍‌ସୁଲେଟ୍ ବାହାରେ ଖଲିସ୍ତାନୀ ବିକ୍ଷୋଭକୁ ନେଇ ନୂଆଦିଲ୍ଲୀ କାନାଡ଼ା ସରକାରଙ୍କ ନିକଟରେ ପ୍ରତିବାଦ ଜଣାଇଛନ୍ତି। ଏନେଇ କାନାଡ଼ା ହାଇକମିଶନରଙ୍କୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ସମନ ଜାରି କରି ଅସନ୍ତୋଷ ବ୍ୟକ୍ତ କରିଛି। ପୋଲିସ ଉପସ୍ଥିତିରେ ଖଲିସ୍ତାନୀ ସମର୍ଥକମାନଙ୍କୁ ଭାରତୀୟ ଦୂତାବାସ ଓ ବାଣିଜ୍ୟିକ ଦୂତାବାସରେ ପ୍ରବେଶ କରିବା ପାଇଁ ଅନୁମତି ମିଳିଲା କିପରି ବୋଲି ଭାରତ ସରକାର ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। କାନାଡ଼ା ସରକାରଙ୍କୁ ଭିଏନା ଚୁକ୍ତିନାମା ସମ୍ପର୍କରେ ସ୍ମରଣ କରିଦିଆଯାଇଛି। ଭାରତୀୟ ମିଶନ ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ନୂଆଦିଲ୍ଲୀ କାନାଡ଼ା ସରକାରଙ୍କୁ କହିଛି।

## ୨୪ ଘଣ୍ଟାରେ ୧,୮୯୦ କୋଭିଡ୍ ସଂକ୍ରମଣ

**୫ ମାସରେ ସର୍ବାଧିକ**



ନୂଆଦିଲ୍ଲୀ, ୨୬।୩

ଦେଶରେ ରବିବାର ମୋଟ ୧,୮୯୦ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୧୪୯ ଦିନରେ ଏହା ସର୍ବାଧିକ ସଂକ୍ରମଣ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅଦ୍ୟାବଧି ଦେଶରେ କୋଭିଡ୍-୧୯ ସକ୍ରିୟ ମାମଲା ୯,୪୩୩ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ମହାରାଷ୍ଟ୍ର ଓ ଗୁଜରାଟରୁ ଜଣେ ଲେଖାଏ କରୋନା ଆକ୍ରାନ୍ତଙ୍କ ପ୍ରାଣହାନି ଘଟିଛି। ସେହିପରି ଦେଶରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୫,୩୦,୮୩୧ରେ ପହଞ୍ଚିଛି। ଦେଶରେ ଦୈନିକ ପଜିଟିଭିଟି ୧.୫୬% ଥିବାବେଳେ ସାପ୍ତାହିକ ସଂକ୍ରମଣ ହାର ୧.୨୯% ରହିଛି।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ୨ ବିମାନ

କାଠମାଣ୍ଡୁ, ୨୬।୩

**୩ ଏଟିସି କର୍ମଚାରୀ ନିଲମ୍ବିତ**

କ୍ୱାଲାଲୁମ୍ପୁରରୁ କାଠମାଣ୍ଡୁ ଆସୁଥିବା ନେପାଳ ଏୟାରଲାଇନ୍ସର ଏୟାରବସ୍ ଏ-୩୨୦ ଏବଂ ନୂଆଦିଲ୍ଲୀରୁ କାଠମାଣ୍ଡୁ ଯାଉଥିବା ଏୟାର ଇଣ୍ଡିଆ ବିମାନ ଶୁକ୍ରବାର ସକାଳେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)ର ଦାୟିତ୍ୱହୀନ କାର୍ଯ୍ୟ ପାଇଁ ଏଭଳି ଘଟିଥିବା ଜଣାପଡ଼ିବା ପରେ ନେପାଳ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ୩ ଏଟିସି କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ଏୟାର ଇଣ୍ଡିଆ ବିମାନ ୧୯,୦୦୦ ଫୁଟ୍ ଉଚ୍ଚରୁ ତଳକୁ ଖସୁଥିବାବେଳେ ସେହି ସ୍ଥାନରେ ନେପାଳ ଏୟାରଲାଇନ୍ସ ବିମାନ ୧୫,୦୦୦ ଫୁଟ୍ ଉଚ୍ଚରେ ଉଡୁଥିଲା। ଦୁଇଟି ବିମାନ ପାଖାପାଖି ହୋଇଯାଇଥିବା ରାଡାରରେ ଦେଖାଯିବା ପରେ ନେପାଳ ବିମାନକୁ ୭,୦୦୦ ଫୁଟ୍ ତଳକୁ ଖସାଯାଇଥିଲା। ଏଭଳି ତ୍ରୁଟିର ଅନୁଧ୍ୟାନ ପାଇଁ ବିମାନ ଚଳାଚଳ କର୍ତ୍ତୃପକ୍ଷ ୩ ଜଣିଆ ତଦନ୍ତ କମିଟି ଗଠନ କରିଛନ୍ତି।

## ପାକିସ୍ତାନରେ ଅଟା ପାଇଁ ଦଳାଚକଟା: ୪ ମୃତ

ଲାହୋର, ୨୬।୩ (ପି.ଟି.)



ପାକିସ୍ତାନର ପଞ୍ଜାବ ପ୍ରଦେଶରେ ସରକାରଙ୍କ ତରଫରୁ କିଛିଦିନ ହେଲା ମାଗଣା ଅଟା ବଣ୍ଟାଯାଉଥିବାବେଳେ ଏହାକୁ ସଂଗ୍ରହ କରିବାକୁ ଯାଇଥିବା ଲୋକଙ୍କ ମଧ୍ୟରେ ଦଳାଚକଟା ଘଟି ୪ ଜଣଙ୍କ ମୃତ୍ୟୁ ଘଟିଲାଣି। ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ପାକିସ୍ତାନରେ ଦରଦାମ୍ ଅତ୍ୟଧିକ ବୃଦ୍ଧି ପାଇଛି। ସାଧାରଣ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣି ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପଞ୍ଜାବ ପ୍ରଦେଶର ଗରିବ ଶ୍ରେଣୀର ଲୋକଙ୍କ ପାଇଁ ସରକାର ମାଗଣା ଅଟା ବଣ୍ଟନ ଆରମ୍ଭ କରିଛନ୍ତି। ଏହି ଅଟା ସଂଗ୍ରହ କରିବାକୁ ଯାଇ ମୁଲତାନ, ମୁଜାଫରଗଡ଼ ଏବଂ ଫୈସଲାବାଦ ସହରରେ ପ୍ରବଳ ଭିଡ଼ ଯୋଗୁ ଦଳାଚକଟାରେ ୪ ବରିଷ୍ଠ ନାଗରିକଙ୍କ ମୃତ୍ୟୁ ଘଟିଛି। ଏହା ସହିତ ଅନ୍ୟ କେତେଜଣ ଚେତାଶୂନ୍ୟ ହୋଇପଡ଼ିଥିଲେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ସାରସ ଜୀବନ ବଞ୍ଚାଇଥିବା ଅରିଫ୍‌ଙ୍କ ନାଁରେ ମାମଲା



**ଲକ୍ଷ୍ନୌ, ୨୬।୩ :** ଉତ୍ତରପ୍ରଦେଶ ଆମେଠି ଜିଲା ଅନ୍ତର୍ଗତ ମାଣ୍ଡଖା ଗ୍ରାମର ଜଣେ କୃଷକ ଏକ ବିରଳ ସାରସର ଜୀବନ ବଞ୍ଚାଇଥିବାବେଳେ ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ଅଭିଯୋଗରେ ତାଙ୍କ ନାଁରେ ମାମଲା ରୁଜୁ ହୋଇଛି। ବନ୍ୟପ୍ରାଣୀ କର୍ମଚାରୀ ମହମ୍ମଦ ଅରିଫ୍ ନାମକ କୃଷକଙ୍କଠାରୁ ଉକ୍ତ ସାରସକୁ ଜବତ କରିଛନ୍ତି। ଅରିଫ୍ ଗତବର୍ଷ ତାଙ୍କ ବିଲରୁ ସାରସ ପକ୍ଷୀକୁ ମୁମୂର୍ଷୁ ଅବସ୍ଥାରେ ପାଇ ଚିକିତ୍ସା କରି ସୁସ୍ଥ କରିଥିଲେ। ପକ୍ଷୀଟି ସୁସ୍ଥ ହେବା ପରେ ଉଡ଼ି ନ ଯାଇ ତାଙ୍କ ଘରେ ରହିଥିଲା ଓ ଅରିଫ୍‌ଙ୍କ ପରିବାରର ସଦସ୍ୟ ପାଲଟିଯାଇଥିଲା। ବନ୍ୟ ପ୍ରାଣୀ ଆଇନ ଅନୁଯାୟୀ ବିରଳ ପକ୍ଷୀକୁ ଘରେ ରଖିବା ଓ ଖାଇବାକୁ ଦେବା ବେଆଇନ। ଗତ ୨୧ ତାରିଖରେ ସାରସକୁ ଅଧିକାରୀମାନେ ଜବତ କରିବା ସହ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ନେଇଯାଇଥିଲେ। ୨୪ ତାରିଖରେ ଅରିଫ୍‌ଙ୍କୁ ଗୌରିଗଞ୍ଜ ଉପଖଣ୍ଡ ବନ ଅଧିକାରୀ ଜେରା ପାଇଁ ସମନ କରିଥିଲେ। ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ଓଡ଼ିଆ ବୈଜ୍ଞାନିକ ଜ୍ୟୋତିର୍ମୟୀଙ୍କୁ ମୋଦିଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୨୬।୩ (ପି.ଟି.)

**ମନ୍ କୀ ବାତ୍**



ନରେନ୍ଦ୍ର ମୋଦି

**ଭାରତର ଶକ୍ତି ବୃଦ୍ଧିରେ ନାରୀ ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ୯୯ତମ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ଓଡ଼ିଆ ବୈଜ୍ଞାନିକ ଜ୍ୟୋତିର୍ମୟୀ ମହାନ୍ତିଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଭାରତର ପ୍ରଥମ ମହିଳା ବୈଜ୍ଞାନିକ ଭାବେ ଜ୍ୟୋତିର୍ମୟୀ ଇଣ୍ଟରନ୍ୟାଶନାଲ ୟୁନିଅନ ଅଫ୍ ପିଓର ଆଣ୍ଡ୍ ଆପ୍ଲାଏଡ୍ କେମିଷ୍ଟ୍ରି (ଆଇୟୁପିଏସି) ପୁରସ୍କାର ପାଇଛନ୍ତି। ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟରର ବୈଜ୍ଞାନିକ ଜ୍ୟୋତିର୍ମୟୀ ରସାୟନ ତଥା କେମିକାଲ ଇଞ୍ଜିନିୟରିଂରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଉପସ୍ଥିତି ବଢୁଥିବାରୁ ପ୍ରଧାନମନ୍ତ୍ରୀ ଏହାର ପ୍ରଶଂସା କରିବା ସହ ଭାରତର ଶକ୍ତି ବୃଦ୍ଧିରେ ନାରୀ ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ସୁରେଖା ଯାଦବ ଏସିଆ ମହାଦେଶର ପ୍ରଥମ ମହିଳା ଲୋକୋ ପାଇଲଟ ହୋଇପାରିଛନ୍ତି। ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର 'ଦି ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ' ଓସ୍କାର ଜିତିବା ଫଳରେ ଏହାର ପ୍ରଯୋଜକ ଗୁନୀତ୍ ମୋଙ୍ଗା ଏବଂ ନିର୍ଦ୍ଦେଶକ କାର୍ତ୍ତିକି ଗନସାଲ୍‌ଭେସ ଦେଶ ପାଇଁ ଗର୍ବ ଆଣିଛନ୍ତି। ତୁର୍କୀରେ ଏନ୍‌ଡିଆର୍‌ଏଓଫର ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ମହିଳାମାନଙ୍କ ଭୂମିକାକୁ ପ୍ରଧାନମନ୍ତ୍ରୀ ଭୂୟସୀ ପ୍ରଶଂସା କରିଥିଲେ। ଦେଶର ବିଭିନ୍ନ ଅଞ୍ଚଳରେ କୋଭିଡ୍ ସଂକ୍ରମଣ ବଢୁଥିବାରୁ ସତର୍କ ରହିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଅଙ୍ଗଦାନ କରିବା ଲାଗି ଅଧିକରୁ ଅଧିକ ଲୋକେ ଆଗ୍ରହ ଦେଖାଇବାକୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆହ୍ୱାନ ଦେଇଛନ୍ତି। ଯେଉଁମାନେ ମୃତ୍ୟୁ ପରେ ଅଙ୍ଗଦାନ କରିଥାନ୍ତି, ସେମାନେ ଗ୍ରହୀତାଙ୍କ ପାଇଁ ଭଗବାନ ସଦୃଶ। ଏହା ଦ୍ୱାରା ଅନେକ ଜୀବନ ରକ୍ଷା ପାଇପାରିବ। ୨୦୧୩ରେ ୫,୦୦୦ରୁ କମ୍ ଅଙ୍ଗଦାନ ହୋଇଥିବାବେଳେ ୨୦୨୨ରେ ତାହା ୧୫ ହଜାର ଟପିଛି। ଜଣେ ମୃତବ୍ୟକ୍ତିଙ୍କ ଅଙ୍ଗରେ ୮ରୁ ୯ ଜଣ ଉପକୃତ ହୋଇପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



**ଶୁଟର ସାମରାଙ୍କୁ ବିଶ୍ୱକପ୍ ବ୍ରୋଞ୍ଜ**

ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍ ୫୦ମିଟର ୩ପି ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି ଭାରତୀୟ ମହିଳା ଶୁଟର ସିଫ୍ଟ କୌର୍ ସାମରା।

୧୦

୦୮

**ଜେଲରୁ ଜ୍ୟାକ୍ଲିନ୍ଙ୍କୁ ଚିଠି**

ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍ଲିନ୍ ଫର୍ନାଣ୍ଡିଜ୍ଙ୍କୁ ଜେଲରେ ଥିବା ପ୍ରେମିକ ସୁକେଶ ଚନ୍ଦ୍ରଶେଖର ଚିଠି ଲେଖିଛନ୍ତି।



# କଂଗ୍ରେସର ଦେଶବ୍ୟାପୀ ସତ୍ୟାଗ୍ରହ

## ରାହୁଲଙ୍କ ଲୋକ ସଭା ସଦସ୍ୟତା ରଦ୍ଦର ପ୍ରତିବାଦ

ନୂଆଦିଲ୍ଲୀ, ୨୬।୩(ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଭ୍ୟ ପଦ ରଦ୍ଦ ପ୍ରତିବାଦରେ ଦଳୀୟ ନେତା ଓ କର୍ମୀମାନେ ରବିବାର ଦେଶବ୍ୟାପୀ ସଂକଳ୍ପ ସତ୍ୟାଗ୍ରହ କରିଛନ୍ତି। ବିଭିନ୍ନ ରାଜ୍ୟ, ଜିଲା ଏବଂ ସଦର ମହକୁମାରେ ଏହି ଆନ୍ଦୋଳନ କରାଯାଇଛି। ଏହି ଅବସରରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶାସକ ଭାଜପାକୁ ତୀବ୍ର ସମାଲୋଚନା କରିଛନ୍ତି। ପ୍ରିୟଙ୍କା କହିଛନ୍ତି ଯେ, ଜଣେ ଶହୀଦ ପ୍ରଧାନମନ୍ତ୍ରୀ (ରାଜୀବ ଗାନ୍ଧୀ)ଙ୍କ ପୁଅ ଯିଏ ଜାତୀୟ ଏକତା ପାଇଁ ହଜାର ହଜାର କିଲୋମିଟର ପଦଯାତ୍ରା କଲେ, ସେ କଦାପି ଦେଶକୁ ଅପମାନିତ କରିପାରିବେ ନାହିଁ। ଭାଜପା କ୍ରମାଗତ ଭାବେ ଗାନ୍ଧୀ–ନେହେରୁ ପରିବାରକୁ ସମାଲୋଚନା କରିଆସିଛି। ତାଙ୍କ ଭାଇ ଜଣେ ଶହୀଦଙ୍କ ପୁଅ, ଅଥଚ ତାଙ୍କୁ ଭାଜପା ଦେଶଦ୍ରୋହୀ ଏବଂ ମିର୍ ଜାଫର କହି ଅପମାନିତ କରୁଛି। ତାଙ୍କ ପରିବାରକୁ ପ୍ରତିଦିନ ଅପମାନିତ କରାଯାଉଥିଲେ ମଧ୍ୟ କୌଣସି ମାମଲା ରୁଜୁ ହେଉନାହିଁ ବୋଲି ପ୍ରିୟଙ୍କା କହିଥିଲେ। ଅପରପକ୍ଷରେ ଭାଜପା ଏହି ସଂକଳ୍ପ ସତ୍ୟାଗ୍ରହକୁ କଡ଼ା ସମାଲୋଚନା କରିଛି।



ନୂଆଦିଲ୍ଲୀସ୍ଥିତ ରାଜଘାଟ ପରିସର ବାହାରେ ରବିବାର କଂଗ୍ରେସ ପକ୍ଷରୁ କରାଯାଇଥିବା ସଂକଳ୍ପ ସତ୍ୟାଗ୍ରହରେ ଉପସ୍ଥିତ ଦଳର ନେତୃ ମଣ୍ଡଳୀ।

### ରାହୁଲ ଜଣେ ଶହୀଦଙ୍କ ପୁଅ, ସେ ଦେଶକୁ କେବେ ଅପମାନିତ କରିପାରିବେ ନାହିଁ: ପ୍ରିୟଙ୍କା

ଗାନ୍ଧିଜୀ ସାମାଜିକ କାରଣକୁ ନେଇ ସତ୍ୟାଗ୍ରହ କରିଥିବାବେଳେ କଂଗ୍ରେସ ଏବେ ବ୍ୟକ୍ତିଗତ କାରଣ ପାଇଁ ତଥାକଥିତ ସତ୍ୟାଗ୍ରହ କରୁଛି। ଏହା ଦେଶର ସମ୍ବିଧାନ ଏବଂ କୋର୍ଟଙ୍କ ରାୟ ବିରୋଧୀ ଆନ୍ଦୋଳନ ବୋଲି ଗୈରିକ ଦଳ ଅଭିଯୋଗ କରିଛି।

ନୂଆଦିଲ୍ଲୀର ରାଜଘାଟଠାରେ କଂଗ୍ରେସର ସତ୍ୟାଗ୍ରହ ପାଇଁ ପୋଲିସ ଅନୁମତି ନ ମିଳିବାରୁ ନେତାମାନେ ରାଜଘାଟ ବାହାରେ ଦିବସବ୍ୟାପୀ ବିକ୍ଷୋଭ କରିଥିଲେ। ଏହି ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେ କହିଥିଲେ, ରାହୁଲ ଓବିସି (ଅନ୍ୟାନ୍ୟ ପଛୁଆ ବର୍ଗ)ଙ୍କୁ ଅପମାନିତ କରିଥିବା ଭାଜପା ଅଭିଯୋଗ କରୁଛି, ଯେଉଁଥିପାଇଁ ତାଙ୍କୁ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ କରାଯାଇଛି। ଲଳିତ ମୋଦି, ନୀରବ ମୋଦି, ମେହୁଲ ଚୋକ୍ସି ଓବିସି କି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି। ଯଦି ସେମାନେ ପଳାତକ, ତେବେ ସେମାନଙ୍କୁ ସମାଲୋଚନା କଲେ ସରକାରଙ୍କୁ କାହିଁକି ଯନ୍ତ୍ରଣା ହେଉଛି ବୋଲି ☞ପୃଷ୍ଠା–୨

# ବାର୍ଥ ଡେ' ପାର୍ଟିରେ ହତ୍ୟା

### ଓୟୋ ହୋଟେଲ୍‌ରେ ଯୁବକଙ୍କ ମୃତ୍ୟୁ

- ଭଙ୍ଗା କାଚ, ମୋବାଇଲ ଜବତ
- ବୟାନରେ ରହୁନି ତାଳମେଳ

ଭୁବନେଶ୍ୱର, ୨୬।୩(ବ୍ୟୁରୋ)

ବହୁଚର୍ଚ୍ଚିତ ଡିଜେ ଆଜେକ୍ସଙ୍କ ଆତ୍ମହତ୍ୟାକୁ ନେଇ ଚର୍ଚ୍ଚା ଲାଗିରହିଥିବାବେଳେ ରାଜଧାନୀରେ ଆଉଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲରେ ଚାଲିଥିବା ଜନ୍ମଦିନ (ବାର୍ଥ ଡେ') ପାର୍ଟିରେ ଏହି ଘଟଣା ଘଟିଛି। ମୃତକ ହେଲେ କଟକ ଜିଲା ନିଆଳି ଜଲରାପୁର ଗ୍ରାମର ଦୁର୍ଗା ପ୍ରସାଦ ମିଶ୍ର। ବାନ୍ଧବୀଙ୍କ ଓଢ଼ଣି ଦ୍ୱାରା ଦୁର୍ଗା ଫ୍ୟାନ୍‌ରେ ଆତ୍ମହତ୍ୟା କରିଥିବା ସାଙ୍ଗମାନେ କହୁଥିବାବେଳେ ପରିବାର ଲୋକ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ଜନ୍ମଦିନ ପାଳିବା ଆଳରେ ଷଡ଼ଯନ୍ତ୍ର କରି ଦୁର୍ଗାଙ୍କୁ ତାଙ୍କ ବାନ୍ଧବୀ ଓ ସାଙ୍ଗମାନେ ମିଳିମିଶି ହତ୍ୟା କରିଥିବା ଭଉଣୀ ମିତାଲି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି (ନଂ.୬୧/୨୩) ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଏମ୍ସରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



ଦୁର୍ଗା ପ୍ରସାଦ ମିଶ୍ର

ସୂଚନା ଅନୁଯାୟୀ, ଦୁର୍ଗା ଜଣେ କଣ୍ଟ୍ରାକ୍ଟରଙ୍କ ପାଖରେ ରହି ଠିକା କାମ କରୁଥିଲେ। ଶନିବାର ରାତି ପ୍ରାୟ ୨ଟାରେ ଦୁର୍ଗାଙ୍କ ମା'ଙ୍କୁ ବାନ୍ଧବୀ ପ୍ରାଚୀ କଲ୍ କରିଥିଲେ। ସେ ଦୁର୍ଗାଙ୍କ ମୃତ୍ୟୁ ଖବର ଦେବା ସହ ଏମ୍ସ ଆସିବାକୁ କହିଥିଲେ। ପରିବାର ଲୋକେ ☞ପୃଷ୍ଠା–୨

## ଡବ୍ଲ୍ୟୁପିଏଲ୍: ମୁମ୍ବାଇ ଚାମ୍ପିୟନ

ମୁମ୍ବାଇ, ୨୬।୩

ମୁମ୍ବାଇ ଇଣ୍ଡିଆନ୍ସ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ମୁମ୍ବାଇ ୭ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୩୧ ରନ କରିଥିଲା। ମୁମ୍ବାଇ ୧୯.୩ ଓଭରରେ ୩ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରି ନେଇଥିଲା। ମ୍ୟାଚ ବିଜୟୀ ଇନିଂସ ପାଇଁ ନାତାଲି ସ୍କିଭର ବ୍ରଣ୍ଟ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ହିଲି ମାଥ୍ୟୁସ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)

# ନିଖତ୍, ଲଭ୍‌ଲିନାଙ୍କୁ ସ୍ୱର୍ଣ୍ଣ

## ବିଶ୍ୱ ମହିଳା ବକ୍ସିଂ

ନୂଆଦିଲ୍ଲୀ, ୨୬।୩(ପି.ଟି.)

ନୂଆଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ରେ ରବିବାର ଭାରତ ପାଇଁ ଗୌରବ ଆଣିଛନ୍ତି ନିଖତ ଜରିନ ଓ ଲଭଲିନା ବୋରଗୋହେନ। ପ୍ରତିଯୋଗିତାରେ ଭାରତର ଆଧିପତ୍ୟ ଅବ୍ୟାହତ ରଖି ଦେଶପାଇଁ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଜରିନ୍ ଓ ଲଭଲିନା। ରବିବାର ଅନୁଷ୍ଠିତ ୫୦ କେଜି ଓଜନ ବର୍ଗ ଫାଇନାଲରେ ନିଖତ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଏସିଆନ୍ ଚାମ୍ପିୟନ ତଥା ଭିଏତ୍‌ନାମର ନୁୟେନ୍ ଥି ଟାମ୍‌ଙ୍କୁ ୫–୦ରେ ପରାସ୍ତ କରଛନ୍ତି। ଏଥିସହ ଭାରତର କିମ୍ବଦନ୍ତୀ ବକ୍ସର ଏମ୍‌ସି ମେରୀକମ୍‌ଙ୍କ ପରେ ଦ୍ୱିତୀୟ ବକ୍ସରଭାବେ ସେ ଦୁଇଥର ବିଶ୍ୱ ଚାମ୍ପିୟନଶିପ୍ ଜିତିବାର କୃତିତ୍ୱ ହାସଲ କରିଛନ୍ତି। ୫୦ କେଜି ବର୍ଗରେ ମେରୀ ୬ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଥିଲେ। ଜରିନଙ୍କ ପରେ ଭାରତ ପାଇଁ ଖୁସି ଖବର ଆଣିଥିଲେ ଲଭଲିନା। ଅଲିମ୍ପିକ୍ସ ପଦକ ବିଜୟିନୀ ଲଭ୍‌ଲିନା ୭୫ କେଜି ବର୍ଗ ଫାଇନାଲରେ ଅଷ୍ଟ୍ରେଲିଆର କେଲଟିନ ପାର୍କରଙ୍କୁ ୫–୨ ବ୍ୟବଧାନରେ ପରାସ୍ତ କରିଥିଲେ। ଦୁଇଥର ବ୍ରୋଞ୍ଜ ମେଡାଲିଷ୍ଟ ଲଭଲିନାଙ୍କର ଏହାହେଉଛି ପ୍ରଥମ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ। ଏହା ପୂର୍ବରୁ ଶନିବାର ୪୮ କେଜି ଓଜନ ବର୍ଗରେ ନିତୁ ଘଂଘାସ ଓ ୮୧ କେଜିରେ ସାୱିଟି ବୁରା ଭାରତ ପାଇଁ ସ୍ୱର୍ଣ୍ଣ ହାସଲ କରିଥିଲେ। ୨୦୦୬ରେ ଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ଏହାର ଶ୍ରେଷ୍ଠ ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ ସହିତ ୮ ପଦକ ଜିତିଥିଲା। ପ୍ରକାଶ ଯୋଗ୍ୟ ଯେ, ୨୦୨୨ ଓ ୨୦୨୩ କ୍ରମାଗତ ବର୍ଷରେ ନିଖତ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ଭାରତର କିମ୍ବଦନ୍ତୀ ମହିଳା ବକ୍ସର ମେରୀ କମ୍ ୬ଥର(୨୦୦୨, ୨୦୦୫, ୨୦୦୬, ୨୦୦୮, ୨୦୧୦ ଓ ୨୦୧୮) ବିଶ୍ୱ ଚାମ୍ପିୟନ ରହିଛନ୍ତି।




ନିଖତ୍ ଜରିନ



ଲଭଲିନା ବୋରଗୋହେନ

# ଗଞ୍ଜାମ ଦେଶର ଏକ ନମ୍ବର ଜିଲା ହେବ: ମୁଖ୍ୟମନ୍ତ୍ରୀ

- ଛତ୍ରପୁର, ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗରରେ ୨୦୦୦ କୋଟି ଟଙ୍କା ପ୍ରକଳ୍ପର ଶୁଭାରମ୍ଭ
- ଡିସେମ୍ବର ସୁଦ୍ଧା ଜିଲାର ସବୁ ସ୍କୁଲ ରୂପାନ୍ତରିତ ହେବ
- ମିଶନ ଶକ୍ତି ଗ୍ରୁପ୍‌କୁ ୫ ଲକ୍ଷର ଋଣ ଚେକ୍ ପ୍ରଦାନ
- ୨୦ ହଜାର ଲୋକଙ୍କୁ ଗ୍ରାମକଣ୍ଠ ଜମି ପଟ୍ଟା ପ୍ରଦାନ

ଭୁବନେଶ୍ୱର, ୨୬।୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଗଞ୍ଜାମ ଜିଲା ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗଞ୍ଜାମ ରାଜ୍ୟର ଏକ ଆଗୁଆ ଜିଲା। ଏହାକୁ ଦେଶର ଏକ ନମ୍ବର କରିବା ପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି ସେ ତାଙ୍କ ଅଭିଭାଷଣରେ କହିଛନ୍ତି। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ମହିଳାଙ୍କୁ ଋଣ ଓ ସହାୟତା ପ୍ରଦାନ, ହିତାଧିକାରୀଙ୍କୁ ଗ୍ରାମକଣ୍ଠ ଏବଂ ଘରଡିହ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କବିସୂର୍ଯ୍ୟନଗର, ହିଞ୍ଜିଳିକାଟୁ ଓ ଛତ୍ରପୁର ଆଦି ସ୍ଥାନରେ ୨୦୦୦ କୋଟି ଟଙ୍କାର ୮୨୫ଟି ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଛତ୍ରପୁରରେ ୧୦୦୦ କୋଟି, ହିଞ୍ଜିଳିରେ ୫୯୦ କୋଟି ଓ କବିସୂର୍ଯ୍ୟନଗରରେ ୩୧୬ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ କରାଯାଇଛି। ଗଞ୍ଜାମରେ ପ୍ରାୟ ୨୦ହଜାର ଲୋକଙ୍କୁ ଗ୍ରାମକଣ୍ଠ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି। ଛତ୍ରପୁରରେ ୩୫୦୦ ପଟ୍ଟା, ହିଞ୍ଜିଳିରେ ୪୫୦୦ ପଟ୍ଟା ଓ କବିସୂର୍ଯ୍ୟନଗରରେ ୧୧ ହଜାରରୁ ଅଧିକ ପଟ୍ଟା ବଣ୍ଟାଯାଇଛି। ୨୨ହଜାର ୨ଶହ ସ୍ୱୟଂ ସହାୟକ ଗୋଷ୍ଠୀର ୨.୨୪ଲକ୍ଷ ମିଶନ ଶକ୍ତି ମହିଳାଙ୍କୁ ୬୧୯କୋଟି ଟଙ୍କାର ବିନା ସୁଦ୍ଧରେ ଋଣ ଓ ସହାୟତା ପ୍ରଦାନ କରାଯାଇଛି। । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ୫–ଟି ସ୍କୁଲ ରୂପାନ୍ତରଣ ରାଜ୍ୟ ସରକାରଙ୍କ ୨ଟି ମାଇଲ ଷ୍ଟୋନ ସଫଳତା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲାର ୫୦ ହଜାର ଲୋକ ଚିକିତ୍ସା ସୁବିଧା ପାଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ୧୯୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ୫–ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ଜିଲାର ୬୩୦ ହାଇସ୍କୁଲ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୭୧ସ୍କୁଲର ରୂପାନ୍ତରଣ ସରିଛି। ଆସନ୍ତା ଡିସେମ୍ବର ସୁଦ୍ଧା ଜିଲାର ସବୁ ସ୍କୁଲ୍ ରୂପାନ୍ତରିତ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି।

ଏହିସବୁ ସ୍ଥାନରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ କୃଷକମାନଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କାର ଋଣ ଦିଆଯାଉଛି। ☞ପୃଷ୍ଠା–୨



ଛତ୍ରପୁରଠାରେ ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଜମି ପଟ୍ଟା ପ୍ରଦାନ କରୁଛନ୍ତି।

# ୩୬ ସାଟେଲାଇଟ୍‌କୁ କକ୍ଷପଥରେ ସ୍ଥାପନ କଲା ଏଲ୍‌ଭିଏମ୍–୩

ବେଙ୍ଗାଲୁରୁ, ୨୬।୩

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ରବିବାର ଏହାର ସବୁଠୁ ଓଜନଦାର ରକେଟ ଏଲ୍‌ଭିଏମ୍–୩ ସହାୟତାରେ ୩୬ଟି ୱାନ୍‌ୱେବ୍ ସାଟେଲାଇଟ୍‌କୁ ସଫଳତାର ସହ କକ୍ଷପଥରେ ସ୍ଥାପନ କରିଛି। ୨୪.୩୦ ଘଣ୍ଟାର କାଉଣ୍ଟଡାଉନ୍ ଶେଷ ହେବା ପରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ପୂର୍ବ ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୯ଟାରେ ୪୩.୫ ମିଟର ଉଚ୍ଚତା ବିଶିଷ୍ଟ ରକେଟକୁ ଉତ୍‌କ୍ଷେପଣ କରାଯାଇଥିଲା। ଇସ୍ରୋର ବ୍ୟବସାୟିକ ଶାଖା ନ୍ୟୁସ୍ପେସ୍ ଇଣ୍ଡିଆ ଲିଃ(ଏନ୍ଏସ୍ଆଇଏଲ୍)ର ଏହା ଦ୍ୱିତୀୟ ଡେଡିକେଟେଡ୍ ମିଶନ। ପୃଥିବୀର



ନିମ୍ନ କକ୍ଷପଥ (ଏଲ୍‌ଇଓ)ରେ ୭୨ ସାଟେଲାଇଟ୍ ସ୍ଥାପନ କରିବା ପାଇଁ ଇସ୍ରୋ ପକ୍ଷରୁ ବ୍ରିଟେନର ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ** | ମାନହାନି ଅଡୁଆ

# କେନ୍ଦୁଝର, ନୂଆପଡ଼ାରେ ବାଘ ଆତଙ୍କ

**ଜଙ୍ଗଲରେ ଖାଦ୍ୟ, ପାଣିର ଅଭାବ ଏବଂ ନିଆଁ ବ୍ୟାପିଥିବା କାରଣରୁ ବନ୍ୟଜନ୍ତୁ ଜନବସତି ମୁହାଁ ହେଉଛନ୍ତି। ରାଜ୍ୟର ଅନେକ ସ୍ଥାନରେ ଏବେ ଲୋକଙ୍କ ନିଦ ହଜାଇଛନ୍ତି ବାଘ ଓ ହାତୀ। ବହୁ ଗାଁରେ ହାତୀ ପଲ ପଶି ବ୍ୟାପକ ଧନଜୀବନ ନଷ୍ଟ କରୁଥିବାବେଳେ କେନ୍ଦୁଝର ଓ ନୂଆପଡ଼ା ଜିଲାରେ ମହାବଳ ଓ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ଅନ୍ୟପକ୍ଷରେ ଶୁକ୍ରବାର ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର ଅଞ୍ଚଳରେ ହାତୀପଲ ଆତଙ୍କ ଖେଳାଇଥିବାବେଳେ ଶନିବାର ବିଳମ୍ବିତ ରାତିରେ ୧୨ଟି ହାତୀ ସହରରେ ବିଚରଣ କରିଥିବା ଦେଖିବାକୁ ମିଳିଛି।**

- ଅଟେଇ ଜଙ୍ଗଲରୁ ୪ ମଇଁଷି ଛୁଆ ମୃତଦେହ ଜବତ
- ମାଲିକଙ୍କୁ ୨୦ ହଜାର ଟଙ୍କା କ୍ଷତିପୂରଣ
- ନୂଆପଡ଼ା: ବୃଦ୍ଧାଙ୍କ ସମେତ ୪ ଗାଈ, ୨ ବାଛୁରୀଙ୍କୁ ମାରି ଖାଇଛି

କେନ୍ଦୁଝର/ଘଟଗାଁ (ସ୍ୱ.ପ୍ର./ଡି.ଏନ୍.ଏ.)/ ନୂଆପଡ଼ା ଅଫିସ୍, ୨୬।୩

ନୂଆପଡ଼ା ଜିଲା କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଜଲମଡେଇ ଗାଁର ସାନମତି ବାରିକ (୬୮)ଙ୍କୁ ଗତ ୧୯ ତାରିଖ ସନ୍ଧ୍ୟାରେ ମହାବଳ ବାଘ ମାରି ମୃତଦେହକୁ ଅଧା ଖାଇଦେଇଥିଲା। ଏହି ଘଟଣା ପୂର୍ବରୁ ଏବଂ ପରେ ସେଠାରେ ଗୃହପାଳିତ ପ୍ରାଣୀଙ୍କୁ ବାଘ ଶିକାର କରିଆସିଛି। ଶନିବାର ରାତିରେ ନୂଆପଡ଼ା ସଦର ବ୍ଲକ ତିଲେରିବାହାରା ଗ୍ରାମରେ ଏକ ଗାଈକୁ ବାଘ ଶିକାର କରିଛି। ସେହିପରି କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ଅଟେଇ ସଂରକ୍ଷିତ ଜଙ୍ଗଲରେ ପୁଣି ବାଘ ଆତଙ୍କ ଦେଖାଦେଇଛି। କିଛି ଦିନ ତଳେ ଏହି ଜଙ୍ଗଲରେ ମହାବଳ ବାଘର ଉପସ୍ଥିତି ନେଇ ହଇଚଇ ସୃଷ୍ଟି ହୋଇଥିବା ବେଳେ ଶୁକ୍ରବାର ରାତିରେ ୪ ମଇଁଷି ଛୁଆଙ୍କ କ୍ଷତବିକ୍ଷତ ମୃତଦେହ ମିଳିବା ପରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିରୁ ଏହି ମଇଁଷି ଛୁଆଗୁଡ଼ିକୁ ବାଘ ମାରିଥିବା ଆଶଙ୍କା କରାଯାଉଥିଲେ ମଧ୍ୟ ମହାବଳ ମାରିଥିବା ନେଇ ସ୍ପଷ୍ଟ ହୋଇନାହିଁ। ତେବେ ଉକ୍ତ ଜଙ୍ଗଲରେ ଲଗାଯାଇଥିବା ଟ୍ରାପ କ୍ୟାମେରା ଉପରେ ନଜର ରଖାଯାଇଥିବା ଘଟଗାଁ ରେଞ୍ଜ ଅଧିକାରୀ ପ୍ରଭାତ କୁଅଁର କହିଛନ୍ତି।

ସୂଚନା ଅନୁଯାୟୀ, ଘଟଗାଁ ରେଞ୍ଜ ବଡ଼ଜାମୁପଶି ଗ୍ରାମର ଶୁକଦେବ ବାରିକଙ୍କ ୨୨ ମଇଁଷି ଶୁକ୍ରବାର ☞ପୃଷ୍ଠା–୨

# ଝାରସୁଗୁଡ଼ା ସହରରେ ହାତୀପଲ

ବ୍ରଜରାଜନଗର, ୨୬।୩ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର ପରେ ଶନିବାର ରାତିରେ ଝାରସୁଗୁଡ଼ା ସହରରେ ପଶିଥିଲେ ହାତୀପଲ। ସହରରେ ହାତୀ ପ୍ରବେଶ କରିବା ଜାଣିବା ପରେ ଲୋକମାନେ ରାତ୍ରି ସାରା ଆତଙ୍କିତ ଅବସ୍ଥାରେ ଥିଲେ। ବନ କର୍ମଚାରୀ, ପୋଲିସ ପ୍ରଶାସନ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ରାତିସାରା ହାତୀପଲ ଉପରେ ନଜର ରଖିଥିଲେ। ଏହି ପଲରେ ଶାବକ ସହ ୧୨ଟି ହାତୀ ଥିବା ଜଣାପଡିଛି। ହାତୀପଲ କୌଣସି କ୍ଷତି କରି ନ ଥିବା ଜଣାପଡ଼ିଛି।

ଶୁକ୍ରବାର ମଧ୍ୟରାତ୍ରିରେ ବ୍ରଜରାଜନଗର ଦେଇ ☞ପୃଷ୍ଠା–୨




ଝାରସୁଗୁଡ଼ା ସହରରେ ପଶିଥିବା ହାତୀପଲ।

**ଆଜିର ମନ୍ତବ୍ୟ**

ମାନହାନି ମାମଲାରେ ଶେଷ ଅଦାଲତ ଦଣ୍ଡ ଘୋଷଣା ନ କରିବା ପର୍ଯ୍ୟନ୍ତ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପାର୍ଲାମେଣ୍ଟ ସଦସ୍ୟତା ରଦ୍ଦ କରାଯିବା ଅନୁଚିତ୍। ଏହା ଗଣତନ୍ତ୍ର ପାଇଁ ଭଲ ନୁହେଁ।
-ଗୁଲାମ ନବୀ ଆଜାଦ, ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ମୁଖ୍ୟ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ଚାହାଳିରେ ପାଠ**
**ଏକ ଅବଧାନର ଛାଟ ।**

ଉଭୟ କ୍ଷେତ୍ରରେ ଶିକ୍ଷାଦାନ ପ୍ରଣାଳୀ ତଥା ଶିକ୍ଷା ଦୀକ୍ଷା ସବୁ ସମାନ। ପରୋକ୍ଷରେ ସମସ୍ତେ ଏକା ଭଳିଆ, ଏକା ପ୍ରକାର। କେତେଜଣ ବ୍ୟକ୍ତି ସମ ପ୍ରକୃତିର ହୋଇଥାନ୍ତି। ତାଙ୍କ ନୀତି ଓ ସ୍ୱଭାବରେ କୌଣସି ପ୍ରଭେଦ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକାଦଶୀ ନିରାହାର**
**ଭିତରେ ଭିତରେ ଚୁଡ଼ା ମାର ।**

ନାଁ କୁ ମାତ୍ର ଓଷାବ୍ରତ ପାଳନ ଅଥଚ ମନ ଯାଇ ସୁସ୍ୱାଦୁ ଖାଦ୍ୟ ପାଖରେ। ସାଧାରଣତଃ ଓଷାବାର ବ୍ରତରେ ଉପବାସ ରଖିବାକୁ ପଡିଥାଏ। ଏପରିସ୍ଥଳେ ଖାଦ୍ୟଠାରୁ ମନକୁ ଦୂରେଇ ରଖି ନ ପାରିବା ପରିତାପର ବିଷୟ ହୋଇଥିବା ବେଳେ ଉପବାସ ନାଁରେ ଲୁଚେଇ ଚୋରେଇ ଖାଉଥିବା ଖାଦ୍ୟଲୋଭି ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବାଲେଶ୍ୱରରେ ଅଜଣା ପୋକ ଆତଙ୍କ

**ବାଲେଶ୍ୱର ଅଫିସ,୨୬।୩**

ବାଲେଶ୍ୱର ଜିଲା ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ଅଧୀନ ଜନ୍ମେଶ୍ୱରପୁର ବଡ଼ଖୁଆଆଡ଼ି ହରିଜନ ସାହିରେ ହଜାର ହଜାର ଅଜଣା (କଳା ଓ ନାଲି ରଙ୍ଗର) ପୋକ ଦେଖି ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ପୋକଗୁଡ଼ିକ ଘର ଭିତରେ ପଶି ବାସନକୁସନଠାରୁ ଆରମ୍ଭ କରି ବିଛଣା ସହ ସମସ୍ତ ସାମଗ୍ରୀରେ ଲାଗି ରହୁଛନ୍ତି। କାମୁଡ଼ି ମଧ୍ୟ ଦେଉଛନ୍ତି। ପୋକ କାମୁଡ଼ିବା ପରେ ଅଳ୍ପ ଗନ୍ଧ ହେବା ସହ ଉକ୍ତ ସ୍ଥାନ କୁଣ୍ଡେଇ ହୋଇ ଫୁଲିବା ପରେ ଯନ୍ତ୍ରଣା ହେଉଛି। ଏନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଅଜଣା ପୋକ ସମ୍ପର୍କରେ ଗ୍ରାମର କେତେକ ଲୋକ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଥିଲେ। ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଉକ୍ତ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ପ୍ରାଣୀ ଚିକିତ୍ସା ବିଭାଗକୁ ମଧ୍ୟ ଖବର ଦିଆଯାଇଥିଲା। ସେମାନଙ୍କର ଏକ ଟିମ୍ ପହଞ୍ଚି ଘଟଣାସ୍ଥଳରେ ଅନୁଧ୍ୟାନ କରି ସେମାନେ ମଧ୍ୟ ଅସମର୍ଥତା ପ୍ରକାଶ କରିଥିଲେ। ସାମାଜିକ କର୍ମୀ ଶାନ୍ତା ଦାସ ଓ ସୁଧାକର ସେଠୀ କୃଷି ବିକାଶ କେନ୍ଦ୍ର (ଓୟୁଏଟି) ଭୁବନେଶ୍ୱର ସହ ଯୋଗାଯୋଗ କରିଥିଲେ। ଓୟୁଏଟିର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ପୋକଗୁଡ଼ିକୁ ଦେଖିବା ପରେ ଏଗୁଡ଼ିକ ପେଣ୍ଟିମିଡ୍ ବଗ୍ ଜାତୀୟ କୀଟ ଅଟନ୍ତି। ପରିବେଶ ଶୁଷ୍କ ହେଲେ ଏଗୁଡିକ ଜନ୍ମ ନେଇଥାନ୍ତି। ଏମାନେ ଅଧିକ କ୍ଷତିକାରକ ନୁହନ୍ତି, ମାତ୍ର ସାବଧାନର ସହ ଚଳପ୍ରଚଳ କରିବାକୁ ସ୍ଥାନୀୟ ଲୋକଙ୍କୁ ସତର୍କ କରାଇଥିଲେ। ଏଥିସହିତ ଘର ଭିତର ଓ ଚତୁଃପାର୍ଶ୍ୱ ପରିଷ୍କାର ରଖିବା, ପାଣି ଜମିବାକୁ ନ ଦେବା ସହ ଅଳିଆ ଜମା କରି ନ ରଖିବାକୁ ପରାମର୍ଶ ଦେଇଥିଲେ। ପରିଷ୍କାର ଓ ପରିଚ୍ଛନ୍ନତା ରହିଲେ ଏହି ପୋକମାନେ ଆପେ ଆପେ ପଳାଇବେ। ଏମାନେ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରନ୍ତି ନାହିଁ କିମ୍ବା ଚାଷ ମଧ୍ୟ ନଷ୍ଟ କରନ୍ତିନି ବୋଲି ଓୟୁଏଟିର ସିନିୟର ରିସୋର୍ସ ପର୍ସନ ସ୍ୱାଗତିକା ସାହୁ ପ୍ରକାଶ କରିଥିଲେ।



# ରାଜ୍ୟ ଅବକାରୀ ବିଭାଗକୁ ଇ-ଗଭର୍ନାନ୍ସ ପୁରସ୍କାର




ଉତ୍ସବରେ ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂ ଓ ଏନ୍‌ଆଇସିର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ନୀହାର ରଞ୍ଜନ ବିଶ୍ୱାଳଙ୍କୁ ପୁରସ୍କୃତ କରାଯାଉଛି।

**କଟକ ଅଫିସ,୨୬।୩**

ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ଅବକାରୀ ବିଭାଗକୁ ସମ୍ମାନଜନକ ଇ-ଗଭର୍ନାନ୍ସ ପୁରସ୍କାର ପ୍ରଦାନ କରାଯାଇଛି। ଏ ନେଇ ନୂଆଦିଲ୍ଲୀର ଶାହାବାଦଦୌଲତପୁରସ୍ଥିତ ଦିଲ୍ଲୀ ବୈଷୟିକ ବିଶ୍ୱବିଦ୍ୟାଳୟର ଡ. ବି. ଆର୍. ଆମ୍ବେଦକର ସମ୍ମିଳନୀ କକ୍ଷରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ତମ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ସ୍ୱତନ୍ତ୍ର ଆଗ୍ରହୀ ଗୋଷ୍ଠୀ ଦ୍ୱାରା ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂ ଓ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଇନ୍‌ଫର୍ମେଟିକ୍ସ ସେଣ୍ଟର(ଏନ୍‌ଆଇସି)ର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ନୀହାର ରଞ୍ଜନ ବିଶ୍ୱାଳଙ୍କୁ ପୁରସ୍କୃତ କରାଯାଇଛି। ଅବକାରୀ ବିଭାଗରେ ଇ-ଅବକାରୀ କମ୍ପ୍ୟୁଟରୀକରଣ ସହ ପ୍ରଯୁକ୍ତିବିଦ୍ୟାର ସଫଳ କାର୍ଯ୍ୟକାରିତା ପାଇଁ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ବିଚାରକମଣ୍ଡଳୀର ସୁପାରିସ ଅନୁଯାୟୀ ରାଜ୍ୟ ଅବକାରୀ ବିଭାଗକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ ରାଜ୍ୟ ଅବକାରୀ ବିଭାଗର ସଫଳ କାର୍ଯ୍ୟକାରିତା ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ଡିଜିଟାଲ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର ଓ ନୂଆଦିଲ୍ଲୀ ସ୍କଚ୍ ଗ୍ରୁପ୍‌ର ରୌପ୍ୟ ପୁରସ୍କାର ମିଳିଥିଲା।

### ଇ-ଅବକାରୀ ବଢ଼ାଇଛି କାର୍ଯ୍ୟଦକ୍ଷତା

ରାଜ୍ୟ ସରକାରଙ୍କ ୫-ଟି ପଦକ୍ଷେପ ସହିତ ରାଜ୍ୟ ଅବକାରୀ ବିଭାଗ ୨୦୧୯-୨୦ରୁ ଏନ୍‌ଆଇସି ସହାୟତାରେ ଇ-ଅବକାରୀ ଡିଜିଟାଲ କାର୍ଯ୍ୟକ୍ଷେତ୍ରରେ ରୂପାନ୍ତରିତ ହୋଇଛି। ଇ-ଲଟେରି ଭଳି ୪୦ରୁ ଅଧିକ ଅନ୍‌ଲାଇନ୍ ମଡ୍ୟୁଲ ଯଥା ତତ୍କାଳ ଇସ୍ୟୁ ଏବଂ ନବୀକରଣ, ବ୍ରାଣ୍ଡ ଲେଭଲ ରେଜିଷ୍ଟ୍ରେଶନ ସହିତ ୧୦୦% ଅନ୍‌ଲାଇନ୍ ଦେୟ ପ୍ରଦାନ, ଡିପିଆର, ସିସିଆଇଏସ୍, ଏସ୍‌ଆଇଆର, ରେଡ୍ ସ୍ପଟ୍ ଏବଂ ଅବକାରୀ ଦୋକାନ ଆଦି ଟ୍ରାକିଂ ପାଇଁ ମୋବାଇଲ୍ ଆପ୍ ବିକଶିତ ହୋଇଛି। ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛତା ଉପାୟରେ କାର୍ଯ୍ୟକାରୀ ହେବା ସହ ଧାର୍ଯ୍ୟ ସମୟରେ ସେବା ଯୋଗାଣ, ଶାରୀରିକ କାର୍ଯ୍ୟ ହ୍ରାସ, ତତ୍କାଳ ଫଇସଲା ଗ୍ରହଣ ଆଦି ସେବା ପ୍ରଦାନ କରାଯାଉଛି। ଏହାଦ୍ୱାରା ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକଳାପର ଉପଯୁକ୍ତ କାର୍ଯ୍ୟକାରିତା ଓ ମନିଟରିଂ, ବିଷାକ୍ତ ଓ ଚୋରା ମଦ କାରବାର ରୋକିବା, ବିଭିନ୍ନ ସ୍ତରରେ ସମୟାନୁବର୍ତ୍ତୀ ସେବା ବିତରଣ ଓ ବିଭାଗ ପ୍ରତି ଜନସାଧାରଣଙ୍କ ଧାରଣାରେ ପରିବର୍ତ୍ତନ କରାଯାଇପାରିଛି। ଇ-ଅବକାରୀ ନୀତି ଅବକାରୀ ବିଭାଗର କାର୍ଯ୍ୟଦକ୍ଷତାକୁ ବଢ଼ାଇଥିବାରୁ ଏହି ପୁରସ୍କାର ହିଁ ତାହାର ଶ୍ରେୟ ଆଣିଦେଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶତାଧିକ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି

**ଭୁବନେଶ୍ୱର, ୨୬।୩(ବ୍ୟୁରୋ)**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ମୋଟ୍ ୨୬୭ ମଞ୍ଜୁରୀପ୍ରାପ୍ତ ପଦବୀରୁ ୧୫୩ଟି ପଦବୀ ଖାଲିପଡ଼ିଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରେ ସହକାରୀ ପ୍ରଫେସର, ସହଯୋଗୀ ପ୍ରଫେସର ଏବଂ ପ୍ରଫେସରଙ୍କୁ ମିଶାଇ ମୋଟ୍ ୨୫୭ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ସେଥିରୁ ୧୨୯ ପଦବୀ ବର୍ତ୍ତମାନ ମଧ୍ୟ ଖାଲିପଡ଼ିଛି। କେବଳ ଏହି ଦୁଇଟି କଲେଜ ନୁହେଁ ଏଭଳି ଅନେକ ବିଶ୍ୱବିଦ୍ୟାଳୟରେ ସମାନ ଅବସ୍ଥା ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ସେହିପରି ସରକାରୀ ତଥ୍ୟ ମୁତାବକ, ରାଜ୍ୟର ଅନ୍ୟ କେତେକ ବିଶ୍ୱବିଦ୍ୟାଳୟ ଯଥା ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୫୩ ପଦରୁ ୬୨, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୯୬ ପଦରୁ ୮୦,

### ରେଭେନ୍‌ଶା, ଉତ୍କଳ ବିଶ୍ୱବିଦ୍ୟାଳୟରେ ଖାଲିପଡ଼ିଛି ୨୮୨ ପଦବୀ

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୩୮ ପଦରୁ ୧୯, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୧୧୫ ପଦରୁ ୭୬, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୧୪୪ ପଦରୁ ୭୦ଟି ପଦବୀ ଖାଲିପଡିଛି। ସମାନଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୧୩୮ ପଦରୁ ୭୯, ଫକିର ମୋହନ ବିଶ୍ୱବିଦ୍ୟାଳୟରେ ୧୧୭ ପଦରୁ ୪୩ଟି ଖାଲି ରହିଛି। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ କେହି ହେଲେ ଜଣେ ପ୍ରଫେସର୍ ନାହାନ୍ତି। ମୋଟ୍ ୫୦ ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦରୁ ୫୦ଟି ଖାଲି ରହିଛି। ଏହାସହ ରାଜ୍ୟର ୧୨ ବିଶ୍ୱବିଦ୍ୟାଳୟରେ ୧୬୨୦ ଶିକ୍ଷକ ପଦରୁ ୧୦୦୫ ଏବଂ ୨୬୩୯ ଅଣଶିକ୍ଷକ ପଦରୁ ୧୫୩୪ଟି ଖାଲି ପଡ଼ିଛି। ସୂଚନାଯୋଗ୍ୟ, ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧିନିୟମ ବିବାଦକୁ ନେଇ ଏବେ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ଚାଲିଥିବାରୁ ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ଚାଲିଥିବା ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ହୋଇପାରୁନାହିଁ। ତେବେ ଜଣେ ଅବସରପ୍ରାପ୍ତ ପ୍ରଫେସରଙ୍କ କହିବା ମୁତାବକ, ରାଜ୍ୟରେ ଥିବା ପୁରାତନ ବିଶ୍ୱବିଦ୍ୟାଳୟଗୁଡ଼ିକର ସମସ୍ୟା ଲାଗି ରହିଛି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ବର୍ଷବର୍ଷ ଧରି ପ୍ରଫେସର ପଦ ଖାଲିପଡ଼ିଛି। କେବଳ ପ୍ରଫେସର ନୁହନ୍ତି ଶିକ୍ଷକ ଏବଂ ଅଣଶିକ୍ଷକ ପଦରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଏପରିସ୍ଥିତିରେ ଅତିଥି ଅଧ୍ୟାପକଙ୍କ ଭରସାରେ ପାଠପଢ଼ା ଚାଲିଲେ ରାଜ୍ୟର ଶିକ୍ଷାବ୍ୟବସ୍ଥା କିପରି ଚାଲିଛି ସ୍ପଷ୍ଟ ଅନୁମେୟ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### କେନ୍ଦୁଝର, ନୂଆପଡ଼ାରେ...

ସନ୍ଧ୍ୟାରେ ଜଙ୍ଗଲକୁ ଚାଲିଯାଇଥିଲେ। ମଇଁଷି ପଲରେ ଥିବା ୪ ଛୁଆଙ୍କୁ ବାଘ ମାରିଦେଇଥିବା ବେଳେ ଅନ୍ୟ ମଇଁଷି ଭୟଭୀତ ହୋଇ ରାତିରେ ଗୋଠକୁ ପଳାଇ ଆସିଥିଲେ ବୋଲି ମାଲିକ କହିଛନ୍ତି। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ମଇଁଷିଗୁଡ଼ିକୁ ଗାତ ଖୋଳି ପୋତି ଦେଇଥିଲେ। ବାଘର ସ୍ଥିତିକୁ ଅନୁଧ୍ୟାନ କରିବାକୁ ଜଙ୍ଗଲରେ ଲଗାଯାଇଥିବା ଟ୍ରାପ କ୍ୟାମେରାରେ କଏଦ ହୋଇଥିବା ଫଟୋ ଯାଞ୍ଚ କରାଯାଉଥିବା ବନ ବିଭାଗ ସୂଚନା ଦେଇଛି। ଅନ୍ୟପକ୍ଷରେ ମଇଁଷି ମାଲିକ ଶୁକଦେବଙ୍କୁ ବନ ବିଭାଗ ପକ୍ଷରୁ ୨୦ ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଛି। ଏଥିସହ ଆଖପାଖ ଅଞ୍ଚଳର ଲୋକଙ୍କୁ ଜଙ୍ଗଲକୁ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ନ ଯିବାକୁ ସଚେତନ କରାଯାଇଛି ବୋଲି ଡିଏଫ୍‌ଓ ଧନରାଜ ଏଚ.ଡି. କହିଛନ୍ତି। ସେହିପରି ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଅବସ୍ଥିତ ଜଲମଡେଇ ଗାଁର ସାନମତିଙ୍କୁ ମହାବଳ ବାଘ ଖାଇବା ପରଠାରୁ ଗାଁ ଗାଁରେ ଆତଙ୍କ ଖେଳିଯାଇଛି। ଗାଁ ଲୋକେ ଜଙ୍ଗଲ, ଜମିକୁ ଯିବା ଦୂରର କଥା ପଦାକୁ ମଧ୍ୟ ବାହାରୁ ନାହାନ୍ତି। ବର୍ତ୍ତମାନ ସୁଦ୍ଧା ୪ ଗାଈ, ୨ ବାଛୁରୀଙ୍କୁ ମାରି ଖାଇଥିବାବେଳେ ଗୋଟିଏ ମଇଁଷି ଓ ଗୋଟିଏ ବାଛୁରୀକୁ ମାରି ଘାଇଲା କରିଛି। ଶନିବାର ରାତିରେ ନୂଆପଡ଼ା ସଦର ବ୍ଲକ ତିଲେରିବାହାରା ଗ୍ରାମରେ ଏକ ଗାଈକୁ ବାଘ ଶିକାର କରିଥିବାବେଳେ ଉକ୍ତ ବ୍ଲକର ମୁସରଙ୍ଗୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ଆମାନାରା ଫରେଷ୍ଟ ବିଟ୍ ଅନ୍ତର୍ଗତ ତରିଆ ମହୁଆଭଟା ଗାଁରେ ଶୁକ୍ରବାର ଏକ ଗାଈକୁ ବାଘୁଣୀ ଶିକାର କରିଥିବା ସୂଚନା ମିଳିଛି। ଶନିବାର ସକାଳେ ଗାଁଠାରୁ ୫ ଶହ ମିଟର ଦୂରରେ ଏକ ଚାଷ ଜମିରେ ଗାଈର ମୃତଦେହ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ଗାଈର ତଣ୍ଟିରେ ଆଘାତ ଲାଗିଥିବାବେଳେ ପେଟକୁ ଫାଡି ଦେଇଛି। ସେହିପରି ନୂଆପଡ଼ା ସଦର ମହକୁମାଠାରୁ ୫ କି.ମି. ଦୂର ଟାନୱାଟ ଗ୍ରାମରେ ବାଘ ବୁଲୁଥିବା ଦେଖିବାକୁ ମିଳିଛି। ଗୁରୁବାର ରାତି ପ୍ରାୟ ୮ଟାରେ ଗାଁର ମୋହନ ଶବର ଓ ତାଙ୍କ ଭାଇ ରିଙ୍କୁ ଶବର ଏକ ବାଇକ୍‌ରେ ଗାଁ ମୁଣ୍ଡକୁ ବିଦ୍ୟୁତ୍ ସଜାଡ଼ିବାକୁ ଯାଉଥିବା ସମୟରେ ରାସ୍ତାକଡ଼ରେ ବାଘ ବସିଥିବା ଦେଖି ଭୟରେ ସେମାନେ ବାଇକ୍‌କୁ ଛାଡି ଗାଁକୁ ଦୌଡି ପଳାଇ ଯାଇଥିଲେ। ବର୍ତ୍ତମାନ ସମୟରେ ମୁସରଙ୍ଗୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଥିବା ଗାଁଗୁଡ଼ିକରେ ଭୟର ବାତାବରଣ ଖେଳିଯାଇଛି। ଦିନ ରାତି ଲୋକେ ତାଟି କବାଟ ବନ୍ଦ କରି ରହୁଛନ୍ତି। ବାଘ ଭୟରେ ଲୋକେ ମହୁଲ ଫୁଲ ଗୋଟେଇବାକୁ ଜଙ୍ଗଲକୁ ଯାଉନାହାନ୍ତି। ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ବନବାସୀ ଜୀବିକାନିର୍ବାହ କରିଥାନ୍ତି। ବାଘ ଭୟରେ ଜଙ୍ଗଲକୁ ବନବାସୀ ଯାଇପାରୁ ନ ଥିବାରୁ ଜୀବନଜୀବିକା ପ୍ରଭାବିତ ହୋଇପଡିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଝାରସୁଗୁଡ଼ା ସହରରେ ....

ଇବ୍ ନଦୀ ପାର ହୋଇ ଜମେରା ଜଙ୍ଗଲରେ ରହିଥିଲେ ଏହି ହାତୀପଲ। ବିଜୁ ଏକ୍ସପ୍ରେସ ୱେ ପାରହୋଇ ଶନିବାର ରାତି ପ୍ରାୟ ସାଢେ ଗୋଟାଏ ସମୟରେ ଝାରସୁଗୁଡ଼ା ସହରର ସରବାହାଲ ଅଞ୍ଚଳରେ ପ୍ରବେଶ କରିଥିଲେ। ବନ କର୍ମଚାରୀମାନେ ରବିବାର ପ୍ରତ୍ୟୁଷରେ ହାତୀପଲକୁ ଭାଜିମାଲ ଜଙ୍ଗଲକୁ ତଡ଼ିଦେଇଥିଲେ। ଦିନ ସାରା ସେହି ଜଙ୍ଗଲରେ ରହିଥିଲେ। ସନ୍ଧ୍ୟାରେ ସମ୍ବଲପୁର ସୀମାକୁ ଲାଗିଥିବା ସିରିପୁରା ଜଙ୍ଗଲକୁ ତଡ଼ିଦେଇଥିଲେ। ସମ୍ବଲପୁର ଜଙ୍ଗଲକୁ ହାତୀପଲ ଛାଡିବାର ଯୋଜନା ରହିଥିବା ବନ କର୍ମଚାରୀମାନେ ସୂଚନା ଦେଇଛନ୍ତି।

### ବାର୍ଥ ଡେ' ପାର୍ଟିରେ ...

ରବିବାର ସକାଳେ ଏମ୍ସରେ ପହଞ୍ଚି ମୃତ୍ୟୁର କାରଣ ବିଷୟରେ ପ୍ରାଚୀଙ୍କୁ ପଚାରିଥିଲେ। ପ୍ରାଚୀଙ୍କ କହିବା ଅନୁଯାୟୀ, ସାଙ୍ଗ ବିକାଶଙ୍କ ବାନ୍ଧବୀଙ୍କ ଜନ୍ମଦିନ ପାଳିବା ଲାଗି ଶନିବାର ଜାଗମରା ଅଞ୍ଚଳରେ ଏକ ଓୟୋ ହୋଟେଲରେ ପାର୍ଟିର ଆୟୋଜନ ହୋଇଥିଲା। ଗୋଟିଏ ରୁମ୍‌ରେ ଦୁର୍ଗା ଏବଂ ସେ ରହିଥିବାବେଳେ ଅନ୍ୟ ଏକ ରୁମରେ ବିକାଶ ଓ ତାଙ୍କ ବାନ୍ଧବୀ ଥିଲେ। ଜନ୍ମଦିନ ପାଳିବା ପରେ ପ୍ରାଚୀ ବାଥ୍‌ରୁମ୍‌କୁ ଯାଇଥିଲେ। ସେଠାରୁ ଆସି ଦେଖିବାବେଳକୁ ଦୁର୍ଗା ଏକ ଓଢଣି ସାହାଯ୍ୟରେ ଫ୍ୟାନ୍‌ରେ ଆତ୍ମହତ୍ୟା କରିଥିଲେ। ଅନ୍ୟପଟେ ସାଙ୍ଗ ବିକାଶ କହିଛନ୍ତି, ଦୁର୍ଗା ଖାଇବାକୁ ନେଇ ଅଶାନ୍ତି ଥିଲେ। ଏହାପରେ ସେ ରାଗିକି ରୁମ୍‌କୁ ଚାଲି ଯାଇଥିଲେ। ପରେ ଆସି ବାନ୍ଧବୀ ପ୍ରାଚୀଙ୍କୁ ମଧ୍ୟ ରୁମ୍‌କୁ ଡାକି ନେଇଯାଇଥିଲେ। ଏହାର କିଛି ସମୟ ପରେ ଦୁର୍ଗା ଆତ୍ମହତ୍ୟା କରିଥିବା ପ୍ରାଚୀ ଜଣାଇଥିଲେ। ଏକ ଛୁରି ସାହାଯ୍ୟରେ ଓଢଣିକୁ କାଟି ଦୁର୍ଗାଙ୍କୁ ତଳକୁ ଓହ୍ଲାଇବା ସହ ଆମ୍ବୁଲାନ୍ସକୁ ଖବର ଦେଇଥିଲୁ। ଆମ୍ବୁଲାନ୍ସ ପହଞ୍ଚିବା ପରେ ଏମ୍ସକୁ ନେଇଥିଲୁ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ବିକାଶ କହିଛନ୍ତି। ତେବେ ଉଭୟ ପ୍ରାଚୀ ଏବଂ ବିକାଶଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ସେମାନେ ମିଳିମିଶି ଦୁର୍ଗାଙ୍କୁ ହତ୍ୟା କରିଛନ୍ତି ବୋଲି ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଗାଙ୍କ ହାତ ଓ ବେକରେ ଏକାଧିକ କ୍ଷତ ଚିହ୍ନ ଥିବାବେଳେ ଉକ୍ତ କୋଠରିରୁ ଭଙ୍ଗା କାଚ ମିଳିଥିବାରୁ ଘଟଣା ଅଧିକ ରହସ୍ୟାବୃତ୍ତ ହୋଇପଡ଼ିଛି। ପୋଲିସ ଦୁର୍ଗାଙ୍କ ମୋବାଇଲ୍ ଫୋନ୍ ଏବଂ ଓଢ଼ଣି ଜବତ କରିବା ସହ ବାନ୍ଧବୀ ପ୍ରାଚୀ ଓ ତାଙ୍କ ୨ସାଙ୍ଗଙ୍କ ବୟାନ ରେକର୍ଡ କରିଛି। ଏଥିସହ ହୋଟେଲ କର୍ମଚାରୀଙ୍କୁ ପଚରାଉଚରା କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଛି।

### କଂଗ୍ରେସର ଦେଶବ୍ୟାପୀ ...

କଂଗ୍ରେସ ନେତା କହିଥିଲେ। ଗଣତନ୍ତ୍ରର ସୁରକ୍ଷା ପାଇଁ ବିରୋଧୀ ଦଳଗୁଡ଼ିକ ରାହୁଲ ଗାନ୍ଧୀ ଓ କଂଗ୍ରେସ ସହ ଛିଡ଼ାହୋଇଥିବାରୁ ଖାର୍ଗେ ସେମାନଙ୍କୁ ଏହି ଅବସରରେ ଧନ୍ୟବାଦ ଜଣାଇଥିଲେ। ସତ୍ୟାଗ୍ରହରେ ସାମିଲ ହୋଇ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଥିଲେ, ରାହୁଲଙ୍କୁ ନିର୍ବାଚନ ଲଢ଼ିବାରୁ ବଞ୍ଚିତ କରାଯିବା ଦେଶ ତଥା ଗଣତନ୍ତ୍ର ପାଇଁ ଭଲ ହେବ ନାହିଁ। ଅହଂକାରୀ ଭାଜପା ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି। ଶିଳ୍ପପତି ଗୌତମ ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କକୁ ନେଇ ରାହୁଲ ପ୍ରଶ୍ନ ଉଠାଇବାରୁ ତାଙ୍କ ସଭ୍ୟ ପଦ ରଦ୍ଦ କରିଦିଆଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ସହ ସମ୍ପୃକ୍ତ ନେତାଙ୍କୁ ଜନସାଧାରଣ ଉପଯୁକ୍ତ ଜବାବ ଦେବେ ବୋଲି ପ୍ରିୟଙ୍କା କହିଛନ୍ତି। ୨୦୧୯ରେ ରାହୁଲଙ୍କ 'ସବୁ ମୋଦି ଚୋର' ମନ୍ତବ୍ୟ ପାଇଁ ତାଙ୍କୁ ଦୋଷୀସାବ୍ୟସ୍ତ କରାଯିବା ସହ ୨ବର୍ଷ ଜେଲଦଣ୍ଡ ହେବା ପରେ ତାଙ୍କ ଲୋକ ସଭା ସଭ୍ୟପଦ ଚାଲିଯାଇଛି। ଯଦି ତଳ କୋର୍ଟଙ୍କ ରାୟ ଉପରେ ଉଚ୍ଚତର କୋର୍ଟ ସ୍ଥଗିତାଦେଶ ନ ଲଗାନ୍ତି, ତେବେ ସେ ୮ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିପାରିବେ ନାହିଁ। ଏହାର ପ୍ରତିବାଦରେ ହିମାଚଳପ୍ରଦେଶ, ରାଜସ୍ଥାନ, ଓଡ଼ିଶା, ତେଲଙ୍ଗାନା, ଜମ୍ମୁ-କଶ୍ମୀର, ପଞ୍ଜାବ, ହରିୟାଣା, ଗୁଜରାଟ ସମେତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କଂଗ୍ରେସ କର୍ମୀମାନେ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ଗୁଜରାଟରେ ଆନ୍ଦୋଳନକାରୀଙ୍କୁ ପୋଲିସ ଷ୍ଟାଡିୟମକୁ ନିଆଯିବା ସତ୍ତ୍ୱେ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ବିରୋଧରେ ସ୍ଲୋଗାନ ଜାରି ରଖିଥିଲେ। ଶ୍ରୀନଗରରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଗୁଲାମ ଅହମଦ ମୀର୍‌ଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଦଳର ମୁଖ୍ୟାଳୟ ନିକଟରେ ବିକ୍ଷୋଭ କରିଥିଲେ।

## ଟୁଇଟର ବାୟୋ ବଦଳାଇଲେ ରାହୁଲ




ଲୋକ ସଭା ସଭ୍ୟ ପଦ ହରାଇବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ତାଙ୍କ ଟୁଇଟର ଆକାଉଣ୍ଟ ବାୟୋ ସଂଶୋଧନ କରିଛନ୍ତି। ସେ ବାୟୋ ସେକ୍ସନରେ ଲେଖାଥିବା 'ମେମ୍ବର ଅଫ୍ ପାର୍ଲାମେଣ୍ଟ'କୁ ବଦଳାଇ ସେହି ସ୍ଥାନରେ 'ଡିସ୍‌କ୍ୱାଲିଫାଏଡ୍ ଏମ୍‌ପି' ଲେଖିଛନ୍ତି। 'ଏହା ରାହୁଲ ଗାନ୍ଧୀଙ୍କ ଅଫିସିଆଲ ଆକାଉଣ୍ଟ/ଭାରତୀୟ ଜାତୀୟ କଂଗ୍ରେସ/ଡିସ୍‌କ୍ୱାଲିଫାଏଡ୍ ଏମ୍‌ପି' ବୋଲି ବାୟୋରେ ଲେଖାଯାଇଛି।

### କଂଗ୍ରେସର ସତ୍ୟାଗ୍ରହ ଅହଂକାରର ପ୍ରଦର୍ଶନ: ଭାଜପା

କଂଗ୍ରେସର ସଂକଳ୍ପ ସତ୍ୟାଗ୍ରହକୁ ଭାଜପା ସମାଲୋଚନା କରିଛି। ଏହା ଦେଶର ସମ୍ବିଧାନ ଏବଂ କୋର୍ଟଙ୍କ ରାୟ ବିରୋଧରେ ଆନ୍ଦୋଳନ ବୋଲି ଗୈରିକ ଦଳ ଅଭିଯୋଗ ଆଣିଛି। କଂଗ୍ରେସ ସତ୍ୟାଗ୍ରହ ନାମରେ ମହାତ୍ମା ଗାନ୍ଧୀଙ୍କୁ ଅପମାନିତ କରିଛି। ଗାନ୍ଧିଜୀ ସାମାଜିକ କାରଣକୁ ନେଇ ସତ୍ୟାଗ୍ରହ କରିଥିଲେ। ଏବେ କଂଗ୍ରେସ ବ୍ୟକ୍ତିଗତ କାରଣ ପାଇଁ ତଥାକଥିତ ସତ୍ୟାଗ୍ରହ କରିଥିବା ଭାଜପା ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି। ମାନହାନି ମାମଲାରେ ରାହୁଲ ଦୋଷୀସାବ୍ୟସ୍ତ ହେବା ପରେ ତାଙ୍କ ଏମ୍‌ପି ପଦ ରଦ୍ଦ ହୋଇଛି। ଏହା ବିରୋଧରେ କଂଗ୍ରେସର ଆନ୍ଦୋଳନ ଅହଂକାରକୁ ପ୍ରଦର୍ଶନ କରୁଛି। ଏହା ସତ୍ୟ ପାଇଁ ଲଢ଼େଇ ନୁହେଁ ବୋଲି ତ୍ରିବେଦୀ ମତ ଦେଇଛନ୍ତି।

### ୩୬ ସାଟେଲାଇଟ୍‌କୁ ...

ୱାନ୍‌ୱେବ୍ ଗ୍ରୁପ୍ କମ୍ପାନୀ ନେଟ୍‌ୱର୍କ ଆକ୍ସେସ୍ ଆସୋସିଏଟ୍ସ ଲିଃ ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ପ୍ରଥମ ବ୍ୟାଚ୍‌ରେ ଗତବର୍ଷ ଅକ୍ଟୋବର ୨୩ରେ ଇସ୍ରୋ ୩୬ଟି ସାଟେଲାଇଟ୍‌କୁ ମହାକାଶ ପଠାଇଥିବାବେଳେ ରବିବାର ଆଉ ୩୬ଟିକୁ ନିର୍ଦ୍ଧାରିତ କକ୍ଷପଥରେ ସ୍ଥାପନ କରିଛି। ରକେଟ ଉତ୍‌କ୍ଷେପଣ ହେବାର ପ୍ରାୟ ୨୦ ମିନିଟ ପରେ ପ୍ରଥମ ପର୍ଯ୍ୟାୟରେ ୧୬ଟି ସାଟେଲାଇଟ୍‌କୁ କକ୍ଷପଥରେ ଅବସ୍ଥାପିତ କରିବା ପରେ ଅବଶିଷ୍ଟ ସାଟେଲାଇଟକୁ ନିର୍ଦ୍ଧାରିତ କକ୍ଷରେ ରଖାଯାଇଥିଲା। ଏହି ସଫଳତା ପାଇଁ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ ଏନ୍‌ଏସ୍‌ଆଇଏଲ୍, ଇସ୍ରୋ ଏବଂ ୱାନ୍‌ୱେବ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

### ଗଞ୍ଜାମ ଦେଶର ଏକ ...

ମିଶନ ଶକ୍ତିର ମହିଳାମାନଙ୍କ ଉଚ୍ଚ ପ୍ରଶଂସା କରି ସେ ଆହୁରି ମଧ୍ୟ କହିଥିଲେ, ମହିଳାମାନେ ବହୁତ ଭଲ କାମ କରୁଛନ୍ତି। ରାଜ୍ୟ ସରକାର ସେମାନଙ୍କୁ ସବୁ ସହଯୋଗ ଯୋଗାଇ ଦେଉଛନ୍ତି। ଏପରି କି ସେମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯାଉଛି। ମହିଳାମାନେ ଉଦ୍ୟୋଗୀ ହେବା ସେ ଚାହାନ୍ତି। ତେଣୁ ରାଜ୍ୟର ଏସ୍‌ଏଚ୍‌ଜିଗୁଡ଼ିକୁ ଏମ୍‌ଏସ୍‌ଏମ୍‌ଇରେ ପରିଣତ କରିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଗଞ୍ଜାମର ଆରାଧ୍ୟ ଦେବୀ ତାରାତାରିଣୀଙ୍କୁ ସ୍ମରଣ କରି ବିଶିଷ୍ଟ ସାହିତ୍ୟ ସାଧକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟ ବଳଦେବ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ମନ୍ତ୍ରୀ ଉଷା ଦେବୀ, ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଏମ୍‌ପି ଚନ୍ଦ୍ରଶେଖର ସାହୁ ,ଏମ୍‌ପି ପ୍ରମିଳା ବିଷୋୟୀ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲା ବିଜେଡି ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ଜିଲା ପରିଷଦ ସଭାପତି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଶ୍ୱିନୀ ନକ୍ଷତ୍ର ସକାଳୁ ସକାଳୁ ଆଶା କରୁଥିବା ଶୁଭ ଖବର ପାଇ ଖୁସି ହୋଇଯିବେ। ପିଲାମାନଙ୍କ ସକାଶେ ଥିବା ସମସ୍ୟାକୁ ଦୂରେଇବାରେ ସମର୍ଥ ହେବେ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଆମୋଦ ପ୍ରମୋଦର ମଉକା ଜୁଟିପାରେ। ଆନୁଷ୍ଠାନିକ ଓ ସାଂସ୍କୃତିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ବୃଷ**
କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ବୁଝାମଣା ଅଭାବରୁ ପରିବାର ମଧ୍ୟରେ ମତପାର୍ଥକ୍ୟ କଳହର କାରଣ ପାଲଟିଯିବ। ମୃଗଶିରା ନକ୍ଷତ୍ର ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଋଣ ପରିଶୋଧକୁ କେନ୍ଦ୍ରକରି କରଜଦାତାଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ମିଥୁନ**
ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇ ଖୁସି ହୋଇପାରନ୍ତି। ପୁନର୍ବସୁ ନକ୍ଷତ୍ର କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି ପାଇବ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଅର୍ଥାଭାବକୁ ଦୂରେଇବା କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କର୍କଟ**
ବହୁ ଦିନରୁ ପ୍ରସ୍ତୁତି ଚଳାଇଥିବା କାର୍ଯ୍ୟଟି ଆଜି ହିଁ ସାକାର ରୂପ ନେବ। କୌଣସି ଶୁଭ ଖବର କିମ୍ବା ମୂଲ୍ୟବାନ ଜିନିଷ ପ୍ରାପ୍ତିରେ ଆନନ୍ଦ ଅନୁଭବ କରିବେ। ଅଶ୍ଳେଷା ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। କୌଣସି ବ୍ୟକ୍ତିଙ୍କ କଥାରେ ପ୍ରଭାବିତ ହୋଇ ଭୁଲ କାମ କରିପାରନ୍ତି।

**ସିଂହ**
ପାରିବାରିକ ସମସ୍ୟା ହିତୈଷୀଙ୍କ ସାହାଯ୍ୟ ଓ ସହଯୋଗରୁ ସମାଧାନ ହୋଇଯିବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ପୂର୍ବାଫାଲଗୁନୀ ନକ୍ଷତ୍ରର ଅର୍ଥସଙ୍କଟଜନିତ କୌଣସି ଗୁରୁତ୍ୱପୂର୍ଣ୍ଣ କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। ଦୂରାଗତ କୌଣସି ପ୍ରିୟଜନଙ୍କ ଆଗମନୀ ବାର୍ତ୍ତା ପାଇ ଖୁସି ହେବେ।

**କନ୍ୟା**
କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଆକସ୍ମିକ ଆବିର୍ଭାବ ପରିସ୍ଥିତିକୁ ଏପଟସେପଟ କରିଦେଇପାରେ। ବନ୍ଧୁଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ଚିତ୍ରା ନକ୍ଷତ୍ର ସକାଶେ ସରକାରୀ କାମରେ ହଠାତ୍ ଦୂରଯାତ୍ରା କରିବାକୁ ପଡିପାରେ।

**ତୁଳା**
କାମର ଚାପ ବୃଦ୍ଧି ଯୋଗୁ ଶାନ୍ତିରେ ରହିପାରିବେ ନାହିଁ। ଘର ଲୋକଙ୍କ କାମରେ ଅସନ୍ତୁଷ୍ଟ ହେଲେ ସୁଦ୍ଧା ପାଟି ଫିଟାଇବାର ରାସ୍ତା ନ ଥିବ। ନିଜ ପରିସରର ବ୍ୟକ୍ତିବିଶେଷଙ୍କ ସହଯୋଗରେ ଅନୁଷ୍ଠାନିକ କାମ ସହଜରେ ସମ୍ପନ୍ନ ହୋଇଯିବ। ସ୍ୱାତୀ ନକ୍ଷତ୍ର ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ବିଛା**
ସମସ୍ୟା ଓ ପ୍ରତିବନ୍ଧକ ଲାଗି ରହୁଥିବା କାରଣରୁ ଆଜି କୌଣସି କାମ ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବ। ବିଶାଖା ନକ୍ଷତ୍ର ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ।

**ଧନୁ**
ଘରର ଅପ୍ରକାଶ୍ୟ କେତେକ ଘଟଣା ଯୋଗୁ ମାନସିକ ଭାରସାମ୍ୟ ହରାଇପାରନ୍ତି। ନୂତନ କାମରେ ପ୍ରତିବନ୍ଧକ ଲାଗିରହିବା ଯୋଗୁ କାମରେ ଅଗ୍ରଗତି ହୋଇପାରିବ ନାହିଁ। ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ମୂଳା ନକ୍ଷତ୍ର ଯୋଗୁ ଆବଶ୍ୟକତା ପୂରଣ ଲାଗି ଧାରଉଧାର କରିବାକୁ ପଡ଼ିବ।

**ମକର**
ବାରମ୍ବାର ମତାନ୍ତର, ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ପଡ଼ୋଶୀ ସହ ଶତ୍ରୁତା କାରଣରୁ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସହକର୍ମୀଙ୍କ ପରାମର୍ଶରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**କୁମ୍ଭ**
ଭୁଲ୍ କାର୍ଯ୍ୟପଦ୍ଧତି ଅନୁସରଣ କରିବା କାରଣରୁ ଯୋଜନାଟି ବିଗିଡି ଯାଇପାରେ। ପରିବାରର ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବା ହେତୁ ସାମୟିକ ଚିନ୍ତିତ ରହିପାରନ୍ତି। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବା କାରଣରୁ ବ୍ୟସ୍ତତା ବୃଦ୍ଧି ଘଟିବ। କୌଣସି ବନ୍ଧୁଙ୍କ ଉପସ୍ଥିତିଜନିତ ମାନସିକ ସ୍ଥିତି ଭଲ ରହି ନ ପାରେ।

**ମୀନ**
ବାରମ୍ବାର ଅସଫଳତା ଲାଗିରହିବା କାରଣରୁ ମନରେ ବିଭିନ୍ନ ପ୍ରକାର କଳ୍ପନା ଜାଗ୍ରତ ହେବ। ଜମିଜମା କାରବାର କିମ୍ବା ମୂଲ୍ୟବାନ ଜିନିଷ କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପଡ଼ୋଶୀଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ସାମୟିକ ଭାବରେ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି।

ଆଜି ଚୈତ୍ର ଶୁକ୍ଳ ଷଷ୍ଠୀ ସୋମବାର, ମାର୍ଚ୍ଚ ୨୭ ତାରିଖ, ଶ୍ରୀମନ୍ଦିର ବେଢ଼ାସ୍ଥିତ ସୂର୍ଯ୍ୟଦେବଙ୍କ ଚୈତ୍ର ଗୁଣ୍ଡିଚାଯାତ୍ରା, ବିଶ୍ୱ ରଙ୍ଗମଞ୍ଚ ଦିବସ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫/୪୮ ଗତେ, ଘ.୦୭/୧୯ ମଧ୍ୟେ, ଘ.୧୦/୩୯ ଗତେ, ଘ. ୦୧/୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭/୧୯ ଗତେ, ଘ.୦୮/୫୦ ମଧ୍ୟେ ରାହୁକାଳ ।

**ଚାଇନା ସହ କୂଟନୈତିକ ସମ୍ପର୍କ ଯୋଡ଼ିଲା ହଣ୍ଡୁରାସ୍**

ତାଇୱାନ ସହ ସମ୍ପର୍କ ତୁଟିବା ପରେ ହଣ୍ଡୁରାସ୍ ରବିବାର ଚାଇନା ସହ କୂଟନୈତିକ ସମ୍ପର୍କ ସ୍ଥାପନ କରିଛି। ତାଇୱାନ୍‌କୁ ନେଇ ଚାଇନା ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ ବେଜିଂ ହଣ୍ଡୁରାସ୍ ସହ ସମ୍ପର୍କ ଯୋଡ଼ିଛି। ରିପବ୍ଲିକ୍ ଅଫ୍ ହଣ୍ଡୁରାସ୍ ସରକାର ବିଶ୍ୱରେ କେବଳ ଚାଇନାର ଅବସ୍ଥିତିକୁ ସ୍ୱୀକୃତି ଦେଇଛି ଏବଂ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ସରକାର ସମସ୍ତ ଚାଇନା ନାଗରିକଙ୍କ ପାଇଁ ଏକମାତ୍ର ବୈଧ ସରକାର ବୋଲି ହଣ୍ଡୁରାସ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି। ତାଇୱାନ ଚାଇନାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେଥିପାଇଁ ହଣ୍ଡୁରାସ୍ ସରକାର ତାଇୱାନ୍ ସହ କୂଟନୈତିକ ସମ୍ପର୍କ ତୁଟାଇଥିବା କହିଛନ୍ତି।

# ଓଡ଼ିଆ ନାଟକର ବିଶ୍ୱସ୍ତରୀୟ ସ୍ୱପ୍ନ



**ଆଜି ବିଶ୍ୱ ନାଟକ ଦିବସ**

ଯେବେ ଆମେ ନାଟକର କଥା କହୁ, ଆଖି ସାମ୍ନାକୁ ଚାଲିଆସନ୍ତି ବିଭିନ୍ନ ଚରିତ୍ର। ଯେଉଁମାନଙ୍କ ସହ ଯୋଡ଼ି ହୋଇ ରହିଥାଏ ସମାଜର ପ୍ରତିଫଳନ। ସାମାଜିକ କଥା କୁହ କି ରାଜନୈତିକ, ପାରିବାରିକ, ଅର୍ଥନୈତିକ କିମ୍ବା କୌଣସି ବ୍ୟକ୍ତି ବିଶେଷଙ୍କ କଥା, ସବୁକିଛିକୁ ବ୍ୟକ୍ତକରେ ନାଟକ। ନାଟକ ଓଡ଼ିଶାର କାହାଣୀ କୁହେ, ସଂସ୍କୃତିର ଗାଥା ଗାଏ। ଇତିହାସଠୁ ନେଇ ବର୍ତ୍ତମାନର ଚିତ୍ର ସବୁକୁ ଚରିତ୍ର ମାଧ୍ୟମରେ ଉପସ୍ଥାପିତ କରେ। ଏକ ପରିମାର୍ଜିତ ହେଉ ବା କଳୁଷିତ ଛବିକୁ ଆଖି ଆଗକୁ ଆଣିଦିଏ। କେତେବେଳେ ହସାଏ ଆଉ କେତେବେଳେ କନ୍ଦାଏ। କିନ୍ତୁ ସବୁବେଳେ ଆପଣାର କରିନିଏ। ବିଭିନ୍ନ ସୋପାନ ଦେଇ ନାଟକ ଆଜି ଏକ ଭିନ୍ନ ମୋଡ଼ ନେଇଛି। କିଏ ଏହାର ମାନ କମି ଯାଉଛି ବୋଲି କହୁଛି ତ' ଆଉ କିଏ ନାଟକର ପ୍ରଚାରପ୍ରସାର ପାଇଁ ନିଜକୁ ସମର୍ପି ଦେଇଛନ୍ତି। ତେବେ ଓଡ଼ିଆ ନାଟକର ମାନ, ଗ୍ରହଣୀୟତା ବୃଦ୍ଧି କରି ଏହାକୁ ବିଶ୍ୱସ୍ତରୀୟ କରିବା ଏବେକାର ଆହ୍ୱାନ ହୋଇଛି। ସୋମବାର ବିଶ୍ୱ ନାଟ୍ୟ ଦିବସ ଅବସରରେ ଓଡ଼ିଆ ନାଟକକୁ ବିଶ୍ୱସ୍ତରୀୟ କରିବା ପାଇଁ ସ୍ୱପ୍ନ ଦେଖୁଥିବା ବିଶିଷ୍ଟ ନାଟ୍ୟକାରଙ୍କ ମତ ଓ ପ୍ରସ୍ତାବକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।

**- ଉପସ୍ଥାପନା: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**

## ଟିକେଟ କାଟି ନାଟକ ଦେଖିବାର ଧାରା ଆରମ୍ଭ ହେଲାଣି

ଲାଗୁଛି ନାଟକ କ୍ଷେତ୍ରରେ ଧୀରେ ଧୀରେ ପରିବର୍ତ୍ତନ ଆସୁଛି। ଦିନେ ମଣ୍ଡପଗୁଡ଼ିକରେ ଖାଲି ପଡ଼ୁଥିବା ସିଟ୍‌ଗୁଡ଼ିକ ଆଜି ଫୁଲ୍ ହେଉଛି। ଏମିତି ବି ହେଉଛି, ଦର୍ଶକଙ୍କୁ ସିଟ୍ ମିଳୁନି। ଟିକେଟ୍ କାଟି ନାଟକ ଦେଖିବାର ଧାରା ଏବେ ଆରମ୍ଭ ହୋଇଗଲାଣି। କେଉଁ ନାଟକ ଭଲ, କାହାକୁ ଟିକେଟ କିଣି ଲୋକେ ଦେଖିବେ, ସେ ନେଇ ନାଟ୍ୟକାରମାନେ ସଚେତନ ମଧ୍ୟ ହେଲେଣି। ସେଥିପାଇଁ ଟିକେଟ୍ ଶୋ ପରମ୍ପରା ଆସିଲାଣି। ନାଟକର ବିକାଶ କ୍ଷେତ୍ରରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଭୁବନେଶ୍ୱରର ଜୀବନରେଖା ଥିଏଟର ପକ୍ଷରୁ ସବୁବେଳେ ଟିକେଟ କାଟି ଦେଖିବାର ବ୍ୟବସ୍ଥା ଥାଏ। ମନନ ନାଟ୍ୟ ସଂସ୍ଥାର ନାଟ୍ୟ ମହୋତ୍ସବରେ ମଧ୍ୟ ଟିକେଟ ଶୋ' ହୁଏ। ସେହିପରି ନିକଟରେ ନୀଳଶୈଳ, ନବକଳେବର ଓ ବୟସର ଅନ୍ତେ ଭଳି ନାଟକ ଟିକେଟ ଶୋ'ରେ ହାଉସ୍‌ଫୁଲ ହୋଇପାରିଥିଲା। ରାଜ୍ୟର ଅନ୍ୟସବୁ ସ୍ଥାନ ସମ୍ବଲପୁର, ପାରାଦୀପ, ବରଗଡ଼ ଆଦିଠାରେ ମଧ୍ୟ ଟିକେଟ କାଟି ଦର୍ଶକ ନାଟକ ଦେଖନ୍ତି। ଏହି ଧାରା ଆଗକୁ ଚାଲିଲେ ନାଟକ କ୍ଷେତ୍ରରେ ଏକ ନୂଆ ଆଶା ସଞ୍ଚାର ହେବ। ନାଟ୍ୟକାରମାନଙ୍କୁ ପ୍ରୋତ୍ସାହନ ମିଳିବା ସହ ନାଟକ ବଞ୍ଚି ରହିପାରିବ।

## ପ୍ରେକ୍ଷାଳୟ ଭଡ଼ାରେ ୫୦% ରିହାତି, ରିହର୍ସାଲ ପାଇଁ ସ୍ୱତନ୍ତ୍ର କୋଠରି ରହୁ



"ନାଟକ ପରିବେଷଣ କ୍ଷେତ୍ରରେ ପ୍ରେକ୍ଷାଳୟର ବଡ଼ ଭୂମିକା ରହିଛି। ୨୦୦୬ରୁ ୨୦୨୦ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଥିବା ନାଟକ ମଞ୍ଚଗୁଡ଼ିକୁ ୫୦ ପ୍ରତିଶତ ରିହାତିରେ ଯୋଗାଇ ଦିଆଯାଉଥିଲା। କୋଭିଡ୍ ପରେ ପୁନଃ ୧୦୦ ପ୍ରତିଶତ ଭଡ଼ା ଦେଇ ଆମେ ନାଟକ କରୁଛୁ। ଏବେ ସବୁ ସ୍ୱାଭାବିକ ହେଲାଣି। ସଂସ୍କୃତି ବିଭାଗ ଓ ରାଜ୍ୟ ସରକାରଙ୍କୁ ଅନୁରୋଧ ଏହି ବ୍ୟବସ୍ଥା ପୁଣି ଲାଗୁ କରାଯାଉ। ସେହିପରି ରାଜ୍ୟରେ ନାଟକ ପରିବେଷଣ ହେଉଥିବା ପ୍ରେକ୍ଷାଳୟ ସଂଖ୍ୟା ବହୁତ କମ୍। ରାଜଧାନୀରେ ଅଧିକାଂଶ ନାଟକ ରବୀନ୍ଦ୍ର ମଣ୍ଡପ ନ ହଲେ ଭଞ୍ଜକଳା ମଣ୍ଡପରେ ହେଉଛି। ନାଟ୍ୟ କାର୍ଯ୍ୟକ୍ରମ ଲାଗି ଲାଗି ରହୁଥିବାରୁ ରିହର୍ସାଲ ପାଇଁ ଆମକୁ ବାରଦୁଆର ହେବାକୁ ପଡୁଛି। ତାହା ପୁଣି ଅଧିକ ଦାମ୍, ଜାଗା କମ୍। ଫଳରେ ଠିକ ଭାବେ ରିହର୍ସାଲ ହୋଇପାରୁନି ଓ ନାଟକର ମାନବୃଦ୍ଧି ବାଧାପ୍ରାପ୍ତ ହେଉଛି। ତେଣୁ ରିହର୍ସାଲ ପାଇଁ ଭଞ୍ଜକଳା ମଣ୍ଡପ ଭଳି କିଛି କୋଠରି କିମ୍ବା ସ୍ୱତନ୍ତ୍ର ମଣ୍ଡପ କରାଗଲେ ଏହା ନାଟକ ଦିଗରେ ଏକ ଭଲ ପଦକ୍ଷେପ ହୁଅନ୍ତା। ପୁଣି ଏଥିପାଇଁ ସ୍ୱଳ୍ପ ଭଡ଼ା, ଯେମିତି କି ପାଣି ଓ ବିଦ୍ୟୁତ୍ ବିଲ୍ ଘଣ୍ଟାକୁ ନିର୍ଦ୍ଦିଷ୍ଟ ମୂଲ୍ୟ ଧାର୍ଯ୍ୟ କଲେ ଏହା ନାଟକ ପାଇଁ ବଡ଼ ପ୍ରୋତ୍ସାହନ ହେବ।

**– ନାଟ୍ୟକାର ମନୋଜ ପଟ୍ଟନାୟକ**

## ବିଜ୍ଞାପନ କି ପ୍ରୋତ୍ସାହନର ବ୍ୟବସ୍ଥା ନାହିଁ

"ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ନାଟକ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଭାଷା, ସାହିତ୍ୟଠୁ ନେଇ ସବୁ ଦିଗରେ ଓଡ଼ିଶାକୁ ବିଶ୍ୱସ୍ତରରେ ପହଞ୍ଚାଇବାର କ୍ଷମତା ନାଟକର ରହିଛି। କିନ୍ତୁ ନାଟକର ଗୁରୁତ୍ୱକୁ ସରକାର ବା ସଂସ୍କୃତି ବିଭାଗ ପକ୍ଷରୁ ଚିନ୍ତା କରାଯାଉଥିବା କାହିଁ ଜଣାପଡୁନି। ନୃତ୍ୟ, ସଙ୍ଗୀତ କ୍ଷେତ୍ରରେ ଆର୍ଥିକ ପ୍ରୋତ୍ସାହନ ଓ ବିଜ୍ଞାପନ ବ୍ୟବସ୍ଥା କରାଯାଉଛି, କିନ୍ତୁ ନାଟକ କ୍ଷେତ୍ରରେ କିଛି ନାହିଁ। ନିଜ ଉଦ୍ୟମରେ ଯିଏ ଯାହା କରୁଛି। ବହୁ କଷ୍ଟରେ ନାଟକ ପ୍ରସ୍ତୁତ କରାଯାଉଛି। ପ୍ରତି ମାସରେ ନାଟ୍ୟଧାରା ପକ୍ଷରୁ ନାଟକ କରାଯାଉଛି। ରବୀନ୍ଦ୍ର ମଣ୍ଡପରେ ହେଲେ ୨୫ହଜାର ଓ ଭଞ୍ଜକଳା ମଣ୍ଡପରେ ହେଲେ ୨୦ହଜାର ଖର୍ଚ୍ଚ ହେଉଛି। ସେତିକିରେ ନାଟକ କଥା ସରିଲା। ଏହା ଛଡା ନାଟକର ପ୍ରଚାର ପ୍ରସାର ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ବିଭାଗ ଓ ସରକାରଙ୍କ ପକ୍ଷରୁ ଏହା କରାଯିବ ଉଚିତ। ପ୍ରୋତ୍ସାହନ ଓ ଅନୁକମ୍ପା ମିଳିଲେ ନାଟକର ବିକାଶ ହେବା ସହ ନାଟ୍ୟକାରମାନେ ଭଲ ନାଟକ ପ୍ରସ୍ତୁତ କରି ପାରନ୍ତେ।



**– ନାଟ୍ୟକାର ଧୀରେନ୍ଦ୍ର ମଲ୍ଲିକ**

## ଶୃଙ୍ଖଳିତ ପ୍ରେକ୍ଷାଳୟ, ସିଟ୍ ନମ୍ବରିଂ କରାଯାଉ



"ସମକାଳୀନ ନାଟକ ପ୍ରସ୍ତୁତ କରାଯାଉ। କଳାକାରଙ୍କୁ ଉଚିତ୍ ପ୍ରଶିକ୍ଷଣ ଦିଆଯାଉ। ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ଆଗ ଆବଶ୍ୟକ। ନୂଆ ଯୁବପିଢ଼ି ଏବେ ନାଟକକୁ ଆସୁଛନ୍ତି। ନିଜେ ସଶକ୍ତ ହେଲେ ପ୍ରୋତ୍ସାହନ ପାଇଁ ଆଉ କାହା ପାଖକୁ ଯିବାକୁ ପଡିବନି। ଏବେ ଧୀରେ ଧୀରେ ଟିକେଟ କାଟି ଲୋକେ ନାଟକ ଦେଖିବା ଆରମ୍ଭ କଲେଣି। ସୁଯୋଗ ଆସିଛି ନିଜ ପାଇଁ ନିଜେ କିଛି କରିବାର। ଓଡ଼ିଆ ନାଟକ ପ୍ରାୟ ଓଡ଼ିଶାରେ ସୀମିତ ରହି ଯାଉଛି। କେତେଜଣ ନିଜ ଚେଷ୍ଟାରେ ଓଡ଼ିଆ ନାଟକକୁ ବାହାରେ ନେଇ ପ୍ରଦର୍ଶନ କରୁଛନ୍ତି। ଏହା ନିୟମିତ ହେଲେ ହିଁ ବାହାର ଲୋକ ଓଡ଼ିଆ ନାଟକ ବିଷୟରେ ଜାଣିପାରିବେ। ଏହାଛଡ଼ା ରବୀନ୍ଦ୍ର ମଣ୍ଡପ ହେଉ କି ରାଜ୍ୟରେ ଆଉ କେଉଁ ମଣ୍ଡପ ବା ପ୍ରେକ୍ଷାଳୟ କଥା କୁହ ସେଠାରେ ଶୃଙ୍ଖଳାର ଘୋର ଅଭାବ ରହିଛି। ମଣ୍ଡପରେ କେତୋଟି ସିଟ୍ ଅଛି ତାହା ଜଣା ପଡୁନାହିଁ। ଯାହାକୁ ନେଇ ଅନେକ ସମୟରେ ବିଶୃଙ୍ଖଳା ବି ହେଉଛି। ସିଟ୍‌ର ନମ୍ବରିଂ ହେଲେ ଟିକେଟ କାଟି ନାଟକ ଦେଖାଉଥିବା ନାଟ୍ୟକାର ଜାଣିପାରିବ ଆଉ କେତେ ସିଟ ବଳିଲା, କେତେ ପୂରଣ ହେଲା। ଦର୍ଶକମାନେ ମଧ୍ୟ ପସନ୍ଦ ମୁତାବକ ସିଟ୍ ବୁକ କରନ୍ତେ।

**– ନାଟ୍ୟକାର ଅଭିନ୍ନ ରାଉତରାୟ**

# ପାଣିକୁ ଆୟୁଧ କରି ଆନ୍ଧ୍ରର ଅନୁପ୍ରବେଶ ଉଦ୍ୟମ

## ନନ୍ଦପୁର ସୀମାନ୍ତରେ ନୂଆ ଚାଲ୍





ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତର ରାଇପାଡ ଗ୍ରାମରେ ଆନ୍ଧ୍ର କରିଥିବା ପାନୀୟ ଜଳ ପ୍ରକଳ୍ପ।

**ନନ୍ଦପୁର, ୨୬।୩ (ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତ ପରେ ନନ୍ଦପୁର ବ୍ଲକ ଉପରେ ଏବେ ଆନ୍ଧ୍ରପ୍ରଦେଶ ନଜର ପକାଇଛି। ଏଠାରେ ପାଣିକୁ ଆୟୁଧ କରି ଆନ୍ଧ୍ର ଉକ୍ତ ବ୍ଲକରେ ଅନୁପ୍ରବେଶ ଉଦ୍ୟମ ଚଳାଇଛି। କିଛିଦିନ ତଳେ ବ୍ଲକର ସୀମାନ୍ତ ପଞ୍ଚାୟତଗୁଡ଼ିକରେ ଆଧାର, ରାଶନ, ଭୋଟର ପରିଚୟ ପତ୍ର, ଭତ୍ତା ଓ ବ୍ୟାଙ୍କ ଜମାଖାତା ଖୋଲି ଆନ୍ଧ୍ର ଲୋକଙ୍କୁ ବିଭିନ୍ନ ସହାୟତା ଦେଇ ନିଜ ସପକ୍ଷକୁ ନେବା ଲାଗି ଉଦ୍ୟମ ଚଳାଇଥିଲା। ଏନେଇ ଜିଲା ପ୍ରଶାସନ ସତର୍କ ରହିବାରୁ ଆନ୍ଧ୍ର ନୀରବ ରହିଥିଲା।

ଖବରରୁ ଜଣାପଡିଛି, ଏବେ ଖରା ଦିନ ଯୋଗୁ କୋରାପୁଟ ଜିଲାର ସୀମାନ୍ତ ଗ୍ରାମଗୁଡିକରେ ଜଳକଷ୍ଟ ଦେଖିବାକୁ ମିଳିଛି। ଏହାକୁ ଦୂର କରିବା ଆଳରେ ଆନ୍ଧ୍ର ନନ୍ଦପୁର ବ୍ଲକରେ ଅନୁପ୍ରବେଶ କରୁଛି। ଏହି ବ୍ଲକ ଅନ୍ତର୍ଗତ ଗୋଲୁର ପଞ୍ଚାୟତର ରାଇପାଡ଼ ଓ ପାଙ୍ଗଲୁଙ୍ଗ ପଞ୍ଚାୟତର ଜୟନ୍ତୀଗିରି, ଶୁଡୁବ, ଅଣ୍ଡରଗୁଡା ଓ ତୋଟାଗୁଡା ସୀମାନ୍ତ ଅଞ୍ଚଳରେ ଆନ୍ଧ୍ର ବିଭିନ୍ନ ସଂସ୍ଥା ଜରିଆରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରି ଘରେ ଘରେ ପାଣି ପହଞ୍ଚାଇବା ବ୍ୟବସ୍ଥା କରୁଛି। ଅନ୍ୟପକ୍ଷରେ ଲୋକ ପ୍ରତିନିଧିମାନଙ୍କ ବାରମ୍ବାର ଦାବି ପରେ ସୀମାନ୍ତ ଅଞ୍ଚଳର ଉନ୍ନୟନ ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉନାହିଁ। ବ୍ଲକର ସୀମା ନିର୍ଦ୍ଧାରଣ ପାଇଁ ପଞ୍ଚାୟତ ସମିତି ବୈଠକରେ ପାରିତ ପ୍ରସ୍ତାବ ବ୍ଲକ ଓ ଜିଲା ପ୍ରଶାସନ କାର୍ଯ୍ୟକାରୀ କରୁନାହିଁ। ଏପରିସ୍ଥଳେ ଏହା ଅନୁପ୍ରବେଶ ଲାଗି ଆନ୍ଧ୍ରକୁ ବେଶ୍ ସୁବିଧା ହେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବ୍ଲକ ପକ୍ଷରୁ ହୋଇଥିବା ପାନୀୟ ଜଳ ବ୍ୟବସ୍ଥା ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି। ଆନ୍ଧ୍ର ଏହାର ସୁଯୋଗ ନେଇ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରି ସେମାନଙ୍କ ମନ ଜିଣିବାକୁ ଉଦ୍ୟମ କରୁଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଏସମ୍ପର୍କରେ ନନ୍ଦପୁର ବିଡିଓ ସୁଜିତ ମିଶ୍ରଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀଙ୍କୁ ରବିବାର ପାଙ୍ଗଲୁଙ୍ଗ ଓ ଗୋଲୁର୍ ପଞ୍ଚାୟତ ପରିଦର୍ଶନ କରି ରିପୋର୍ଟ ଦେବାକୁ କୁହାଯାଇଛି। ଆସନ୍ତା ୨୯ରେ ବ୍ଲକ ପ୍ରଶାସନ, ପୋଲିସ ପ୍ରଶାସନ, ରାଜସ୍ୱ ବିଭାଗ, ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ନେଇ ସେ ଆନ୍ଧ୍ର କରୁଥିବା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିବେ। ପରେ ଆନ୍ଧ୍ରର ଏହି ପ୍ରକଳ୍ପଗୁଡ଼ିକୁ ଭାଙ୍ଗି ସେହିଦିନ ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ଲୋକଙ୍କ ପାଇଁ ପାନୀୟ ଜଳଯୋଗାଣ ନେଇ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ବିଡିଓ ମିଶ୍ର କହିଛନ୍ତି।

# ମା' ତଣ୍ଟି ଚିପି ହତ୍ୟାକଲା ପୁଅ

**ବରଗଡ଼ ଅଫିସ, ୨୬।୩:** ବରଗଡ଼ ସଦର ଥାନା ଅନ୍ତର୍ଗତ ପିପିଲିପାଲି ଗାଁରେ ଶନିବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧାଙ୍କୁ ନିଜ ଜନ୍ମକଲା ପୁଅ ତଣ୍ଟି ଚିପି ହତ୍ୟା କରିଛନ୍ତି। ମୃତା ମହିଳା ଜଣଙ୍କ ହେଲେ ପାନ ଭୁଏ(୭୦)। ଏହି ଘଟଣାରେ ପୋଲିସ ମୃତା ବୃଦ୍ଧାଙ୍କ ପୁଅ କାର୍ତ୍ତିକ ଭୁଏ(୨୦)ଙ୍କୁ ଗିରଫ କରିବା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ ଡାକ୍ତରଖାନାକୁ ପଠାଇଛି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୧୦୮।୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ପିପିଲିପାଲି ଗାଁର ପାନ ଭୁଏଙ୍କ ୪ ପୁଅ। ୩ ପୁଅ ବାହାରେ ରହୁଥିବା ବେଳେ ପାନ କାର୍ତ୍ତିକଙ୍କ ସହ ଗାଁରେ ରହୁଥିଲେ। କାର୍ତ୍ତିକ ଟ୍ରାକ୍ଟର ଚଳାଇ ରୋଜଗାର କରୁଥିଲେ ଏବଂ ସେଥିରେ ମା' ପୁଅ ଚଳୁଥିଲେ। ପାନଙ୍କ ଦେହ ଅସୁସ୍ଥ ଥିବାରୁ ସେ ତାଙ୍କ ଚିକିତ୍ସା କରାଇବା ସହିତ ଔଷଧ ଆଣି ଦେଉଥିଲେ ବୋଲି ପଡାବାସୀ କହିଛନ୍ତି। ଶନିବାର ବିଳମ୍ବିତ ରାତିରେ କାର୍ତ୍ତିକ ପାନଙ୍କ ତଣ୍ଟି ଚିପିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସେ ପଡାବାସୀଙ୍କୁ ଜଣାଇବା ପରେ ଲୋକେ ଘଟଣାସ୍ଥଳକୁ ଆସି ପୋଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କୁ ପଚାରିବାରୁ ସେ କହିଲେ, କାର୍ତ୍ତିକ ନିଶା ଅବସ୍ଥାରେ ପାନଙ୍କ ତଣ୍ଟି ଚିପି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରହିଛି ବୋଲି ଗୋଚ୍ଛାୟତ କହିଛନ୍ତି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୨ ଆହତ

**ଖୋର୍ଦ୍ଧା ଅଫିସ,୨୬।୩:** ୫୭ ନମ୍ବର ଜାତୀୟ ରାଜପଥର ଜୟମଙ୍ଗଳ-ସାରୁଅ ରାସ୍ତାରେ ରବିବାର ସନ୍ଧ୍ୟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସାରୁଅ ଗ୍ରାମର ପ୍ରଭାତ କୁମାର ଦାସ (୪୫)। ଆହତ ଚାନ୍ଦପୁରର ସୌରଭ କୁମାର ଜେନା(୨୧) ଏବଂ ଶିବପ୍ରସାଦ ହରିଚନ୍ଦନ(୨୮)ଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ସୌରଭ ଓ ଶିବପ୍ରସାଦ ଦଶପଲାରୁ ଖୋର୍ଦ୍ଧା ଅଭିମୁଖେ ବାଇକ୍‌ରେ ଆସୁଥିଲେ। ବିପରୀତ ପଟୁ ପ୍ରଭାତ ମଧ୍ୟ ବାଇକ୍‌ରେ ଖୋର୍ଦ୍ଧାରୁ ଘରକୁ ଫେରୁଥିଲେ। ଜୟମଙ୍ଗଳ-ସାରୁଅ ରାସ୍ତାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା।



ଆନ୍ଦୋଳନର ଦ୍ୱିତୀୟ ଦିନରେ ମୋବାଇଲ ଫୋନ୍ ଟର୍ଚ୍ଚ ଲାଇଟ୍ ଜଳାଇ ପ୍ରତିବାଦ କରୁଛନ୍ତି ଆଉଟ୍‌ସୋର୍ସିଂ କର୍ମଚାରୀ।

# ଅଂଶୁଘାତରେ ୨୧ ଅସୁସ୍ଥ, ଲାଇଟ୍ ଜଳାଇ ପ୍ରତିବାଦ

## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନର ଦ୍ୱିତୀୟ ଦିନ

**ଭୁବନେଶ୍ୱର,୨୬।୩(ବ୍ୟୁରୋ)**

ଓଡ଼ିଶାରେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବି ନେଇ ରାଜଧାନୀ ଲୋୟର ପିଏମ୍‌ଜିରେ ହଜାର ହଜାର ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ଆନ୍ଦୋଳନ ଚଳାଇଛନ୍ତି। ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ରାଜ୍ୟର ବିଭିନ୍ନ ସରକାରୀ ଦପ୍ତରରେ କାମ କରୁଥିବା ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ଆଉଟ୍‌ସୋର୍ସିଂ କର୍ମଚାରୀ ଚାକିରିରୁ ବାଦ ପଡ଼ିବା ପ୍ରତିବାଦରେ ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ ମହାସଂଘ ପକ୍ଷରୁ ଚାଲିଥିବା ଏହି ଗଣବିକ୍ଷୋଭ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହା ସତ୍ତ୍ୱେ ସରକାରଙ୍କ ପ୍ରତିନିଧିଙ୍କ ସହ କୌଣସି ଆଲୋଚନା ହୋଇନାହିଁ। ଫଳରେ କର୍ମଚାରୀମାନେ ସୋମବାରଠାରୁ କାର୍ଯ୍ୟବନ୍ଦ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ତେବେ ରବିବାର ସାରାଦିନ ଖରାରେ ଆନ୍ଦୋଳନରେ ବସିଥିବାରୁ ୨୧ଜଣ ଅଂଶୁଘାତର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ରାତିସୁଦ୍ଧା ୩ଜଣ ଆନ୍ଦୋଳନକାରୀ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଅନ୍ୟପକ୍ଷରେ ସନ୍ଧ୍ୟାରେ ପ୍ରାୟ ୩ ହଜାର କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇ ମହମବତୀ ଓ ମୋବାଇଲ୍ ଫୋନ୍‌ରେ ଟର୍ଚ୍ଚ ଜଳାଇ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ମହାସଂଘ ସଭାପତି ସଞ୍ଜୟ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ମାନସ ଦାସ କହିଛନ୍ତି, ମନ୍ତ୍ରୀ, ସଚିବଙ୍କୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନକୁ ତୀବ୍ରତର କରାଯାଇଛି। ଯେପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି. ରାଜ୍ୟର ବିଭିନ୍ନ ସ୍ଥାନରୁ ଏକତ୍ରିତ ହୋଇଥିବା ଆନ୍ଦୋଳନକାରୀ ଧାରଣାସ୍ଥଳ ଛାଡ଼ିବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଡିଜେଏସ୍ ପରୀକ୍ଷାରେ କେନ୍ଦୁଝର ଝିଅ ଉତ୍ତୀର୍ଣ୍ଣ

## ଅନୁସୂଚିତ ଜାତି ବର୍ଗରେ ପ୍ରଥମ

**କେନ୍ଦୁଝର, ୨୬।୩(ସ୍ୱ.ପ୍ର.)**



ତୁହିନା ମାର୍ଡି

ଦିଲ୍ଲୀ ଜୁଡିସିଆଲ ସର୍ଭିସ (ଡିଜେଏସ୍) ପରୀକ୍ଷାରେ କେନ୍ଦୁଝର ଜିଲାର ଆଦିବାସୀ ଝିଅ କୃତିତ୍ୱ ଅର୍ଜନ କରିଛନ୍ତି। ସେ ହେଲେ ସଦର ବ୍ଲକ୍ ଅଧୀନ ରାଜବନ୍ଧ ଗ୍ରାମର ସୁନାରାମ ମାର୍ଡିଙ୍କ ଝିଅ ତୁହିନା। ଅନୁସୂଚିତ ଜାତି ବର୍ଗରେ ପ୍ରଥମ ସ୍ଥାନ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ସେ ୨୦୨୨ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ପକ୍ଷରୁ କରାଯାଇଥିବା ଡିଜେଏସ ପରୀକ୍ଷା ଦେଇଥିଲେ। ତୁହିନା ଅନୁଗୋଳ ଜିଲା ନାଲ୍‌କୋ ନଗରରେ ଥିବା ଦିଲ୍ଲୀ ପବ୍ଲିକ ସ୍କୁଲରୁ ୨୦୦୯ରେ ପାସ କରିଥିବା ବେଳେ ୨୦୧୪ରେ ନ୍ୟାଶନାଲ ଲ' କଲେଜ କଟକରୁ ବିବିଏ-ଏଲଏଲବିରେ ୨୦୧୪ରେ ପାସ କରିଥିଲେ। ପରେ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ଟସି ବୋର୍ଡ ଅଫ ଇଣ୍ଡିଆରେ ଗ୍ରୁପ ବି ମ୍ୟାନେଜର ଭାବରେ ଚାକିରି ଆରମ୍ଭ କରିଥିଲେ। କୃତକାର୍ଯ୍ୟ ଖବର ପାଇବା ପରେ ଅତ୍ୟନ୍ତ ଖୁସି ଥିବା ତୁହିନା କହିଛନ୍ତି। ଗତ ୬ ମାସ ହେଲା ପରିଶ୍ରମ କରି ପାଠ ପଢ଼ିବା ପରେ ଏହି ସଫଳତା ପାଇଲି। ପ୍ରଥମ ଥର ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛି। ଦିଲ୍ଲୀ କର୍ମସ୍ଥଳ ହେଲେ ମଧ୍ୟ ମୋର ବାପା ଓ ଓଡ଼ିଶାକୁ ଛାଡ଼ିପାରିବି ନାହିଁ। ପରିବାର ଲୋକ, ଶୁଭେଚ୍ଛୁମାନଙ୍କ ଆଶୀର୍ବାଦ ଯୋଗୁ ସଫଳତା ପାଇଛି ବୋଲି ସେ କହିଛନ୍ତି। ତୁହିନାଙ୍କ ବାପା ଜଣେ ଅବସରପ୍ରାପ୍ତ ପବ୍ଲିକ ସେକ୍ଟର କମ୍ପାନୀର ଅଧିକାରୀ ହୋଇଥିବା ବେଳେ ସେ ୬ ବର୍ଷ ବୟସରେ ମା'ଙ୍କୁ ହରାଇଥିଲେ। ସୁନାରାମଙ୍କ ଦୁଇ ପୁଅ ଥିବା ବେଳେ ତୁହିନା ଏକମାତ୍ର ଝିଅ।

# ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ମତକୁ ମାଓବାଦୀ କେନ୍ଦ୍ରୀୟ କମିଟିର ବିରୋଧ

**ମାଲକାନଗିରି, ୨୬।୩(ଡି.ଏନ.ଏ.)**

ଗତ କିଛିଦିନ ତଳେ ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଜଗଦଲପୁରରେ ସିଆରପିଏଫର ପ୍ରତିଷ୍ଠା ଦିବସରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଯୋଗ ଦେଇଥିଲେ। ସେଠାରେ ସେ ଦେଇଥିବା ବିବୃତିକୁ ଖଣ୍ଡନ କରି ରବିବାର ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ପକ୍ଷରୁ ମାଓବାଦୀନେତା ଅଭୟ ଏକ ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି। ଜଗଦଲପୁର ଗସ୍ତ ବେଳେ ଶାହା ମାଓବାଦୀଙ୍କ ସହ ଯୁଦ୍ଧ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଦିବାସୀଙ୍କ ବିକାଶରେ ସିଆରପିଏଫ୍‌ର ବହୁ ଅବଦାନ ରହିଛି ବୋଲି କହିଥିଲେ। ତେବେ ଏହାକୁ କେନ୍ଦ୍ରୀୟ କମିଟି ସିପିଆଇ ମାଓବାଦୀ ଖଣ୍ଡନ କରି ଜାରି ପ୍ରେସ ବିଜ୍ଞପ୍ତିରେ ବିକାଶ ନାମରେ କେନ୍ଦ୍ର-ରାଜ୍ୟ ସରକାର ଆଦିବାସୀଙ୍କ ମୌଳିକ ଅଧିକାରକୁ ଛଡାଇ ନେଉଥିବା ଅଭିଯୋଗ କରିଛି। ଉଭୟ ସରକାର ଆଦିବାସୀ ମାରଣନୀତି ଆପଣେଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ତେବେ ଆଗକୁ ମାଓବାଦୀ ସଙ୍ଗଠନ ଆହୁରି ସୁଦୃଢ ହୋଇ ଲୋକଙ୍କ ପାଇଁ କାର୍ଯ୍ୟ ଜାରି ରଖିବା ବୋଲି ଏଥିରେ କୁହାଯାଇଛି।



ହତବୁଦ୍ଧି ହୋଇ ଯାଅନା। ଭୁଲିଯିବା ପାଇଁ ଚେଷ୍ଟା କରନା। ଅବଚେତନା ଭିତରକୁ ଖସିପଡନା। କାରଣ, ତୁମକୁ ଶେଷ ପର୍ଯ୍ୟନ୍ତ ଯିବାକୁ ହିଁ ପଡିବ। ... ଗୋଟିଏ ଦିନରେ କେହି ନିଜ ପ୍ରକୃତିକୁ ଜୟ କରିପାରେ ନାହିଁ। ଧୈର୍ଯ୍ୟ ଓ ସ୍ଥିର ସଂକଳ୍ପ ଥିଲେ ବିଜୟ ସୁନିଶ୍ଚିତ। –ଶ୍ରୀମା

# ମାନହାନି ଅଡୁଆ

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଏମ୍‌ପି ଭାବେ ଅଯୋଗ୍ୟ ଘୋଷଣା କରାଯିବା ପରେ ପାର୍ଲାମେଣ୍ଟରେ ତାଙ୍କ ସଦସ୍ୟ ପଦ ରଦ୍ଦ କରାଯାଇଛି। ଏହି ଘଟଣା ଏବେ ସମଗ୍ର ଦେଶରେ ପ୍ରମୁଖ ଚର୍ଚ୍ଚିତ ଖବର ପାଲଟିଛି। ବିରୋଧୀମାନେ କୋର୍ଟଙ୍କ ନିଷ୍ପତ୍ତି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହୁଥିବା ବେଳେ ଶାସକ ବର୍ଗ ରାହୁଲ ଗାନ୍ଧୀଙ୍କ 'ମୋଦି ସାଙ୍ଗିଆଧାରୀ କିଭଳି ଚୋର ହେଲେ' ମନ୍ତବ୍ୟ ପାଇଁ ଦଣ୍ଡିତ ହେବା ଠିକ୍ ବୋଲି କହିଛନ୍ତି। ଏଭଳି ସ୍ଥଳେ ସମ୍ବିଧାନ ବିଶେଷଜ୍ଞଙ୍କଠାରୁ ଆରମ୍ଭକରି ସାଧାରଣ ନାଗରିକ ରାହୁଲଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ନିଜସ୍ୱ ମତ ଦେବାରେ ଲାଗିଛନ୍ତି। ଭାରତୀୟ ସମ୍ବିଧାନ ତା'ର ମୌଳିକ ଅଧିକାରରେ ବାକ୍ ସ୍ୱାଧୀନତାକୁ ଗୁରୁତ୍ୱ ଦେଇଆସିଛି। ରାହୁଲଙ୍କୁ ତାଙ୍କ ମନ୍ତବ୍ୟ ଯୋଗୁ ଭାରତୀୟ ପିଙ୍ଗଲ କୋଡ୍ ୪୯୯ ଓ ୫୦୦ ଦଫା ଅନୁଯାୟୀ ସର୍ବୋଚ୍ଚ ଦୁଇବର୍ଷ ଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି। ଅର୍ଥାତ୍ ଆପରାଧିକ ମାନହାନିରେ ୨ ବର୍ଷରୁ ଅଧିକ ଦଣ୍ଡିତ କରାଯାଇପାରିବ ନାହିଁ। ଉପା ସରକାର ସମୟରେ ପ୍ରଣୟନ କରାଯାଇଥିବା ଆଇନରେ କୁହାଯାଇଥିଲା ଯେ, ଦୁଇ ବର୍ଷ କିମ୍ବା ତା'ଠାରୁ ଅଧିକ ଦଣ୍ଡିତ ହେଲେ ଜଣେ ଜନପ୍ରତିନିଧିଙ୍କର ସଭ୍ୟପଦ ରଦ୍ଦ ହୋଇଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ଆଇନ ବ୍ୟବସ୍ଥାରେ ବିଭିନ୍ନ ସ୍ତରରେ ନ୍ୟାୟାଳୟ ରହିଛି। ହତ୍ୟା କରିଥିବା ଅଭିଯୁକ୍ତ ମଧ୍ୟ ଦୀର୍ଘକାଳ ପର୍ଯ୍ୟନ୍ତ ଗୋଟିଏ ନ୍ୟାୟାଳୟରୁ ଆଉ ଗୋଟିଏ ନ୍ୟାୟାଳୟକୁ ଯିବାର ସୁଯୋଗ ପାଇଥାଆନ୍ତି। ଏପରି କି ସୁପ୍ରିମକୋର୍ଟରେ ଦଣ୍ଡିତ ହେବା ପରେ ମଧ୍ୟ ରାଷ୍ଟ୍ରପତିଙ୍କୁ 'ମର୍ସି ପ୍ଲି'ର ସୁବିଧା ଦିଆଯାଇଥାଏ। ତେବେ ଗଣତାନ୍ତ୍ରିକ ଭାରତରେ, ଅଜଣା କାରଣରୁ, ଲୋକ ପ୍ରତିନିଧିଙ୍କ ପଦବୀ ଛଡ଼ାଇନେବା ପାଇଁ ସର୍ବନିମ୍ନ ନ୍ୟାୟାଳୟର ରାୟ ଯଥେଷ୍ଟ ହୋଇଥାଏ। ଏଥିରୁ ମନେହେଉଛି ଯେପରି ମତଦାତାଙ୍କଠାରୁ ଆଇନ, ନ୍ୟାୟାଳୟ ଏବଂ ବ୍ୟବସ୍ଥା ଅଧିକ ଶକ୍ତିଶାଳୀ। ଗୋଟିଏ ଗଣତନ୍ତ୍ରରେ ଜନସାଧାରଣଙ୍କ ମତ ହେଉଛି ସର୍ବୋଚ୍ଚ। ଯେତେବେଳେ ଜନସାଧାରଣ ମତ ପରିବର୍ତ୍ତନ କରିବେ ସେତେବେଳେ ଶାସନରେ ପରିବର୍ତ୍ତନ ଘଟିବ। କିନ୍ତୁ ତାହାର ଅର୍ଥ ନୁହେଁ ଯେ, ୫ ବର୍ଷ ପାଇଁ ଯିଏ ଆସିବେ ସିଏ ନିଜକୁ ସର୍ବୋଚ୍ଚ ବୋଲି ଭାବି ଅନ୍ୟ କାହାରି ମତ ଶୁଣିବେ ନାହିଁ। ଗଣତନ୍ତ୍ରରେ ବିରୋଧୀଙ୍କ ପଛରେ ମଧ୍ୟ ଲୋକ ସମର୍ଥନ ରହିଛି। ରାହୁଲ ଗାନ୍ଧୀଙ୍କୁ ଏହି ଦେଶର ଏକ ଅଂଶର ଜନସାଧାରଣ ଭୋଟ ଦେଇ ଲୋକ ସଭା ପଠାଇଥିଲେ। ତାଙ୍କର ସଦସ୍ୟ ପଦ ରଦ୍ଦ ହେବାର ଅର୍ଥ ହେଲା ତାଙ୍କୁ ଭୋଟ ଦେଇଥିବା ସାଧାରଣ ନାଗରିକଙ୍କୁ ଶକ୍ତ ଚାପୁଡ଼ା। କାରଣ ଅନେକ ଉଦାହରଣ ରହିଛି, ଯେଉଁଥିରେ ସ୍ପଷ୍ଟ ଜଣାପଡ଼େ ଯେ, ଜଣେ ନିର୍ବାଚିତ ପ୍ରତିନିଧି ପୁନର୍ବାର ସେହି ଆସନକୁ ଯାଇ ନିର୍ବାଚନ ଲଢ଼ି ପରାଜିତ ହୋଇଛନ୍ତି। ଅର୍ଥାତ୍ ସଦସ୍ୟ ପଦ ରଦ୍ଦ କରିବାର କ୍ଷମତା କେବଳ ସାଧାରଣ ଭୋଟରଙ୍କ ଅଛି।

**ରାହୁଲଙ୍କୁ ସମର୍ଥନ ଜଣାଇ କଂଗ୍ରେସର ସାଂସଦମାନେ ସମୂହ ଇସ୍ତଫା ଦେଲେ ନାହିଁ। ଯଦି ତାହା ତତ୍‌କ୍ଷଣାତ୍ ଘଟିଥାଆନ୍ତା, ତେବେ ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାରଙ୍କ ପାଇଁ ଏକ ଭିନ୍ନ ପ୍ରକାରର ଅଡୁଆ ସୃଷ୍ଟି ହୋଇଥାଆନ୍ତା। ତତ୍‌ସହିତ ଆଦାନୀ ଭଳି ବିରାଟକାୟ ସମସ୍ୟା ସମ୍ପର୍କରେ ଦେଶବ୍ୟାପୀ ଆଲୋଚନା ହୋଇଥାଆନ୍ତା।**

ଏଠାରେ ରାହୁଲଙ୍କୁ ସମର୍ଥନ ଜଣାଇବାର କୌଣସି ଉଦ୍ଦେଶ୍ୟ ନାହିଁ। ତଥାପି ସଦସ୍ୟ ପଦ ରଦ୍ଦ କରିବା ପାଇଁ ନ୍ୟାୟାଳୟର ଅଧିକାର ନାହିଁ। ଏହି ଅଧିକାର କେବଳ ବାଚସ୍ପତିଙ୍କ ହାତରେ ରହିଛି। ନିକଟ ଅତୀତରେ ଏହାର ଉଦାହରଣ ଓଡ଼ିଶା ବିଧାନସଭାର କଟକ–ବାରବାଟୀ ବିଧାୟକ ମହମ୍ମଦ ମୋକିମ୍‌ଙ୍କ କ୍ଷେତ୍ରରେ ଦେଖାଯାଇଥିଲା। ତାଙ୍କୁ ଋଣ ଠକେଇ ମାମଲାରେ ୩ ବର୍ଷ ଜେଲଦଣ୍ଡ ହୋଇଥିବା ସତ୍ତ୍ୱେ ଓଡ଼ିଶା ବିଧାନସଭା ବାଚସ୍ପତି ତାଙ୍କୁ ଅଯୋଗ୍ୟ ଘୋଷଣା କରି ନ ଥିଲେ। ବିଶେଷକରି ମନେରଖିବାକୁ ହେବ ଯେ, ନିମ୍ନ ଅଦାଲତର ରାୟ ଉପରେ ଲୋକ ସଭା ବାଚସ୍ପତି ଯଦି ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥାଆନ୍ତେ, ତେବେ ତାହା ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରିପାରିଥାନ୍ତା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ମାନହାନି ମାମଲାର ଆପରାଧିକ ଦିଗ ଏକ ବ୍ରିଟିଶ ଉପନିବେଶ ଯୁଗର ଆଇନ। ପୃଥିବୀର ଅନ୍ୟ ଶିକ୍ଷିତ ଓ ଗଣତାନ୍ତ୍ରିକ ଦେଶରେ କେବଳ ସିଭିଲ୍ ବା ଦେୱାନି ମାନହାନି ମାମଲା ରୁଜୁ କରାଯାଇଥାଏ। ଅର୍ଥାତ୍ ଭାରତରେ ଏହି ଆଇନର ଦୁରୁପଯୋଗ ହୋଇପାରୁଛି, କାରଣ ସେଥିରେ ଅପରାଧ ଦିଗ ରହୁଛି।

ଏପର୍ଯ୍ୟନ୍ତ ଥିଲା ଆଇନ ଓ ଲୋକ ସଭା ବାଚସ୍ପତିଙ୍କ ଭୂମିକା ସମ୍ପର୍କରେ ଆଲୋଚନା। ଏବେ ଦେଖିବା କଥା ରାହୁଲଙ୍କ ନିଜ ଦଳର ଚରିତ୍ର ଓ ବ୍ୟବହାର। ଏଠାରେ କୁହାଯାଇପାରେ ଯେ, ରାହୁଲଙ୍କ ସମର୍ଥନରେ ତାଙ୍କ ଦଳ କଂଗ୍ରେସ ଥିଲା ଭଳି ମନେହୁଏ ନାହିଁ। ସେହି ଦଳର ଅନେକ ବୁଢ଼ା ନେତା ଅଛନ୍ତି, ଯେଉଁମାନେ ଭାବୁଥାଇପାରନ୍ତି ଯେ ପି. ଭି. ନରସିଂହ ରାଓଙ୍କ ଭଳି ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ତାଙ୍କୁ ମିଳିପାରେ। ହୁଏତ ସେଥିପାଇଁ ରାହୁଲଙ୍କୁ ସମର୍ଥନ ଜଣାଇ କଂଗ୍ରେସର ସାଂସଦମାନେ ସମୂହ ଇସ୍ତଫା ଦେଲେ ନାହିଁ। ଯଦି ତାହା ତତ୍‌କ୍ଷଣାତ୍ ଘଟିଥାଆନ୍ତା, ତେବେ ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାରଙ୍କ ପାଇଁ ଏକ ଭିନ୍ନ ପ୍ରକାରର ଅଡୁଆ ସୃଷ୍ଟି ହୋଇଥାଆନ୍ତା। ତତ୍‌ସହିତ ଆଦାନୀ ଭଳି ବିରାଟକାୟ ସମସ୍ୟା ସମ୍ପର୍କରେ ଦେଶବ୍ୟାପୀ ଆଲୋଚନା ହୋଇଥାଆନ୍ତା।

## su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | 4 | 5 | | |
| | 5 | 3 | | | | | | |
| | | | 2 | 3 | | | | 4 |
| | | 5 | | | 3 | 9 | | 7 |
| | | 7 | 8 | | | | | |
| 6 | 9 | | 7 | | | | 8 | |
| 8 | | | | | | | | 2 |
| | 6 | | | 1 | | | | |
| | | | 6 | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 1 | 5 | 6 | 9 | 3 | 2 | 8 |
| 3 | 6 | 2 | 8 | 4 | 1 | 7 | 9 | 5 |
| 9 | 5 | 8 | 2 | 3 | 7 | 4 | 1 | 6 |
| 6 | 9 | 7 | 1 | 5 | 3 | 2 | 8 | 4 |
| 4 | 1 | 5 | 7 | 2 | 8 | 6 | 3 | 9 |
| 8 | 2 | 3 | 6 | 9 | 4 | 1 | 5 | 7 |
| 5 | 8 | 6 | 3 | 7 | 2 | 9 | 4 | 1 |
| 1 | 3 | 9 | 4 | 8 | 6 | 5 | 7 | 2 |
| 2 | 7 | 4 | 9 | 1 | 5 | 8 | 6 | 3 |

ଗତକାଲିର ଉତ୍ତର



# କାଠଗଡ଼ାରେ ରାଜ୍ୟପାଳ ପଦବୀ

ସୌଭାଗ୍ୟ ସୁନ୍ଦରରାୟ

'ରାଜନୈତିକ ପ୍ରକ୍ରିୟା ସହ ରାଜ୍ୟପାଳ ଜଡ଼ିତ ହେବା କିମ୍ବା କୌଣସି ସରକାର ପତନରେ ଭାଗୀଦାରି ହେବା ଉଚିତ ନୁହେଁ।' ମହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେ ନେତୃତ୍ୱାଧୀନ ସରକାର ପତନ ପରିପ୍ରେକ୍ଷୀରେ ଦେଶର ଶୀର୍ଷ ଅଦାଲତଙ୍କ ଏହି ମନ୍ତବ୍ୟ ଭାରତୀୟ ସଂଘୀୟ ବ୍ୟବସ୍ଥାର ସାମ୍ପ୍ରତିକ ନକାରାତ୍ମକ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଉଦ୍ଧବ ଠାକ୍‌ରେ ସରକାରଙ୍କ ପତନ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ସମୟରେ ଘଟିଛି। ଏହି ମାମଲାର ଶୁଣାଣି ଏବେ ସୁପ୍ରିମକୋର୍ଟରେ ହୋଇ ରାୟ ସଂରକ୍ଷିତ ରହିଛି। ଶୁଣାଣି ସମୟରେ ଅଦାଲତ ଉପରୋକ୍ତ ମନ୍ତବ୍ୟ ଦେବା ସହ କେଉଁ ଆଧାରରେ ଉଦ୍ଧବ ଠାକ୍‌ରେ ସରକାରଙ୍କୁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପାଇଁ ରାଜ୍ୟପାଳ କହିଲେ ତାହା ମଧ୍ୟ ଜାଣିବାକୁ ଚାହିଁଥିଲେ। ଇତିମଧ୍ୟରେ ଏହି ବିବାଦୀୟ ରାଜ୍ୟପାଳ ନିଜ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ପଦ ପରିତ୍ୟାଗ କରିସାରିଛନ୍ତି। ମହାରାଷ୍ଟ୍ରରେ କୋଶିୟାରୀଙ୍କ କାର୍ଯ୍ୟକାଳ ଅନେକ ଦୃଷ୍ଟିରୁ ବିବାଦୀୟ ଥିଲା।

ଗତ କିଛିବର୍ଷ ହେଲା ରାଜ୍ୟପାଳ ପଦବୀ କେନ୍ଦ୍ର ସରକାରଙ୍କ ହାତବାରିସି ଭଳି ପରିଲକ୍ଷିତ ହେଉଛି। ଡବଲ ଇଞ୍ଜିନ୍ ସରକାର ନଥିବା ରାଜ୍ୟରେ ରାଜ୍ୟପାଳଙ୍କୁ କେନ୍ଦ୍ର ଉପଯୋଗ କରୁଥିବା ପରି ମନେହେଉଛି। କେବଳ କୋଶିୟାରୀ ନୁହନ୍ତି, ଅନେକ ରାଜ୍ୟପାଳ ରାଜ୍ୟର ନିର୍ବାଚିତ ସରକାରଙ୍କ ସହ କ୍ଷମତା ଯୁଦ୍ଧରେ ଲିପ୍ତ ରହିଥିବା ଦେଖାଯାଉଛି। ସେମାନଙ୍କର ବିଭିନ୍ନ ପଦକ୍ଷେପ ନିର୍ବାଚିତ ସରକାରଙ୍କୁ ଅସୁବିଧାରେ ପକାଉଥିବା ଦେଖାଯାଉଛି।

ଉପରାଷ୍ଟ୍ରପତି ପଦରେ ଅବସ୍ଥାପିତ ହେବା ପୂର୍ବରୁ ଜଗଦୀପ୍ ଧନକର ଥିଲେ ପଶ୍ଚିମବଙ୍ଗ ରାଜ୍ୟପାଳ। ପ୍ରାୟ ୪ ବର୍ଷ ରାଜ୍ୟପାଳ ପଦବୀରେ ରହିଥିବା ସମୟରେ ରାଜ୍ୟ ସରକାରଙ୍କ ସହ ତାଙ୍କ ବିବାଦ ଲାଗି ରହିଲା। ପଶ୍ଚିମବଙ୍ଗରେ ଦୁର୍ନୀତି, ରାଜନୈତିକ ହିଂସା, ପ୍ରଶାସନ ଓ ଶିକ୍ଷାନୁଷ୍ଠାନର ରାଜନୀତିକରଣ ସମ୍ପର୍କରେ ସେ ଖୋଲାଖୋଲି ନିଜ କାର୍ଯ୍ୟକାଳ ସମୟରେ ରାଜ୍ୟ ସରକାରଙ୍କ ବିରୋଧରେ ଅଭିଯୋଗ ଆଣିଲେ। ପରିସ୍ଥିତି ଏପରି ହେଲା ଯେ ତାଙ୍କୁ ରାଜ୍ୟର ବିରୋଧୀ ଦଳ ନେତା ଓ ଦୁର୍ନୀତିଗ୍ରସ୍ତ ବୋଲି ଶାସକ ଦଳ କହିଲେ।

କେରଳରେ ରହିଛି ଏବେ ବାମପନ୍ଥୀ ସରକାର। ମୁଖ୍ୟମନ୍ତ୍ରୀ ହେଉଛନ୍ତି ପିନାରାଇ ବିଜୟନ୍। ରାଜ୍ୟପାଳ ପଦରେ ରହିଛନ୍ତି ଅରିଫ ମହମ୍ମଦ ଖାଁ। ବିଧାନସଭାରେ ଗୃହୀତ ବିଭିନ୍ନ ବିଲ୍‌କୁ ରାଜ୍ୟପାଳ ତ୍ୱରିତ ଅନୁମୋଦନ କରୁ ନାହାନ୍ତି। ଏହି କାରଣରୁ କେତେକ ଅଧ୍ୟାଦେଶ ମଧ୍ୟ ନିରର୍ଥକ ହୋଇଯାଇଛି। ତେଲଙ୍ଗାନାରେ ଟିଆର୍‌ଏସ୍ ସରକାର ରହିଛି। ଏହି ରାଜ୍ୟର ରାଜ୍ୟପାଳଙ୍କ ବିରୋଧରେ ଅନୁରୂପ ଅଭିଯୋଗ ସଂକ୍ରାନ୍ତ ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ମାମଲା ବିଚାର ପାଇଁ ଅଦାଲତ ଗ୍ରହଣ କରିଛନ୍ତି।

ସମୁଦାୟ ଘଟଣାକ୍ରମକୁ ବିଶ୍ଳେଷଣ କଲେ ଜଣାଯାଏ ରାଜ୍ୟପାଳଙ୍କ କ୍ଷମତା ପ୍ରୟୋଗ ଏବେ ସମ୍ବିଧାନ ଅନୁଯାୟୀ ନ ହୋଇ କେନ୍ଦ୍ର ସରକାରଙ୍କ ସଙ୍କେତ ଅନୁଯାୟୀ ହେଉଛି। ଦେଶର ସର୍ବୋଚ୍ଚ ଅଦାଲତ ସମଶେର ସିଂହ ବନାମ ପାବ ସରକାର ମାମଲାରେ ଅତି ସ୍ପଷ୍ଟ ଭାବେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳର ପରାମର୍ଶ ଓ ସହାୟତା ଅନୁଯାୟୀ



ରାଜ୍ୟପାଳ କାର୍ଯ୍ୟ କରିବାକୁ ବାଧ୍ୟ। ସମ୍ବିଧାନର ଧାରା ୧୫୪(୧)ରେ ରାଜ୍ୟପାଳଙ୍କ ନିକଟରେ ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତା ନ୍ୟସ୍ତ ରହିଥିବାରୁ ଏହି ଆଳରେ ମନ୍ତ୍ରିମଣ୍ଡଳ ସୁପାରିସରେ ମଧ୍ୟ ରାଜ୍ୟପାଳ ଅଙ୍କୁଶ ଲଗାଉଥିବା ପରିଲକ୍ଷିତ ହେଉଛି। କିନ୍ତୁ ଏହା ସାମ୍ବିଧାନିକ ଦୃଷ୍ଟିକୋଣରୁ ବୈଧ ଥିବା ପରି ମନେ ହୁଏନାହିଁ।

ଦେଶରେ ସଂସଦୀୟ ଗଣତନ୍ତ୍ର ବ୍ୟବସ୍ଥା ବଳବତ୍ତର। ଭାରତର ସମ୍ବିଧାନ ଦୀର୍ଘତମ ଲିଖିତ ସମ୍ବିଧାନ। ସମ୍ବିଧାନ ଅନୁଯାୟୀ ରାଜ୍ୟପାଳଙ୍କୁ ରାଷ୍ଟ୍ରପତି ନିଯୁକ୍ତି ପ୍ରଦାନ କରିଥାଆନ୍ତି। ଅର୍ଥାତ୍ ରାଜ୍ୟପାଳ କେନ୍ଦ୍ରର ପ୍ରତିନିଧି ଭାବେ ରାଜ୍ୟରେ ଅବସ୍ଥାପିତ ହୋଇଥାଆନ୍ତି। କେନ୍ଦ୍ର–ରାଜ୍ୟ ସମ୍ପର୍କରେ ରାଜ୍ୟପାଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଦେଖାଯାଉଛି ରାଜ୍ୟପାଳ କେନ୍ଦ୍ରୀୟ ପରାମର୍ଶର ବଶବର୍ତ୍ତୀ ହୋଇ କାର୍ଯ୍ୟ କରୁଛନ୍ତି। ଫଳରେ ନିର୍ବାଚିତ ସରକାରର ଭାବମୂର୍ତ୍ତି ହାନି ହେଉଛି। ୨୦୧୮ ମସିହା କର୍ନାଟକ ବିଧାନସଭା ନିର୍ବାଚନରେ କୌଣସି ଦଳ ପୂର୍ଣ୍ଣ ବହୁମତ ପାଇପାରିନଥିଲେ। ଭାରତୀୟ ଜନତା ପାର୍ଟି ୧୦୪ ଆସନରେ ବିଜୟ ଲାଭ କରି ଏକକ ସଂଖ୍ୟାଗରିଷ୍ଠତା ଲାଭ କରିଥିଲା। ଅନ୍ୟପକ୍ଷରେ ଜନତା ଦଳ (ଏସ୍) ଓ କଂଗ୍ରେସର ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଯୋଗୁ ଏହାର ଆସନ ସଂଖ୍ୟା ଅଧିକ ଥାଇ ମଧ୍ୟ ରାଜ୍ୟପାଳ ମେଣ୍ଟ ଦଳକୁ ସରକାର ଗଠନ ପାଇଁ ସୁଯୋଗ ନ ଦେଇ ଭାରତୀୟ ଜନତା ପାର୍ଟିକୁ ସୁଯୋଗ ଦେଇଥିଲେ ଏବଂ ସଂଖ୍ୟାଗରିଷ୍ଠତା ପ୍ରମାଣ ପାଇଁ ଦୀର୍ଘ ୧୮ ଦିନ ସୁଯୋଗ ଦେଇଥିଲେ। ସୁପ୍ରିମକୋର୍ଟ ଏହି ସମୟ ସୀମା ୩ ଦିନକୁ ହ୍ରାସ କରିଥିଲେ। ସୁପ୍ରିମକୋର୍ଟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଭାରତୀୟ ଜନତା ପାର୍ଟି ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦିୟୁରପ୍ପା ସଂଖ୍ୟାଗରିଷ୍ଠତା ପ୍ରମାଣ ଦେଇ ନ ପାରି ମାତ୍ର ଦୁଇ ଦିନରେ ଇସ୍ତଫା ଦେବାକୁ ବାଧ୍ୟ ହେଲେ। ଏ କ୍ଷେତ୍ରରେ ରାଜ୍ୟପାଳଙ୍କ ଇଚ୍ଛା ବିବାଦୀୟ ଥିବା କୁହାଯାଇପାରେ। ସମ୍ବିଧାନର ଧାରା ୧୭୪ରେ ରାଜ୍ୟପାଳଙ୍କର କିଛି ଇଚ୍ଛାଧୀନ କ୍ଷମତା ରହିଛି। ଏହା ସାମ୍ବିଧାନିକ ଦୃଷ୍ଟିରୁ ନିରଙ୍କୁଶ ନୁହେଁ। ବରଂ ସମ୍ବିଧାନ ପ୍ରଦତ୍ତ ଇଚ୍ଛାଧୀନ। ୨୦୧୫ରେ ଅରୁଣାଚଳ ପ୍ରଦେଶ ବାଚସ୍ପତି ବନାମ ରେବିୟା ମାମଲାରେ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ତତ୍କାଳୀନ ରାଜ୍ୟପାଳ ଜେ.ପି. ରାଜଖୋୟାଙ୍କ ଆଚରଣକୁ ଅଗ୍ରାହ୍ୟ କରି ବିଧାନସଭା ଅଧିବେଶନ ସମୟ ଓ କାର୍ଯ୍ୟସୂଚୀ ରାଜ୍ୟପାଳ ଧାର୍ଯ୍ୟ କରିପାରିବେ ନାହିଁ ବା ସରକାରଙ୍କ ସହ ପରାମର୍ଶ ନ କରି ବିଧାନସଭାକୁ ସମ୍ବୋଧିତ କରିପାରିବାର କ୍ଷମତା ନିରଙ୍କୁଶ ନୁହେଁ ବୋଲି କହିଛନ୍ତି। ୧୦୧୫ର ଅରୁଣାଚଳ ରାଜନୈତିକ ଘନଘଟା ମଧ୍ୟରେ ରାଜ୍ୟପାଳ ରାଜଖୋୟା ରାଜ୍ୟ ସରକାରଙ୍କୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଜାରି କଲେ। ୨୦୧୬ରେ ସାମ୍ବିଧାନିକ ଖଣ୍ଡପୀଠ ରାଷ୍ଟ୍ରପତି ଶାସନକୁ ବେଆଇନ ଦର୍ଶାଇ ସରକାରଙ୍କୁ ପୁନର୍ବାହଲ କଲେ। ରାଜ୍ୟପାଳଙ୍କ ପଦକ୍ଷେପକୁ ସମାଲୋଚନା କରି ଅଦାଲତ କହିଥିଲେ ଅରୁଣାଚଳରେ ଯାହା ଘଟିଲା ତାହା ସମ୍ବିଧାନ ପ୍ରତି ଚାପୁଡ଼ା। ସୁପ୍ରିମକୋର୍ଟ ରାୟ ପରେ ରାଜ୍ୟପାଳ ଇସ୍ତଫା ନ ଦେବାରୁ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ତାଙ୍କୁ ବରଖାସ୍ତ କରିଥିଲେ। ସରକାର ଗଠନ, ବିଧାନସଭା ସଦସ୍ୟଙ୍କୁ ଅଯୋଗ୍ୟ ଘୋଷଣା, ରାଜକ୍ଷମା, ବିଧାନସଭା ଭଙ୍ଗ ଆଦି ବାବଦରେ ରାଜ୍ୟପାଳଙ୍କ ଯେଉଁ ଇଚ୍ଛାଧୀନ କ୍ଷମତା ରହିଛି, ତାହା ନ୍ୟାୟପାଳିକାର ତର୍ଜମାଯୁକ୍ତ। ସଦସ୍ୟ ଅଯୋଗ୍ୟ ଘୋଷଣା କ୍ଷେତ୍ରରେ ମଧ୍ୟ ରାଜ୍ୟପାଳ ନିର୍ବାଚନ କମିଶନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ।

ବିଶ୍ୱବିଦ୍ୟାଳୟ କୁଳାଧିପତି ଭାବେ ରାଜ୍ୟପାଳଙ୍କ ଭୂମିକାକୁ ନେଇ କେରଳ ଓ ପଶ୍ଚିମବଙ୍ଗରେ ବିବାଦ ଦେଖାଦେଲା। ଶିକ୍ଷା ରାଜ୍ୟ ଅଧିକାରଭୁକ୍ତ। ରାଜ୍ୟ ଆଇନ ଅନୁଯାୟୀ ବିଶ୍ୱବିଦ୍ୟାଳୟଗୁଡ଼ିକ ପରିଚାଳିତ। ରାଜ୍ୟର ପ୍ରଥମ ନାଗରିକ ଦୃଷ୍ଟିରୁ ରାଜ୍ୟ ଆଇନରେ ରାଜ୍ୟପାଳଙ୍କୁ ସରକାରୀ ବିଶ୍ୱବିଦ୍ୟାଳୟର କୁଳାଧିପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥାଏ। କିନ୍ତୁ ଏ ସମସ୍ତ ବ୍ୟବସ୍ଥା ରାଜ୍ୟ ଶିକ୍ଷା ବିଭାଗ ନିୟନ୍ତ୍ରଣାଧୀନ। ରାଜ୍ୟ ଶିକ୍ଷା ଆଇନରେ ରାଜ୍ୟପାଳଙ୍କ ପ୍ରଦତ୍ତ କ୍ଷମତାରେ ବ୍ୟତିକ୍ରମ ଘଟିବାରୁ ପଶ୍ଚିମବଙ୍ଗ ଓ ତାମିଲନାଡୁ ସରକାର ରାଜ୍ୟପାଳଙ୍କ କ୍ଷମତା ସଙ୍କୁଚିତ କରିବା ପାଇଁ ବିଧାନସଭାରେ ଆଇନ ଆଣିଲେ। ୨୦୨୨ ଜୁନରେ ପଶ୍ଚିମବଙ୍ଗ ସରକାର ବିଶ୍ୱବିଦ୍ୟାଳୟ ଆଇନ ସଂଶୋଧନ ବିଲ ଆଣି ମୁଖ୍ୟମନ୍ତ୍ରୀଙ୍କୁ କୁଳାଧିପତି ପଦବୀ ପ୍ରଦାନ କଲେ। ରାଜ୍ୟପାଳଙ୍କ କ୍ଷମତା ସଙ୍କୁଚିତ କରି ତାମିଲନାଡୁ ବିଧାନସଭାରେ ମଧ୍ୟ ୨ଟି ବିଲ୍ ଗୃହୀତ ହୋଇଛି।

ରାଜ୍ୟପାଳ ପଦବୀର କ୍ଷମତା ସୀମିତ। କାରଣ ରାଜ୍ୟବାସୀଙ୍କ ନିକଟରେ କୌଣସି ପ୍ରସଙ୍ଗରେ ରାଜ୍ୟପାଳ ଉତ୍ତରଦାୟୀ ନୁହନ୍ତି। ଏଣୁ ପରମ୍ପରା ପ୍ରତି ସମ୍ମାନ ଜଣାଇ ସାମ୍ବିଧାନିକ ସୀମା ମଧ୍ୟରେ ରାଜ୍ୟପାଳ କାର୍ଯ୍ୟ କରିବା ଆବଶ୍ୟକ। କେନ୍ଦ୍ର–ରାଜ୍ୟ ସମ୍ପର୍କ ନିର୍ଦ୍ଧାରଣ ପାଇଁ ୧୯୮୩ରେ ଜଷ୍ଟିସ ଆର.ଏସ୍. ସରକାରିଆ ଓ ୨୦୦୭ରେ ଜଷ୍ଟିସ ମଦନ ମୋହନ ପୁଂଚି କମିଶନ ଗଠନ କରାଯାଇଥିଲା। କମିଶନ ରିପୋର୍ଟରେ ରାଜ୍ୟପାଳଙ୍କ କ୍ଷମତାର ସୀମା ସରହଦ ସମ୍ପର୍କରେ ମଧ୍ୟ ସୂଚିତ କରିଛନ୍ତି। ଏହାକୁ ରାଜ୍ୟପାଳମାନେ ଅନୁସରଣ କରିବାର ଆବଶ୍ୟକ। ସଂଘୀୟ ବ୍ୟବସ୍ଥାର ମୂଲ୍ୟବୋଧକୁ ବହୁମୂଲ୍ୟ ଦେବା ପରି କାର୍ଯ୍ୟ ରାଜ୍ୟପାଳଗଣ କରିବା ଉଚିତ୍ ନୁହେଁ।

ମୋ: ୯୪୩୭୨୨୯୨୩୩



# ଜଙ୍ଗଲ ସ୍କୁଲରେ ମାଛ ଛାତ୍ର

ଡ. ମନୋରଞ୍ଜନ ପ୍ରଧାନ

ସାମାଜିକ ଗଣମାଧ୍ୟମରେ ଏକ ରୋଚକ କାହାଣୀ ପଢ଼ିବାର ସୁଯୋଗ ମିଳିଲା। କାହାଣୀଟି କାଳ୍ପନିକ ହୋଇଥିଲେ ମଧ୍ୟ ବିଷୟବସ୍ତୁ ତଥ୍ୟ ଓ ସତ୍ୟ ଉପରେ ଆଧାରିତ ଯାହାକି ଚିନ୍ତନଶୀଳ ଓ ଶିକ୍ଷଣୀୟ। କାହାଣୀର ସଂକ୍ଷିପ୍ତ ଅବତାରଣା କରୁଛୁ। ଥରେ ଜଙ୍ଗଲର ରାଜା ସିଂହ ଘୋଷଣା କଲେ କି ରାଜ୍ୟର ସବୁ ଶିଶୁ ରାଜାଙ୍କ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ଅବୈତନିକ ଶିକ୍ଷା ଗ୍ରହଣ କରିବେ। କଥାଟି ପ୍ରଚାର ହେବା କ୍ଷଣି ମାତାପିତାମାନେ ନିଜ ନିଜର ପିଲାମାନଙ୍କୁ ଅନ୍ୟ ବିଦ୍ୟାଳୟରୁ ଆଣି ରାଜାଙ୍କ ଜଙ୍ଗଲ ସ୍କୁଲରେ ନାମ ଲେଖାଇଲେ। ପାଠ୍ୟ ଖସଡ଼ାର ପ୍ରଥମ ୟୁନିଟ୍ ଗଛଚଢ଼ା ଥିଲା। ଥିଓରି ଓ ପ୍ରାକ୍ଟିକାଲ ପରେ ପ୍ରଥମ ୟୁନିଟ୍ ପରୀକ୍ଷା ହେଲା। ପରୀକ୍ଷାରେ ମାଙ୍କଡ଼ ପିଲା ପ୍ରଥମ ହୋଇ ପ୍ରିନ୍ସିପାଲଙ୍କଠାରୁ ପୁରସ୍କୃତ ହେଲା। ଉତ୍ସବରେ ପିଲାମାଙ୍କଡ଼ ପୁରସ୍କାର ପାଇବା କଥାକୁ ହାତୀ, ଓଟ ଓ ଜିରାଫ ହଜମ କରିପାରିଲେ ନାହିଁ। ନିଜ ପିଲାମାନେ ଏକ ମାସ ମଧ୍ୟରେ ଗଛ ଚଢ଼ା ଶିଖି ନ ପାରି ଫେଲ୍ ହେବାରୁ ନିଜ ପିଲାଙ୍କୁ ଗାଳିଗୁଲଜ କରିବା ସହ ଦଣ୍ଡ ବି ଦେଲେ। ହେଲେ ହାତୀ, ଓଟ ଓ ଜେବ୍ରା ପିଲାମାନେ ମାଡ଼ ଖାଉଥିବା ଦେଖି ବରଗଛ କାରଣ ପଚାରିଲା। କ୍ରୋଧରେ ହାତୀ କହିଲା– ଦେଖୁନ ଏ ମୂର୍ଖମାନଙ୍କୁ। ୟୁନିଟ୍ ଟେଷ୍ଟରେ ଫେଲ୍ ହୋଇଛନ୍ତି। ମାଙ୍କଡ଼ ପିଲା ଗଛ ଚଢ଼ି ଡାଳ ଫଳ ଖାଇ ପାରିଲା ହେଲେ ଏମାନେ ଗଛ ଚଢ଼ି ପାରିଲେ ନାହିଁ କି ଖାଇ ପାରିଲେ ନାହିଁ। ବାପାମାନଙ୍କ କଥା ଶୁଣି ଗଛ କହିଲା ଶୁଣ୍ଢ ବଢ଼େଇ ଥିଲେ ହାତୀ ପିଲା, ମୁହଁ ଉଠେଇ ଥିଲେ ଜେବ୍ରା ଓ ଓଟ ପିଲା ଡାଳ ଫଳ ସହଜରେ ଖାଇପାରିବେ ସେମାନଙ୍କୁ ଗଛ ଚଢ଼ିଲା ଭଳି ଅସମ୍ଭବ ଓ ଅବାନ୍ତର ବିଦ୍ୟା ଶିଖାଉଥିଲେ କାହିଁକି! ସେମାନେ ଫେଲ୍ ହେବେନି ତ କ'ଣ ର୍‍ୟାଙ୍କ ରଖିଥା'ନ୍ତେ! ତେଣେ ମାଛ ପିଲା ବାପାଙ୍କୁ ଅନୁରୋଧ କରି କହିଲା– ବାପା ଜଙ୍ଗଲ ସ୍କୁଲରେ ପାଠ ବେଶି କଷ୍ଟ ଲାଗୁଛି। ମୁଁ ଅଣନିଃଶ୍ୱାସୀ ହୋଇଯାଉଛି। ମୁଁ ଆମ ଝରଣା ସ୍କୁଲରେ ପାଠ ପଢିବି ଆଉ ସେ ସ୍କୁଲ ଯିବି ନାହିଁ। ମାଛ କହିଲା– ଏହା ମୋର ଇଜ୍ଜତ୍‌ର କଥା। ତୋତେ ରାଜାଙ୍କ ସ୍କୁଲ ଯିବାକୁ ପଡିବ ଓ ଗଛ ଚଢା ଭଳି କିଛି ବିଷୟ କଷ୍ଟକର ହେଲେ ମଧ୍ୟ ତୋତେ ପରିଶ୍ରମ କରି ପାସ୍ ହେବାକୁ ପଡ଼ିବ। ଗୋଟିଏ ଡୁବୁକିରେ ଏତେ ବଡ଼ ସମୁଦ୍ରକୁ ପ୍ରଦକ୍ଷିଣ କରିବାର ସାମର୍ଥ୍ୟ ରଖିଥିବା ମାଛ ଛୁଆକୁ ଗଛଚଢ଼ା ପାଠ ପଢ଼େଇ ମାଛ ବାପା କ'ଣ କରିବାକୁ ଚାହୁଁଛି ସେ ହିଁ ଜାଣିଥିବେ।

କାହାଣୀଟି ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ଆଜିକାଲିର ମା'ବାପାଙ୍କ ମାନସିକତା ଓ ପିଲାଙ୍କ ପ୍ରତି ସେମାନଙ୍କର ସ୍ୱପ୍ନ ସମ୍ବନ୍ଧରେ ଏକ ସାଙ୍କେତିକ ବ୍ୟାଖ୍ୟା । ଆଜିକାଲି ମା'ବାପାମାନେ ନିଜ ପିଲାମାନଙ୍କର ଇଚ୍ଛା, ଆଗ୍ରହ, ସାମର୍ଥ୍ୟ ଓ ଦକ୍ଷତାକୁ ଅଣଦେଖା କରି ସେମାନଙ୍କ ହିସାବରେ ପିଲାଙ୍କ ଭବିଷ୍ୟତ ଗଢ଼ିବାକୁ ଏକ ପ୍ରକାର ନିଷ୍ଫଳ ପ୍ରୟାସ ଓ ପ୍ରଯତ୍ନ କରୁଛନ୍ତି ଯାହାକି ଅତ୍ୟନ୍ତ ଦୁଃଖଦ ଓ



ଚିନ୍ତାଜନକ। ଏହା ଦ୍ୱାରା କାହାର ଲାଭ ହୁଏ ନାହିଁ ବରଂ ଦିଅଁ ଗଢୁ ଗଢୁ ମାଙ୍କଡ଼ ଅବତାର ହୋଇଯାଆନ୍ତି ଆମ ଭବିଷ୍ୟତମାନେ। ସେମାନେ ଯଦି ନିଜ ରୁଚି ଓ ଦକ୍ଷତା ଅନୁସାରେ ଶିକ୍ଷା ଗ୍ରହଣ କରନ୍ତେ,ବିଷୟ ଚୟନ କରନ୍ତେ ଓ ଭବିଷ୍ୟତରେ ଜୀବିକା ଓ ଜୀବନ ନିର୍ବାହ କରିବାକୁ ନିଷ୍ପତ୍ତି ନିଅନ୍ତେ, ସେମାନେ ନିଶ୍ଚୟ ସଫଳ ହୋଇପାରନ୍ତେ। ଅଭିଭାବକ ବା ମାତାପିତା ଭାବରେ ଆମର ଦାୟିତ୍ୱ ସେମାନଙ୍କୁ ମାର୍ଗଦର୍ଶନ କରିବା। କିନ୍ତୁ ସେମାନଙ୍କ ଉପରେ ଆମର ଇଚ୍ଛା ବା ଅସଫଳ ଈପ୍ସିତ ସ୍ୱପ୍ନକୁ ଲଦିଦେବା ଆଦୌ ଯୁକ୍ତିଯୁକ୍ତ ନୁହେଁ। ଏହା ଦ୍ୱାରା ଶିଶୁର ଶୈଶବର ହତ୍ୟା ହେଉଛି। ସେମାନଙ୍କ ସୃଜନ ଶକ୍ତିର ଉନ୍ମେଷ ହୋଇପାରୁନାହିଁ। ଇଚ୍ଛା ବିରୋଧରେ ସେମାନଙ୍କୁ ବଡ଼ ଲୋକ ହେବାକୁ ପ୍ରରୋଚିତ କରାଯାଉଛି। ଫଳତଃ ଶିଶୁର ବ୍ୟକ୍ତିଗତ କ୍ଷତିସହ ରାଷ୍ଟ୍ର ଓ ମାନବ ସମାଜର ବିକାଶରେ ବାଧା ସୃଷ୍ଟି ହେଉଛି।

ସେଥିପାଇଁ ନୂଆ ଶିକ୍ଷା ନୀତି ୨୦୨୦ ଶିଶୁର ସାମର୍ଥ୍ୟ ଆଧାରିତ ଶିକ୍ଷା ପ୍ରଦାନ ନିମନ୍ତେ ଅଧିକ ଧ୍ୟାନ ଦେବାକୁ ଗୁରୁତ୍ୱ ଆରୋପ କରିଛି। ପ୍ରସ୍ତୁତି ସ୍ତରରେ ବୃତ୍ତିଗତ ଶିକ୍ଷା ବିଷୟରେ ପରିଚିତ ହୋଇ ମାଧ୍ୟମିକ ସ୍ତରରେ ନିଜର ରୁଚି ଓ ଦକ୍ଷତା ଅନୁସାରେ ବୃତ୍ତି ଚୟନ କରି ସ୍ୱାବଲମ୍ବୀ ଓ ସାଭିମାନୀ ଜୀବନ ବିତାଇବାକୁ ଶିକ୍ଷାନୀତି ଗୁରୁତ୍ୱାରୋପ କରିଛି। ତେଣୁ ନୂତନ ଜାତୀୟ ଶିକ୍ଷା ନୀତିର ପ୍ରଥମ ବୈଶିଷ୍ଟ୍ୟରେ କୁହାଯାଇଛି କି ଶିଶୁଙ୍କ ଅନ୍ତର୍ନିହିତ ବା ଲୁକ୍କାୟିତ ଗୁଣାବଳୀକୁ ଚିହ୍ନଟ କରିବା, ସ୍ୱୀକୃତି ଦେବା ଓ ବିକାଶରେ ସହଯୋଗ କରିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ପ୍ରଥମ ଦାୟିତ୍ୱ ହେବା ଉଚିତ। ଶିଶୁକୁ ଅଯଥା ଜଟିଳ ପାଠ୍ୟକ୍ରମରେ ନାମ ଲେଖାଇ ମାନସିକ ଓ ଆବେଗିକ ଭାବରେ ଚାପଗ୍ରସ୍ତ ନ କରି ମୁକ୍ତ ଚିନ୍ତନ ମାଧ୍ୟମରେ ନିଜ ଶକ୍ତି, ସାମର୍ଥ୍ୟ ଓ ସମ୍ବଳ ଅନୁଯାୟୀ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ ମିଳିଲେ, ଶିଶୁମାନେ ଭବିଷ୍ୟତରେ ନିଜ ନିଜ କ୍ଷେତ୍ରରେ ପ୍ରବୀଣ, ପ୍ରାଜ୍ଞ ଓ ପ୍ରଶଂସିତ ହୋଇପାରିବେ। ଆଉ ହାତୀକୁ ଗଛଚଢା, ମାଛକୁ ଆକାଶରେ ଉଡ଼ିବା, ମାଙ୍କଡ଼କୁ ଜଳରେ ବୁଡ଼ିବା ଭଳି ଦୁର୍ବାର ଲାଳସା ରଖି ପାଠ୍ୟକ୍ରମ ଚୟନ କଲେ ଫଳାଫଳ କ'ଣ ହୋଇପାରେ ବିଚାରଯୋଗ୍ୟ।

ତେଣୁ ବିଦ୍ୟାଳୟ ଚୟନ ପଡ଼ୋଶୀ ବା ନିଜ ସମ୍ପର୍କୀୟଙ୍କ ସହ ପ୍ରତିଯୋଗିତା କରି ଚୟନ ନ କରି ନିଜ ଆର୍ଥିକ ସମ୍ବଳ ଓ ଶିକ୍ଷାଗତ ଯୋଗ୍ୟତା ଆଧାରରେ ହେବା କଥା ମାତାପିତାମାନେ ହେଜନ୍ତୁ। ଘରର ଆର୍ଥିକ ସ୍ଥିତି ଭଲ ନ ଥାଇ ଦାମୀ ସ୍କୁଲରେ ପିଲାଙ୍କୁ ପାଠ ପଢ଼େଇବା ସ୍ୱପ୍ନ ନ ଦେଖି ନିଜ ଆୟ ଅନୁସାରେ ବିଦ୍ୟାଳୟ ଚୟନ କରନ୍ତୁ। ଠିକ୍ ସେହିପରି ପାଠ୍ୟକ୍ରମ ଚୟନ କଲାବେଳେ ପିଲାଙ୍କ ମାନସିକ ସ୍ଥିତି, ସାମର୍ଥ୍ୟ, ରୁଚି ଓ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ଓ ସୁବିଧାକୁ ଦେଖିବା ଜରୁରୀ। ନଚେତ୍ ମାଛ ପିଲା ଯେପରି ଜଙ୍ଗଲ ବିଦ୍ୟାଳୟରେ ଅଣନିଃଶ୍ୱାସୀ ହୋଇପଡ଼େ ସେଭଳି ଦୁର୍ଦ୍ଦଶା ହୋଇପାରେ। ବେଳ ଥାଉଁ ହେଲେ ସଚେତନ, ବିପଦ ନ ଦେବ କଷଣ। ନିଜର ସ୍ଥିତିକୁ ପରଖ, ପିଲାଙ୍କ ବିଦ୍ୟାଳୟ ବାଛ। ପିଲାଙ୍କ ଦକ୍ଷତା ପ୍ରକାରେ, ବିଷୟ ବାଛ ଚତୁରେ।

**ସହକାରୀ ପ୍ରଫେସର, ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଜୟପୁର, କୋରାପୁଟ,**
**ମୋ:୯୪୩୭୯୧୪୮୧୮**

## ଏଇ ଭାରତରେ

ଲେବର ବ୍ୟାଙ୍କ ବା ଶ୍ରମିକ ବ୍ୟାଙ୍କ ନାଁ କେବେ ଶୁଣିଛନ୍ତି। ଏମିତି ଏକ ବ୍ୟାଙ୍କ ଚାଲିଛି କର୍ନାଟକରେ। ଅନ୍ୟମାନଙ୍କୁ କାମ ଯୋଗାଇ ଅଭାବ ଦୂର କରିବା ଲାଗି ଏହି ବ୍ୟାଙ୍କ ପ୍ରତିଷ୍ଠା କରିଛନ୍ତି ଶାମଶୁଦ୍ଦିନ ବଲିଗର। ସେ ରାଣେବେନୁର ସହର ପାଖ ହରଣାଗିରି ଗାଁରେ ରହୁଛନ୍ତି। ବାଲିଗରଙ୍କ ଜୀବନ ହେଉଛି ଏକ ସଂଘର୍ଷର କାହାଣୀ। ପିଲାଦିନେ ତାଙ୍କୁ ଦିନକୁ ଦୁଇବେଳା ଖାଇବାକୁ ମିଳୁନଥିଲା। ଏପରିକି ସ୍କୁଲ ଫି ଦେଇ ନ ପାରି ପଢା ବନ୍ଦ କରିଦେଇଥିଲେ। ପରେ ଏକ ହସ୍ପିଟାଲରେ ହେଲ୍‌ପର ଭାବେ କାମ କରି ପଢିଲେ ଓ ଆତ୍ମନିର୍ଭରଶୀଳ ହେଲେ। ପରେ ସେ ବନସିରି ରୁରାଲ ଡେଭଲପ୍‌ମେଣ୍ଟ ସୋସାଇଟି (ଭିଆର୍‌ଡିଏସ୍) ଗଠନ କରି ତା' ମାଧ୍ୟରେ କର୍ନାଟକର ୪୪ଟି ଗାଁରେ ଲୋକଙ୍କୁ କାମ ଯୋଗାଇ ଦେଉଛନ୍ତି। ଏହି ସୋସାଇଟି ଅଧୀନରେ 'ଲେବର ବ୍ୟାଙ୍କ' ଚାଲିଛି। ଏହି ନିଆରା ବ୍ୟାଙ୍କ କାମ ଖାଜୁଥିବା ଶ୍ରମିକଙ୍କୁ ସାହାଯ୍ୟ କରୁଛି। ଉକ୍ତ ବ୍ୟାଙ୍କ ୪,୦୦୦ ଶ୍ରମିକଙ୍କୁ ନିୟମିତ କାମ ପାଇବାରେ ସାହାଯ୍ୟ କରିବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାରୁ ଲାଭ ପାଇବାରେ ସହଯୋଗ କରୁଛନ୍ତି। ବଲିଗର ମଧ୍ୟ ଭିଆର୍‌ଡିଏସ୍ ଦ୍ୱାରା ବି ଏକ କୋଅପରେଟିଭ ସୋସାଇଟି ଚଲାଉଛନ୍ତି ଯେଉଁଥିରେ ୨,୦୦୦ ସଦସ୍ୟ ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ମାର୍ଚ୍ଚ ୧୯୯୮

- ତାମିଲନାଡୁର ରାଜପଥ ଏବଂ ବନ୍ଦର ବିଭାଗ ମନ୍ତ୍ରୀ ଭାବେ ପାସୁମପୋନ ଟି. କିରୁତିନାନଙ୍କ ଶପଥ ଗ୍ରହଣ।
- ଜମ୍ମୁ ଓ କଶ୍ମୀର ବିଧାନସଭାର ୧୭ ଜଣ ବିରୋଧୀ ଦଳ ସଦସ୍ୟଙ୍କ ଉପରୁ ସସ୍‌ପେଣ୍ଡ ଆଦେଶ ପ୍ରତ୍ୟାହୃତ।
- ଆନ୍ତର୍ଜାତିକ କୂଟନୀତିଜ୍ଞମାନଙ୍କର ଏକ ଗୋଷ୍ଠୀ ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କ ରାଷ୍ଟ୍ରପତି ଭବନରେ ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବିଶ୍ୱାସଘାତକଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଅପରିହାର୍ଯ୍ୟ

ମହାଶୟ,

ଦେଶଦ୍ରୋହୀ କାର୍ଯ୍ୟ ତଥା ଜାତୀୟ ସୁରକ୍ଷା ଆଇନକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତି ବିଶେଷଙ୍କୁ କଠୋରରୁ ଆହୁରି ଅଧିକ ଦଣ୍ଡ ଏକାନ୍ତ ଆବଶ୍ୟକ। ଆମ ଦେଶର ଜାତି ଓ ଜାତୀୟ ସୁରକ୍ଷାର ବଳୟକୁ ଭେଦ କରି ଏଭଳି କାର୍ଯ୍ୟ କିପରି ହୋଇପାରୁଛି ? ଯାହା ଜଣାପଡୁଛି ଆମ ଦେଶ ଓ ରାଜ୍ୟର ସୁଦକ୍ଷ ଗୋଇନ୍ଦା ଓ ଗୁପ୍ତଚର ବିଭାଗର ଏହା ଏକ ଚରମ ଅବହେଳା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏବେ ବି ଏକାଧିକ ବ୍ୟକ୍ତି ଅଛନ୍ତି ଯାହାକି ସୁରକ୍ଷା ଦାୟିତ୍ୱରେ ଥାଇ ସ୍ୱାର୍ଥ ଓ ହନିଟ୍ରାପ ଜରିଆରେ ଏ ଦେଶକୁ କେତେବେଳେ ବି ବିକି ଦେବେ। ଦୁଃଖର ବିଷୟ ଏଭଳି ବିଶ୍ୱାସଘାତକ ବ୍ୟକ୍ତି ଏ ଦେଶରେ ଜନ୍ମ ନେଇଛନ୍ତି। ଏମାଟି ମା' କୋଳରେ ବଢ଼ି ଏଭଳି ବେଇମାନ କାର୍ଯ୍ୟ କରିପାରୁଛନ୍ତି କିପରି। ବିଶେଷକଥା ଆମ ଦେଶର ସୁଦକ୍ଷ ଗୋଇନ୍ଦା ବିଭାଗର ତତ୍ପରତା, ଦାୟିତ୍ୱ ସମସ୍ତ ଦୂରଦୃଷ୍ଟିର ଭବିଷ୍ୟତ ଜାଗ୍ରତ ହେଉ।

**– ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ନିଦାଘ ପଥେ ରଖି ନୟନ
ସ୍ୱପନ କଲି କେତେ ଚୟନ
ଶରତ ଆକାଶର ଇନ୍ଦ୍ରଧନୁ ଟାଣି
କରିଲି କେତେ ଶର ମୋଚନ।

–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁପାରି କିଲର୍ ଜିତୁଙ୍କୁ ଏନ୍‌କାଉଣ୍ଟର

ଭୁବନେଶ୍ୱର,୨୬।୩(ବ୍ୟୁରୋ)

## ସୁନା ଦୋକାନୀଙ୍କୁ ବୋମାମାଡ଼ ଘଟଣା

- କାର୍, ବନ୍ଧୁକ ଜବତ, ସାଇଣ୍ଟିଫିକ୍ ଟିମ୍‌ର ନମୁନା ସଂଗ୍ରହ
- ସୁପାରିଦାତା ଭାଗୀରଥି ଓ ତାଙ୍କ ଡ୍ରାଇଭର ଗିରଫ

ବହୁଦିନ ପରେ କମିଶନରେଟ ପୋଲିସର ବନ୍ଧୁକ ଗର୍ଜିଛି। ଭୁବନେଶ୍ୱର ସମେତ ବିଭିନ୍ନ ଜିଲାରେ ଅପରାଧ ଘଟାଇ ଆତଙ୍କ ସୃଷ୍ଟି କରୁଥିବା ଜିତେନ୍ଦ୍ର ପଲେଇ ଓରଫ ଜିତୁଙ୍କୁ ଖାରବେଳନଗର ଥାନା ପୋଲିସ ଏନ୍‌କାଉଣ୍ଟର କରିଛି। ବଡ଼ଗଡ଼ ଥାନା ଅନ୍ତର୍ଗତ ବାଙ୍କୁଆଳ ନଦୀଘାଟଠାରେ ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ଜିତୁ ମାର୍ଚ୍ଚ ୧୭ ରାତିରେ ୟୁନିଟ୍-୪ସ୍ଥିତ ଶ୍ରୀ ଜୁଏଲର୍ସ ମାଲିକ ରମାକାନ୍ତ ମହାରଣାଙ୍କୁ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ଜିତୁଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଥିବାବେଳେ ସେ ନିଆଳି ବାଟେ ଭୁବନେଶ୍ୱରକୁ ଆସୁଥିବା ଖବର ମିଳିଥିଲା। ପୋଲିସ ଟିମ୍ ତାଙ୍କୁ କାବୁ କରିବାକୁ ଚେଷ୍ଟା କରୁଥିବାବେଳେ ସେ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିଥିଲେ। ପୋଲିସ ଆତ୍ମରକ୍ଷା ପାଇଁ ପାଲଟା ଗୁଳି ଚଳାଇଥିଲା। ଗୁଳିଟି ଜିତୁଙ୍କ ବାମ ଗୋଡ଼ରେ ବାଜିବାରୁ ସେ ଆହତ ହୋଇଥିଲେ। ଏହି ସମୟରେ ପୋଲିସ ଟିମ୍ ତାଙ୍କୁ କାବୁ କରି ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ଘଟଣାସ୍ଥଳରୁ ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରିବା ସହ ଜିତୁଙ୍କ କାର୍ (ଓଡି୦୫ବିଇ୪୦୧୬) ଓ ବନ୍ଧୁକକୁ ପୋଲିସ ଜବତ କରିଛି। ଜିତୁଙ୍କୁ ପଚରାଉଚରାବେଳେ ପୋଲିସ ଏହା ପଛର ବଡ଼ ରହସ୍ୟ ଜାଣିବାକୁ ପାଇଛି। ଏହି ଆଧାରରେ ସୁନା ଦୋକାନୀ ରମାକାନ୍ତଙ୍କୁ ବୋମାମାଡ଼ କରିବାକୁ ସୁପାରି ଦେଇଥିବା ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସପ୍ତଶତୀନଗରରେ ରହୁଥିବା ଜଗତସିଂହପୁର ଜିଲା ଟାଉନ ଥାନା ଅଞ୍ଚଳର ଭାଗୀରଥି ସ୍ୱାଇଁ (୪୨)ଏବଂ ତାଙ୍କ ଡ୍ରାଇଭର ଦୁଖୀଶ୍ୟାମ ରାଉତ (୫୨)ଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ରବିବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି। ହେଲେ ଜିତୁ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ବୋମାମାଡ଼ ଘଟଣାକୁ ନେଇ ପୂର୍ବରୁ ଖାରବେଳନଗର ଥାନାରେ ମାମଲା ରୁଜୁ ହୋଇଥିବାବେଳେ ଏବେ ପୋଲିସ ଉପରକୁ ଗୁଳିମାଡ଼କୁ ନେଇ ବଡ଼ଗଡ଼ ଥାନାରେ ଆଇପିସି ଦଫା ୩୦୭, ୩୫୩ ଓ ଆର୍ମ୍ସ ଆକ୍ଟରେ ଏକ ମାମଲା (ନଂ.୧୫୭/୨୩) ରୁଜୁ କରାଯାଇଛି।



କ୍ୟାପିଟାଲ ହସ୍ପିଟାଲରେ ଆହତ ଜିତୁ।

## ବିଭିନ୍ନ ଥାନାରେ ୩୫ ଆପରାଧିକ ମାମଲା

ଅଭିଯୁକ୍ତ ଜିତୁ ଗତ ୧୫ ବର୍ଷ ହେଲା ବିଭିନ୍ନ ଅଞ୍ଚଳରେ ବହୁ ଅପରାଧ ଘଟାଉଥିଲେ। ଡକାୟତି, ହତ୍ୟା ଉଦ୍ୟମ, ସୁପାରି, ଲୁଟ୍, ବୋମାମାଡ଼, ନିଶା କାରବାର ମାମଲାରେ ସେ ସମ୍ପୃକ୍ତ ରହୁଥିଲେ। ଅନୁଗୋଳ, କଟକ ସଦର, ଶହୀଦନଗର, ବଡ଼ଗଡ଼, ଖୋର୍ଦ୍ଧା ସମେତ ଅନ୍ୟାନ୍ୟ ଥାନାରେ ତାଙ୍କ ନାମରେ ୩୫ଟି ଆପରାଧିକ ମାମଲା ରହିଛି।

## ୨୦୧୧ରେ ହାବିଲଦାରଙ୍କୁ କରିଥିଲେ ଗୁଳିମାଡ଼

୨୦୧୧ ମସିହାରେ ଜିତୁ ଖାରବେଳଗନର ଥାନାର ଜଣେ ହାବିଲଦାରଙ୍କୁ ଗୁଳି ମାଡ଼ କରିଥିଲେ। ଜଣେ ବ୍ୟକ୍ତିଙ୍କ ପାଖରୁ ଟଙ୍କା ଛଡ଼ାଇନେଇ ଫେରାର ହେଇଯାଉଥିବା ବେଳେ ହାବିଲଦାର ଜଣଙ୍କ ଜିତୁଙ୍କୁ ଅଟକାଇଥିଲେ। ତେଣୁ ଜିତୁ ତାଙ୍କୁ ଗୁଳିମାଡ଼ କରିଥିଲେ ବୋଲି ଡିସିପି କହିଛନ୍ତି।

## ୧୦ ମାସ ଅନ୍ତରାଳେ... ଚକରାଙ୍କ ପରେ ଜିତୁ

୧୦ ମାସ ଅନ୍ତରାଳେ କମିଶନରେଟ ପୋଲିସ ଏନକାଉଣ୍ଟର କରିଛି। ୨୦୨୨ ମେ ୧୧ ରାତିରେ ବରମୁଣ୍ଡା ଖେଳପଡ଼ିଆରେ ଏକ ଗ୍ୟାଙ୍ଗ୍ ଡ଼କାୟତି ଯୋଜନା କରୁଥିବା ସୂଚନା ମିଳିବା ପରେ ଖଣ୍ଡଗିରି ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାର୍ଡର ଏକ ମିଳିତ ଟିମ୍ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ବୋମା ପକାଇବା ସହ ଗୁଳିମାଡ଼ କରିଥିଲେ। ଫଳରେ ପୋଲିସ ଆତ୍ମରକ୍ଷା ଉଦ୍ଦେଶ୍ୟରେ ଗୁଳିମାଡ଼ କରିଥିଲା। ଏହି ଗୁଳି ଗ୍ୟାଙ୍ଗ ମୁଖ୍ୟ ଚକ୍ରଧର ବାରିକ ଓରଫ ଚକରାଙ୍କ ଡାହାଣ ଗୋଡ଼ରେ ବାଜିଥିଲା।



ଜିତୁଙ୍କ କାର୍‌ରୁ ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରୁଛି।



ଘଟଣାସ୍ଥଳରୁ ଜବତ ବନ୍ଧୁକ।

# ସୁନା ଦୋକାନୀଙ୍କୁ ହତ୍ୟା ପାଇଁ ସୁପାରି

ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀ କରି ବୋମାମାଡ଼ ଘଟଣା ପଛର ବଡ଼ କାହାଣୀର ପର୍ଦ୍ଦାଫାଶ କରିଛନ୍ତି। ସୁପାରି ଦେଇଥିବା ଅଭିଯୁକ୍ତ ଭାଗୀରଥିଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀଙ୍କ ୟୁନିଟ- ୩ ଅଞ୍ଚଳର ଏକ ବିୟୁଟିପାର୍ଲର ରହିଛି। ତାଙ୍କ ସହ ରମାକାନ୍ତଙ୍କ ନିବିଡ଼ ସମ୍ପର୍କ ରହିଥିଲା। ଏହାକୁ ନେଇ ଭାଗୀରଥି ସନ୍ଦେହ କରିବା ସହ ସେମାନଙ୍କ ଦାମ୍ପତ୍ୟ ଜୀବନ ବିଗିଡି ଯାଇଥିଲା। ଏପରିକି ଏହାକୁ ନେଇ ସେମାନଙ୍କ ମଧ୍ୟରେ ଛାଡ଼ପତ୍ର ପର୍ଯ୍ୟନ୍ତ କଥା ଯାଇଥିଲା। ଏଥିପାଇଁ ରମାକାନ୍ତଙ୍କୁ ଦୋଷ ଦେବା ସହ ଭାଗୀରଥିଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ ଭାଗିରଥୀ। ସେ ଜିତୁଙ୍କୁ ୨୦୨୦ରେ ୭୫ ହଜାର ଟଙ୍କା ସୁପାରି ଦେଇଥିଲେ। ୨୦୨୦ ମେ ୨୦ ରାତି ପ୍ରାୟ ୯ଟା ୨୦ରେ ୟୁନିଟ୍-୪ ଏମ୍‌ବିଏସ୍ ସ୍କୁଲ ନିକଟରେ ରମାକାନ୍ତ ଯାଉଥିବାବେଳେ ଜିତୁ ଓ ସହଯୋଗୀ ଜଗତ୍‌ସିଂପୁରର ଲିପୁନ ଏକ ବାଇକରେ ଆସି ତାଙ୍କୁ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ରମାକାନ୍ତ ଗୁରୁତର ହୋଇଥିଲେ। ଏନେଇ ରମାକାନ୍ତଙ୍କ ସ୍ତ୍ରୀ ଅନିତାଙ୍କ ଏତଲାକ୍ରମେ ଖାରବେଳ ନଗର ଥାନା ପୋଲିସ ଏକ ମାମଲା (ନଂ.୧୫୩/୨୦୨୨) ରୁଜୁ କରି ତଦନ୍ତ କରିଥିଲା। ହେଲେ ସେତେବେଳେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିପାରି ନ ଥିଲା। ଏହାପରେ ମଧ୍ୟ ବିଜୟଲକ୍ଷ୍ମୀଙ୍କ ସହ ରମାକାନ୍ତ ସମ୍ପର୍କ ଜାରି ରଖିବାରୁ ଭାଗୀରଥି ପୁଣି ହତ୍ୟା ଯୋଜନା କରିଥିଲେ। ଏଥିପାଇଁ ଡ୍ରାଇଭର ଦୁଖୀଶ୍ୟାମଙ୍କ ଦ୍ୱାରା ଜିତୁଙ୍କୁ ସେ ଯୋଗାଯୋଗ କରିଥିଲେ। ଭାଗୀରଥି ଏଥିପାଇଁ ପୁଣି ଜିତୁଙ୍କୁ ୧ ଲକ୍ଷ ୭୫ ହଜାର ଟଙ୍କାର ସୁପାରି ଦେଇଥିଲେ। ମାର୍ଚ୍ଚ ୧୭ ରାତିରେ ଜିତୁ ଓ ସହଯୋଗୀ କେନ୍ଦ୍ରାପଡ଼ାର ଗୁଞ୍ଜୁ ଭୁବନେଶ୍ୱର ଆସିଥିଲେ। ରାତି ପ୍ରାୟ ୯ଟା ୪୫ରେ ନିଜ ଶ୍ରୀ ଜୁଏଲର୍ସ ଦୋକାନକୁ ରମାକାନ୍ତ ବନ୍ଦ କରି ଘରକୁ ଯିବାପାଇଁ ପ୍ରସ୍ତୁତ ହେଉଥିବା ଜିତୁଙ୍କୁ ଦୁଃଖୀଶ୍ୟାମ ସୂଚନା ଦେଇଥିଲେ। ଜିତୁ ଓ ଗୁଞ୍ଜୁ ସେଠାରେ ପହଞ୍ଚି ତାଙ୍କ ଉପରକୁ ୨ଟି ବୋମାମାଡ଼ କରିଥିଲେ। ଏଥିରେ ରମାକାନ୍ତ ଗୁରୁତର ହୋଇଥିଲେ ମଧ୍ୟ ବଞ୍ଚି ଯାଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୧୮/୨୦୨୩) ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଏଥିରେ ପ୍ରଥମେ ଅଭିଯୁକ୍ତ ଜିତୁ ଓ ସୁପାରି ଦେଇଥିବା ଭାଗୀରଥିଙ୍କ ସମ୍ପୃକ୍ତି ଥିବା ଜଣାପଡିଥିଲା। ତେବେ ଜିତୁଙ୍କ ଅନ୍ୟ ସହଯୋଗୀଦ୍ୱୟଙ୍କୁ ଗିରଫ କରିବାକୁ ପ୍ରୟାସ ଜାରି ରହିଥିବା ଡିସିପି କହିଛନ୍ତି।

## ଘଟାଇଥାନ୍ତେ ବଡ଼ ଅପରାଧ, ଅଧଘଣ୍ଟା ପୋଲିସ ସହ ଛକାପଞ୍ଝା

ନିଆଳି ପଟୁ ଟଙ୍କାପାଣି ରୋଡ଼ ଦେଇ ଜିତୁ କାର୍ ଯୋଗେ ରାଜଧାନୀଙ୍କୁ ଆସୁଥିବା ପୋଲିସ ସୂଚନା ପାଇଥିଲା। ଥାନାଧିକାରୀ ରଜନୀକାନ୍ତ ପ୍ରଧାନଙ୍କ ସମେତ ଏକ ପୋଲିସ ଟିମ୍ ତାଙ୍କୁ ଧରିବାକୁ ସେଠାକୁ ଯାଇଥିଲା। ପୋଲିସ ଆସୁଥିବା ଖବର ପାଇ ଜିତୁ ସତର୍କ ହୋଇଯାଇଥିଲେ। ଏହି ସମୟରେ ୩୦ ମିନିଟ୍ ଧରି ପୋଲିସ ସହ ଜିତୁଙ୍କ ଛକାପଞ୍ଝା ଲାଗି ରହିଥିଲା। ବାଙ୍କୁଆଳ କୁଆଖାଇ ନଦୀଘାଟ ନିକଟରେ ଜିତୁ କାର୍ ଥୋଇ ଖସି ପଳାଉଥିଲେ। ପୋଲିସ ଟିମ ତାଙ୍କୁ ଧରିବାକୁ ଚେଷ୍ଟା କରିବା ବେଳେ ଜିତୁ ୩ରାଉଣ୍ଡ ଗୁଳି ଚାଳନା କରିଥିଲେ। ହେଲେ ଉକ୍ତ ଗୁଳି ପୋଲିସ କର୍ମଚାରୀଙ୍କ ଶରୀରରେ ବାଜି ନ ଥିଲା। ଆତ୍ମରକ୍ଷା ପାଇଁ ଜିତୁଙ୍କୁ ଇନ୍ସପେକ୍ଟର ରଜନିକାନ୍ତ ଗୁଳି ମାଡ଼ କରିବାରୁ ସେ ତଳେ ପଡ଼ିଯାଇଥିଲେ।

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ 'ନାଟକ ଓ ଯୁବପିଢ଼ି' ଶୀର୍ଷକ ଆଲୋଚନାଚକ୍ର, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା।
- ବୟନିକା ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା,ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଭାଷା ସମ୍ମାନ, ମହର୍ଷି ମହାବିଦ୍ୟାଳୟର ୭ନମ୍ବର ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା।
- ହସ୍ତଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୩ଟା।
- ମୁକ୍ତ ଚିନ୍ତନ ମଞ୍ଚ ୧୮୯ତମ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା ଦ୍ୱାରା ଆୟୋଜିତ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ଉତ୍କଳ ରଙ୍ଗମଞ୍ଚ(ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର), ସନ୍ଧ୍ୟା ୬ଟା ୩୦।
- ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ନାଟକ 'ଚାରି ଛକ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

### କଟକ

- ଇନର ହୁଇଲ୍ କ୍ଲବ ଅଫ୍ କଟକ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ନାରୀସେବା ସଦନ, ବକ୍ସିବଜାର, ପୂର୍ବାହ୍ନ ୧୦ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ, ସାରଳା ଭବନ, ସନ୍ଧ୍ୟା ୫ଟା ୩୦।
- ଥିଏଟର ମୁଭମେଣ୍ଟ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୭ଟା।

## ଓଡ଼ିଶା ପଞ୍ଜୀକୃତ ଫାର୍ମାସିଷ୍ଟ ମହାସଂଘ ବୈଠକ

# ୧୨ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ

**ଭୁବନେଶ୍ୱର,୨୬।୩(ବ୍ୟୁରୋ):** ଓଡ଼ିଶା ପଞ୍ଜୀକୃତ ଫାର୍ମାସିଷ୍ଟ ମହାସଂଘ ପକ୍ଷରୁ ଓଡ଼ିଶା ସେକ୍ରେଟାରିଏଟ୍ ସର୍ଭିସ୍ ଆସୋସିଏଶନ ଗୃହରେ ରାଜ୍ୟର ଫାର୍ମାସିଷ୍ଟଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାର୍ମାସିଷ୍ଟ ଓ ଫାର୍ମାସି ଛାତ୍ରୀଛାତ୍ରଙ୍କ ଉନ୍ନତି ଦିଗରେ ୧୨ ଦାବି ଉପରେ ଆଲୋଚନା ହୋଇଥିଲା। ଏପ୍ରିଲ୍ ୧୬ ମଧ୍ୟରେ ଦାବି ପୂରଣ ନ ହେଲେ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି ୧୨ ଦଫା ଦାବି ମଧ୍ୟରେ ଓଡ଼ିଶା ଫାର୍ମାସି ନିର୍ଦ୍ଦେଶାଳୟ ସ୍ଥାପନ ଓ ଫାର୍ମାସିଷ୍ଟ ପୋଷ୍ଟକୁ କ୍ୟାଡର କରି ରାଜ୍ୟରେ ୩୦ ହଜାର ନୂତନ ପଦବୀ ସୃଷ୍ଟି କରିବା ମୁଖ୍ୟ ଦାବି ରହିଛି। ସେହିପରି ଡିପ୍ଲୋମା ଫାର୍ମାସି, ଡିଗ୍ରୀ ଫାର୍ମାସି, ଏମ୍ ଫାର୍ମାସି ଏବଂ ଡକ୍ଟର ଅଫ୍ ଫାର୍ମାସିମାନଙ୍କୁ ଫାର୍ମାସିଷ୍ଟ ଚାକିରୀ ପାଇଁ ଯୋଗ୍ୟ ବିବେଚିତ କରିବା, ରାଜ୍ୟରେ ଫାର୍ମା ଉଦ୍ୟୋଗ ପ୍ରତିଷ୍ଠା ନିୟମକୁ ସରଳ କରିବା, ଡ୍ରଗ୍ ଆଣ୍ଡ୍ କସ୍‌ମେଟିକ୍ ଆକ୍ଟ ପାଳନ, ପଞ୍ଜୀକୃତ ଫାର୍ମାସିଷ୍ଟଙ୍କ ସର୍ବନିମ୍ନ ଦରମା ୫୦ ହଜାର ଟଙ୍କା, ସରକାରୀ ମେଡିକାଲ କଲେଜରେ ଫାର୍ମାସି ଶିକ୍ଷାକ୍ରମ ଯୋଡ଼ିବା ସହ ବେସରକାରୀ କଲେଜରେ ଶିକ୍ଷକଙ୍କ ମୂଳ ଦରମା ୧ ଲକ୍ଷ ଟଙ୍କା ରଖାଯାଉ ବୋଲି ମହାସଂଘ ଦାବି କରିଛି। ଏହି ଦାବିଗୁଡ଼ିକ ପୂରଣ ନ ହେଲେ ରାଜ୍ୟର ୪୪ ହଜାର ପଞ୍ଜୀକୃତ ଫାର୍ମସିଷ୍ଟ ଓ ୧୧ ହଜାର ଫାର୍ମାସି ଛାତ୍ର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମହାସଂଘ ସଭାପତି ଦିପ୍ତୀରଞ୍ଜନ ସ୍ୱାଇଁ ଓ ସମ୍ପାଦକ ସବ୍ୟସାଚୀ ପଣ୍ଡା ପ୍ରମୁଖ ସୂଚନା ଦେଇଛନ୍ତି।



ପୁରୀର ନରେନ୍ଦ୍ର ପୁଷ୍କରିଣୀ ଶୁଖାଯିବା ପରେ ମଧ୍ୟଭାଗରେ ଥିବା ଦୀପଦାଣ୍ଡି ମନ୍ଦିର ଓ ଚନ୍ଦନ ମଣ୍ଡପର ଜଳଫୁଆରା ସମ୍ପୂର୍ଣ୍ଣ ଦୃଶ୍ୟମାନ ହେଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶ୍ରୀନିବାସ



@ ସୌରଭ



@ ଅନିଲ



@ ଚନ୍ଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସର୍ବସାଧାରଣ ବିଜ୍ଞପ୍ତି

ICICI Bank
ICICI Bank Limited

**ପଞ୍ଜୀକୃତ କାର୍ଯ୍ୟାଳୟ:** ଲ୍ୟାଣ୍ଡମାର୍କ, ରେସ୍ କୋର୍ସ ସର୍କଲ, ଭଦୋଦରା ୩୯୦୦୦୭।
**କର୍ପୋରେଟ୍ କାର୍ଯ୍ୟାଳୟ:** ଆଇସିଆଇସିଆଇ ବ୍ୟାଙ୍କ ଟାୱାର୍ସ, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ ୪୦୦ ୦୫୧।

### ସୁନା ନିଲାମ ତଥା ଆମନ୍ତ୍ରଣ ବିଜ୍ଞପ୍ତି

ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ (''ଆଇସିଆଇସିଆଇ ବ୍ୟାଙ୍କ'')ଠାରୁ ସେମାନେ ହାସଲ କରିଥିବା ସୁନା ଅଳଙ୍କାର ବଦଳରେ ସୁବିଧା (''ସୁବିଧା'') ବାବଦୀୟ ବକେୟା ଅର୍ଥରାଶି ପୈଠ କରିବା ଲାଗି ନୋଟିସ ଜାରି କରାଯାଇଥିଲା। ସେମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ସେମାନଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରଗୁଡ଼ିକର ନିଲାମ **ଏପ୍ରିଲ ୦୬, ୨୦୨୩** ଦିନ ସଞ୍ଚାଳନ କରିବା ଲାଗି ଆମେ ବାଧ ହେଉଛୁ। କୌଣସି ଆଗୁଆ ନୋଟିସ ବିନା ଖାତାକୁ ଅପସାରିତ କରିବା/ନିଲାମ ତାରିଖକୁ ବଦଳାଇବାର ପ୍ରାଧିକାର ଆଇସିଆଇସିଆଇ ବ୍ୟାଙ୍କର ରହିଛି। ନିଲାମ ଅନ୍‌ଲାଇନ୍ - **https://jewel-auction.procuretiger.com**ରେ **ଅପରାହ୍ନ ୧୨.୩୦ ଘଟିକାରୁ ୩.୩୦ ଘଟିକା** ମଧ୍ୟରେ ସଞ୍ଚାଳନ କରାଯିବ। ସବିସ୍ତୃତ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ପ୍ରଦତ୍ତ ୱେବସାଇଟ୍‌ରେ ଲଗ୍ ଇନ୍ କରନ୍ତୁ। ମୃତ ଋଣଗ୍ରହୀତାଙ୍କ କ୍ଷେତ୍ରରେ, ସମସ୍ତ ସର୍ତ୍ତାବଳୀ ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ।

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| ଶାଖାର ନାମ: ଅନୁଗୁଳ-ଏଫ୍‌ସିଆଇ ଛକ | |
| ୭୫୫୩୦୫୦୦୦୫୩୪ | ସୁଶୀଲ କୁମାର ଗଡ଼ନାୟକ |
| ଶାଖାର ନାମ: ବାଲେଶ୍ୱର | |
| ୦୬୦୯୦୫୦୧୪୯୩୨ | ଜୟନ୍ତ କୁମାର ମହାଲିକ |
| ୦୬୦୯୦୫୦୧୪୯୩୮ | ମମତା ରାଣୀ ବିଶ୍ୱାଳ |
| ଶାଖାର ନାମ: ବାଲିଆପାଳ | |
| ୩୦୫୨୦୫୦୦୭୧୮୭ | ସୀତାରାମ ଜେନା |
| ୩୦୫୨୦୫୦୦୭୨୧୯ | ଜୀବନ କୃଷ୍ଣ ପାତ୍ର |
| ଶାଖାର ନାମ: ବାଲିଗୁଠ | |
| ୨୬୪୯୦୫୦୦୬୧୭୬ | ଗୌରାଙ୍ଗ ପରିଡ଼ା |
| ଶାଖାର ନାମ: ବଡ଼ବିଲ | |
| ୦୬୪୦୦୫୦୦୨୫୧୭ | ଏମ୍‌ଡି ଫୈଜାନ ଆଲମ |
| ଶାଖାର ନାମ: ବାରିପଦା | |
| ୧୫୦୨୦୫୦୦୧୭୯୮ | ସଞ୍ଜୀତ କୁମାର ପାଲବାବୁ |
| ଶାଖାର ନାମ: ଭଦ୍ରକ | |
| ୦୭୭୪୦୫୦୨୬୫୨୭ | ରଞ୍ଜିତ କୁମାର ସ୍ୱାଇଁ |
| ୦୭୭୪୦୫୦୨୪୫୫୬ | ରଞ୍ଜନ କୁମାର ସାହୁ |
| ୦୭୭୪୦୫୦୨୪୫୯୮ | ଶ୍ରୀକାନ୍ତ ରାଉତ |
| ଶାଖାର ନାମ: ଭୁବନ | |
| ୩୨୬୬୦୫୦୦୫୧୬୯ | ପ୍ରକାଶ ଚନ୍ଦ୍ର ପ୍ରଧାନ |
| ୩୨୬୬୦୫୦୦୬୬୬୫ | ପ୍ରତାପ ପାତ୍ର |
| ଶାଖାର ନାମ: ଭୁବନେଶ୍ୱର | |
| ୦୦୬୧୦୫୦୩୦୮୯୮ | ପୂର୍ଣ୍ଣିମା ନାୟକ |
| ଶାଖାର ନାମ: ଭୁବନେଶ୍ୱର-ନୟାପଲ୍ଲୀ | |
| ୦୨୮୪୦୫୦୦୯୦୯୯ | ବିପୁଲ କୁମାର |
| ୦୨୮୪୦୫୦୧୦୮୨୭ | ସାବିତ୍ରୀ କର |
| ଶାଖାର ନାମ: ଭୁବନେଶ୍ୱର- ଜୟଦେବ ବିହାର | |
| ୨୪୨୪୦୫୦୦୧୨୬୧ | ବିଜୟଲକ୍ଷ୍ମୀ ପାଇକରାୟ |
| ୨୪୨୪୦୫୦୦୧୨୬୬ | ବିଜୟଲକ୍ଷ୍ମୀ ପାଇକରାୟ |
| ଶାଖାର ନାମ: ଭୁବନେଶ୍ୱର - ଖଣ୍ଡଗିରି | |
| ୧୯୭୧୦୫୦୦୨୩୮୫ | ଭାରତୀ କୁମାରୀ ମହାପାତ୍ର |
| ଶାଖାର ନାମ: ଭୁବନେଶ୍ୱର- ଶହୀଦ ନଗର | |
| ୨୪୨୩୦୫୦୦୧୯୩୬ | ପୂର୍ଣ୍ଣିମା ନାୟକ |

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| ଶାଖାର ନାମ: ଭୁବନେଶ୍ୱର-ବରମୁଣ୍ଡା | |
| ୨୭୯୭୦୫୦୦୦୮୦୩ | ନାରାୟଣ ପଲାଇ |
| ୨୭୯୭୦୫୦୦୧୦୫୯ | ନାରାୟଣ ପଲାଇ |
| ୨୭୯୭୦୫୦୦୧୧୩୭ | ନାରାୟଣ ପଲାଇ |
| ୨୭୯୭୦୫୦୦୦୮୭୨ | ନାରାୟଣ ପଲାଇ |
| ଶାଖାର ନାମ: ଭୁବନେଶ୍ୱର - ସାମନ୍ତବିହାର | |
| ୭୨୨୧୦୫୦୦୦୧୬୬ | ବିଚିତ୍ର ନନ୍ଦ ପଲାଇ |
| ଶାଖାର ନାମ: ଭୁବନେଶ୍ୱର - ସାମନ୍ତରାପୁର | |
| ୩୦୫୪୦୫୦୦୦୦୯୦ | ଦେବୀ ପ୍ରସାଦ ବାହିନୀପତି |
| ଶାଖାର ନାମ: ଭୁବନେଶ୍ୱର - ବିବେକାନନ୍ଦ ମାର୍ଗ | |
| ୬୫୮୬୦୫୬୦୩୧୧୫ | ସ୍ମୃତି ରଞ୍ଜନ ପରିଡ଼ା |
| ଶାଖାର ନାମ: କଟକ - ବକ୍ସିବଜାର | |
| ୪୧୩୮୦୫୦୦୦୯୦୨ | ଅବ୍ଦୁଲ କରିମ ଖାନ୍ |
| ଶାଖାର ନାମ: କଟକ - ଚଣ୍ଡି ରୋଡ୍ | |
| ୧୯୬୯୦୫୦୦୧୭୪୬ | ବିଜୟଲକ୍ଷ୍ମୀ ପଟ୍ଟନାୟକ |
| ଶାଖାର ନାମ: କଟକ - ଚୌଧୁରୀ ବଜାର | |
| ୧୪୯୫୦୫୦୦୩୧୯୯ | ଶାରଦା ପ୍ରସନ୍ନ ସ୍ୱାଇଁ |
| ଶାଖାର ନାମ: ଦହିକୋଟି | |
| ୩୯୨୨୦୫୦୦୦୩୮୭ | ତୁଷାର କାନ୍ତ ପରିଡ଼ା |
| ଶାଖାର ନାମ: ଝୁବୁରୀ | |
| ୨୦୨୩୦୫୦୦୧୦୦୧ | ଅଜୟ କୁମାର ପ୍ରଧାନ |
| ୨୦୨୩୦୫୦୦୧୫୩୧ | ଅଜୟ କୁମାର ସାହୁ |
| ଶାଖାର ନାମ: ଜଗତ୍‌ସିଂହପୁର | |
| ୦୪୬୭୦୫୦୦୬୯୨୬ | ତାରକେଶ୍ୱର ପାଲ୍ |
| ଶାଖାର ନାମ: ଯାଜପୁର | |
| ୦୫୯୨୦୫୦୦୫୩୦୫ | ଏସ୍‌କେ ଇସ୍ମାଇଲ |
| ଶାଖାର ନାମ: ଜଳେଶ୍ୱର | |
| ୦୯୬୨୦୫୦୨୫୫୨୬ | ଭକ୍ତିପଦ ଭୂଇଁଆ |
| ଶାଖାର ନାମ: ଜଟଣୀ | |
| ୧୯୮୫୦୫୦୦୬୧୭୪ | ବାୟୁଜୁ ପରମେଶ୍ୱର ରାଓ |
| ଶାଖାର ନାମ: ଜୟପୁର, ଓଡ଼ିଶା | |
| ୩୬୮୬୦୫୦୦୦୭୩୩ | ଦେବସ୍ମିତା ପ୍ରଧାନ |

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| ଶାଖାର ନାମ: ଖୋର୍ଦ୍ଧା | |
| ୦୪୬୪୦୫୦୧୨୧୮୧ | ରାଣୀପ୍ରଭା ନାୟକ |
| ଶାଖାର ନାମ: ନୟାଗଡ଼ | |
| ୦୭୮୦୦୫୦୨୫୭୫୩ | ବିଜୟ ମହାନ୍ତି |
| ଶାଖାର ନାମ: ପଞ୍ଚପଡ଼ା, ଓଡ଼ିଶା | |
| ୩୬୮୭୦୫୦୦୫୧୯୩ | ତପନ କୁମାର ମହାଲିକ |
| ୩୬୮୭୦୫୦୦୮୫୩୧ | ଉମାକାନ୍ତ ମହାନ୍ତି |
| ଶାଖାର ନାମ: ପାରାଦୀପ | |
| ୦୭୭୬୦୫୦୦୮୬୭୨ | ରାକେଶ କୁମାର ରାଉତରାୟ |
| ଶାଖାର ନାମ: ପ୍ରତାପ ଶାସନ, ଓଡ଼ିଶା | |
| ୩୬୮୫୦୫୦୦୧୬୧୬ | ମମତା ଓଝା |
| ୩୬୮୫୦୫୦୦୧୬୧୯ | ସବିତା ବାରିକ |
| ଶାଖାର ନାମ: ପୁରୀ | |
| ୦୮୭୫୦୫୦୧୨୪୫୨ | ଅନିଲ କୁମାର ନାୟକ |
| ଶାଖାର ନାମ: ପୁରୁଣା ଦଶପଲ୍ଲା | |
| ୩୨୫୮୦୫୦୦୫୫୫୮ | ମୃତ୍ୟୁଞ୍ଜୟ ନାୟକ |
| ୩୨୫୮୦୫୦୦୫୫୭୬ | ମାନସ ନାୟକ |
| ଶାଖାର ନାମ: ରାଜନଗର | |
| ୩୧୩୩୦୫୦୦୨୪୫୦ | ଶରତ ଚନ୍ଦ୍ର ଦାସ |
| ୩୧୩୩୦୫୦୦୫୧୮ | ସରୋଜ ରାଉତ |
| ୩୧୩୩୦୫୦୦୫୨୦୫ | ବିକାଶ କୁମାର ଜେନା |
| ଶାଖାର ନାମ: ଟାଙ୍ଗୀ | |
| ୩୨୫୯୦୫୦୦୭୭୮୧ | ସୁଜାତା ନାୟକ |
| ୩୨୫୯୦୫୦୦୬୪୫୯ | ସୁଜାତା ନାୟକ |
| ୩୨୫୯୦୫୦୦୮୭୨ | ଜିତେନ୍ଦ୍ର ଖଟେଇ |
| ୩୨୫୯୦୫୦୧୫୮୩୨ | ଶାନ୍ତିଲତା ଦେଇ |
| ୩୨୫୯୦୫୦୨୧୬୯୧ | ସୌମ୍ୟ ରଞ୍ଜନ ସୁନ୍ଦରା |
| ୩୨୫୯୦୫୦୨୧୭୬୭ | ଦିବାକର ରାଉତ |
| ଶାଖାର ନାମ: ଦରିବା | |
| ୩୭୧୧୦୫୦୦୧୭୨୮ | ପଦ୍ମଲାଭ ସାହୁ |
| ଶାଖାର ନାମ: ଫତେ ନଗର | |
| ୬୯୧୧୦୫୬୦୭୦୫୭ | ପଦ୍ମଲାଭ ସାହୁ |
| ଶାଖାର ନାମ: କୁରାଜ | |
| ୬୬୮୧୦୫୬୦୩୭୫୧ | ପଦ୍ମଲାଭ ସାହୁ |

ତାରିଖ: ୨୭।୦୩।୨୦୨୩
ସ୍ଥାନ: ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, ପୁରୀ, ଅନୁଗୁଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ

ସ୍ୱା./- ପ୍ରାଧିକୃତ ଅଧିକାରୀ
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ ପାଇଁ

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୨୭ ମାର୍ଚ୍ଚ, ୨୦୨୩



# ଘରଭଡ଼ା ମିଳୁନି, ଥଇଥାନ ହୋଇପାରୁନାହାନ୍ତି କିନ୍ନର

## ସଂସ୍ଥାକୁ ଦାୟିତ୍ୱ ଦେଇ ଚୁପ୍ ବସିଛି ବିଏମ୍‌ସି

ଭୁବନେଶ୍ୱର, ୨୬ା୩ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମରେ ରହୁଥିବା କିନ୍ନରମାନେ ଆଉ ଭିକ୍ଷା ମାଗିବେ ନାହିଁ। ଅନ୍ୟମାନଙ୍କ ଭଳି ସେମାନେ ମଧ୍ୟ ସ୍ୱାବଲମ୍ବୀ ହେବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବ। ଭୁବନେଶ୍ୱରକୁ ଭିକ୍ଷୁକମୁକ୍ତ କରିବା ଅଭିଯାନର ଏକ ଅଂଶ ସ୍ୱରୂପ ଖୁବ୍‌ଶୀଘ୍ର ସହରରେ ଭିକ୍ଷାବୃତ୍ତି କରୁଥିବା କିନ୍ନରଙ୍କ ପାଇଁ ରହଣୀର ବ୍ୟବସ୍ଥା କରାଯିବ। ଏଭଳି କିଛି ପ୍ରତିଶ୍ରୁତି ଦେଇଥିଲା ବିଏମ୍‌ସି। ମାତ୍ର ପ୍ରତିଶ୍ରୁତିକୁ ବର୍ଷେ ପୂରିବାକୁ ବସିଥିବାବେଳେ ଏଯାଏ କିନ୍ନରଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ପାରିନାହିଁ। ଫଳରେ ଏବେ ବି ପେଟ ପୋଷିବା ପାଇଁ ଅନେକ କିନ୍ନର ରାସ୍ତାକଡ଼ରେ, ମାର୍କେଟ ଅଞ୍ଚଳରେ ଭିକ୍ଷାବୃତ୍ତି କରୁଛନ୍ତି। ବିଏମ୍‌ସି କେବଳ ଯୋଜନା କରି ଚୁପ୍ ବସୁଥିବାବେଳେ ଏହାକୁ କିପରି କାର୍ଯ୍ୟକାରୀ କରାଯିବ ସେ ନେଇ କୌଣସି ପଦକ୍ଷେପ ନେଉନାହିଁ। ଯୋଜନା ଅନୁଯାୟୀ, ଆଶ୍ରୟସ୍ଥଳ ପାଇଁ ମହାନଗର ନିଗମାଞ୍ଚଳରେ ୨ଟି ସ୍ଥାନ ଚିହ୍ନଟ କରାଯିବ। ପ୍ରତ୍ୟେକ ସ୍ଥାନରେ ୨୫ଜଣ ଲେଖାଏ ମୋଟ ୫୦ଜଣ କିନ୍ନର ରହିବା ପାଇଁ ବ୍ୟବସ୍ଥା ରହିବ। ଏହି ବ୍ୟବସ୍ଥା ମେ' ଶେଷ ସୁଦ୍ଧା କାର୍ଯ୍ୟକାରୀ କରାଯିବ ବୋଲି ୨୦୨୨ ଏପ୍ରିଲରେ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଥିଲା। ଏଥିସହ ରହଣି ସମୟରେ ସେମାନଙ୍କ ଦକ୍ଷତା ବିକାଶ କରିବା ସହ ଧୂପକାଠି, ଫିନାଇଲ୍ ଆଦି ତିଆରି ମାଧ୍ୟମରେ ରୋଜଗାର ଦେବାକୁ ବିଭିନ୍ନ ତାଲିମ୍ ପ୍ରଦାନ କରାଯିବ। ସେହିପରି ଏଥିସହ ପ୍ରତ୍ୟେକଙ୍କୁ ୩,୪୦୩ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ, ଯାହା ସେମାନଙ୍କର ଅର୍ଥ ଉପାର୍ଜନ କରିବାରେ କିଛିଟା ସହାୟକ ହୋଇ ପାରିବ ବୋଲି ଯୋଜନା ହୋଇଥିଲା। ମାତ୍ର ଟ୍ରେନିଂ ଦୂରର କଥା କିନ୍ନରଙ୍କୁ ଆଶ୍ରୟ ଦେବାପାଇଁ ଏଯାବତ୍ ଘର ଯୋଗାଡ ହୋଇ ପାରୁ ନ ଥିବାରୁ ସେମାନଙ୍କ ଥଇଥାନ ଯୋଜନା ବାଟବଣା ହୋଇଛି।

ବିଏମ୍‌ସିର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସହର ମଧ୍ୟରେ ଏକା ସାଙ୍ଗରେ ୨୫ଜଣ କିନ୍ନର ରହିବା ଭଳି ଘରଭଡ଼ା ନେଇ ସେଠାରେ ଟ୍ରେନିଂ ଦେବା ପାଇଁ ବିଏମ୍‌ସି ଟେଣ୍ଡର କରିଛି। ଦୁଇଟି କିନ୍ନର ସଂସ୍ଥା 'ସଖା' ଏବଂ 'ଥାର୍ଡ ଜେଣ୍ଡର ୱେଲ୍‌ଫେୟାର ଟ୍ରଷ୍ଟ'କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଘର ନେଇ କିନ୍ନରଙ୍କ ରହଣୀ ବ୍ୟବସ୍ଥା ସହ ଟ୍ରେନିଂ କରିବେ। ହେଲେ ଘରଭଡ଼ା ମିଳୁ ନ ଥିବାରୁ ସେମାନେ ଏହାକୁ କାର୍ଯ୍ୟକାରୀ କରି ପାରୁନାହାନ୍ତି। ଥାର୍ଡ ଜେଣ୍ଡର ୱେଲ୍‌ଫେୟାର ଟ୍ରଷ୍ଟର ସଭାପତି ମେଘନା ମିଶ୍ର କହିଛନ୍ତି, ବିଏମ୍‌ସି ଆମକୁ ଦାୟିତ୍ୱ ଦେଇଛି। କିନ୍ନରମାନେ ବିଭିନ୍ନ ବସ୍ତିରେ ରହୁଛନ୍ତି। ତେଣୁ ସେମାନଙ୍କୁ ରଖି ଟ୍ରେନିଂ ଦେବା ପାଇଁ ଭଲ ଜାଗା ଦରକାର। ମାତ୍ର ୨୫ଜଣ କିନ୍ନର ରହି ପାରିବା ଭଳି ଘର ଭଡ଼ା ସୂତ୍ରରେ ମିଳୁନାହିଁ। ଲୋକମାନେ କିନ୍ନରମାନଙ୍କୁ ଭରସା କରୁନାହାନ୍ତି। ସରକାରଙ୍କ ଖାଲି ପଡିଥିବା କୌଣସି ଘର ଆମକୁ ଦେଲେ ତାହାକୁ ଆମେ ଟ୍ରେନିଂ ସେଣ୍ଟର କରିବୁ। ଏନେଇ ବିଏମ୍‌ସିକୁ ଚିଠି ଲେଖିଛୁ, ମାତ୍ର ସେପଟୁ କିଛି ଉତ୍ତର ଆସିନାହିଁ ବୋଲି ମେଘନା କହିଛନ୍ତି। ରାଜଧାନୀରେ ପ୍ରାୟ ୫ଶହ କିନ୍ନର ବିଭିନ୍ନ ବସ୍ତିରେ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଭିକ୍ଷାବୃତ୍ତି ଉପରେ ନିର୍ଭର କରୁଛନ୍ତି। ସେମାନଙ୍କୁ ଥଇଥାନ କରିବାକୁ ହେଲେ ସେମାନଙ୍କ ଦକ୍ଷତା ବିକାଶ ଉପରେ କାର୍ଯ୍ୟ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ସଂକ୍ଷେପରେ

### ୟୁନିଟ୍-୮ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର, ୨୬ା୩ (ବ୍ୟୁରୋ): ୟୁନିଟ୍-୮ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୪୩ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ କୃତୀ ଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ବିଦ୍ୟାଳୟର ଶିକ୍ଷା କର୍ମଚାରୀ ଭାସ୍କର ମହାପାତ୍ର, ନାରାୟଣ ମହନ୍ତି ଓ ବସନ୍ତ କୁମାର ନାୟକ ପ୍ରମୁଖଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଥିଲା। ଅର୍ଥ ବିଭାଗର ବରିଷ୍ଠ ପ୍ରଶାସକ କୃଷ୍ଣଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିବାବେଳେ ବରିଷ୍ଠ ପ୍ରଶାସକ ମନୋଜ କୁମାର ସ୍ୱାଇଁ ସ୍ୱତନ୍ତ୍ର ଅତିଥି, ସ୍ଥାନୀୟ କର୍ପୋରେଟର ସମିତା ମହାନ୍ତି, ଆଇ-ଲିଙ୍କ୍ ହସ୍ପିଟାଲର ସିଇଓ ଆଲୋକ କୁମାର ସାହୁ, ଭୁବନେଶ୍ୱର ବିଇଓ ଡ. ପ୍ରଜ୍ଞା ପାରମିତା ଜେନା, ଜଟଣୀ ବିଇଓ ରଶ୍ମିବାଳା ପରିଡ଼ା, ମୋ ସ୍କୁଲ ଅଭିଯାନ ସଭାପତି ଦୀପ୍ତିମୟୀ ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଜାତା ବିଶ୍ୱାଳ ସଂଯୋଜନା କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଏକାମ୍ର ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର

ଭୁବନେଶ୍ୱର, ୨୬ା୩(ବ୍ୟୁରୋ): ଏକାମ୍ର ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ତଥା କବିତା ପାଠୋତ୍ସବ ଶନିବାର ଆଇଗିଣିଆସ୍ଥିତ ଡେ କେୟାର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁର୍ଯ୍ୟୋଧନ କାଠୁଆ ସଭାପତିତ୍ୱ କରିଥିଲେ। ଅତିଥି ଭାବେ କବି ବସନ୍ତ କୁମାର ମିଶ୍ର ଯୋଗଦେଇଥିବାବେଳେ ପୂର୍ବତନ ପ୍ରଶାସକ ତଥା କବି ଦିନେଶ କୁମାର ଦ୍ୱିବେଦୀ, ଲୋକନାଥ ଶାହ, ବସନ୍ତ ମିଶ୍ର ଓ କୁଳମଣି ମହାନ୍ତିଙ୍କୁ ନେଇ ସଂସଦର ଆନୁଷ୍ଠାନିକ ଆଲୋଚନା ହୋଇଥିଲା। ଏହାପରେ କୁଳମଣି ମହାନ୍ତିଙ୍କ ସଂଯୋଜନାରେ ଗିରିଧାରୀ ସାହୁ, ସୋମନାଥ ସୁନ୍ଦରାୟ ବଂଶୀଧର ସେଠୀ ପ୍ରମୁଖ କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ହଂସନାଥ ମୁଦୁଲି ଧନ୍ୟବାଦ ଦେଇଥିଲେ।

### କାରକୁ ପିଟିଲା ହାଇୱା



ଭୁବନେଶ୍ୱର, ୨୬/୩ (ବ୍ୟୁରୋ): ଶହୀଦନଗର ଥାନା ଅନ୍ତର୍ଗତ ସତ୍‌ସଙ୍ଗ ବିହାର ଛକ ନିକଟରେ ରବିବାର ପୂର୍ବାହ୍ଣରେ ଏକ କାରକୁ ପିଟିଲା ମାଲବାହୀ ହାଇୱା। ଦୁର୍ଘଟଣାରେ କେହି ଆହତ ହୋଇ ନ ଥିବା ବେଳେ କାରଟି କ୍ଷତିଗ୍ରସ୍ତ ହୋଇଛି। ଏହାକୁ ନେଇ କିଛି ସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ରାସ୍ତାରେ ଟ୍ରାଫିକ ଜାମ୍ ସୃଷ୍ଟି ହୋଇଥିଲା । ଶହୀଦନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ଗାଡି ଚଳାଚଳ ସ୍ୱାଭାବିକ କରିଥିଲା। ଏନେଇ କାର ମାଲିକ ଶହୀଦନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଶିବଶକ୍ତି ନଗର ବାସିନ୍ଦାଙ୍କ ସମସ୍ୟା ଶୁଣିଲେ ଏମ୍‌ପି

ବାଲିଅନ୍ତା, ୨୬ା୩(ଡି.ଏନ୍.ଏ.)

ବାଲିଅନ୍ତା ପଞ୍ଚାୟତ ଅଧୀନ ପୁରୀ ମୁଖ୍ୟ କେନାଲ ବାମପାର୍ଶ୍ୱରେ ଗଢ଼ି ଉଠିଥିବା ଶିବଶକ୍ତି ନଗର ଅଞ୍ଚଳର ବାସିନ୍ଦା ବହୁ ସମସ୍ୟା ଦେଇ ଗତି କରୁଛନ୍ତି। ରବିବାର ସକାଳେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉକ୍ତ ଅଞ୍ଚଳ ଗସ୍ତ କରିବା ସହ 'ଚା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏମ୍‌ପି ଷଡ଼ଙ୍ଗୀ ଉକ୍ତ ଅଞ୍ଚଳ ପରିଦର୍ଶନ କରିବା ବେଳେ ସ୍ଥାନୀୟ ବାସିନ୍ଦା ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଏଥିସହ ଷଡ଼ଙ୍ଗୀ ବରିଷ୍ଠ ନାଗରିକ ଓ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଶିବଶକ୍ତି ୱେଲଫେୟାର ଆସୋସିଏଶନ ପକ୍ଷରୁ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଗସ୍ତ ସମୟରେ ଆସୋସିଏଶନ ସଭାପତି ମହେନ୍ଦ୍ର କୁମାର ସାହୁ, ସମ୍ପାଦକ ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# ଖୁବ୍‌ଶୀଘ୍ର ଏସ୍‌ଏଚ୍‌ଜି ମହିଳାଙ୍କୁ ବଣ୍ଟାହେବ ଭେଣ୍ଡିଂଜୋନ୍




ମେୟର ସୁଲୋଚନା ଦାସ ଭେଣ୍ଡିଂ ଜୋନ୍ ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି।

ଭୁବନେଶ୍ୱର, ୨୬ା୩ (ବ୍ୟୁରୋ)

## ସ୍ଥିତି ସମୀକ୍ଷା କଲେ ମେୟର

ରାଜ୍ୟ ସରକାର ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଉଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ କିପରି ସ୍ୱାବଲମ୍ବୀ ହେବେ ଏବଂ ଆଗକୁ ବଢିବେ ସେ ନେଇ ଯୋଜନା ପ୍ରସ୍ତୁତ କରାଯାଉଛି। ଏହି କ୍ରମରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଦ୍ୱାରା ଏସ୍‌ଏଚ୍‌ଜି ମହିଳାଙ୍କ ଲାଗି ଜାରି ରହିଥିବା ସ୍ୱତନ୍ତ୍ର ଭେଣ୍ଡିଂ ଜୋନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ମେୟର ସୁଲୋଚନା ଦାସ, ବିଏମସି ଅତିରିକ୍ତ କମିଶନର-୩ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଅନ୍ୟ ବିଭାଗୀୟ ଅଧିକାରୀ, ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଇଁଶାଣୀ ପ୍ରମୁଖ ୱାର୍ଡ ୬୫ର କସ୍ମୋପଲିସ ଆପାର୍ଟମେଣ୍ଟ ନିକଟରେ ନିର୍ମାଣଧୀନ ଥିବା ମହିଳା ଭେଣ୍ଡିଂ ଜୋନର ସ୍ଥିତି ସମୀକ୍ଷା କରିଥିଲେ। ଭେଣ୍ଡିଂ ଜୋନ ନିର୍ମାଣ ସରି ଆସିଥିବାବେଳେ ବଳକା କାମଗୁଡ଼ିକ ଯଥାଶୀଘ୍ର ଶେଷ କରାଯାଇ ଏସ୍‌ଏଚ୍‌ଜି ମହିଳାଙ୍କୁ ଆବଣ୍ଟନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏନେଇ ସମୟ ପ୍ରଦାନ କରାଗଲେ ବିଏମସି ଏହାକୁ କାର୍ଯ୍ୟକ୍ଷମ କରାଇବ। ଏଠାରେ ମୋଟ ୪୧ଟି ଭେଣ୍ଡିଂ ଜୋନ ରହିଛି। ଏଥିରୁ ଗୋଟିଏରେ ଅଫିସ ଚାଲିବ ବାକି ୪୦ଟିକୁ ପ୍ରଦାନ କରାଯିବ। ୩ ଜୋନର ୩୦ ଏସଏଜି ମହିଳାଙ୍କ ସହ ସୋନପୁରର କିଛି ବୁଣାକାର ଓ ଉକ୍ତ ଅଞ୍ଚଳରୁ ପୂର୍ବରୁ ଉଚ୍ଛେଦ ହୋଇଥିବା କିଛି ମହିଳାଙ୍କୁ ଏଠାରେ ସ୍ଥାନିତ କରାଯିବ ବୋଲି ସୂଚନା ଦିଆଯାଇଛି।

## ଷଣ୍ଢ ପାଇଁ ରାଜପଥରେ ଅଟକିଲା ଶହଶହ ଗାଡ଼ି

ଭୁବନେଶ୍ୱର, ୨୬ା୩(ବ୍ୟୁରୋ)

ଷଣ୍ଢ ପାଇଁ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣି ନିକଟସ୍ଥ ଜାତୀୟ ରାଜପଥରେ ଶହଶହ ଗାଡି ଅଟକି ରହିଥିଲା। ରବିବାର ଅପରାହ୍ଣରେ ୨ଟି ଷଣ୍ଢ ମଧ୍ୟରେ ଲଢେଇ ହୋଇଥିବା ଦେଖିବାକୁ ମିଳିଥିଲା। ରାସ୍ତାରେ ୧୦୦ ମିଟର ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ଠେଲା ପେଲା ହେବାରୁ ରାସ୍ତାରେ ଯାଉଥିବା ଲୋକେ ଭୟଭୀତ ହୋଇଯାଇଥିଲେ। ପ୍ରାୟ ୨୦ ମିନିଟ୍ ଧରି ଲଢ଼େଇ ହେବାରୁ ବହୁ ଗାଡି ପଛକୁ ପଛ ଅଟକି ରହିଥିଲା। ଷଣ୍ଢ ଲଢେଇ ଦେଖିବାକୁ ଲୋକଙ୍କ ଭିଡ ଜମିବା ସହ ସମସ୍ତେ ଏହାକୁ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ। ଶେଷରେ ଲୋକେ ଷଣ୍ଢ ଉପରକୁ ପାଣି ଢାଳିବା ସହ ବାଡି ଦେଖାଇ ଘଉଡ଼ାଇ ଦେଇଥିଲେ। ଏହାପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ସବୁ ୱାର୍ଡରେ ଆମିଷ ବଜାର ପାଇଁ ଜମି ଚିହ୍ନଟ ନିର୍ଦ୍ଦେଶ

ଭୁବନେଶ୍ୱର, ୨୬ା୩ (ବ୍ୟୁରୋ)

ଭୁବନେଶ୍ୱରର ଗଳିକନ୍ଦିଠାରୁ ଆରମ୍ଭ କରି ପ୍ରମୁଖ ରାସ୍ତା ଯାଏ ସବୁଠି ଆମିଷ ଦୋକାନ ଖୋଲୁଛି। ଫଳରେ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ପରିବେଶ ଦୂଷିତ ହେଉଛି। ହକି ବିଶ୍ୱକପ୍ ପୂର୍ବରୁ ବିଏମ୍‌ସି ପକ୍ଷରୁ ପ୍ରମୁଖ ରାସ୍ତାରୁ ଆମିଷ ବ୍ୟବସାୟୀଙ୍କୁ ହଟା ଯାଇଥିଲା। ମାତ୍ର ଏବେ ପୁଣି ରାସ୍ତାକଡ଼ରେ ଆମିଷ ପସରା ମେଲି ଥିବାରୁ ଏହାର ସ୍ଥାୟୀ ସମାଧାନ ଲାଗି ପଦକ୍ଷେପ ନେଉଛି ବିଏମ୍‌ସି। ଏଥିପାଇଁ ସବୁ ୱାର୍ଡରେ ସ୍ଥାୟୀ ତଥା ସ୍ୱତନ୍ତ୍ର ଆମିଷ ବଜାର ଖୋଲିବାକୁ ନିଷ୍ପତ୍ତି ହୋଇଛି। ବିଏମସି ମାର୍କେଟ ବିଭାଗ ଉପଆୟୁକ୍ତଙ୍କ ପକ୍ଷରୁ ଏ ନେଇ ସହର ମୁଖ୍ୟ ଯନ୍ତ୍ରୀ, ଲ୍ୟାଣ୍ଡ ବିଭାଗ ଉପଆୟୁକ୍ତ ଓ ୩ ଜୋନର ଜୋନାଲ ଡେପୁଟି କମିଶନରଙ୍କୁ ଚିଠି କରାଯିବା ସହ ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ନନ୍‌ଭେଜ ଫେଡେରେଶନ (ମଟନ) ସମ୍ପାଦକ ଏସ. କେ. ସର୍ଜନଙ୍କ ଦ୍ୱାରା ହୋଇଥିବା ଚିଠି ଆଧାରରେ ସବୁ ୱାର୍ଡରେ ଆମିଷ ବଜାର ଲାଗି ଜମି ଚିହ୍ନଟ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ, ମେୟର ସୁଲୋଚନା ଦାସଙ୍କୁ ଚିଠିର ନକଲ ପ୍ରଦାନ କରାଯାଇଛି। ସେହିପରି ସ୍ଥାନ ଚିହ୍ନଟ ପରେ ମାର୍କେଟ ବିଭାଗକୁ ଏନେଇ ପ୍ରଥମେ ଅବଗତ କରାଇବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ନଭେମ୍ବରରୁ ଆମିଷ ବ୍ୟବସାୟୀଙ୍କୁ ସ୍ୱତନ୍ତ୍ର ସ୍ଥାନରେ ଥଇଥାନ କରିବା ସହ ସେମାନଙ୍କ ଲାଗି ଆମିଷ ବଜାର କରିବାକୁ ବିଏମସି ପ୍ରତିଶ୍ରୁତି ଦେଇଛି। ମାତ୍ର ଏବେ ହୋଇଥିବା ଚିଠିକୁ ନେଇ ଭୁବନେଶ୍ୱର ନନ୍‌ଭେଜ ଫେଡେରେଶନ (ମଟନ) ପକ୍ଷରୁ ବିଏମସିକୁ ଧନ୍ୟବାଦ ଦିଆଯାଇଛି।




ମୋକ୍ଷ ପକ୍ଷରୁ ଏକାମ୍ର ହାଟଠାରେ ରବିବାର ଅନୁଷ୍ଠିତ ଯୁଗଳବନ୍ଦୀ ନୃତ୍ୟମହୋତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଆଦୃତା ଶିଶୁ ସଦନରେ ରକ୍ତ ସ୍ୱଳ୍ପତା ପରୀକ୍ଷଣ ଶିବିର

ଭୁବନେଶ୍ୱର, ୨୬ା୩(ବ୍ୟୁରୋ)

## ୯୧ଜଣ ଅନ୍ତେବାସୀଙ୍କ ରକ୍ତ ପରୀକ୍ଷା ହେଲା

ଭାରତ ବିକାଶ ପରିଷଦର ଚନ୍ଦ୍ରଶେଖରପୁର ଶାଖା ପକ୍ଷରୁ ଚନ୍ଦକା ଅଭୟାରଣ୍ୟ ନିକଟ କଣ୍ଟାପଡ଼ାଠାରେ ଥିବା ଆଦୃତା ଶିଶୁ ସଦନ ପରିସରରେ ରବିବାର ସଦନ ଅନ୍ତେବାସୀଙ୍କ ରକ୍ତ ସ୍ୱଳ୍ପତା ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ତଥା ଟେକ୍ନିସିଆନ ନରେଶ ଚନ୍ଦ୍ର ଓଝା ଏହି ଶିବିରରେ ୯୧ଜଣ ଅନ୍ତେବାସୀଙ୍କ ରକ୍ତ ସଂଗ୍ରହ କରି ପରୀକ୍ଷଣର ବ୍ୟବସ୍ଥା କରିଥିଲେ। ଏହାର ରିପୋର୍ଟ ଆଧାରରେ ଶାଖାର ବରିଷ୍ଠ ସଦସ୍ୟା ଡା. ପ୍ରଭାସିନୀ ବ୍ରହ୍ମାଙ୍କ ଦ୍ୱାରା ଯାଞ୍ଚ ପରେ ଏଥିରେ ଚିହ୍ନଟ ଅନ୍ତେବାସୀଙ୍କୁ ଶାଖା ପକ୍ଷରୁ ଆବଶ୍ୟକ ଔଷଧ ପ୍ରଦାନ କରାଯିବ। ସଦନର ବରିଷ୍ଠ ପରିଚାଳିକା ସୁଶ୍ରୀ ସୁପ୍ରୀତି ଏହି ପରୀକ୍ଷଣ ପାଇଁ ସମସ୍ତ ଦାୟିତ୍ୱ ନେଇଥିଲେ। ପରେ ଚନ୍ଦ୍ରଶେଖରପୁର ଶାଖା ଅଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଆଦୃତା ଶିଶୁ ସଦନର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ଡା. ଆଦିତ୍ୟ କୁମାର ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଟେକ୍ନିସିଆନ ନରେଶ ଚନ୍ଦ୍ର ଓଝାଙ୍କୁ ସେବା କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଶିଶୁ ସଦନର କିଶୋରୀଙ୍କ ଦ୍ୱାରା ଦେଶଭକ୍ତି ଗୀତ ଓ ଲୋକ ଗୀତ ଉପରେ ଆଧାରିତ ଦୁଇଟି ନୃତ୍ୟ ପରିବେଷଣ କରାଯାଇଥିଲା। ନିନାଦିନୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାଖା ସଚିବ ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ଥିବାବେଳେ ଶାଖା ଉପାଧ୍ୟକ୍ଷ ମୂରଲୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଫନ୍ ଆଣ୍ଡ୍ ଫିଟ୍‌ନେସ୍ ୱାକର୍ସ କ୍ଲବ ପକ୍ଷରୁ 'ଜୟ ଅଫ୍ ଗିଭିଙ୍ଗ୍' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୬ା୩(ବ୍ୟୁରୋ)

ୱାକର୍ସ ଇଣ୍ଟରନ୍ୟାଶନାଲ ସହ ସହବନ୍ଧିତ ଫନ୍ ଆଣ୍ଡ ଫିଟ୍‌ନେସ୍ ୱାକର୍ସ କ୍ଲବ ପକ୍ଷରୁ ନୟାପଲ୍ଲୀ ଦୁର୍ଗାପୂଜା ମଣ୍ଡପଠାରେ 'ଜୟ ଅଫ୍ ଗିଭିଙ୍ଗ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ଶହରୁ ଉର୍ଦ୍ଧ୍ୱ ଶ୍ରମିକ, ଶହେରୁ ଉର୍ଦ୍ଧ୍ୱ ମହିଳା, ଦିବ୍ୟାଙ୍ଗ, ବୟସ୍କ ବ୍ୟକ୍ତି, ବିଏମ୍‌ସି ସଫେଇ କର୍ମଚାରୀଙ୍କୁ ନୂତନ ଓ ପୁରୁଣା ବସ୍ତ୍ର ବଣ୍ଟନ କରାଯାଇଥିଲା। ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ଅନ୍ୟମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ଲକ୍ଷ୍ୟନେଇ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି କ୍ଲବ ସଭାପତି କେଦାର ପଟ୍ଟନାୟକ କହିଥିଲେ। ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ୱାକର୍ସ ଇଣ୍ଟରନ୍ୟାଶନାଲ୍ ଡିଷ୍ଟ୍ରିକ୍ଟ ଗଭର୍ନର ସୀମାଞ୍ଚଳ ପାଣିଗ୍ରାହୀ, କ୍ଲବ ସମ୍ପାଦକ ଆଶିଷ ପଟ୍ଟନାୟକ, ଭେଷଜ ବିଭାଗ ପ୍ରଫେସର ଡ. ଏସ୍.ଏନ୍ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।




ନୟାପଲ୍ଲୀ ଦୁର୍ଗାପୂଜା ମଣ୍ଡପଠାରେ 'ଜୟ ଅଫ୍ ଗିଭିଙ୍ଗ୍' କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

# ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅଣଦେଖା

ଭୁବନେଶ୍ୱର, ୨୬ା୩(ବ୍ୟୁରୋ)

- ଗ୍ରାଚ୍ୟୁଇଟି ପ୍ରଦାନରେ ପାତରଅନ୍ତର
- କର୍ପୋରେଶନରେ ଅନୁମୋଦନ ପରେ ବି ପୂରଣ ହେଉନି ଦାବି

ରାଜ୍ୟରେ ବିଭିନ୍ନ ପୌରସଂସ୍ଥାରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମାନ ଗ୍ରାଚ୍ୟୁଇଟି ଟଙ୍କା ପ୍ରଦାନ କରାଯାଉ ନାହିଁ। ଅନ୍ୟ ସରକାରୀ କର୍ମଚାରୀଙ୍କୁ ମିଳୁଥିବା ଗ୍ରାଚ୍ୟୁଇଟି ପରିମାଣ ତୁଳନାରେ ପୌର କର୍ମଚାରୀଙ୍କୁ ଅଧା ଟଙ୍କା ମିଳୁଥିବାରୁ ଏଥିରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ପୌର ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାରଙ୍କ ଅନ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ଅବସର ତଥା ମୃତ୍ୟୁ ହେଲେ ଗ୍ରାଚ୍ୟୁଇଟି ବାବଦକୁ ୧୫ଲକ୍ଷ ଟଙ୍କା ଦିଆଯାଉଛି। ମାତ୍ର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ମାତ୍ର ୮ଲକ୍ଷ ଟଙ୍କା ଦିଆଯାଉଛି। ତୁରନ୍ତ ଗ୍ରାଚ୍ୟୁଇଟି ପରିମାଣ ୧୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଦାବି କରାଯାଇଛି।

ରାଜ୍ୟ ସରକାରଙ୍କ ଓଡ଼ିଶା ସିଭିଲ ସର୍ଭିସ ଆକ୍ଟ ୨୦୧୬ ସେକ୍ସନ ୧୮ ଅନୁଯାୟୀ, ମ୍ୟୁନିସିପାଲ କର୍ମଚାରୀମାନେ ସରକାରୀ କର୍ମଚାରୀଙ୍କ ପରି ସମସ୍ତ ସୁବିଧା ପାଇବେ। ମାତ୍ର ପୌର କର୍ମଚାରୀଙ୍କ କ୍ଷେତ୍ରରେ ଗ୍ରାଚ୍ୟୁଇଟି ୮ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ୨୦୨୦ ଜାନୁୟାରୀ ୧୬ରେ ନଗର ଉନ୍ନୟନ ବିଭାଗର ରେଗୁଲେଶନ ନଂ.୧୪୧୪ରେ ପ୍ରକାଶ ପାଇଥିଲା। ଯାହାକୁ ପୌର କର୍ମଚାରୀ ବିରୋଧ କରିବା ସହ ଏହାର ସଂଶୋଧନ ଦାବି କରୁଥିବାବେଳେ ଏନେଇ କୌଣସି ସମାଧାନ ବାହାରିପାରୁ ନାହିଁ। ଦାବି ସମ୍ପର୍କରେ ବିଏମ୍‌ସି ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ମେୟର ପର୍ଯ୍ୟନ୍ତ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି। ଏପରିକି ଗ୍ରାଚ୍ୟୁଇଟି ଟଙ୍କା ବୃଦ୍ଧି କରିବା ନିମନ୍ତେ ଜାନୁୟାରୀରେ ବସିଥିବା ବିଏମ୍‌ସି କର୍ପୋରେଶନ୍ ବୈଠକରେ ମଧ୍ୟ ଅନୁମୋଦିତ ହୋଇଛି। କର୍ପୋରେଟରମାନେ ଏହାକୁ ସର୍ବସମ୍ମତି କ୍ରମେ ପାସ୍ କରିଛନ୍ତି। କେବଳ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହାକୁ ଅନୁମୋଦନ କରିବା ପରେ ବିଏମ୍‌ସି ତା' ନିଜ ପାଣ୍ଠିରୁ ଗ୍ରାଚ୍ୟୁଇଟି ପ୍ରଦାନ କରିବ। ମାତ୍ର ବିଏମ୍‌ସି ପକ୍ଷରୁ ଇତି ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ବାରମ୍ବାର ଚିଠି କରାଯାଇଥିଲେ ବି କୌଣସି ଉତ୍ତର ମିଳୁନାହିଁ। ଗୋଟେପଟେ ନଗର ଉନ୍ନୟନ ବିଭାଗ ହାତ ବାନ୍ଧି ବସିଥିବାବେଳେ ବିଏମ୍‌ସି ଅଧିକାରୀ ଚିଠି କରିଦେଇ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଉଛନ୍ତି। ସେହିପରି ଅବସରପ୍ରାପ୍ତ ବିଏମ୍‌ସି କର୍ମଚାରୀଙ୍କୁ ପେନ୍‌ସନ୍ ବହି ମିଳୁନାହିଁ। ଫଳରେ ସେମାନଙ୍କୁ କେଉଁଠାରୁ ଋଣ ମିଳିପାରୁ ନାହିଁ। ରାଜ୍ୟର ଏତେବଡ଼ ପୌର ସଂସ୍ଥାରେ କାମ କରି ଏଭଳି ସମସ୍ୟା ଦେଇ ଗତି କରିବା ନିହାତି ପକ୍ଷେ ଲଜ୍ୟାର ବିଷୟ ବୋଲି ସଂଘ ସମ୍ପାଦକ ବ୍ରଜ ପଣ୍ଡା କହିଛନ୍ତି। ସେହିପରି ବିଭାଗ ପକ୍ଷରୁ ତୁରନ୍ତ ନିଷ୍ପତ୍ତି ପ୍ରକାଶ କରା ନ ଗଲେ ଆଗାମୀ ଦିନରେ ଚରମ ନିଷ୍ପତ୍ତି ନେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ବିଏମ୍‌ସି କର୍ପୋରେଶନରେ ପାରିତ ହୋଇଥିବା ପ୍ରସ୍ତାବର ନକଲ ସହ ଚଳିତ ମାସ ୨୧ ତାରିଖରେ ବିଭାଗକୁ ପୁଣିଥରେ ଚିଠି କରିଛି। ମାତ୍ର ଏହାସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ସଂଘ ଅସନ୍ତୋଷ ପ୍ରକାଶ କରିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୭ ମାର୍ଚ୍ଚ, ୨୦୨୩



**ଦିବ୍ୟାଙ୍ଗ ପ୍ରଭାତଙ୍କୁ ସହାୟତା**

ମାହାଙ୍ଗା, (ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଭେଡା ପଞ୍ଚାୟତ ଲାପଟୁଆଁ (ସାହାପୁର)ଗ୍ରାମର ପ୍ରଭାତ ପ୍ରଧାନଙ୍କ ଅଣ୍ଟା ଓ ଗୋଡ଼ ଠିକ୍ ଭାବେ କାମ କରୁନାହିଁ। ୫ ବର୍ଷ ପୂର୍ବେ ଏକ ଦୁର୍ଘଟଣାର ଶିକାର ହେବା ପରଠୁ ସେ ଭିନ୍ନକ୍ଷମ ପାଲଟିଯାଇଛନ୍ତି। ଫଳରେ ପରିବାରର ୫ ଜଣଙ୍କୁ ପୋଷିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ତିନ ବର୍ଷ ହେବ ଚାଲ ଘରକୁ ମରାମତି କରି ପାରୁ ନ ଥିବାରୁ ଭଙ୍ଗା ଦଦରା ଘରେ ବସବାସ କରୁଛନ୍ତି। ବର୍ଷା ପାଣି ମାଡ଼ରେ ଘର କାନ୍ଥ ନଷ୍ଟହୋଇ ବିପଦସଙ୍କୁଳ ହୋଇପଡ଼ିଛି। ଏହି ଖବର ଜାଣିବା ପରେ ମାହାଙ୍ଗା ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପିତାମାତା' ସେବକ ସଂଘ ସହାୟତାର ହାତ ବଢ଼ାଇଛି। ସଂଘ ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସାହୁ, ସୁବ୍ରତ କୁମାର ମହାନ୍ତି, ଯୁବ ସଙ୍ଗଠକ ଗିରିଜା ବଲ୍ଲଭ ସାହୁ ,କିର୍ତ୍ତୀବାସ ସାହୁ ପ୍ରମୁଖ ପ୍ରଭାତଙ୍କ ଘରେ ପହଞ୍ଚି ପାଲ ଓ ବସ୍ତ୍ର ଆଦି ପ୍ରଦାନ କରିବା ସହ ଆଗାମୀ ଦିନରେ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ଶ୍ରୀନିବାସ ସଭାପତି, ଅଜୟ ସମ୍ପାଦକ

**ବାଙ୍କୀ ଓକିଲ ସଂଘ ନିର୍ବାଚନ**

ବାଙ୍କୀ, ୨୬। ୩(ସ୍ୱ.ପ୍ର.): ବାଙ୍କୀ ଓକିଲ ସଂଘ ନିର୍ବାଚନରେ ଶ୍ରୀନିବାସ ମହାପାତ୍ର ସଭାପତି ଓ ଅଜୟ କୁମାର ପଟ୍ଟନାୟକ ସମ୍ପାଦକ ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ବିଭୁଦତ୍ତ ଟିକାୟତ ଉପସଭାପତି, ରବୀନ୍ଦ୍ରନାଥ ମହାପାତ୍ର ସହ ସମ୍ପାଦକ, ପ୍ରଦୀପ୍ତ କୁମାର ମିଶ୍ର କୋଷାଧକ୍ଷ, ପ୍ରଦୀପ କୁମାର ମହାପାତ୍ର ପାଠାଗାର ସମ୍ପାଦକ ଭାବେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର ନିର୍ବାଚନ ଅଧିକାରୀ ଭାବେ ଏହାକୁ ପରିଚାଳନା କରିଥିଲେ ।

### ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା

କଟକ ଅଫିସ,୨୬।୩: ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ସୟଦ ମେହେବୁବ ଅଲି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଅଜୟ କୁମାର ସାହୁ, ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ପରିଡ଼ା, ଯୁଗ୍ମ ସମ୍ପାଦକ ଜ୍ୟୋତିର୍ମୟ ମହାପାତ୍ର, ସହ ସମ୍ପାଦକ ସୁଜିତ୍ କୁମାର ସ୍ୱାଇଁ, କୋଷାଧକ୍ଷ ବାଦଲ କୁମାର ମହାପାତ୍ର ନିର୍ବାଚିତ ହୋଇଛନ୍ତି। ଏଥିସହ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ରଶ୍ମିତା ସ୍ୱାଇଁ, ସନ୍ତୋଷ କୁମାର ମହାପାତ୍ର, ରଞ୍ଜିତ କୁମାର ଜେନା, ସମୟ କୁମାର ରାୟ, ଶୈଳେନ୍ଦ୍ର ପଟ୍ଟନାୟକ, ମିହିର ରଞ୍ଜନ ପାତ୍ର ବିଜୟୀ ହୋଇଛନ୍ତି। ଅଶୋକ କୁମାର ଷଡ଼ଙ୍ଗୀ ନିର୍ବାଚନ ପରିଚାଳନା କରିଥିଲେ।

### ସୁନାଚେନ୍ ଲୁଟ୍‌ବେଳେ ବାଇକ୍‌ରୁ ପଡ଼ି ମହିଳା ଗୁରୁତର

କଣ୍ଟାପଡ଼ା, ୨୬।୩(ଡି.ଏନ୍.ଏ.): ଫୁଲନଖରା-ନିଆଳି ୬୦ନଂ. ରାଜ୍ୟ ରାଜପଥର ଶିଶୁଆ ନିକଟରେ ରବିବାର ବାଇକରେ ଯାଉଥିବା ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାଚେନ ଲୁଟ୍ କରିବାବେଳେ ସମ୍ପୃକ୍ତା ମହିଳା ତଳେ ପଡି ଗୁରୁତର ହୋଇଛନ୍ତି। ତାଙ୍କ ନାମ ମାନା ନାୟକ ଓ ଘର କଟକସଦର ଥାନା ଅଧୀନ ଗୋପାଳପୁର ଅଞ୍ଚଳରେ ବୋଲି ଜଣାପଡିଛି। ସେ ତାଙ୍କ ଦିଅର ଟୁଟୁଙ୍କ ସହ ବାଇକ୍ (ନଂ.ଓଆର୍‌୦୨ଏବି-୫୪୯୧)ରେ ବାପଘର ନିଆଳିରୁ ଶାଶୁଘରକୁ ଯାଉଥିଲେ। ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ପିଛା କରି ଶିଶୁଆ ନିକଟରେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ କରିବାକୁ ଉଦ୍ୟମ କରୁଥିଲେ। ଫଳରେ ସେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ସୁନାଚେନ ଲୁଟ୍ କରି ନ ପାରି ଦୁର୍ବୃତ୍ତମାନେ ପଳାଇ ଯାଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଓଲଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଜୀବନ ମାୟାରେ ପଡ଼ିଥିବା ମଣିଷ ଦୁଃଖୀ

ବଡ଼ମ୍ବା,୨୬।୩ (ଡି. ଏନ. ଏ.): ବଡ଼ମ୍ବାସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବା କେନ୍ଦ୍ରରେ ପରମ ପୂଜନୀୟା ରାଜଯୋଗିନୀ ଦାଦି ଜାନକୀଜିଙ୍କ ପୁଣ୍ୟ ସ୍ମୃତି ଦିବସ ରବିବାର ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ବ୍ରହ୍ମା କୁମାରୀ ସବିତା ଭଉଣୀ ପୌରୋହିତ୍ୟ କରି ମୁରଲୀ ପାଠ କରିଥିଲେ । ଜୀବନ ମାୟାରେ ପଡ଼ିଥିବା ମଣିଷର ମନ ସବୁବେଳେ ଦୁଃଖୀ ବୋଲି ସଭାରେ ମତବ୍ୟକ୍ତ ହୋଇଥିଲା। ଏଥିରେ ଅତିଥି ଭାବେ ପ୍ରାଣ ଯୋଗ ପ୍ରତିଷ୍ଠାନର ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି, ପତଞ୍ଜଳି ଯୋଗ ସଞ୍ଚାଳିକା ପ୍ରବୀଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଧର ଭାଇ, ପ୍ରବୋଧ ଭାଇ, ଜିତୁ ଭାଇ ସଭାରେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱର୍ଣ୍ଣଲତା ଭଉଣୀ, ଚିନାମ୍ବା ମହାନ୍ତି ସହଯୋଗ କରିଥିଲେ।

# ପରିତ୍ୟକ୍ତ ଅବସ୍ଥାରେ ବେଲେଶ୍ୱରୀ ସଙ୍ଗୀତ କଳାନିକେତନ

- ୧୯୭୨ରେ ସ୍ଥାପନ କରାଯାଇଥିଲା
- ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉନାହିଁ

ନିଶ୍ଚିନ୍ତକୋଇଲି,୨୬।୩ (ସ୍ୱ.ପ୍ର.)


ବନ୍ଦ ରହିଥିବା ସଙ୍ଗୀତ କଳା ନିକେତନ।

କଟକ ଜିଲା ନିଶ୍ଚିନ୍ତକୋଇଲି ବେଲେଶ୍ୱରୀ କଳାନିକେତନ କେନ୍ଦ୍ର ଏକ ପ୍ରମୁଖ କଳାଶିକ୍ଷା କେନ୍ଦ୍ର ଥିଲା । ଏହି କେନ୍ଦ୍ର ଏବେ ବନ୍ଦ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହାର ପୁନରୁଦ୍ଧାର ନିମନ୍ତେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଏହି କଳା ନିକେତନରେ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ବିନିଯୋଗ ହୋଇଥିବାରୁ ଏହାସବୁ ପାଣିରେ ପଡ଼ିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲିରେ ସଙ୍ଗୀତ ଓ କଳାର ବିକାଶ ନିମନ୍ତେ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ନିଳମଣୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବେଲେଶ୍ୱରୀ ସଙ୍ଗୀତ କଳା ନିକେତନ ଗତ ୧୯୭୨ରେ ସ୍ଥାପନ କରାଯାଇଥିଲା। ଏହି କଳା ନିକେତେନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଛାତ୍ରୀଛାତ୍ର ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ଶିକ୍ଷା ନିମନ୍ତେ ଆସୁଥିଲେ। ଏଠାରୁ ବହୁ ସଫଳ କଳାକାର ସୃଷ୍ଟି ହୋଇ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଏହି କଳା ନିକେତନର ବିକାଶ ନିମନ୍ତେ ଓ ଗୃହ ନିର୍ମାଣ ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଥିଲେ। ସରକାରୀ ଅନୁଦାନରେ ଏହି ଅନୁଷ୍ଠାନଟି ଗଢି ଉଠିବା ସଙ୍ଗେ ସଙ୍ଗେ କଳାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା। ମାତ୍ର କେନ୍ଦ୍ର ପରିଚାଳନା ଦାୟିତ୍ୱରେଥିବା ବ୍ୟକ୍ତି ବିଶେଷଙ୍କ ହେୟ ମନୋଭାବ ଓ ଦାୟିତ୍ୱହୀନତା ଯୋଗୁ ଧୀରେ ଧୀରେ ଏହି କଳା ନିକେତନଟି ବନ୍ଦ ହୋଇଯାଇଛି। ଏବେ କଳାନିକେତନର ପାଚେରୀ ଗୁଡ଼ିକ ଭାଙ୍ଗିରୁଜି ଯାଇଛି। ଅପରପକ୍ଷେ ଗୃହଟି ବିପଦସଙ୍କୁଳ ହୋଇପଡ଼ିଛି। ଏହା ନିକଟରେ ଅନ୍ୟ ଗୃହ ଅର୍ଦ୍ଧନିର୍ମିତ ଅବସ୍ଥାରେ ଦୀର୍ଘଦିନ ହେବ ପଡ଼ିରହିଛି। ଏହି ଗୃହ ଏବେ ଅସାମାଜିକ ବ୍ୟକ୍ତି ଏବଂ ସରୀସୃପଙ୍କ ପାଇଁ ଅଭୟାରଣ୍ୟରେ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରକ୍ଷଣାବେକ୍ଷଣା ଅଭାବରୁ ଏହି ସର୍ବପୁରାତନ ସଙ୍ଗୀତ କଳା ନିକେତନଟି ଏକରକମ ବନ୍ଦ ହୋଇଯାଇଛି। ସରକାରଙ୍କ ତରଫରୁ ଏହାର ପୁନରୁଦ୍ଧାର ନିମନ୍ତେ କଳାକାର ରବିନ୍ଦ୍ରନାଥ ସେଠୀ, ପରିବାର ଅନୁଷ୍ଠାନର ସଭାପତି ବଲ୍ଲଭ ଚରଣ ପଲେଇ, ପ୍ରମୋଦ କୁମାର ନାୟକ ପ୍ରମୁଖ ଦାବି କରିଛନ୍ତି।

# ଉଠା ଜଳସେଚନ ପ୍ରକଳ୍ପର ବିଦ୍ୟୁତ୍ ଯୋଗାଣ ବନ୍ଦ

ବାଙ୍କୀ,୨୬।୩ (ସ୍ୱ.ପ୍ର.)

**୨୮ରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା**

ବାଙ୍କୀ ଉପଖଣ୍ଡ ରଣ ନଦୀ ଉପତ୍ୟାକାରେ ଥିବା ପାଣି ପଞ୍ଚାୟତର ଉଠାଜଳସେଚନ ପ୍ରକଳ୍ପଗୁଡ଼ିକରୁ ୧୫ଟିରେ ବିଦ୍ୟୁତ୍ ସରାବରାହ ବନ୍ଦ କରିଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ୮ ପଞ୍ଚାୟତର ୬୦ ଜଣ ପାଣି ପଞ୍ଚାୟତ ପ୍ରତିନିଧି ବିଦ୍ୟୁତ୍ ବିଭାଗକୁ ଅବଗତ କରାଇଛନ୍ତି। ଏହାସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଧାନ ଗଛର ଥୋଡ଼ ବାହାରିବା ସମୟରେ ପାଣି ଅଭାବରୁ ସେଗୁଡ଼ିକ ବନ୍ଦ ହେବାକୁ ବସିଛି। ଏନେଇ ଉପଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏହାର ପ୍ରତିବାଦରେ ୨୮ ତାରିଖରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ପାଣି ପଞ୍ଚାୟତ ପ୍ରତିନିଧିମାନେ ଲିଖିତଭାବେ ଚେତାବନୀ ଦେଇଛନ୍ତି। ଏନେଇ ପାଣି ପଞ୍ଚାୟତ ମହାସଂଘ ସଭାପତି ତଥା ରାମେଶ୍ୱର ପାଣି ପଞ୍ଚାୟତ ସଭାପତି ଶରତ କୁମାର ମନ୍ତ୍ରୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବାଙ୍କୀ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ କହିଛନ୍ତି, ପାଣି ପଞ୍ଚାୟତଗୁଡ଼ିକର ବିଦ୍ୟୁତ୍ ବିଲ ବକେୟା ଥିବାରୁ ପାଣି ଯୋଗାଇବା ସମ୍ଭବ ହେଉନାହିଁ।

# ସୁସ୍ଥ ସମାଜ ଗଠନ ପାଇଁ ସଙ୍ଗୀତର ଭୂମିକା ଗୁରୁତ୍ୱପୂର୍ଣ୍ଣ



ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କ ସହ ଅନ୍ୟମାନେ।

ନିଶ୍ଚିନ୍ତକୋଇଲି,୨୬।୩ (ସ୍ୱ.ପ୍ର.)

**ଓଥକା ସଙ୍ଗୀତ ଆଶ୍ରମର ୨୯ ତମ ବାର୍ଷିକୋତ୍ସବ**

ନିଶ୍ଚିନ୍ତକୋଇଲି ବ୍ଲକ ଓଥକା ସଙ୍ଗୀତ ଆଶ୍ରମର ୨୯ତମ ବାର୍ଷିକ ଉତ୍ସବ ଓ ସଙ୍ଗୀତ ସମାରୋହ ନିଶ୍ଚିନ୍ତକୋଇଲି ହାଟସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ତବଲା ଗୁରୁ ଗୋପିନାଥ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସଙ୍ଗୀତଙ୍କ ବିଦୁଷୀ ପଦ୍ମଶ୍ରୀ ଡ. ଶ୍ୟାମାମଣୀ ଦେବୀ ଯୋଗଦେଇ ସୁସ୍ଥ ସମାଜ ଗଠନ ପାଇଁ ସଙ୍ଗୀତର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହାଛଡା ସଙ୍ଗୀତ ଅନ୍ତକାରଣକୁ ଶୁଦ୍ଧତା କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସାରସ୍ୱତ ସାଧକ ତଥା ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦଚନ୍ଦ୍ର ଚାନ୍ଦ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଓଡିଶୀ ସଙ୍ଗୀତ ଗୁରୁ ଦେବାଶିଷ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚଳଚ୍ଚିତ୍ର ଓ ଟିଭି ଧାରାବାହିକର ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକଙ୍କୁ ମୁଖ୍ୟ ଅତିଥି ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗୁରୁ ଗୋପୀନାଥ ବେହେରାଙ୍କ ପରିକଳ୍ପନା ଓ ଯଶୋବନ୍ଦ ଜେନାଙ୍କ ସଙ୍ଗୀତ ପରିଚାଳନାରେ ଏକ ମିଳିତ କାର୍ଯ୍ୟକ୍ରମ ନିନାଦ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ପରିବେଷଣ କରିଥିଲେ। ଆକାଶବାଣୀ ଓ ଦୂରଦର୍ଶନ କଳାକାର ରବିନ୍ଦ୍ରନାଥ ମିଶ୍ର, ନିଶିପ୍ରଭା ପାଣି,ରବିନ୍ଦ୍ରନାଥ ଦାସ ଓ ଶରତ ନାୟକଙ୍କ ଦ୍ୱାରାସଙ୍ଗୀତ ପରିବେଷଣ କରାଯାଇଥିଲା। ବାଦ୍ୟ ଯନ୍ତ୍ରରେ ବିଶ୍ୱନାଥ ମିଶ୍ର, ଯୋଗେନ୍ଦ୍ର କୁମାର ସ୍ୱାଇଁ, ତ୍ରିନାଥ ଜେନା, ଅଜୟ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଲକ୍ଷ୍ମୀପ୍ରସାଦ ଓ ବଂଶୀଧର ପରିଡା ସହଯୋଗ କରିଥିଲେ।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ନଖରା ଟିମ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ଫୁଲନଖରା,୨୬।୩ (ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ନଚ୍ଛିପୁର ବଡେଇସାହି ଖେଳପଡିଆରେ ପ୍ରଫୁଲ୍ଲ ଆଣ୍ଡ ବିଜୟ ମୁଦୁଲି ମେମୋରିଆଲ ଆନୁକୂଲ୍ୟରେ ୩ ଦିନ ଧରି ଆୟୋଜିତ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୬୪ଟି ଟିମ୍ ଭାଗ ନେଇଥିଲେ। ନଖରା କ୍ରିକେଟ୍ ଟିମ୍ ଓ ପାଇକସାହି କ୍ରିକେଟ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ନଖରା କ୍ରିକେଟ୍ ଟିମ୍ ୫ ଓଭରରେ ୧ ଉଇକେଟ ହରାଇ ୬୪ ରନ ସଂଗ୍ରହ କରିଥିଲା। ଜବାବରେ ପାଇକସାହି କ୍ରିକେଟ୍ ଟିମ୍ ୫ ଓଭରରେ ୪ ଉଇକେଟ ହରାଇ ୪୫ ରନ୍ କରିପାରିଥିଲା। ସିଲୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ଶିବୁ ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ ଅନୁଷ୍ଠାନ ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟ ଅତିଥି ଭାବେ ଉତ୍କଳ ବିକାଶ ପରିଷଦ ସଂଯୋଜକ ଅଶୋକ ସାହୁ, ଗ୍ରାମ୍ୟ କମିଟି ସଭାପତି ବାବାଜୀ ମୁଦୁଲି, ଲିଙ୍ଗରାଜ ଦାସ, ପ୍ରଶାନ୍ତ ପାଢ଼ୀ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଫାଇଟର୍ସ ଇଲେଭେନ କ୍ରିକେଟ୍ କ୍ଲବର ସଦସ୍ୟମାନେ କ୍ରୀଡା ପରିଚାଳନା କରିଥିଲେ।

# ବନ୍ୟାରେ କ୍ଷୟକ୍ଷତି ସମ୍ପର୍କିତ ଆଲୋଚନାଚକ୍ର

ବାଙ୍କୀ,୨୬।୩ (ସ୍ୱ.ପ୍ର.)

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କଟକ ରିସର୍ଚ୍ଚ ଟିମ୍ ଆନୁକୂଲ୍ୟରେ ବାଙ୍କୀରେ ବନ୍ୟା ପରିସ୍ଥିତି ଓ କ୍ଷୟକ୍ଷତି ସମ୍ପର୍କିତ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ କଲେଜ ପରିସରରେ ଅନୁଷ୍ଠିତ ଏହି ଆଲୋଚନାରେ ବନ୍ୟା ସମୟରେ ସ୍ଥାନୀୟ ଅଞ୍ଚଳରେ ଜନସାଧାରଣ ଓ ପ୍ରାଣୀମାନେ କିପରି ରହିଥାନ୍ତି ଏବଂ ସେମାନଙ୍କର ସୁରକ୍ଷା ନିମନ୍ତେ କି ପଦକ୍ଷେପ ନିଆଯାଉଛି ସେ ସମ୍ପର୍କରେ ବିଭିନ୍ନ ମତାମତ ସଂଗ୍ରହ କରାଯାଇଥିଲା । ଏହି ଆଲୋଚନାଚକ୍ରରେ ବାଙ୍କୀ କଲେଜ ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କଟକର ସହକାରୀ ପ୍ରଫେସର ସୁଜିଥ କୁନନଙ୍କ ନେତୃତ୍ୱରେ ଉକ୍ତ ରିସର୍ଚ୍ଚ ଟିମ୍‌ରେ ଜୟନ୍ତୀ ଜୟା, ବିଘ୍ନେଶ କୁମାର ଶର୍ମା, ସିଦ୍ଧାନ୍ତ ମେଲପୁରାହ ଓ ସାମିଲ ଆଦିବ ପ୍ରମୁଖ ସାମିଲ ହୋଇ ବାଙ୍କୀର ବନ୍ୟା ସମ୍ପର୍କିତ ତଥ୍ୟ ଅନୁସନ୍ଧାନ କରିଥିଲେ। ଯୁବ ସାମାଜିକ କର୍ମୀ ଦୁର୍ବାଦଳ ମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲ, ସନ୍ଦୀପ କୁମାର ସାମନ୍ତରାୟ, ଜ୍ଞାନରଞ୍ଜନ ପରିଡା, ନିତ୍ୟାନନ୍ଦ ବେହେରା, ଦୀପକ କୁମାର ସାମନ୍ତରା, ଲଲାଟେନ୍ଦୁ ପଣ୍ଡା, ଅଶୋକ କୁମାର ମନ୍ତ୍ରୀ ଓ ଗୁକୁନା ଗୋଛି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଦୁର୍ବାଦଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଉକ୍ତ ଟିମ୍‌ର ସଦସ୍ୟମାନେ ଡମପଡ଼ା ବ୍ଲକ ଅନ୍ତର୍ଗତ ଶୁଖୁଆଖଳା ଗ୍ରାମକୁ ଯାଇ ଗ୍ରାମବାସୀଙ୍କଠାରୁ ବନ୍ୟା ସମ୍ପର୍କିତ ତଥ୍ୟ ହାସଲ କରିଥିଲେ।

# ଖଲେଶ୍ୱର ମନ୍ଦିରର ପୁନରୁଦ୍ଧାର କରାଯାଉ

ମଙ୍ଗୁଳି–ଜଗତପୁର,୨୬।୩ (ଡି.ଏନ୍.ଏ.)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୪୯ ନଂ. ୱାର୍ଡ ପୋଡାବର ନିକଟରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଖଲେଶ୍ୱର ମନ୍ଦିରର ପୁନରୁଦ୍ଧାର ଓ ମନ୍ଦିର କମିଟି ଗଠନ ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ସୁଲୋଚନା ସେବା ସଂଘ ପକ୍ଷରୁ ମନ୍ଦିର ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ମୁଖ୍ୟ ସୁଶାନ୍ତ କୁମାର ପାତ୍ର ଯୋଗଦେଇ କହିଥିଲେ, ଉକ୍ତ ମନ୍ଦିରର ପୁନରୁଦ୍ଧାର ସହ ଠାକୁରଙ୍କ ନାମରେ ଥିବା ୬ଏକର ଜମିକୁ ଜବରଦଖଲକାରୀଙ୍କ କବଳରୁ ମନ୍ଦିର ଟ୍ରଷ୍ଟକୁ ଫେରାଇ ଅଣାଯାଉ। ଏହି ବୈଠକରେ ପ୍ରଦୀପ୍ତ କୁମାର ଜେନା, କଟକ ଜିଲା ଭାଜପା ମାଇନରଟି କମିଟି ସଭାପତି ସିକନ୍ଦର ଅଲି, ଗୋପାଳଜୀଉ ମଣ୍ଡଳ ସଭାପତି ଦେବାନନ୍ଦ ସିଂ, ହିନ୍ଦୁ ଜାଗରଣ ମଞ୍ଚର ସଂଯୋଜକ ରଘୁନାଥ ବାରିକ, ପ୍ରସନ୍ନ ଜ୍ୟୋତି କୁମାରଙ୍କ ସହ ବହୁ ବୁଦ୍ଧିଜୀବୀ, ଯୁବକ ଓ ମହିଳାମାନେ ଯୋଗଦେଇଥିଲେ। ଏହି ଅବସରରେ ମନ୍ଦିର ଚତୁଃପାର୍ଶ୍ୱରେ ଅନେକ ଔଷଧୀୟ ଚାରାରୋପଣ କରାଯାଇଥିଲା।

# ଇସ୍ପାତ କାରଖାନା ବନ୍ଦ ପରେ ମିଳୁନି ପ୍ରାପ୍ୟ

କଟକ ଅଫିସ,୨୬।୩

**ପଦକ୍ଷେପ ନ ନେଲେ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ ଚେତାବନୀ**

ଖୁଣ୍ଟୁଣୀସ୍ଥିତ ଏକ ଇସ୍ପାତ କାରଖାନାକୁ ବନ୍ଦ କରି ଦିଆଯାଇ ଘରୋଇ କମ୍ପାନୀକୁ ବିକ୍ରି କରି ଦିଆଯାଇଛି। କର୍ମଚାରୀମାନଙ୍କୁ କୌଣସି ନୋଟିସ୍ ନ ଦେଇ ହଠାତ୍ ଏହି କାରଖାନାକୁ ବନ୍ଦ କରି ଦିଆଯାଇଛି। ଏହାଦ୍ୱାରା ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶ୍ରମିକମାନେ ଜୀବିକା ହରାଇବା ସହ ପ୍ରାପ୍ୟ ପାଇପାରୁନାହାନ୍ତି। ଏପରି କି ଜଣେ କାର୍ଯ୍ୟରତ ଶ୍ରମିକ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି। ଏହାପରେ ସଂଘ ପକ୍ଷରୁ ଶ୍ରମିକମାନଙ୍କର ପ୍ରାପ୍ୟ ଦାବି କରାଯାଇ କୋର୍ଟରେ ଆଶ୍ରୟ ନିଆଯାଇଥିଲା। କୋର୍ଟ ମାମଲାର ବିଚାର କରି ତୁରନ୍ତ ସେମାନଙ୍କର ପ୍ରାପ୍ୟ ଦେଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଶ୍ରମିକଙ୍କ ପ୍ରାପ୍ୟ ନେଇ ଶ୍ରମ ବିଭାଗ ନୀରବ ଦ୍ରଷ୍ଟା ସାଜିଥିବାରୁ କଟକ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବକ୍ସିବଜାରସ୍ଥିତ ପାନ୍ଥନିବାସଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଉକ୍ତ କାରଖାନାରେ ୮୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଦୀର୍ଘବର୍ଷ ଧରି କାମ କରିଆସୁଥିଲେ। ତାହା ବନ୍ଦ ହୋଇଯିବାରୁ ଶ୍ରମିକମାନେ ବେକାର ହୋଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ଯିବାକୁ ପ୍ରସ୍ତୁତ ହେଉଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଉକ୍ତ କାରଖାନାକୁ ଖୋଲିବା ଓ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦେବା ପାଇଁ ମାହେଶ୍ୱରୀ ଇସ୍ପାତ କାରଖାନା କର୍ମଚାରୀ ସଂଘର ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ସାହୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରମ ବିଭାଗ ୧୫ ଦିନ ମଧ୍ୟରେ ଏ ନେଇ କୌଣସି ପଦକ୍ଷେପ ନ ନେଲେ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ମାହେଶ୍ୱରୀ ଇସ୍ପାତ କାରଖାନା କର୍ମଚାରୀ ସଂଘ ସଭାପତି ଶାନ୍ତନୁ କୁମାର ମହାପାତ୍ର, ଉପସଭାପତି ଚଣ୍ଡୀ ପ୍ରସାଦ ଶତପଥୀ, ସାଧାରଣ ସମ୍ପାଦକ ପ୍ରକାଶ ରାଉତ, କୋଷାଧକ୍ଷ ଶ୍ରୀକାନ୍ତ ସାହୁଙ୍କ ସମେତ କର୍ମକର୍ତ୍ତା ଓ ସଦସ୍ୟ ଏଥିରେ ଉପସ୍ଥିତ ଥିଲେ।

# ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନକୁ ବିରୋଧ

ମଙ୍ଗୁଳି–ଜଗତପୁର,୨୬।୩ (ଡି.ଏନ୍.ଏ.)

**ଥାନାରେ ଏତଲା**

ଟାଙ୍ଗୀ ଥାନା ଅଧୀନ କନ୍ଦରକଣା ଗଡ଼ା ନିକଟରେ ବିଜେଡି କାର୍ଯ୍ୟାଳୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ନିର୍ବାଚନ ମଣ୍ଡଳୀର ୨୦ରୁ ଉର୍ଦ୍ଧ୍ୱ ଯୁବକଙ୍କ ଉପସ୍ଥିତିରେ ଜଗତପୁର ଅଞ୍ଚଳର ହିମାଂଶୁ ଶେଖର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଖୋଲିବାର ୨୪ ଘଣ୍ଟା ନ ପୂରୁଣୁ ଉକ୍ତ କାର୍ଯ୍ୟାଳୟ ବେଆଇନ ଦର୍ଶାଇ ତୁରନ୍ତ ଏହାକୁ ଉଚ୍ଛେଦ କରିବା ପାଇଁ ବିଜେଡି ଟାଙ୍ଗୀ–ଚୌଦ୍ୱାର ଶାଖା ଏବଂ କଟକ ଜିଲାର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏଥିସହ ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି।

ଏ ସମ୍ପର୍କରେ କଟକ ଜିଲା ବିଜେଡି ଉପସଭାପତି ଚିତ୍ତରଞ୍ଜନ ସାମଲ କହିଛନ୍ତି, ଯଦି କୌଣସି ବିଜେଡି କର୍ମୀ ଦଳୀୟ କାର୍ଯ୍ୟାଳୟ ଖୋଲିବେ, ତାହା ପାଇଁ ଦଳର କିଛି ନୀତିନିୟମ ରହିଛି। ପ୍ରଥମେ ସେ ବ୍ୟକ୍ତି ଜଣଙ୍କ ଦଳର ସଦସ୍ୟତା ଗ୍ରହଣ କରିଥିବା ଦରକାର। ପରେ ସେ ମୁଖ୍ୟ କାର୍ଯ୍ୟାଳୟରୁ ଅନୁମତି ପାଇଁ ନିବେଦନ କରିବେ। ଏଥିସହ ସ୍ଥାନୀୟ ପ୍ରତିନିଧି, ଜିଲା ପ୍ରତିନିଧି ଓ ବିଧାୟକଙ୍କ ଅନୁମତି ନେବା ବାଧ୍ୟତାମୂଳକ। ହେଲେ ଏଠାରେ ହିମାଂଶୁ କୌଣସି ନିୟମ ନ ମାନି କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଯଦି ଉକ୍ତ କାର୍ଯ୍ୟାଳୟରେ କୌଣସି ବେଆଇନ କାର୍ଯ୍ୟ ହୁଏ ସେଥିପାଇଁ କିଏ ଦାୟୀ ରହିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ନେଇ ହିମାଂଶୁ କହିଛନ୍ତି, ମୁଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିକୁ ଆପଣାଇଛି। ମୋ ସହ ବହୁ ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ ଅଛନ୍ତି। ସେମାନଙ୍କ ପରାମର୍ଶରେ କାର୍ଯ୍ୟାଳୟ ଖୋଲିଛି। ଏଥିପାଇଁ କାହାରି ଅନୁମତି ନେବା ଆବଶ୍ୟକ ନାହିଁ ବୋଲି ମନେକରୁଛି।

# 'ବୃକ୍ଷ ବିନା ଜୀବଜଗତ ବଞ୍ଚିବା ଅସମ୍ଭବ'

ସାଲେପୁର,୨୬।୩ (ଡି. ଏନ.ଏ)

ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟାଭାମାପୁର ଗ୍ରାମର ସାଇ ସରସତୀ ବିଦ୍ୟାମନ୍ଦିରରେ 'ବୃକ୍ଷ ହିଁ ଜୀବନ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସିଇଏସ୍‌ର ସଂଯୋଜକ ଭରତ ଚନ୍ଦ୍ର ଜେନା, ପରିବେଶବିତ୍ ଅର୍ଜୁନ ଚରଣ ବିଶ୍ୱାଳ, ବିଶ୍ୱ ନାହାକାହାଣୀ କଲେଜ ଅଧକ୍ଷ ଡ.ସଚ୍ଚିଦାନନ୍ଦ ପ୍ରଧାନ, କୃଷି ବିଭାଗର ବରିଷ୍ଠ ଅଧିକାରୀ ଜୟନ୍ତ କୁମାର ଜେନା, ବିଦ୍ୟାମନ୍ଦିର ସଭାପତି ଦିଲୀପ କୁମାର ଦାଶ ପ୍ରମୁଖ ଯୋଗଦେଇ ବୃକ୍ଷ ବିନା ଜୀବଜଗତ ବଞ୍ଚିବା ଅସମ୍ଭବ ବୋଲି କହିଥିଲେ। ଏ ନେଇ ସବୁସ୍ତରରେ ସଚେତନତା ସୃଷ୍ଟି କରିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମାଧବ ଚରଣ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ଗୋପୀନାଥପୁର ଓ ଜାହାଙ୍ଗୀରାବାଦର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠ, ଡାଳି ଯୋଡ଼ାର ଶ୍ରୀକ୍ଷେତ୍ର, ନାଦୋଳସ୍ଥିତ ଫ୍ରିଡମ ଇଣ୍ଟର ନ୍ୟାଶନାଲ ସ୍କୁଲ, ଭାତପଡ଼ାସ୍ଥିତ ନାଳନ୍ଦା ପବ୍ଲିକ ସ୍କୁଲ, ଜଗତପୁର ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ସମେତ ଜିଲାର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅପରପକ୍ଷେ ସାତବାଟିଆସ୍ଥିତ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ପ୍ରଣବ କୁମାର ଭୂୟାଁ, ପ୍ରଶାନ୍ତ କୁମାର ପାତ୍ର, ବିଶ୍ୱଜିତ୍ ମହାନ୍ତି, ପ୍ରତାପ ଚନ୍ଦ୍ର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଗୁରୁମା ଉମି ଆଫିଆ ସାମସି, ପୁଷ୍ପାଞ୍ଜଳି ବେହେରା, ତେଜସ୍ୱିନୀ ସାହୁ, ସ୍ୱର୍ଣ୍ଣମୟୀ ପରିଜା, ଲକ୍ଷ୍ମୀପ୍ରିୟା ଭୋଇ, ଶୈଳବାଳା ମହାନ୍ତି,କୌଶଲ୍ୟା ମଲ୍ଲିକ ପ୍ରମୁଖ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁମା ଡ଼ଲି ଭୂୟାଁ ଧନ୍ୟବାଦ ଦେଇଥିଲେ।

# ୮ ଶ୍ରେଣୀ ଗୃହର ଆଜ୍‌ବେଷ୍ଟସ୍ ଭାଙ୍ଗିଲା

ଟିଗିରିଆ, ୨୬।୩ (ଡି.ଏନ.ଏ.)


ନୂଆପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶ୍ରେଣୀଗୃହର ଆଜବେଷ୍ଟସ୍ ଉଡ଼ିଯାଇଛି।

**ନୂଆପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କାଳବୈଶାଖୀର ପ୍ରଭାବ**

ଟିଗିରିଆ ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନରେ କାଳ ବୈଶାଖୀ ଯୋଗୁ ପ୍ରବଳ ଝଡ ତୋଫାନ ହୋଇଛି। ଏହାର ପ୍ରଭାବରେ ଜେମାଦେଇପୁର ସାହିସ୍ଥିତ ନୂଆପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୮ ଶ୍ରେଣୀଗୃହର ଆଜବେଷ୍ଟସ୍ ଉଡ଼ିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ୩ଟାରେ ପଶ୍ଚିମା ଝଡ଼ ପ୍ରଭାବରେ ଘଡ଼ଘଡ଼ି ସହ ପ୍ରବଳ ବେଗରେ ପବନ ବହିଲା। ଏହାର ବେଗ ଏତେ ଅଧିକ ଥିଲ ଯେ, ଶ୍ରେଣୀଗୃହର ଆଜବେଷ୍ଟସ୍‌ଗୁଡ଼ିକ ଲୁହା ଅଙ୍ଗେଲ ସହ ଭାଙ୍ଗି ଚୁରମାର ହୋଇଯାଇଛି। ରବିବାର ସ୍କୁଲ ବନ୍ଦ ଥିବାରୁ ପିଲାମାନେ ଆସନ୍ନ ବିପଦରୁ ବର୍ତ୍ତି ଯାଇଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୨୯୦ ଜଣ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ଏ ବିଷୟରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅମତୁଲ ରସିଦ କହିଛନ୍ତି, କାଳବୈଶାଖୀ ଯୋଗୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଏହାର ପ୍ରଭାବରେ ପଙ୍କାଳ ଗ୍ରାମ ଖେଳ ପଡିଆରେ ଏକ ଗଛ ଭାଙ୍ଗିଯାଇଛି। ଫଳରେ ନିକଟରେ ଯାଇଥିବା ତାର ଛିଣ୍ଡି ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଟିଗିରିଆ ବ୍ଲକ ସଦର ମହକୁମା ନିଜିଗଡ଼ ଅଞ୍ଚଳରେ ମଧ୍ୟ ଗଛ ଡାଳ ଭାଙ୍ଗି ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି।

## ସଂକ୍ଷେପରେ

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଡେଲାଙ୍ଗ,୨୬ା୩(ଡି.ଏନ୍.ଏ.): ଡେଲାଙ୍ଗ ଥାନା ଅଧୀନ ହାକପଡା ଗ୍ରାମରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ସୁଚିତ୍ରା ସ୍ୱାଇଁ(୨୨)। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଘର ସେଣିରେ ସୁଚିତ୍ରା ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩)ରୁଜୁକରି ତଦନ୍ତ ଚଳାଇଛି।

### ଭକ୍ତିସଙ୍ଗୀତ ସଙ୍କଳନ 'ଭକ୍ତି ଚିନ୍ତାମଣି' ଉନ୍ମୋଚିତ

ପୁରୀ ଅଫିସ,୨୬ା୩: ଶ୍ରୀମନ୍ଦିର ସିଂହଦ୍ୱାରଠାରେ ରବିବାର କବୟିତ୍ରୀ ବିରଳାମଣି ବସ୍ତିଆଙ୍କ ଭକ୍ତିସଙ୍ଗୀତ ସଙ୍କଳନ 'ଭକ୍ତି ଚିନ୍ତାମଣି' ଉନ୍ମୋଚିତ ହୋଇଛି। 'ଭକ୍ତି ଚିନ୍ତାମଣି'କୁ ଗୀତିକାର ବଦ୍ରି ମିଶ୍ର ଉନ୍ମୋଚନ କରିଥିଲେ। ଚନ୍ଦନପୁର, ଉଆସ ସାହିର ୭୨ବର୍ଷୀୟ ଏହି ନାରୀ କବି, ସଂଘର୍ଷ ଓ ସଂଗ୍ରାମମୟ ଦୁଃଖ ଜୀବନର ଦରଦୀ ଅନୁଭବକୁ ନେଇ ଯେପରି ଭାବପୂର୍ଣ୍ଣ ରଚନା କରିଛନ୍ତି, ତାହା ସାରିଆଭିକଙ୍କ ପରି ସ୍ମରଣ ରହିବ ବୋଲି ଗୀତିକାର ମିଶ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବର୍ଷିୟାନ କଣ୍ଠଶିଳ୍ପୀ ଧନେଶ୍ୱର ମହାପାତ୍ର, କଳା କୃତି ବିକାଶ କେନ୍ଦ୍ରର ସମ୍ପାଦକ ପ୍ରସନ୍ନ ନାୟକ, ସବିତା ଦାଶ, ମନୋରମା ମିଶ୍ର, ମିତା ପରିଡ଼ା, ଲିତା ବସ୍ତିଆ, ସୁନାବେଶ ଭଜନ ସମ୍ପାଦକ ମନୋଜ ଦଇତାପତି ଏବଂ ରବିନାରାୟଣ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚମୁଖୀ ହନୁମାନ ମନ୍ଦିର ପରିସର ସଫେଇ

କୃଷ୍ଣପ୍ରସାଦ,୨୬ା୩(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପଞ୍ଚଦୋଳ ପଡ଼ିଆସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସର ଏବଂ ଯାତ୍ରା ପଡ଼ିଆକୁ ରବିବାର ସଫେଇ କରାଯାଇଛି। ଗ୍ରୀନ୍ ପାରିକୁଦ ଏବଂ ବ୍ଲକର ସ୍ୱେଚ୍ଛାସେବୀ ସଙ୍ଗଠନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାନାଡା ବ୍ୟାଙ୍କ ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗ୍ରୀନ ପାରିକୁଦର ବରିଷ୍ଠ ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ମାଝୀ, ଫାଲଗୁନି ଜାଲି, ବିଷ୍ଣୁ ପ୍ରସାଦ ବେହେରା, ଭଗବାନ ତରେଇ, ମିନାରାଣୀ ସାହୁଙ୍କ ସମେତ ମହିଳା ସଙ୍ଗଠନ ସାମିଲ ହୋଇ ମନ୍ଦିର ପରିସର ଓ ପଡ଼ିଆରୁ ଅଳିଆ ଆବର୍ଜନା ସଫେଇ କରିଥିଲେ।

### ସର୍ବ ଭାରତୀୟ ଫଟୋଗ୍ରାଫି, ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର,୨୬ା୩(ବ୍ୟୁରୋ): ଭୁବନେଶ୍ୱର ସତ୍‌ସଙ୍ଗ ବିହାର ପ୍ରାଙ୍ଗଣରେ ଥିବା ରତାୟନୀ କକ୍ଷରେ ଦେଓଘର ଠାକୁର ବାଡ଼ି ଓ ଭୁବନେଶ୍ୱର ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ଉତ୍ସୃଜୀ ସର୍ବ ଭାରତୀୟ ଫଟୋଗ୍ରାଫି ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ସାଂସଦ କୃଷ୍ଣପାଲ ସିଂହ ଯାଦବ ଓ ସତ୍‌ସଙ୍ଗର ପ୍ରତି ଋତିକ ଡା. ବିନାୟକ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ୨୦୦ ସତ୍‌ସଙ୍ଗୀ ପ୍ରେମୀ ଗୁରୁଭାଇ, ମା ଓ ପିଲାମାନଙ୍କ ସହିତ ଆସାମ କୋଲକାତା, ମୁମ୍ବାଇ, ମାଡ୍ରାସ, ଝାଡ଼ଖଣ୍ଡ ଦେଓଘର ଓ ଓଡ଼ିଶାର ୪୦ଜଣ ଚିତ୍ରଶିଳ୍ପୀ ଉପସ୍ଥିତ ଥିଲେ।

# ଦେଶ ପାଇଁ ଓଡ଼ିଶାର ଅବଦାନ ଅତୁଳନୀୟ

ଭୁବନେଶ୍ୱର,୨୬ା୩(ବ୍ୟୁରୋ)

ଓଡ଼ିଶା ପର୍ବ-୨୦୨୩ ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଆ ସମାଜ, ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ହୋଇଥିବା ଏହି ତ୍ରିଦିବସୀୟ ଉତ୍ସବ ରବିବାର ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମଠାରେ ଶେଷ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ କହିଛନ୍ତି, 'ଓଡ଼ିଶା ଅସ୍ମିତାକୁ ଓଡ଼ିଆ ଜାତି ମନରେ ଜାଗ୍ରତ କରିବାର ସମୟ ଆସିଛି। ଏ ଦେଶ ପାଇଁ ଓଡ଼ିଶାର ଅବଦାନ ଅତୁଳନୀୟ। ପାଇକ ଯୁଦ୍ଧଠାରୁ ଆରମ୍ଭ କରି କଳା, ସଂସ୍କୃତି, ଐତହ୍ୟ, ସାହତ୍ୟ ଆଦି ସମସ୍ତ କ୍ଷେତ୍ରରେ ଓଡ଼ିଶାର ଅବଦାନ ଅନନ୍ୟ । ସ୍ୱାଧୀନତାରେ ଝାସ ଦେଇଥିବା ପାଇକ ବୀରଙ୍କର ବଳିଦାନ ଏ ଜାତିକୁ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସମୃଦ୍ଧ କରିଥିବା ବେଳେ ଅନବଦ୍ୟ ସାହିତ୍ୟ ସୃଷ୍ଟି ଏହାକୁ ବଳିଷ୍ଠ ଓ ଉନ୍ନତ କରି ଗଢି ତୋଳିଛି। ଏହି ଅବସରରେ 'ସ୍ୱାବଲମ୍ବୀ ଓଡ଼ିଶା' କନ୍‌କ୍ଲେଭର ଆଲୋଚନା ହୋଇଥିଲା। ଏଥିରେ ଲେପଜିଗ୍ ବିଶ୍ୱବିଦ୍ୟାଳୟର ଉପମୁଖ୍ୟ ଡ. ଶିବାଶିଷ ଗିରି, ରଞ୍ଜନ କୁମାର ମହାପାତ୍ର, ରଞ୍ଜିତ ରଥ, ପ୍ରଫେସର ଦାମୋଦର ଆଚାର୍ଯ୍ୟ, ଆଶିଷ ପତି, ମୃତ୍ୟୁଞ୍ଜୟ ସୁଆର, ଅର୍ଥନୀତିଜ୍ଞ ଡ. ସନ୍ତୋଷ କୁମାର ମହାପାତ୍ର, ଡ. ଅଶୋକ ମହାପାତ୍ର, ସନ୍ଦୀପ ଦାସ, ଡ. ଯଦୁମଣି ଜେନା ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ସ୍ୱାବଲମ୍ବନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ ଏବଂ ଗ୍ରୁପଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ

### ଓଡିଶା ପର୍ବ ଉଦ୍‌ଯାପିତ

'ଚିର ନମସ୍ୟ ପରଂବ୍ରହ୍ମ' ଉପସ୍ଥିତ ଦର୍ଶକଙ୍କୁ ଭେଟି ଦେଇଥିଲା ଓଡ଼ିଶୀ ନୃତ୍ୟର ଭିନ୍ନ ଏକ ସ୍ୱରୂପ । ପଶ୍ଚିମ ଓଡ଼ିଶାର ସଙ୍ଗୀତ ଅନୁଷ୍ଠାନ 'ଆଦିଧୂନ'ର ସଂଚାଳକ ରବିରତନ ସାହୁଙ୍କ ସଂଯୋଜନାରେ ଲୋକବାଦ୍ୟ, ଲୋକନୃତ୍ୟ ଓ ଲୋକ ସଙ୍ଗୀତର ଅପୂର୍ବ ସଙ୍ଗମ ଦେଖିବାକୁ ମିଳିଥିଲା । ଗୁରୁ ଅନିରୁଦ୍ଧ ଏବଂ ଗ୍ରୁପ ଦ୍ୱାରା ଶୌର୍ଯ୍ୟର ଗାଥା 'ଅନନ୍ୟ ଓଡ଼ିଶା' ଛଉ ଓ ପାଇକ ଫ୍ୟୁଜନ ନୃତ୍ୟର ଭରପୂର ଆନନ୍ଦ ଉଠାଇଥିଲେ ଦର୍ଶକ । ଲୋକପ୍ରିୟ ଓଡ଼ିଆ କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦଙ୍କ ସୁଫିଆନା ସଙ୍ଗୀତରେ ଦର୍ଶକ ବିମୁଗ୍ଧ ହୋଇଥିଲେ। ପ୍ରାୟ ୧ଲକ୍ଷ ଦର୍ଶକ ଏଥିରେ ସାମିଲ ହୋଇ ପାରମ୍ପରିକ ଓଡ଼ିଶାର ଐତିହ୍ୟ, ଖାଦ୍ୟର ଭରପୂର ମଜା ନେଇଥିଲେ ।



ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଓଡ଼ିଶା ପର୍ବର ଉଦ୍‌ଯାପନୀ ସମାରୋହରେ ଶାଶ୍ୱତ ଯୋଶୀ ଏବଂ ତାଙ୍କ ଗ୍ରୁପଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

## ୨୮ରୁ ମା'ମଙ୍ଗଳାଙ୍କ ବାସନ୍ତିକ ଦୁର୍ଗାପୂଜା

କାକଟପୁର,୨୬ା୩(ଡି.ଏନ୍.ଏ.)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ତିନିଦିନାତ୍ମକ ବାସନ୍ତିକ ଦୁର୍ଗାପୂଜା ୨୮ତାରିଖରୁ ଆରମ୍ଭ ହେବ। ଆଶ୍ୱିନ ମାସର ଷୋଡ଼ଶ ଉପଚାର ପୂଜା ଭଳି ଚୈତ୍ର ମାସର ଶୁକ୍ଳ ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ୩ଦିନ ବ୍ୟାପୀ ମା'ଙ୍କ ତ୍ରିଦିନାତ୍ମକ ବାସନ୍ତିକ ପୂଜା ଅନୁଷ୍ଠିତ ହେବ। ପୂଜାରେ ମା'ଙ୍କୁ ସିଂହବାହିନୀ, କାତିଖର୍ପର ଓ ମହିଷମର୍ଦ୍ଦିନୀ ବେଶରେ ସୁସଜ୍ଜିତ କରାଯାଇଥାଏ। ଆସନ୍ତା ୨୮, ୨୯ ଓ ୩୦ ତାରିଖରେ ଏହି ବାସନ୍ତିକ ପୂଜା ପଡୁଥିବାରୁ ମା'ଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଯୋଗୁ ଉକ୍ତ ଦିବସଗୁଡ଼ିକରେ ମନ୍ଦିରର ସିଂହଦ୍ୱାର ସକାଳଠାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମା'ଙ୍କର ପାରମ୍ପରିକ ପୂଜାର୍ଚ୍ଚନା ବେଶଭୂଷା ପରେ ଏହି ତ୍ରିଦିନାତ୍ମକ ପୂଜା ପାଇଁ ଅପରାହ୍ଣ ୩ଟାରେ ମନ୍ଦିର ପହୁଡ଼ ଖୋଲିବା ପରେ ଭକ୍ତମାନେ ମନ୍ଦିର ଗର୍ଭଗୃହ ମଧ୍ୟକୁ ନ ଯାଇ ଦୂରରେ ଥାଇ ମା'ଙ୍କ ଦର୍ଶନ ଲାଭ କରିପାରିବେ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା କାକଟପୁର ତହସିଲଦାର ବିରଞ୍ଚିନାରାୟଣ ବେହେରା ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ କହିଛନ୍ତି।

## ଓଡ଼ିଆରେ ଜୀବେଶ, ଇଂଲିଶରେ ଲୋପାମୁଦ୍ରା ପ୍ରଥମ




ଖୋର୍ଦ୍ଧା ଅଫିସ, ୨୬ା୩

### ଆନ୍ତଃ କଲେଜ ଚାନ୍‌ସେଲର କପ୍ ପ୍ରତିଯୋଗିତା

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରବିବାର ଆନ୍ତଃମହାବିଦ୍ୟାଳୟସ୍ତରୀୟ କୁଳାଧିପତି (ଚାନ୍‌ସେଲର) କପ୍ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଇଂଲିଶ ପ୍ରତିଯୋଗିତାରେ ପି.ଏନ୍. କଲେଜର ଛାତ୍ରୀ ଲୋପାମୁଦ୍ରା ରାଉତରାୟ ପ୍ରଥମ ଓ ଆମ୍‌ତୁଲ୍ ମୋଜିବ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଆରେ ଏହି କଲେଜର ଛାତ୍ର ଜୀବେଶ କୁମାର ଦେବଦର୍ଶନ ପ୍ରଥମ, ଶୁଭଶ୍ରୀ ବେହେରା ଦ୍ୱିତୀୟ ଓ ସୁଧାସ୍ମିତା ସାହୁ ତୃତୀୟ ସ୍ଥାନରେ ରହିଛନ୍ତି। ହିନ୍ଦୀରେ ଜୀବେଶ କୁମାର ଦେବଦର୍ଶନ ପ୍ରଥମ, ଅମିତ ମହାବିଦ୍ୟାଳୟର ଛାତ୍ରୀ ଦ୍ୱିତୀୟ ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗୀମାନେ ଆସନ୍ତା ଏପ୍ରିଲ ପ୍ରଥମ ସପ୍ତାହରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବିଚାରକ ଭାବେ ଶିକ୍ଷାବିତ ଡ. ରାଜେନ୍ଦ୍ର ରଥ, ଡ. ପ୍ରଦୀପ କୁମାର ସାମନ୍ତରାୟ, ଡ. ସୌମେନ୍ଦ୍ର ମିଶ୍ର, ଡ. ମଦନ ମୋହନ ବେହେରା, ପ୍ରାକ୍ତନ ଅଧ୍ୟକ୍ଷା ସ୍ୱୟଂପ୍ରଭା ପଟ୍ଟନାୟକ, ସୁନିଲ ରଞ୍ଜନ କର, ଡ. ମହମ୍ମଦ ଫୈଜୁଦ୍ଦିନ, ଡ. ଅଜୟ କୁମାର ମିଶ୍ର, ଡ. ବାମଦେବ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ ଏବଂ ପ୍ରାଧ୍ୟାପକ ଶୁଭେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ଡ. ଅରବିନ୍ଦ ପ୍ରଧାନ, ପ୍ରାଚୀପ୍ରଭା ନାୟକ, ଜୟନ୍ତୀ ସିଂ, ପ୍ରଣବ କିଶୋର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବୈଶାଖ, ଡ. ପ୍ରିୟବ୍ରତ ମହାନ୍ତି ପ୍ରମୁଖ ଅଧ୍ୟାପିକା ଅଧ୍ୟାପକମାନେ ସହଯୋଗ କରିଥିଲେ।

## ଚାଉଳକୁ ନେଇ ଚିନ୍ତାରେ ହିତାଧିକାରୀ

ପୁରୀ ଅଫିସ, ୨୬ା୩

- ପ୍ଲାଷ୍ଟିକ୍ ଚାଉଳ ମିଳୁଥିବା ଅଭିଯୋଗ
- ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

ରାଶନ କାର୍ଡ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ଚାଉଳ ଯୋଗାଇ ଦିଆଯାଉଛି। ତେବେ କେତେକ ସ୍ଥାନରେ ଯୋଗାଣ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ଚାଉଳରେ ପ୍ଲାଷ୍ଟିକ୍ ଚାଉଳ ମିଶିଥିବା ଅଭିଯୋଗ ହେଉଛି। ପୁରୀ ପୌରସଂସ୍ଥା ଅନ୍ତର୍ଗତ ବଳିଆପଣ୍ଡା ଅଞ୍ଚଳର ହିତାଧିକାରୀ ବିକାଶ ସାହୁ ଏଭଳି ଅଭିଯୋଗ ଆଣି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିକାଶଙ୍କ ସ୍ତ୍ରୀ ମାନସୀ ସାହୁ କହିଛନ୍ତି, ପ୍ରତ୍ୟେକ ଥର ଭଳି ଗତ ମାସରେ କଣ୍ଟ୍ରୋଲ ଦୋକାନୀଙ୍କ ଠାରୁ ତାଙ୍କ ସ୍ୱାମୀ ଚାଉଳ ଆଣିଥିଲେ। ତେବେ ସେ ରବିବାର ରୋଷେଇ କରିବା ପାଇଁ ଉକ୍ତ ଚାଉଳକୁ ଆଣିବାବେଳେ ସେଥିରେ କିଛି ପୋକ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ସେହି ଚାଉଳକୁ ଖରାରେ ଶୁଖାଇଥିଲେ। ତେବେ ସେଥିରେ ଦୁଇ ପ୍ରକାରର ଚାଉଳ ରହିଥିବା ଦେଖିବାକୁ ପାଇଥିଲେ। ଉକ୍ତ ଚାଉଳ ପ୍ଲାଷ୍ଟିକ୍ କି ନୁହେଁ ସେ ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଉ ବୋଲି ମାନସୀ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଜିଲା ଯୋଗାଣ ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଜାତୀୟ ସଂହତି ରକ୍ଷା ଉପରେ ଗୁରୁତ୍ୱ

ପୁରୀ ଅଫିସ, ୨୬ା୩

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ ଗତ ୧୯ ତାରିଖଠାରୁ ଚାଲିଥିବା ଜାତୀୟ ସଂହତି ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସର ପ୍ରାତଃ ଅଧିବେଶନରେ ଆଧାର ପୁରୁଷ ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତିର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ ଜାତୀୟ ସେବା ଯୋଜନାର ମହତ୍ତ୍ୱ ଓ ଜାତୀୟ ସଂହତି ରକ୍ଷା କରିବାରେ ଶିବିରର ଭୂମିକା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ।

### ଜାତୀୟ ସଂହତି ଶିବିର ଉଦ୍‌ଯାପିତ

ଅତିଥି ଭାବେ ରାମକୃଷ୍ଣ ମିଶନ ଆଶ୍ରମର ସମ୍ପାଦକ ସ୍ୱାମୀ ଆପ୍ତେଶ୍ୱରନନ୍ଦଜୀ ମହାରାଜ, ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, କାର୍ଯ୍ୟନିର୍ବାହୀ ଅଧିକାରୀ ନକୁଳ ଚନ୍ଦ୍ର ଦେହୁରୀ ଏବଂ ପ୍ରଚାର୍ଯ୍ୟ ଡ. ଜଗବନ୍ଧୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସ୍ମୃତିଫଳକ ଦ୍ୱାରା ସମ୍ମାନିତ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ଏବଂ ସ୍ୱେଚ୍ଛାସେବୀମାନେ ନିଜ ଶିବିରର ଅନୁଭୂତି ପ୍ରକାଶ କରିଥିଲେ। ଆଞ୍ଚଳିକ ନିର୍ଦ୍ଦେଶିକା ପଟେଲ ଶିବିରର ସାଫଲ୍ୟ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ପରେ ସ୍ୱେଚ୍ଛାସେବୀ ଏବଂ ପ୍ରୋଗ୍ରାମ ଅଫିସରମାନେ ଗୋବର୍ଦ୍ଧନ ମଠକୁ ଯାଇ ସ୍ୱାମୀ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଆଶୀର୍ବାଦ ନେଇଥିଲେ। ରବିଶଙ୍କର ମିଶ୍ର, ପ୍ରକାଶ ଶତପଥୀ, ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ୱଶୁର, ଶାଳକଙ୍କ ଆକ୍ରମଣରେ ଜ୍ୱାଇଁ ଗୁରୁତର

ନିମାପଡ଼ା,୨୬ା୩(ଡି.ଏନ୍.ଏ.)

ପାରିବାରିକ ବିବାଦର ଏକ କରୁଣ ପରିଣତି ନିମାପଡ଼ା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ଥାନା ଅଧୀନ ରେଞ୍ଚ ବ୍ରାହ୍ମଣପଡ଼ା ଗ୍ରାମର ଜନ୍ମେଜୟ ପଣ୍ଡା ଓ ତାଙ୍କ ସ୍ତ୍ରୀ ତେଜସ୍ୱିନୀ ଶନିବାର ରାତିରେ ସାମଗ୍ରୀ କିଣିବାକୁ ଖେଲାର ବଜାରକୁ ଆସିଥିଲେ। ଏହି ସମୟରେ ଜନ୍ମେଜୟଙ୍କ ଶ୍ୱଶୁର ବାଲିପାଟଣା ଥାନା ଅଧୀନ ଗରିଆ ଗ୍ରାମର ରଘୁନାଥ ପଣ୍ଡା ଓ ତାଙ୍କ ପୁଅ କୀର୍ତ୍ତିବର୍ଦ୍ଧନ ମଧ୍ୟ କୌଣସି କାର୍ଯ୍ୟରେ ଖେଲାର ଆସିଥିଲେ। ହଠାତ୍ ଜ୍ୱାଇଁ ଜନ୍ମେଜୟଙ୍କୁ ଦେଖି ଗାଳିଗୁଲଜ କରିବା ସହ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ ତେଜସ୍ୱିନୀ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଜନ୍ମେଜୟଙ୍କ ମୁଣ୍ଡ ଫାଟିଯିବା ସହ ଗୁରୁତର ଆହତ ହୋଇଥିଲେ।

## ଲବଣଗିରି ମହିମା ଆଶ୍ରମର ବାର୍ଷିକୋତ୍ସବ



ଜଟଣୀ,୨୬ା୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ଜାମୁକୋଳି ଗ୍ରାମ ନିକଟ ଲବଣଗିରି ମହିମା ଆଶ୍ରମର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ଦ୍ୱିତୀୟ ବୃହତ୍ ଧୁନିମଣ୍ଡପ ପ୍ରତିଷ୍ଠା କରାଯାଇଛି। ଆଶ୍ରମ ମୁଖ୍ୟ ଉଦ୍ୟୋକ୍ତା ଅନାମ ଚରଣ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଧୁନି ମଣ୍ଡପ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ମହିମା ସମାଜର ସଭାପତି ଶୁକଦେବ ଦାସ, ନିତ୍ୟାନନ୍ଦ ଦାସ, ହରମୋହନ ଦାସ, ପ୍ରସନ୍ନ କୁମାର ଦାସ, ବ୍ରଜକିଶୋର ଦାସ, ମୁରଲୀଧର ଦାସଙ୍କ ସମେତ ଶତାଧିକ ସାଧୁସନ୍ଥ ଯୋଗ ଦେଇଥିଲେ। ଢେଙ୍କାନାଳ ଯୋରନ୍ଦା ଗାଦି ପରେ ଏଠାରେ ଦ୍ୱିତୀୟ ବୃହତ ଧୁନି ମଣ୍ଡପ ନିର୍ମାଣ ହୋଇଛି। ନିର୍ମାଣ ପାଇଁ ପ୍ରାୟ ୨ବର୍ଷ ସମୟ ଲାଗିଥିବା ବେଳେ ଏଥିରେ ହୋଇଥିବା ସମସ୍ତ ଖର୍ଚ୍ଚ ମହିମା ସମାଜର ଭକ୍ତ, ଅନୁଗାମୀମାନେ କରିଛନ୍ତି। ବିପଥଗାମୀ ବ୍ୟକ୍ତିଙ୍କୁ ଠିକ୍ ମାର୍ଗରେ ପରିଚାଳନା କରିବା ପାଇଁ ଏହି ଆଶ୍ରମରେ ଦୈନିକ ଜ୍ଞାନ ଚର୍ଚ୍ଚା, ସାଧୁବାଣୀ, ଶାସ୍ତ୍ର ଆଲୋଚନା ହୋଇଥାଏ। ଲବଣଗିରି ମହିମା ଆଶ୍ରମରେ ଏହି ବ୍ରହ୍ମ ଯଜ୍ଞ ପାଇଁ ରବିବାର ବ୍ରାହ୍ମ ମୁହୂର୍ତ୍ତରୁ ଅଖଣ୍ଡ ଜ୍ୟୋତି ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ବ୍ରହ୍ମ ଧୂନିରେ ଘୃତାହୁତି, ବ୍ରାହ୍ମନାମ ଭଜନ ସହ ସମୂହ ପ୍ରାର୍ଥନା କରାଯାଇଥିବା ଅନାମ ଚରଣ ଦାସ କହିଛନ୍ତି।

# 'ବନ୍ଦେ ଉତ୍କଳ ଜନନୀ'ରେ ସଂଶୋଧନ ଆବଶ୍ୟକ

ଭୁବନେଶ୍ୱର, ୨୬ା୩ (ବ୍ୟୁରୋ)

- 'ଘନ ଘନ' ବଦଳରେ ହେଉ 'ଘନ' ବନଭୂମି
- ଟୁଇଟ୍ କରି ଦାବି ଜଣାଇଲେ କାନ୍ତକବିଙ୍କ ନାତି

ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଥିବା 'ବନ୍ଦେ ଉତ୍କଳ ଜନନୀ'କୁ କେହି ମନଇଚ୍ଛା ଗାନ କରିପାରିବେ ନାହିଁ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ଗାୟନର ଅନୁମୋଦିତ ସ୍ୱର, ଶୈଳୀ ଓ ଅବଧିକୁ ଅନୁସରଣ କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବାଧ କରାଯାଇଛି। ତେବେ ବିଭାଗ ପକ୍ଷରୁ ପ୍ରସାରିତ ହୋଇଥିବା ରାଜ୍ୟ ସଙ୍ଗୀତରେ କିଞ୍ଚିତା ସଂଶୋଧନ ଆବଶ୍ୟକ ବୋଲି ଏହାର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାତି ଗୁରୁ କଲ୍ୟାଣ ମହାପାତ୍ର ଦାବି କରିଛନ୍ତି। ଏନେଇ ସେ ଟୁଇଟ୍ କରି ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଜଣାଇଛନ୍ତି। ଗୁରୁ କଲ୍ୟାଣଙ୍କ କହିବା ଅନୁଯାୟୀ, ମୂଳ ଗ୍ରନ୍ଥାବଳୀ 'କାନ୍ତ ସାହିତ୍ୟ ମାଳା'ରେ ରାଜ୍ୟ ସଙ୍ଗୀତର ଦ୍ୱିତୀୟ ପଦରେ 'ଘନ ବନଭୂମି' ବୋଲି ଉଲ୍ଲେଖ ରହିଛି। ଏହାକୁ କାନ୍ତକବିଙ୍କ ଦୁଇପୁଅ ସଂଶୋଧନ କରିଥିଲେ। ମାତ୍ରାବୃତ୍ତ ଛନ୍ଦ ଅନୁଯାୟୀ ଏହା 'ଘଅନ' ବୋଲି ଗାନ କରାଯାଏ। ମାତ୍ର ଗୀତଟିକୁ ଗାଇବାରେ ସୁବିଧା ହେବ ବୋଲି ଏହାକୁ ଭୁଲ ଭାବେ 'ଘନ ଘନ ବନଭୂମି' କରାଯାଉଛି। 'ବନଭୂମି' ପୂର୍ବରୁ ଗୋଟିଏ 'ଘନ' ରହିବ। ଏହାର ଅର୍ଥ ଘଞ୍ଚ ଜଙ୍ଗଲ ଥିବା ସ୍ଥାନ। ମାତ୍ର 'ଘନ ଘନ ବନଭୂମି'ର ଅର୍ଥ ବାରମ୍ବାର ବନଭୂମିକୁ ସୂଚାଉଛି, ଯାହାକି ଠିକ୍ ନୁହେଁ ବୋଲି ସେ କହିଛନ୍ତି। ସେହିପରି ଉତ୍କଳ ସମ୍ମିଳନୀ ପକ୍ଷରୁ ମଧ୍ୟ ଏହାକୁ ବିରୋଧ କରାଯାଇଛି। ରାଜ୍ୟ ସଙ୍ଗୀତରେ ଏଭଳି ଭୁଲ୍ ଆଦୌ ଗ୍ରହଣିୟ ନୁହେଁ ବୋଲି ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ତେଣୁ ଏହାକୁ ଠିକ୍ କରି ପୁନର୍ବାର ପ୍ରସାରିତ କରିବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିସହ ୨୦୨୦ ଜୁନ୍ ୭ରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ରାଜ୍ୟ ସଙ୍ଗୀତ ପୋଲିସ୍ ବ୍ୟାଣ୍ଡ, ବଂଶୀ ଓ ସିତାର ଭଳି ବାଦ୍ୟଯନ୍ତ୍ର ମାଧ୍ୟମରେ ପରିବେଷଣ କରାଯିବା ପାଇଁ ଦାବି କରାଯାଇଛି।

# କେପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ, ୨୬ା୩

### ଶଙ୍କର, କୁଳଦୀପ ମ୍ୟାନ୍ ଅଫ୍ ଦି ମ୍ୟାଚ୍



ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ମା' ବଘେଇ ଖେଳପଡ଼ିଆରେ ରବିବାର ସ୍ୱସ୍ତିକ କ୍ଲବ ଆନୁକୂଲ୍ୟରେ କାଇପଦର ପ୍ରିମିୟର ଲିଗ୍ (କେପିଏଲ୍) କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଦୁଇଟି ମ୍ୟାଚ ଖେଳାଯାଇଥିଲା। ବାବା ୱାରିୟର୍ସ ଏକାଦଶ ଏବଂ ଓମ୍‌ସାଇ ଏକାଦଶ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ବାବା ୱାରିୟର୍ସ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୪ ଓଭରରେ ୭ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରିଥିଲା। ଜବାବରେ ଓମ୍‌ସାଇ ଟିମ୍ ନିର୍ଦ୍ଧାରିତ ୧୫ ଓଭରରେ ୧୦୫ ରନ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ଶଙ୍କର ମଙ୍ଗରାଜ ୩୦ ରନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି। ସେହିପରି ମହାକାଳ ମାଇନ୍ସ ଓ ବଦ୍‌ମାସ ଏକାଦଶ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମହାକାଳ ମାଇନ୍ସ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ କରିଥିଲା। ଜବାବରେ ବଦ୍‌ମାସ ଏକାଦଶ ୧୧ ଓଭରରେ ୯୪ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ କୁଳଦୀପ ପାଇକରାୟ ୩୧ ରନ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି।

ମ୍ୟାଚକୁ ଶରତ ମଙ୍ଗରାଜ ଓ ଝଜକିଶୋର ସାମନ୍ତରାୟ ପରିଚାଳନା କରିଥିଲେ। ଭାବ ମହାରଥି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉଦଘାଟକ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥି, ବିଜୟ ଅରିସଲ, ବିଭୁପ୍ରସାଦ ବଳିୟାରସିଂ ଏବଂ ସିଟୁ ପାଇକରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# କୋଣାର୍କରେ ହେବ 'ଏସିଆ ସେଣ୍ଟର ଫର୍ କମ୍ୟୁନିଟି ମିଡିଆ'

କୋଣାର୍କ,୨୬ା୩(ଡି.ଏନ୍.ଏ.):




କୋଣାର୍କରେ ସାମାଜିକ ସଙ୍ଗଠନ ୟଙ୍ଗ୍ ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠା ହେବ ଏସିଆ ସେଣ୍ଟର ଫର୍ କମ୍ୟୁନିଟି ମିଡିଆ। ଏସିଆ ମହାଦେଶରେ ବିକାଶ ଯୋଗାଯୋଗ ଏବଂ ଗୋଷ୍ଠୀ ଗଣମାଧ୍ୟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କେନ୍ଦ୍ର ଉତ୍ସର୍ଗୀକୃତ ହେବ। ଏହି ତାଲିମ କେନ୍ଦ୍ରରେ ଏସୀୟ ଦେଶଗୁଡ଼ିକର ବିଭିନ୍ନ ବିଶ୍ୱବିଦ୍ୟାଳୟର ମିଡିଆ ଅଧ୍ୟୟନର ଛାତ୍ର, ଗବେଷକ, କମ୍ୟୁନିଟି ମିଡିଆ ଅଭ୍ୟାସକାରୀ ଏବଂ ଏସୀୟ ଦେଶଗୁଡ଼ିକର ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପକାଳୀନ ପାଠ୍ୟକ୍ରମ, ତାଲିମ ଏବଂ ଦକ୍ଷତା ବିକାଶ କର୍ମଶାଳା ଆୟୋଜନ ହେବ। ଏହି କେନ୍ଦ୍ରରେ ଜାତୀୟ ତଥା ଅନ୍ତର୍ଜାତୀୟ ସମ୍ମିଳନୀ ପାଇଁ ଏକ ସମ୍ମିଳନୀ କକ୍ଷ, ୧୦୦ ଅଂଶଗ୍ରହଣକାରୀଙ୍କ କ୍ଷମତା ବିଶିଷ୍ଟ ଏକ ତାଲିମ ହଲ୍, ଦୁଇଟି ଆଧୁନିକ ଶ୍ରେଣୀଗୃହ, ରହିବା ସୁବିଧା, ଡିଜିଟାଲ ଲାଇବ୍ରେରି ଏବଂ କାଫେଟେରିଆ ରହିବ। ଏହି କେନ୍ଦ୍ର ଅନ୍ତର୍ଜାତୀୟ ଏବଂ ଜାତୀୟ ସଙ୍ଗଠନ, ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ଗଣମାଧ୍ୟମ ପ୍ରତିଷ୍ଠାନ ତଥା ଏସୀୟ ଦେଶର ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରିବ ବୋଲି କହିଛନ୍ତି ଏହାର ଉଦ୍ୟୋକ୍ତା ତଥା ସାମ୍ବାଦିକ ଓ ଗୋଷ୍ଠୀ ଗଣମାଧ୍ୟମ ବିଶେଷଜ୍ଞ ଏନ. ଏ. ଶାହା ଅନସାରୀ। କୋଣାର୍କଠାରେ ୨୦୧୦ ମସିହାରେ ରାଜ୍ୟର ପ୍ରଥମ କମ୍ୟୁନିଟି ରେଡିଓ 'ରେଡିଓ ନମସ୍କାର' ସ୍ଥାପନ କରି ପରବର୍ତ୍ତୀ ସମୟରେ ଦେଶ ତଥା ବିଦେଶରେ ବେଶ ସୁନାମ ଅର୍ଜନ କରିଥିବା ଅନ୍‌ସାରୀ ଜାତୀୟ ଗୋଷ୍ଠୀ ବେତାର ମହାସଂଘର ଜାତୀୟ ସଭାପତି ଭାବେ ଦୀର୍ଘ ବର୍ଷ କାମ କରି ଭାରତରେ କମ୍ୟୁନିଟି ରେଡିଓ ଆନ୍ଦୋଳନକୁ ସକ୍ରିୟ କରାଇପାରିଛନ୍ତି। ଏହି କେନ୍ଦ୍ର କୋଣାର୍କରେ ସ୍ଥାପିତ ହେବା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ସୁନାମ ବୃଦ୍ଧି ପାଇବ ବୋଲି ଗଣମାଧ୍ୟମ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।




୨୬।୩।୨୦୨୩

| ୬,୬୦,୭୨୬ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଚାଉଳକୁ ନେଇ ଚିନ୍ତାରେ ହିତାଧିକାରୀ

- ପ୍ଲାଷ୍ଟିକ୍ ଚାଉଳ ମିଳୁଥିବା ଅଭିଯୋଗ
- ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

**ପୁରୀ ଅଫିସ, ୨୬।୩:**

ରାଶନ କାର୍ଡ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ଚାଉଳ ଯୋଗାଇ ଦିଆଯାଉଛି। ତେବେ କେତେକ ସ୍ଥାନରେ ଯୋଗାଣ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ଚାଉଳରେ ପ୍ଲାଷ୍ଟିକ୍ ଚାଉଳ ମିଶିଥିବା ଅଭିଯୋଗ ହେଉଛି। ପୁରୀ ପୌରସଂସ୍ଥା ଅନ୍ତର୍ଗତ ବଳିଆପଣ୍ଡା ଅଞ୍ଚଳର ହିତାଧିକାରୀ ବିକାଶ ସାହୁ ଏଭଳି ଅଭିଯୋଗ ଆଣି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିକାଶଙ୍କ ସ୍ତ୍ରୀ ମାନସୀ ସାହୁ କହିଛନ୍ତି, ପ୍ରତ୍ୟେକ ଥର ଭଳି ଗତ ମାସରେ କଣ୍ଟ୍ରୋଲ ଦୋକାନୀଙ୍କ ଠାରୁ ତାଙ୍କ ସ୍ୱାମୀ ଚାଉଳ ଆଣିଥିଲେ। ତେବେ ସେ ରବିବାର ରୋଷେଇ କରିବା ପାଇଁ ଉକ୍ତ ଚାଉଳକୁ ଆଣିବାବେଳେ ସେଥିରେ କିଛି ପୋକ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ସେହି ଚାଉଳକୁ ଖରାରେ ଶୁଖାଇଥିଲେ। ତେବେ ସେଥିରେ ଦୁଇ ପ୍ରକାରର ଚାଉଳ ରହିଥିବା ଦେଖିବାକୁ ପାଇଥିଲେ। ସେ ସେହି ଦୁଇ ପ୍ରକାର ଚାଉଳକୁ ଅଲଗା କରିଥିଲେ। ତନ୍ମଧ୍ୟରେ ଗୋଟିଏ ପ୍ରକାର ଚାଉଳର ଆକାର ଛୋଟ ରହିଥିବା ବେଳେ ଅନ୍ୟ ଚାଉଳ ବଡ଼ ଓ ମୋଟା ରହିଥିଲା। ସନ୍ଦେହ ହେବାକୁ ଚାଉଳକୁ ପାଣିରେ ପକାଇ ପରୀକ୍ଷା କରିଥିଲେ। ଆକାରରେ ବଡ଼ ଥିବା ଚାଉଳ ଫୁଲି ଭାତ ଭଳି ହୋଇଯିବା ସହ ହାତକୁ ନାଲୁଆ ଲାଗିଥିଲା। ଏପରିକି ଚାଉଳ ହାତକୁ ଅଠା ଅଠା ଲାଗିଥିଲା। ମାତ୍ର ଛୋଟ ଆକାର ଥିବା ଚାଉଳ ଠିକ ରହିଥିଲା। ତେଣୁ ମୋଟା ତଥା ବଡ଼ ଆକାରର ଚାଉଳ ଉପରେ ତାଙ୍କର ସନ୍ଦେହ ଅଧିକ ହେବାରୁ ସେ ତାହାକୁ ନେଇ ଚାଉଳ ବିକ୍ରୟ କରୁଥିବା ଜଣେ ବୟସ୍କ ବ୍ୟକ୍ତିଙ୍କୁ ଦେଖାଇଥିଲେ। ସେ ଏପରି ଚାଉଳ ଆଗରୁ ଦେଖି ନ ଥିବା କହିଥିଲେ। ତେଣୁ ତାହା ପ୍ଲାଷ୍ଟିକ୍ ଚାଉଳ ବୋଲି ମାନସୀ ସନ୍ଦେହ ପ୍ରକାଶ କରିଛନ୍ତି। ଯଦି ତାହା ପ୍ଲାଷ୍ଟିକ୍ ଚାଉଳ ହୋଇଥାଏ, ତାହେଲେ ଉକ୍ତ ଚାଉଳର ଭାତ ଖାଇଲେ ଦେହ ଖରାପ ହେବାର ସମ୍ଭାବନା ରହିଛି। ଉକ୍ତ ଚାଉଳ ପ୍ଲାଷ୍ଟିକ୍ କି ନୁହେଁ ସେ ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଉ ବୋଲି ମାନସୀ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଜିଲା ଯୋଗାଣ ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



ବଡ ଓ ମୋଟା ଚାଉଳ । ଛୋଟ ଚାଉଳ ।

# ହାଡୁବନ୍ଧୁ ସଭାପତି, ବସନ୍ତ ସମ୍ପାଦକ



ପିପିଲି ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ଏବଂ ଅନ୍ୟମାନେ ।

## ପିପିଲି ଓକିଲ ସଂଘ ନିର୍ବାଚନ

**ପିପିଲି, ୨୬।୩(ସ୍ୱ.ପ୍ର.):**

ପୁରୀ ଜିଲା ପିପିଲି ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମତଦାନ ସକାଳ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ହୋଇଥିଲା। ସଭାପତି ପଦବୀ ପାଇଁ ପ୍ରାର୍ଥୀ ଆଇନଜୀବୀ ସୁଧୀର କୁମାର ମହାନ୍ତି ଓ ହାଡୁବନ୍ଧୁ ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ତେବେ ହାଡୁବନ୍ଧୁ ୩୨ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ସେହିପରି ସମ୍ପାଦକ ପଦବୀ ପାଇଁ ଅକ୍ଷୟ ଦୀକ୍ଷିତ ଓ ବସନ୍ତ କୁମାର ପରିଡ଼ାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ବସନ୍ତ ୩୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଉପସଭାପତି ଭାବେ ବିକ୍ରମ କୁମାର ଦାସ, ସହ ସମ୍ପାଦକଭାବେ ରସିଦ୍ ଖାନ, ପରିଚାଳନା କମିଟି ସଭ୍ୟଭାବେ ସୁବାସ ଚନ୍ଦ୍ର ମିଶ୍ର, ବିଶ୍ୱଜିତ୍ ପଟ୍ଟନାୟକ ଓ ସଞ୍ଜୟ କୁମାର ଯାଦବ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

## ସଂକ୍ଷେପରେ

### ଭକ୍ତିସଙ୍ଗୀତ ସଙ୍କଳନ 'ଭକ୍ତି ଚିନ୍ତାମଣି' ଉନ୍ମୋଚିତ

ପୁରୀ ଅଫିସ,୨୬।୩: ଶ୍ରୀମନ୍ଦିର ସିଂହଦ୍ୱାରଠାରେ ରବିବାର କବୟିତ୍ରୀ ବିରଳାମଣି ବସ୍ତିଆଙ୍କ ଭକ୍ତିସଙ୍ଗୀତ ସଙ୍କଳନ 'ଭକ୍ତି ଚିନ୍ତାମଣି' ଉନ୍ମୋଚିତ ହୋଇଛି। 'ଭକ୍ତି ଚିନ୍ତାମଣି'କୁ ଗୀତିକାର ବଦ୍ରି ମିଶ୍ର ଉନ୍ମୋଚନ କରିଥିଲେ। ଚନ୍ଦନପୁର, ଉଆସ ସାହିର ୭୨ବର୍ଷୀୟ ଏହି ନାରୀ କବି, ସଂଘର୍ଷ ଓ ସଂଗ୍ରାମମୟ ଦୁଃଖ ଜୀବନର ଦରଦୀ ଅନୁଭବକୁ ନେଇ ଯେପରି ଭାବପୂର୍ଣ୍ଣ ରଚନା କରିଛନ୍ତି, ତାହା ସାରିଆଭିକଙ୍କ ପରି ସ୍ମରଣ ରହିବ ବୋଲି ଗୀତିକାର ମିଶ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବର୍ଷୀୟାନ କଣ୍ଠଶିଳ୍ପୀ ଧନେଶ୍ୱର ମହାପାତ୍ର, କଳା କୃତି ବିକାଶ କେନ୍ଦ୍ରର ସମ୍ପାଦକ ପ୍ରସନ୍ନ ନାୟକ, ସବିତା ଦାଶ, ମନୋରମା ମିଶ୍ର, ମିତା ପରିଡ଼ା, ଲିତା ବସ୍ତିଆ, ସୁନାବେଶ ଭଜନ ସମ୍ପାଦକ ମନୋଜ ଦଇତାପତି ଏବଂ ରବିନାରାୟଣ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏହି ସଙ୍କଳନକୁ ଠାକୁରଙ୍କ ସିଂହାସନରେ ଲାଗି କରାଯାଇଥିଲା।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଡେଲାଙ୍ଗ,୨୬।୩(ଡି.ଏନ୍.ଏ.): ଡେଲାଙ୍ଗ ଥାନା ଅଧୀନ ହାକପଡା ଗ୍ରାମରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ସୁଚିତ୍ରା ସ୍ୱାଇଁ(୨୨)। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଘର ସେଣିରେ ସୁଚିତ୍ରା ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩)ରୁଜୁକରି ତଦନ୍ତ ଚଳାଇଛି।

### ପଞ୍ଚମୁଖୀ ହନୁମାନ ମନ୍ଦିର ପରିସର ସଫେଇ

କୃଷ୍ଣପ୍ରସାଦ,୨୬।୩(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପଞ୍ଚଦୋଳ ପଡ଼ିଆସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସର ଏବଂ ଯାତ୍ରା ପଡ଼ିଆକୁ ରବିବାର ସଫେଇ କରାଯାଇଛି। ଗ୍ରୀନ୍ ପାରିକୁଦ ଏବଂ ବ୍ଲକର ସ୍ୱେଚ୍ଛାସେବୀ ସଙ୍ଗଠନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାନାଡା ବ୍ୟାଙ୍କ ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗ୍ରୀନ ପାରିକୁଦର ବରିଷ୍ଠ ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ମାଝୀ, ଫାଲଗୁନି ଜାଲି, ବିଷ୍ଣୁ ପ୍ରସାଦ ବେହେରା, ଭଗବାନ ତରେଇ, ମିନାରାଣୀ ସାହୁଙ୍କ ସମେତ ମହିଳା ସଙ୍ଗଠନ ସାମିଲ ହୋଇ ମନ୍ଦିର ପରିସର ଓ ପଡ଼ିଆରୁ ଅଳିଆ ଆବର୍ଜନା ସଫେଇ କରିଥିଲେ।



ମଙ୍ଗଳା ମହୋତ୍ସବ ଉଦ୍ଯାପନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଏବଂ ଅନ୍ୟ ଅତିଥି ।

# 'ଶୃଙ୍ଖଳିତ ସମାଜ ପାଇଁ ହିନ୍ଦୁ ଧର୍ମର ଉପଲବ୍ଧି ଆବଶ୍ୟକ'

## ସାମ୍ପ୍ରତିକ ସମାଜରେ ସନାତନ ଧର୍ମର ପ୍ରାସଙ୍ଗିକତା ଶୀର୍ଷକ ଆଲୋଚନାଚକ୍ର

**ପୁରୀ ଅଫିସ, ୨୬।୩:**

ସନାତନ ହିନ୍ଦୁ ଧର୍ମ ଏକ ଧର୍ମ ନୁହେଁ, ଏକ ଆଦର୍ଶ, ଏକ ଦର୍ଶନ, ଏକ ବିଜ୍ଞାନ ଏବଂ ଏକ ସଂକଳ୍ପ। ଶୃଙ୍ଖଳିତ ସମାଜ ଏବଂ ସାର୍ବଭୌମ ଦେଶ ପାଇଁ ଏହାକୁ ସମସ୍ତ ଭାରତୀୟ ଉପଲବ୍ଧି କରିବା ପ୍ରଥମ ଓ ପ୍ରଧାନ ଆବଶ୍ୟକତା ବୋଲି କାନପୁର ଆଇଆଇଟିର ବିଶିଷ୍ଟ ପ୍ରଫେସର ନଚିକେତା ତିୱାରୀ କହିଛନ୍ତି। ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ସମ୍ମିଳନୀ କକ୍ଷରେ ହିନ୍ଦୁ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ 'ସାମ୍ପ୍ରତିକ ସମାଜରେ ସନାତନ ଧର୍ମର ପ୍ରାସଙ୍ଗିକତା' ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ପ୍ରଫେସର ନଚିକେତା ତିୱାରୀ ଯୋଗଦେଇ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ଏହି ଆଲୋଚନାଚକ୍ରକୁ ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ହରେକୃଷ୍ଣ ଶତପଥି ଯୋଗଦେଇ ବିଶ୍ୱରେ ସନାତନ ଧର୍ମର ପ୍ରଭାବ, ଜଗନ୍ନାଥ ଚେତନାରେ ଧର୍ମ-ସଂସ୍କୃତି, ହିନ୍ଦୁ ଧର୍ମର ସେବା-ସମର୍ପଣ ଭାବଧାରା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ହିନ୍ଦୁ ଶିକ୍ଷା ବିଭାଗର ଅଧ୍ୟକ୍ଷ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଶାର ୧୦୮୭ଜଣ ଛାତ୍ରୀଛାତ୍ରଙ୍କୁ ମୁକ୍ତ ବିଦ୍ୟାଦାନ ଓ ରାଜ୍ୟ ବାହାରେ ୭ଟି ଭାଗବତ ଟୁଙ୍ଗି ପ୍ରତିଷ୍ଠା କରିଥିବା ସାମାଜିକ କର୍ମୀ ବଦ୍ରି ମିଶ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଅଧିବେଶନରେ ଯଥାକ୍ରମେ ପ୍ରଫେସର ବିଜୟପାଲ କଛୱା, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତିର କୁଳାନୁଶାସକ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଏବଂ ପ୍ରଫେସର କିଶୋର କୁମାର ଦଳେଇ ଅଧ୍ୟକ୍ଷତା କରିଥିଲେ। ସେହିପରି ଡ. ଓମ୍ ନାରାୟଣ ମିଶ୍ର, ଡ. ଅନୀଲ କୁମାର ଦାଶ, ଡ. ମନୋଜ କୁମାର ସ୍ୱାଇଁ, ଶିବାର୍ଜିତ ମିଶ୍ର ଏବଂ ଡ. ସିଦ୍ଧାର୍ଥ ଶଙ୍କର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଦଯାପନ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଫେସର ଅତୁଲ କୁମାର ନନ୍ଦ ଯୋଗଦେଇ ଦେଶ ସ୍ୱାଧୀନତାର ୭୪ ବର୍ଷ ଭିତରେ ହିନ୍ଦୁ ଶିକ୍ଷା ଏକ ସ୍ୱତନ୍ତ୍ର ବିଷୟ ବା ବିଭାଗ ନ ଥିବାବେଳେ ଏବେ ୧୦ଟି ବିଶ୍ୱବିଦ୍ୟାଳୟରେ ହିନ୍ଦୁ ଶିକ୍ଷା ପ୍ରଦାନ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ସ୍ୱାଗତିକା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମଙ୍ଗଳା ମହୋତ୍ସବ ଉଦ୍‌ଯାପିତ

**କାକଟପୁର,୨୬।୩(ଡି.ଏନ୍.ଏ.):**

କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପଛପଟ ପଡ଼ିଆରେ ଚାଲିଥିବା ମଙ୍ଗଳା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ପ୍ରମୁଖ ଯୋଗଦେଇ ଓଡ଼ିଶାର କଳା ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ରତା ଉପରେ ଆଲୋକପାତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିଜିତ୍ ମଜୁମଦାର, ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ପରିବେଷଣ ଶ୍ରୋତାଙ୍କ ମନ ଛୁଇଁଥିଲା। ତିନିଦିନ ଧରି ଚାଲିଥିବା ଏହି ମହୋତ୍ସବରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସାମଗ୍ରୀ ଷ୍ଟଲ୍‌ରେ ସ୍ଥାନ ପାଇଥିଲା। ଜନସାଧାରଣଙ୍କ ସମର୍ଥନ, ମହୋତ୍ସବ କମିଟି ସଦସ୍ୟଙ୍କ ପରିଶ୍ରମ, ନିରାପତ୍ତା ରକ୍ଷା କରିବାରେ ଏନ୍‌ସିସି ଶିକ୍ଷାର୍ଥୀଙ୍କ ସହ ସ୍ଥାନୀୟ ପୋଲିସର ଭୂମିକାକୁ ମହୋତ୍ସବର ସଭାପତି ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ସମ୍ପାଦକ ସ୍ୱାଧୀନ କୁମାର ନାୟକ ପ୍ରଶଂସା କରି ଧନ୍ୟବାଦ ଦେଇଥିଲେ।

# ୨୮ରୁ ମା'ମଙ୍ଗଳାଙ୍କ ବାସନ୍ତିକ ଦୁର୍ଗାପୂଜା

**କାକଟପୁର,୨୬।୩(ଡି.ଏନ୍.ଏ.):**

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ତିନିଦିନାତ୍ମକ ବାସନ୍ତିକ ଦୁର୍ଗାପୂଜା ୨୮ତାରିଖରୁ ଆରମ୍ଭ ହେବ। ଆଶ୍ୱିନ ମାସର ଷୋଡ଼ଶ ଉପଚାର ପୂଜା ଭଳି ଚୈତ୍ର ମାସର ଶୁକ୍ଳ ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ୩ଦିନ ବ୍ୟାପୀ ମା'ଙ୍କ ତ୍ରିଦିନାତ୍ମକ ବାସନ୍ତିକ ପୂଜା ଅନୁଷ୍ଠିତ ହେବ। ପୂଜାରେ ମା'ଙ୍କୁ ସିଂହବାହିନୀ, କାତିଖର୍ପର ଓ ମହିଷମର୍ଦ୍ଦିନୀ ବେଶରେ ସୁସଜ୍ଜିତ କରାଯାଇଥାଏ। ଆସନ୍ତା ୨୮, ୨୯ ଓ ୩୦ ତାରିଖରେ ଏହି ବାସନ୍ତିକ ପୂଜା ପଡୁଥିବାରୁ ମା'ଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଯୋଗୁ ଉକ୍ତ ଦିବସଗୁଡ଼ିକରେ ମନ୍ଦିରର ସିଂହଦ୍ୱାର ସକାଳଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମା'ଙ୍କର ପାରମ୍ପରିକ ପୂଜାର୍ଚ୍ଚନା ବେଶଭୂଷା ପରେ ଏହି ତ୍ରିଦିନାତ୍ମକ ପୂଜା ପାଇଁ ଅପରାହ୍ନ ୩ଟାରେ ମନ୍ଦିର ପହୁଡ଼ ଖୋଲିବା ପରେ ଭକ୍ତମାନେ ମନ୍ଦିର ଗର୍ଭଗୃହ ମଧ୍ୟକୁ ନ ଯାଇ ଦୂରରେ ଥାଇ ମା'ଙ୍କ ଦର୍ଶନ ଲାଭ କରିପାରିବେ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା କାକଟପୁର ତହସିଲଦାର ବିରଞ୍ଚି ନାରାୟଣ ବେହେରା ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ କହିଛନ୍ତି।

# ପୁରୀର ୧୬ କ୍ରୀଡ଼ାବିତ୍ ଭାଗନେବେ




ମନୋନୀତ ହୋଇଥିବା ଖେଳାଳିମାନେ ।

## ଜାତୀୟ ସବ୍‌ଜୁନିୟର କ୍ୟାଡେଟ ଟାଏକୋଣ୍ଡୋ

**ପୁରୀ ଅଫିସ, ୨୬।୩:**

ଚଳିତ ମାସ ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର କୋଟା ବିଶ୍ୱବିଦ୍ୟାଳୟର ସ୍ପୋର୍ଟସ କମ୍ପ୍ଲେକ୍ସରେ ୩୬ତମ ସବ୍‌ଜୁନିୟର ଟାଏକୋଣ୍ଡୋ କିରୋଗୀ ଓ ୧୦ତମ ସବଜୁନିୟର ଟାଏକୋଣ୍ଡୋ ପୁମ୍‌ସେ ପ୍ରତିଯୋଗିତା ଏବଂ ୧୦ତମ କ୍ୟାଡେଟ କିରୋଗୀ ଓ ପୁଂସି ଟାଏକୋଣ୍ଡୋ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। ଏଥିରେ ପୁରୀରୁ ୧୬ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିବେ। ସେମାନେ ହେଲେ ବାଳିକା ବିଭାଗରେ ଅପର୍ଣ୍ଣା ସାହୁ, ଡି. ସୁଜାତା ରେଡ୍ଡୀ, ଲକ୍ଷ୍ମୀପ୍ରିୟା ମୁଣ୍ଡା, ଡି. ଅର୍ପିତା ରେଡ୍ଡୀ, ଦିବ୍ୟା ସାହୁ, ଅନନ୍ୟା ପ୍ରିୟଦର୍ଶୀ, ମୀରାମ୍ବିକା ସାହୁ, ଐଶର୍ଯ୍ୟା ନାଏକ, ଓଁ ଶ୍ରୀ ଜେନା ଏବଂ ସ୍ମୃତିରେଖା ନାୟକ। ସେହିପରି ବାଳକ ବିଭାଗରେ ପ୍ରତୀକ୍ ବେହେରା, ପ୍ରିୟାଂଶୁ ସ୍ୱାଇଁ, ଶୁଭମ୍ ମହାପାତ୍ର, ସାଇଜିତ୍ ମହାନ୍ତି, ଜ୍ୟୋତିପ୍ରକାଶ ମଲ୍ଲିକ ଓ ସୌମ୍ୟ ରଞ୍ଜନ କାଣ୍ଡି। ଟିମ୍ କୋଚ ଭାବେ ବିଶ୍ୱନାଥ ନାୟକ, ମିଥୁନ କୁମାର ସାହୁ, ପ୍ରଶାନ୍ତ କୁମାର ପାତ୍ର, ଦୀପକ କୁମାର ପ୍ରଧାନ ଓ ସଂଯୁକ୍ତା ବରାଳ ମନୋନୀତ ହୋଇ ଟିମ୍ ସହ ଯାଉଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୧୧ ଓ ୧୨ରେ ପୁରୀ ରେଲୱେ ଇନ୍‌ଡୋର ହଲ୍‌ରେ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଚୟନ ହୋଇଥିବା କ୍ରୀଡାବିତ୍‌ମାନେ ନିଜ ନିଜ ବର୍ଗରେ କ୍ରୀଡ଼ା ପ୍ରଦର୍ଶନ କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ଭାଗନେବାକୁ ଥିବା କ୍ରୀଡ଼ାବିତ୍‌ମାନଙ୍କୁ ଜିଲା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଉତ୍ସାହିତ କରିବା ସହ ଜାତୀୟ ସ୍ତରରେ ଉଚ୍ଚସ୍ତରୀୟ କ୍ରୀଡ଼ା ପ୍ରଦର୍ଶନ କରି ପଦକ ଜିତି ନିଜ ରାଜ୍ୟ ପାଇଁ ଗୌରବ ଆଣିବାକୁ ପରାମର୍ଶ ଦେଇଛନ୍ତି।

# ଜାତୀୟ ସଂହତି ରକ୍ଷା ଉପରେ ଗୁରୁତ୍ୱ

## ଜାତୀୟ ସଂହତି ଶିବିର ଉଦ୍‌ଯାପିତ

**ପୁରୀ ଅଫିସ, ୨୬।୩:**

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ ଗତ ୧୯ ତାରିଖଠାରୁ ଚାଲିଥିବା ଜାତୀୟ ସଂହତି ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସର ପ୍ରାତଃ ଅଧିବେଶନରେ ଆଧାର ପୁରୁଷ ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତିର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ ଜାତୀୟ ସେବା ଯୋଜନାର ମହତ୍ତ୍ୱ ଓ ଜାତୀୟ ସଂହତି ରକ୍ଷା କରିବାରେ ଶିବିରର ଭୂମିକା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଅତିଥି ଭାବେ ରାମକୃଷ୍ଣ ମିଶନ ଆଶ୍ରମର ସମ୍ପାଦକ ସ୍ୱାମୀ ଆପ୍ତେଶ୍ୱରନନ୍ଦଜୀ ମହାରାଜ, ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, କାର୍ଯ୍ୟନିର୍ବାହୀ ଅଧିକାରୀ ନକୁଳ ଚନ୍ଦ୍ର ଦେହୁରୀ ଏବଂ ପ୍ରଚାର୍ଯ୍ୟ ଡ. ଜଗବନ୍ଧୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସ୍ମୃତିଫଳକ ଦ୍ୱାରା ସମ୍ମାନିତ କରଯାଇଥିଲା। ପ୍ରୋଗ୍ରାମ ଅଫିସର ଏବଂ ସ୍ୱେଚ୍ଛାସେବୀମାନେ ନିଜ ଶିବିରର ଅନୁଭୂତି ପ୍ରକାଶ କରିଥିଲେ। ଆଞ୍ଚଳିକ ନିର୍ଦ୍ଦେଶିକା ପଟେଲ ଶିବିରର ସାଫଲ୍ୟ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ପରେ ସ୍ୱେଚ୍ଛାସେବୀ ଏବଂ ପ୍ରୋଗ୍ରାମ ଅଫିସରମାନେ ଗୋବର୍ଦ୍ଧନ ମଠକୁ ଯାଇ ସ୍ୱାମୀ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଆଶୀର୍ବାଦ ନେଇଥିଲେ। ଡ. ରବିଶଙ୍କର ମିଶ୍ର, ଡ. ପ୍ରକାଶ କୁମାର ଶତପଥୀ, ବିସ୍ମିତା ମିଶ୍ର, ଡ. ସବିତାରାଣୀ ଦାସ, ଡ. ସଂଘମିତ୍ରା ସ୍ୱାଇଁ, ଜ୍ୟୋତିସ୍ମିତା ସାହୁ ଏବଂ ସୌମିତ୍ରି ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ହରପ୍ରିୟା ଦାଶ ସଭାମଞ୍ଚ ପରିଚାଳନା କରିଥିଲେ।

# ୩ ଦିନ ପରିବେଷଣ ହେବ ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ

## ବିଶ୍ୱ ନାଟ୍ୟ ଦିବସ ପାଳନ କରିବ ପୁରୀ ଆର୍ଟିଷ୍ଟ ଆସୋସିଏଶନ୍

**ପୁରୀ ଅଫିସ, ୨୬।୩:**

ପୁରୀ ଆର୍ଟିଷ୍ଟ ଆସୋସିଏଶନ୍ ତରଫରୁ ଚଳିତବର୍ଷ ବିଶ୍ୱ ନାଟ୍ୟ ଦିବସକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯିବ। ଏ ନେଇ ଏକ ଖବରଦାତା ସମ୍ମିଳନୀ ରବିବାର ବଳଗଣ୍ଡି ଛକସ୍ଥିତ ଭକ୍ତ ସାଲବେଗ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ୍‌ର ସଭାପତି ଭରତ କୁମାର ନାୟକ କହିଛନ୍ତି, ୨୭, ୨୮ ଏବଂ ୨୯ ତାରିଖ ତିନିଦିନ ଧରି ବିଶ୍ୱ ନାଟ୍ୟ ଦିବସ ପାଳନ କରାଯିବ। କାର୍ଯ୍ୟକ୍ରମ ଉଦ୍‌ଘାଟନ ଦିବସ ସକାଳେ ଏକ ଶୋଭାଯାତ୍ରାରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ଅଣାଯିବ। ସନ୍ଧ୍ୟାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ନାଟକ 'ଅସହାୟ' ମଞ୍ଚସ୍ଥ ହେବ। ଉକ୍ତ ନାଟକକୁ ପ୍ରଦୀପ କୁମାର ପ୍ରଧାନ ରଚନା କରିବା ସହିତ ନିର୍ଦ୍ଦେଶନା ଦେଇଛନ୍ତି। ଅଞ୍ଜନ କୁମାର ସେହିପରି ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ୨୮ ତାରିଖରେ ରାମକୃଷ୍ଣ ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକ 'ରାଜନନ୍ଦିନୀ' ମଞ୍ଚସ୍ଥ ହେବ। ଗଣେଶ୍ୱର ମହାପାତ୍ର ଏହାର ରଚନା କରିବା ସହିତ ନିର୍ଦ୍ଦେଶନା ଦେଇଛନ୍ତି। ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଅମିତ୍ କୁମାର ଚାଟାର୍ଜୀ କାର୍ଯ୍ୟକ୍ରମ ନିର୍ଦ୍ଦେଶନା ଓ ପରିଚାଳନା ଦାୟିତ୍ୱରେ ରହିବେ। ଏହି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ଚକ୍ରଧର ମହାପାତ୍ର, ସାଧାରଣ ସମ୍ପାଦକ ଶକ୍ତି ପ୍ରସାଦ ମହାନ୍ତି ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମ ସମ୍ପର୍କରେ ଆସୋସିଏଶନ୍‌ର ସଭାପତି ଭରତ ନାୟକ ସୂଚନା ଦେଉଛନ୍ତି।

# କୋଣାର୍କରେ ହେବ 'ଏସିଆ ସେଣ୍ଟର ଫର୍ କମ୍ୟୁନିଟି ମିଡିଆ'

**କୋଣାର୍କ,୨୬।୩(ଡି.ଏନ୍.ଏ.):**

କୋଣାର୍କରେ ସାମାଜିକ ସଙ୍ଗଠନ ୟଙ୍ଗ୍ ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠା ହେବ ଏସିଆ ସେଣ୍ଟର ଫର୍ କମ୍ୟୁନିଟି ମିଡିଆ। ଏସିଆ ମହାଦେଶରେ ବିକାଶ ଯୋଗାଯୋଗ ଏବଂ ଗୋଷ୍ଠୀ ଗଣମାଧ୍ୟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କେନ୍ଦ୍ର ଉତ୍ସର୍ଗୀକୃତ ହେବ। ଏହି ତାଲିମ କେନ୍ଦ୍ରରେ ଏସୀୟ ଦେଶଗୁଡ଼ିକର ବିଭିନ୍ନ ବିଶ୍ୱବିଦ୍ୟାଳୟର ମିଡିଆ ଅଧ୍ୟୟନର ଛାତ୍ର, ଗବେଷକ, କମ୍ୟୁନିଟି ମିଡିଆ ଅଭ୍ୟାସକାରୀ ଏବଂ ଏସୀୟ ଦେଶଗୁଡ଼ିକର ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପକାଳୀନ ପାଠ୍ୟକ୍ରମ, ତାଲିମ ଏବଂ ଦକ୍ଷତା ବିକାଶ କର୍ମଶାଳା ଆୟୋଜନ ହେବ। ଏହି କେନ୍ଦ୍ରରେ ଜାତୀୟ ତଥା ଅନ୍ତର୍ଜାତୀୟ ସମ୍ମିଳନୀ ପାଇଁ ଏକ ସମ୍ମିଳନୀ କକ୍ଷ, ୧୦୦ ଅଂଶଗ୍ରହଣକାରୀଙ୍କ କ୍ଷମତା ବିଶିଷ୍ଟ ଏକ ତାଲିମ ହଲ୍, ଦୁଇଟି ଆଧୁନିକ ଶ୍ରେଣୀଗୃହ, ରହିବା ସୁବିଧା, ଡିଜିଟାଲ ଲାଇବ୍ରେରି ଏବଂ କାଫେଟେରିଆ ରହିବ। ଏହି କେନ୍ଦ୍ର ଅନ୍ତର୍ଜାତୀୟ ଏବଂ ଜାତୀୟ ସଙ୍ଗଠନ, ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ଗଣମାଧ୍ୟମ ପ୍ରତିଷ୍ଠାନ ତଥା ଏସୀୟ ଦେଶର ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରିବ ବୋଲି କହିଛନ୍ତି ଏହାର ଉଦ୍ୟୋକ୍ତା ତଥା ସାମ୍ବାଦିକ ଓ ଗୋଷ୍ଠୀ ଗଣମାଧ୍ୟମ ବିଶେଷଜ୍ଞ ଏନ. ଏ. ଶାହା ଅନସାରୀ। କୋଣାର୍କଠାରେ ୨୦୧୦ ମସିହାରେ ରାଜ୍ୟର ପ୍ରଥମ କମ୍ୟୁନିଟି ରେଡିଓ 'ରେଡିଓ ନମସ୍କାର' ସ୍ଥାପନ କରି ପରବର୍ତ୍ତୀ ସମୟରେ ଦେଶ ତଥା ବିଦେଶରେ ବେଶ ସୁନାମ ଅର୍ଜନ କରିଥିବା ଅନ୍‌ସାରୀ ଜାତୀୟ ଗୋଷ୍ଠୀ ବେତାର ମହାସଂଘର ଜାତୀୟ ସଭାପତି ଭାବେ ଦୀର୍ଘ ବର୍ଷ କାମ କରି ଭାରତରେ କମ୍ୟୁନିଟି ରେଡିଓ ଆନ୍ଦୋଳନକୁ ସକ୍ରିୟ କରାଇପାରିଛନ୍ତି। ଏହି କେନ୍ଦ୍ର କୋଣାର୍କରେ ସ୍ଥାପିତ ହେବା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ସୁନାମ ବୃଦ୍ଧି ପାଇବ ବୋଲି ଗଣମାଧ୍ୟମ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।



**ଶ୍ୱେତସଙ୍କେତର ମାସିକ ସାହିତ୍ୟ ଆସର**

ଭୁବନେଶ୍ୱର,(ବ୍ୟୁରୋ): ଶ୍ୱେତସଙ୍କେତର ମାସିକ ସାହିତ୍ୟ ଆସର ରବିବାର ରାଜଧାନୀ କଳା ସଂସଦରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଡ. ସୁଚେତା ରାଉତ ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ଅମୂଲ୍ୟଚନ୍ଦ୍ର ଦାଶ କବିତା ପାଠର ସଂଯୋଜନା କରିଥିଲେ। ସମାଜର ବିଭିନ୍ନ ସମସ୍ୟା ଉପରେ କବୟିତ୍ରୀ ଓ କବିମାନେ ସୁନ୍ଦର କବିତା ପାଠ କରଥିଲେ। ନାରୀ ସ୍ୱାଧୀନତା ଓ ନାରୀ ସଶକ୍ତିକରଣ ଉପରେ ଆଲୋକପାତ କରାଯାଇଥିଲା। ସହ ସମ୍ପାଦକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଓଡ଼ିଶାର କଳା, ସଂସ୍କୃତି ପ୍ରସାର ଆମର ଲକ୍ଷ୍ୟ: ପଲକ

ନୂଆଦିଲ୍ଲୀ,୨୬।୩ : ନୂଆଦିଲ୍ଲୀ ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ ୩ଦିନିଆ ଓଡିଶା ପର୍ବରେ ଲାଲଚାନ୍ଦ ଜୁଏଲର୍ସ ସାମିଲ ହୋଇ ସମସ୍ତ ସହଯୋଗର ହାତ ବଢାଇଥିଲା। ଏଭଳି ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାର କଳା, ସଂସ୍କୃତିକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିବା ଏକ ପ୍ରକୃଷ୍ଟ ଅବସର ବୋଲି ଲାଲଚାନ୍ଦ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଲାଲଚାନ୍ଦ ଜୁଏଲର୍ସର ସିଇଓ ପଲକ ହଂସ ସେନ୍ କହିଛନ୍ତି, ଜଣେ ବ୍ୟକ୍ତି ନିଜର ସଂସ୍କୃତି ଏବଂ ମୂଲ୍ୟବୋଧ ସହିତ ଯୋଡ଼ି ହୋଇ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏହାକୁ ନେଇ ଗର୍ବ କରିବା ଏବଂ ଏହାକୁ ବିଶ୍ୱସ୍ତରରେ ପ୍ରଦର୍ଶନ କରିବା ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। କଳା ଓ ସଂସ୍କୃତି ହେଉଛି ଓଡ଼ିଆ ଜାତିର ପରିଚୟ। ଲାଲଚାନ୍ଦ ଜୁଏଲର୍ସ ସର୍ବଦା ଓଡ଼ିଆ କଳା ଓ ସଂସ୍କୃତିକୁ ଆଗକୁ ନେବାକୁ ପ୍ରଚେଷ୍ଟା କରି ଆସିଛି। ଏହି ଉଦ୍ଦେଶ୍ୟରେ ନୂଆଦିଲ୍ଲୀଠାରେ ଓଡ଼ିଶା ଅସ୍ମିତାକୁ ଉପସ୍ଥାପିତ କରୁଥିବା ଓଡ଼ିଶା ପର୍ବରେ ଲାଲଚନ୍ଦ ଜୁଏଲର୍ସ ସାମିଲ ହୋଇଛି। ଅପରପକ୍ଷରେ ଲାଲଚାନ୍ଦ ନିକଟରେ ରାଜଧାନୀ ଦିଲ୍ଲୀଠାରେ ଏକ ନୂତନ ଆଉଟଲେଟ ଖୋଲିଛି, ଯାହା ଓଡ଼ିଶାର ଉତ୍ତମ କାରୁ କାର୍ଯ୍ୟ ସମ୍ପନ୍ନ ଅଳଙ୍କାର ଡିଜାଇନ ପାଇଁ ବେଶ୍ ଲୋକପ୍ରିୟ ହୋଇଛି। ଆମେ ଓଡ଼ିଶାର ପାରମ୍ପରିକ ଅଳଙ୍କାରକୁ ଏକ ଜାତୀୟ ପ୍ଲାଟଫର୍ମକୁ ନେବାକୁ ଉଦ୍ୟମ କରୁଛୁ, ଫଳରେ ରାଜ୍ୟର କଳା ଏବଂ ହସ୍ତଶିଳ୍ପକୁ ସମଗ୍ର ଦେଶରେ ପ୍ରଦର୍ଶନ କରାଯାଇପାରିବ ବୋଲି ସେ କହିଛନ୍ତି।

### ଭାଜପାରେ ମିଶିଲେ ପୂର୍ବତନ ବିଧାୟକଙ୍କ ପୁଅ

ବାଲକାଟୀ, ୨୬।୩ (ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ଦିୱାନ ପୋଖରୀ ପଡିଆରେ ବାଲିଅନ୍ତା ବ୍ଲକ ଭାଜପା ମଣ୍ଡଳ ସଙ୍ଗଠନ ପକ୍ଷରୁ ରବିବାର ବ୍ଲକସ୍ତରୀୟ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବାଲିଅନ୍ତା ଓ ବାଲିପାଟଣା ବ୍ଲକର ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ଏହି ବନ୍ଧୁ ମିଳନ ଉତ୍ସବରେ ପୂର୍ବତନ ବିଧାୟକ ଗୋପୀନାଥ ଭୋଇଙ୍କ ପୁଅ ସ୍ମୃତିରଞ୍ଜନ ଶତାଧିକ ସାମର୍ଥକଙ୍କ ସହିତ ଅନୁଷ୍ଠାନିକଭାବେ ଭାଜପାରେ ଯୋଗଦେଇଥିଲେ। ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ସିଧେଶ୍ୱର ନାଥ. ସୁବାସ ଜେନା, ଶିବ ମଲିକ, ବସନ୍ତ ନାୟକ, ଜଗନ୍ନାଥ ବେହେରା, ତାପସ ଜେନା, ସଞ୍ଜୟ ପରିଡା, ନିକୁଞ୍ଜ କିଶୋର ପଟ୍ଟନାୟକ, ବିଷ୍ଣୁ ପ୍ରିୟା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

# ଦେଶ ପାଇଁ ଓଡ଼ିଶାର ଅବଦାନ ଅତୁଳନୀୟ



ଓଡିଶା ପର୍ବର ଉଦଯାପନୀ ଉତ୍ସବରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଅନ୍ୟ ଅତିଥିମାନେ।

## ଓଡିଶା ପର୍ବ ଉଦଯାପିତ

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମଠାରେ ଚାଲିଥିବା ଓଡ଼ିଶା ପର୍ବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ସମାଜ, ନୂଆଦିଲ୍ଲୀ ପକ୍ଷରୁ ଏହି ତ୍ରିଦିବସୀୟ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ କହିଲେ, ଓଡ଼ିଶା ଅସ୍ମିତାକୁ ଓଡ଼ିଆ ଜାତି ମନରେ ଜାଗ୍ରତ କରିବାର ସମୟ ଆସିଛି। ଏ ଦେଶ ପାଇଁ ଓଡ଼ିଶାର ଅବଦାନ ଅତୁଳନୀୟ। ପାଇକ ଯୁଦ୍ଧଠାରୁ ଆରମ୍ଭ କରି କଳା, ସଂସ୍କୃତି, ଐତିହ୍ୟ, ସାହିତ୍ୟ ଆଦି ସମସ୍ତ କ୍ଷେତ୍ରରେ ଓଡ଼ିଶାର ଅବଦାନ ଅନନ୍ୟ। ସ୍ୱାଧୀନତାରେ ଝାସ ଦେଇଥିବା ପାଇକ ବୀରଙ୍କ ବଳିଦାନ ଏ ଜାତିକୁ ସମୃଦ୍ଧ କରିଥିବାବେଳେ ଅନବୈଦ୍ୟ ସାହିତ୍ୟ ସୃଷ୍ଟି ଏହାକୁ ବଳିଷ୍ଠ ତଥା ଉନ୍ନତ କରି ଗଢି ତୋଳିଛି। ଏହି ଅବସରରେ 'ସ୍ୱାବଲମ୍ବୀ ଓଡ଼ିଶା' କନ୍‌କ୍ଲେଭର ଆଲୋଚନା ହୋଇଥିଲା। ଏଥିରେ ଲେପଜିଗ୍ ବିଶ୍ୱବିଦ୍ୟାଳୟର ଉପମୁଖ୍ୟ ଡ. ଶିବାଶିଷ ଗିରି, ରଞ୍ଜନ କୁମାର ମହାପାତ୍ର, ରଞ୍ଜିତ ରଥ, ପ୍ରଫେସର ଦାମୋଦର ଆଚାର୍ଯ୍ୟ, ଆଶିଷ ପତି, ମୃତ୍ୟୁଞ୍ଜୟ ସୁଆର, ଅର୍ଥନୀତିଜ୍ଞ ଡ. ସନ୍ତୋଷ କୁମାର ମହାପାତ୍ର, ଡ. ଅଶୋକ ମହାପାତ୍ର, ସନ୍ଦୀପ ଦାସ, ଡ. ଯଦୁମଣି ଜେନା ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ସ୍ୱାବଲମ୍ବନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ ଏବଂ ଗ୍ରୁପ୍‌ଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ 'ଚିର ନମସ୍ୟ ପରଂବ୍ରହ୍ମ' ଉପସ୍ଥିତ ଦର୍ଶକଙ୍କୁ ଭେଟି ଦେଇଥିଲା ଓଡ଼ିଶୀ ନୃତ୍ୟର ଭିନ୍ନ ଏକ ସ୍ୱରୂପ। ପଶ୍ଚିମ ଓଡ଼ିଶାର ସଙ୍ଗୀତ ଅନୁଷ୍ଠାନ 'ଆଦିଧୂନ'ର ସଂଚାଳକ ରବିରତନ ସାହୁଙ୍କ ସଂଯୋଜନାରେ ଲୋକବାଦ୍ୟ, ଲୋକନୃତ୍ୟ ଓ ଲୋକ ସଙ୍ଗୀତର ଅପୂର୍ବ ସଙ୍ଗମ ଦେଖିବାକୁ ମିଳିଥିଲା। ଗୁରୁ ଅନିରୁଦ୍ଧ ଏବଂ ଗ୍ରୁପ ଦ୍ୱାରା ଶୌର୍ଯ୍ୟର ଗାଥା 'ଅନନ୍ୟ ଓଡ଼ିଶା' ଛଉ ଓ ପାଇକ ଫ୍ୟୁଜନ ନୃତ୍ୟର ଭରପୂର ଆନନ୍ଦ ଉଠାଇଥିଲେ ଦର୍ଶକ। ଲୋକପ୍ରିୟ ଓଡ଼ିଆ କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦଙ୍କ ସୁଫିଆନା ସଙ୍ଗୀତରେ ଦର୍ଶକ ବିମୁଗ୍ଧ ହୋଇଥିଲେ। ପ୍ରାୟ ୧ଲକ୍ଷ ଦର୍ଶକ ଏଥିରେ ସାମିଲ ହୋଇ ପାରମ୍ପରିକ ଓଡ଼ିଶାର ଐତିହ୍ୟ, ଖାଦ୍ୟର ଭରପୂର ମଜା ନେଇଥିଲେ।



ପରିବେଷିତ ଓଡ଼ିଶୀ ନୃତ୍ୟ।

# ଭୁବନେଶ୍ୱରକୁ ଜିଲା ମାନ୍ୟତା ପ୍ରଦାନ ଅଭିଯାନ ଆରମ୍ଭ



ଭୁବନେଶ୍ୱର,୨୬।୩(ବ୍ୟୁରୋ)

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀ ଭୁବନେଶ୍ୱରକୁ ଜିଲା ମାନ୍ୟତା ଦେବା ପାଇଁ ପ୍ରୟାସ କରିଥିଲେ। ଏଥିପାଇଁ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ଏହି କମିଟି ଭୁବନେଶ୍ୱରକୁ ଜିଲା କରିବାକୁ ସୁପାରିଶ କରିଥିଲେ ବୋଲି ଭୁବନେଶ୍ୱରକୁ ଜିଲା ମାନ୍ୟତା ପ୍ରଦାନ ପାଇଁ ଆରମ୍ଭ ହୋଇଥିବା ଅଭିଯାନର ଆବାହକ ଓ ଅନ୍ୟମାନେ ମତ ପ୍ରକାଶ କରିଛନ୍ତି। ବିଭିନ୍ନ ଅନୁଷ୍ଠାନକୁ ନେଇ ଗଠିତ 'ମିଳିତ ମହାମଞ୍ଚ' ପକ୍ଷରୁ ଭୁବନେଶ୍ୱରକୁ ଜିଲା କରିବା ପାଇଁ ସରକାରଙ୍କ ନିକଟରେ ଉପସ୍ଥାପନା ପାଇଁ ସ୍ୱାକ୍ଷର ସଂଗ୍ରହ ଅଭିଯାନ କରାଯାଇଛି। ଭୁବନେଶ୍ୱରର ୩ ନିର୍ବାଚନମଣ୍ଡଳୀ ସହ ଜଟଣୀ ଓ ଜୟଦେବ ନିର୍ବାଚନ ମଣ୍ଡଳିରେ ଏହି ଅଭିଯାନ କରାଯିବ ବୋଲି କୁହାଯାଇଛି। ଲିଙ୍ଗରାଜ ସାହୁଙ୍କ ଆବାହାକତ୍ୱ ଓ ସରୋଜ କୁମାର ସାହୁଙ୍କ ସଂଯୋଜନାରେ ଏହି ଅଭିଯାନରେ ମହାମଞ୍ଚର ଉପଦେଷ୍ଟା ଭାବେ ପୂର୍ବତନ ପ୍ରଶାସକ ତଥା ପୂର୍ବତନ ଖୋର୍ଦ୍ଧା ଜିଲାପାଳ ରଘୁନାଥ ମିଶ୍ର, ପୂର୍ବତନ ପ୍ରଶାସକ ଅଲେଖ ଚରଣ ସାହୁ, ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ କୁଳପତି ବିମଳେନ୍ଦୁ ମହାନ୍ତି, କେଦାରନାଥ ଗବେଷଣା ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପାଣି, ପୂଜାପଣ୍ଡା ନିଯୋଗର ସଭାପତି କାଶିନାଥ ପୂଜାପଣ୍ଡା ସମେତ ଶତାଧିକ ଲୋକ ସାମିଲ ହୋଇଛନ୍ତି। ପ୍ରାୟ ସବୁ ରାଜଧାନୀ ଜିଲା ହୋଇଥିବାବେଳେ ଭୁବନେଶ୍ୱରକୁ ଜିଲା କରିବା ପାଇଁ ବହୁ କାରଣ ରହିଥିବା ସେମାନେ ମତ ପ୍ରକାଶ କରିଛନ୍ତି। ୧୯୯୨ରେ ଖୋର୍ଦ୍ଧା ଜିଲା ଗଠନ ବେଳେ ଏହାର ଲୋକ ସଂଖ୍ୟା ୧୧ଲକ୍ଷ ଥିବା ବେଳେ ଏବେ ୨୨ଲକ୍ଷରେ ପହଞ୍ଚିଲାଣି। ଭୁବନେଶ୍ୱରରେ ସବୁ ସରକାରୀ କାର୍ଯ୍ୟାଳୟ କାର୍ଯ୍ୟ କରୁଥିବାବେଳେ ୩ ନିର୍ବାଚନ ମଣ୍ଡଳିରେ ଲୋକ ସଂଖ୍ୟା ୧୨ଲକ୍ଷ ଟପିଛି। ୧୩ ଜିଲା ପୁର୍ନଗଠନ ପୂର୍ବରୁ ମଧ୍ୟ ଜଷ୍ଟିସ ଦାସ କମିଶନ ତାଙ୍କ ରିପୋର୍ଟରେ ଭୁବନେଶ୍ୱରକୁ ରାଜସ୍ୱ ଜିଲା ଗଠନ ପାଇଁ ସୁପାରିଶ କରିଥିଲେ। ଭୁବନେଶ୍ୱରକୁ ଜିଲା ଗଠନ ପାଇଁ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତି ପ୍ରସ୍ତାବ ରଖି ବହୁ କାର୍ଯ୍ୟାଳୟ ଏଠାରେ ସ୍ଥାପନା କରିଥିଲେ। ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ହେଉକି ଭୁବନେଶ୍ୱରର ବିଭିନ୍ନ ସମସ୍ୟା ଦେଖା ଦେଲେ ଜିଲାପାଳ ସଙ୍ଗେ ସଙ୍ଗେ ଉପସ୍ଥିତ ହୋଇ ସମାଧାନ କରିପାରିବେ। ଏପରି ବହୁ କାରଣ ପାଇଁ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା କରିବା ଆବଶ୍ୟକ ବୋଲି କୁହାଯାଇଛି।

## ବିଶ୍ୱ ନାଟକ ଦିବସର ଦ୍ୱିତୀୟ ସନ୍ଧ୍ୟା

# ନାଟକ ଶୁଣ ସୁଜନେ ମଞ୍ଚସ୍ଥ

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ସମାଜରେ ସବୁ ମଣିଷ ସମାନ ନୁହଁନ୍ତି। ହେଲେ ସବୁ ମଣିଷ ଯାହା ଦେଖାଯାଆନ୍ତି ସେମାନେ ଯେ, ସେଇଆ ତାହା ଭାବିବା ଭୁଲ। ବେଶ ପୋଷାକରୁ ମଣିଷକୁ ଚିହ୍ନିବା ଜାଣିବା ଏକଦମ ଠିକ ନୁହେଁ। ବହୁତ ସମୟରେ ଭଦ୍ର ଲୋକ ଭଳି ବେଶ ପୋଷାକ ଧାରି ମଣିଷ ଭିତରେ ସଇତାନ ଥାଆନ୍ତି। ଆଉ ଚେହେରାରେ ଗୁଣ୍ଡା ସଇତାନ ଭଳି ଦେଖାଯାଉଥିବା ଲୋକଙ୍କ ଭିତରେ ମଧ୍ୟ ବେଳେ ବେଳେ ଗୋଟିଏ ଭଲ ମଣିଷ ଲୁଚି ରହିଥିବାର ଦେଖାଯାଇ। ଠିକ ଏଭଳି କାହାଣୀକୁ ନେଇ ଆଗେଇଛି ନାଟକ 'ଶୁଣ ସୁଜନେ'। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ଅବସରରେ ଅନୁଷ୍ଠିତ ହେଉଥିବା ନାଟକ ପର୍ବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରେ ଡାଇନମିକ ପ୍ଲାଟଫର୍ମ ପକ୍ଷରୁ ନାଟକ ଶୁଣ ସଜନେ ମଞ୍ଚସ୍ଥ ହୋଇଥିଲା। ବିଶ୍ୱଜିତ୍ ଦାସ ଏହାର ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେବବ୍ରତ ପଟ୍ଟନାୟକ ଦେଇଛନ୍ତି। ନବୀନ, ଭକ୍ତିରଞ୍ଜନ, ସ୍ୱରୂପ, ଚିରଞ୍ଜିବ,



ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ପରିବେଷିତ ନାଟକ 'ଶୁଣ ସୁଜନେ'ର ଏକ ଦୃଶ୍ୟ।

ହୀମାଂଶୁ ପ୍ରମୁଖ ଏହି ନାଟରେ ଅଭିନୟ କରିଛନ୍ତି। ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ନାଟ୍ୟକାର ଶଙ୍କର ତ୍ରିପାଠୀ, ଦର୍ପ ନାରାୟଣ ସେଠୀ, ଲାଲା ବିରେନ ରାୟ ପ୍ରମୁଖ ଯୋଗଦେଇଥିଲେ।

# ପ୍ରତିଷ୍ଠା ହେବ 'ଏସିଆ ସେଣ୍ଟର ଫର୍ କମ୍ୟୁନିଟି ମିଡିଆ'

କୋଣାର୍କ,୨୬।୩(ଡି.ଏନ୍.ଏ.)

କୋଣାର୍କରେ ସାମାଜିକ ସଙ୍ଗଠନ ୟଙ୍ଗ୍ ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠା ହେବ ଏସିଆ ସେଣ୍ଟର ଫର୍ କମ୍ୟୁନିଟି ମିଡିଆ। ଏସିଆ ମହାଦେଶରେ ବିକାଶ ଯୋଗାଯୋଗ ଏବଂ ଗୋଷ୍ଠୀ ଗଣମାଧ୍ୟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି କେନ୍ଦ୍ର ଉତ୍ସର୍ଗୀକୃତ ହେବ ବୋଲି ଏହାର ଉଦ୍ୟୋକ୍ତା ତଥା ସାମ୍ବାଦିକ ଓ ଗୋଷ୍ଠୀ ଗଣମାଧ୍ୟମ ବିଶେଷଜ୍ଞ ଏନ. ଏ. ଶାହା ଅନସାରୀ କହିଛନ୍ତି ।

# ସମ୍ବର୍ଦ୍ଧିତ ହେଲେ ଯୁବିକା ବ୍ରହ୍ମା

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ଚଳଚ୍ଚିତ୍ର 'ଜ୍ୱିଗାଟୋ'ରେ ଅଭିନୟ କରି ପ୍ରଶଂସା ସାଉଣ୍ଟିଛନ୍ତି ଶିଶୁ କଳାକାର ଯୁବିକା ବ୍ରହ୍ମା। ସେଥିପାଇଁ ରବିବାର ସ୍ଥାନୀୟ ଏକ ହୋଟେଲରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କାଦମ୍ବିନୀର ସମ୍ପାଦିକା ଡ. ଇତିରାଣୀ ସାମନ୍ତ, ଓଲିଉଡ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ନିର୍ଦ୍ଦେଶକ ସୁଧାଂଶୁ ସାହୁ ଏବଂ ସିନେ ସମୀକ୍ଷକ ଦିଲୀପ ହାଲି ଅତିଥି ଭାବେ ଯୋଗ ଦେଇଥିଲେ। କିଟ ଇଣ୍ଟରନ୍ୟାସନାଲ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଯୁବିକା ହେଉଛନ୍ତି କେନ୍ଦୁଝରର ଝିଅ। ଏହି ଚଳଚ୍ଚିତ୍ରରେ ସେ କମେଡିଆନ କପିଲ ଶର୍ମାଙ୍କ କନ୍ୟା ଭୂମିକାରେ ନଜର ଆସିଛନ୍ତି। ଚମତ୍କାର ଅଭିନୟ ପାଇଁ ଯୁବିକାଙ୍କୁ ସବୁ ସ୍ତରରୁ ପ୍ରଶଂସା ମିଳିବାରେ ଲାଗିଛି। ଯୁବିକାଙ୍କ ଏହି ସଫଳତା ପଛରେ ବାପା ସରୋଜ କୁମାର ବ୍ରହ୍ମା, ମାଆ ରୋଜାଲିନ ବିଶ୍ୱାଳ, ଜେଜେ ଆନନ୍ଦ କିଶୋର ବ୍ରହ୍ମା, ଜେଜେ ମା' ଜାନଭୀ ବ୍ରହ୍ମା, ଅଜା ପ୍ରଦୀପ କୁମାର ବିଶ୍ୱାଳ ଓ ଆଈ ମିନର୍ଭା ବିଶ୍ୱାଳଙ୍କ ବିଶେଷ ପ୍ରେରଣା ଓ ଅବଦାନ ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ତାଙ୍କୁ ଓଡିଶା ସିନେଆର୍ଟିଷ୍ଟ ଆସୋସିଏଶନ, ସିନେକ୍ରିଟିକ ଆସୋସିଏଶନ, ଟେଲିଆର୍ଟିଷ୍ଟ ଆସୋସିଏଶନ, ଫିଲ୍ମ ଜର୍ଣ୍ଣାଲିଷ୍ଟ ଫୋରମ ଏବଂ ବଲିଉଡ ଓଡିଆ ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ହରପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବକୁ ଶୁଭମ୍ ପରିଚାଳନା କରିଥିଲେ।



ଶିଶୁ କଳାକାର ଯୁବିକା ବ୍ରହ୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ନିଜଠାରୁ ଅଧିକ ବୁଦ୍ଧିମାନ ହେବାକୁ ଦିଅନାହିଁ'

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗରେ 'ଜଟିଳ ବ୍ୟବସାୟ ପରିବେଶରେ ଆକାଉଣ୍ଟିଂର ଭବିଷ୍ୟତ' ଉପରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଭାରତୀୟ ଆକାଉଣ୍ଟିଂ ଆସୋସିଏଶନ ସହଯୋଗରେ ଆୟୋଜିତ ଏହି ଆଲୋଚନାଚକ୍ରରେ ନାଲ୍‌କୋ ସିଏମ୍‌ଡି ତଥା ସିଏ ଶ୍ରୀଧର ପାତ୍ର ସରଳ ଏବଂ ଜଟିଳ ଆକାଉଣ୍ଟିଂ ସମ୍ପର୍କରେ ସୂଚନାଦେଇ କହିଲେ, ଡିଜିଟାଲ ଯୁଗରେ ବ୍ୟବସାୟକୁ ଟେକ୍ନୋଲୋଜି, ସାଇବର କ୍ରାଇମ୍, ଅପରାଧ ଓ ତ୍ରୁଟିରୁ ରକ୍ଷା ପାଇବାକୁ ସତର୍କ ରହିବାକୁ ପଡିବ। ବ୍ଲକ ଚେନ ହେଉ କିମ୍ବା ବିଏସ୍‌ଇ, ଏନ୍‌ଏସଇ, ଷ୍ଟକ ମାର୍କେଟ କ୍ଲାଉଡ୍ କମ୍ପ୍ୟୁଟିଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ବିକଶିତ ହେଉଛି। ହା ଆକାଉଣ୍ଟିଂର ଭବିଷ୍ୟତ ହୋଇପାରେ। କିନ୍ତୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ନିଜଠାରୁ ଅଧିକ ବୁଦ୍ଧିମାନ ହେବାକୁ ଦିଅ ନାହିଁ ବୋଲି ସେ କହିଥିଲେ। ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ କୁଳପତି ତଥା ଆଇଏଏ ସଭାପତି ପ୍ରଫେସର ରଞ୍ଜନ କୁମାର ବଳ ଆକାଉଣ୍ଟିଂ କ୍ଷେତ୍ରରେ ତାଙ୍କର ଚାରି ଦଶନ୍ଧିର ଅଭିଜ୍ଞତାକୁ ଉପସ୍ଥାପନ କରିଥିଲେ। ଆମକୁ ହିସାବ-କିତାବର ଭବିଷ୍ୟତର ଜଟିଳତାକୁ ଖୋଜି ବାହାର କରିବାକୁ ହେବ ଏବଂ ଏ କ୍ଷେତ୍ରରେ ଗବେଷଣା ଉପରେ ଗୁରୁତ୍ୱ ଦେବାକୁ କୋଲକାତା ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ଅଧ୍ୟାପକ ପ୍ରଫେସର ଆଶିଷ କୁମାର ସାନା କହିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗରେ ଏକ ଗବେଷଣା ପ୍ରକୋଷ୍ଠ ଉଦ୍‌ଘାଟିତ ହୋଇଥିଲା। ଦୁଇଟି ବୈଷୟିକ ଅଧିବେଶନରେ ଗବେଷକମାନେ ୮୬ଟି ଗବେଷଣାପତ୍ର ଉପସ୍ଥାପନ କରିଥିଲେ। ଶେଷ ଅଧିବେଶନରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନ୍ତଃ ଶୃଙ୍ଖଳାଗତ ଗବେଷଣା ଉପରେ ଗୁରୁତ୍ୱାରୋପ କରିବା ସହ ପରିବର୍ତ୍ତିତ ବ୍ୟବସାୟିକ ପରିବେଶକୁ ଆଧାର କରି ଏକ ପାଠ୍ୟକ୍ରମ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରବୋଧ କୁମାର ହୋତା ଅତିଥି ପରିଚୟ ଓ ଆୟୋଜକ ସଚିବ ଡ. ରବୀନ୍ଦ୍ର କୁମାର ସ୍ୱାଇଁ, ପ୍ରଫେସର ଏସ୍.କେ. ଦାଶ ଉପସ୍ଥିତ ଥିଲେ। ଆଇଏଏର କୋଷାଧ୍ୟକ୍ଷ ଚନ୍ଦ୍ରିକା ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବ ଭାରତୀୟ ଫଟୋଗ୍ରାଫି, ଚିତ୍ରକଳା ପ୍ରଦର୍ଶନୀ



ଫଟୋଗ୍ରାଫି ଓ ଚିତ୍ରକଳା ପ୍ରଦର୍ଶନୀରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ଭୁବନେଶ୍ୱର ସତ୍‌ସଙ୍ଗ ବିହାର ପ୍ରାଙ୍ଗଣରେ ଥିବା ରତାୟନୀ କକ୍ଷରେ ଦେଓଘର ଠାକୁର ବାଡ଼ି ଓ ଭୁବନେଶ୍ୱର ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ଉତ୍ସୃଜୀ ସର୍ବ ଭାରତୀୟ ଫଟୋଗ୍ରାଫି ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ସାଂସଦ କୃଷ୍ଣପାଲ ସିଂହ ଯାଦବ ଓ ସତ୍‌ସଙ୍ଗର ପ୍ରତି ଋତିକ ଡା. ବିନାୟକ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ୨୦୦ ସତ୍‌ସଙ୍ଗୀ ପ୍ରେମୀ ଗୁରୁଭାଇ, ମା ଓ ପିଲାମାନଙ୍କ ସହିତ ଆସାମ କୋଲକାତା, ମୁମ୍ବାଇ, ମାଡ୍ରାସ, ଝାଡ଼ଖଣ୍ଡ ଦେଓଘର ଓ ଓଡ଼ିଶାର ୪୦ଜଣ ଚିତ୍ରଶିଳ୍ପୀ ଉପସ୍ଥିତ ଥିଲେ। ୧୦୦ଟି ଚିତ୍ରକଳା ଓ ଫଟୋଗ୍ରାଫି ଉକ୍ତ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା।

# 'ବନ୍ଦେ ଉତ୍କଳ ଜନନୀ'ରେ ସଂଶୋଧନ ହେଉ

- 'ଘନ ଘନ' ବଦଳରେ ହେଉ 'ଘନ' ବନଭୂମି
- ଟୁଇଟ୍ କରି ଦାବି ଜଣାଇଲେ କାନ୍ତକବିଙ୍କ ନାତି

ଭୁବନେଶ୍ୱର, ୨୬।୩ (ବ୍ୟୁରୋ)

ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଥିବା 'ବନ୍ଦେ ଉତ୍କଳ ଜନନୀ'କୁ କେହି ମନଇଚ୍ଛା ଗାନ କରିପାରିବେ ନାହିଁ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ଗାୟନର ଅନୁମୋଦିତ ସ୍ୱର, ଶୈଳୀ ଓ ଅବଧିକୁ ଅନୁସରଣ କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବାଧ୍ୟ କରାଯାଇଛି। ତେବେ ବିଭାଗ ପକ୍ଷରୁ ପ୍ରସାରିତ ହୋଇଥିବା ରାଜ୍ୟ ସଙ୍ଗୀତରେ କିଛିଟା ସଂଶୋଧନ ଆବଶ୍ୟକ ବୋଲି ଏହାର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାତି ଗୁରୁ କଲ୍ୟାଣ ମହାପାତ୍ର ଦାବି କରିଛନ୍ତି। ଏନେଇ ସେ ଟୁଇଟ୍ କରି ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଜଣାଇଛନ୍ତି। ଗୁରୁ କଲ୍ୟାଣଙ୍କ କହିବା ଅନୁଯାୟୀ, ମୂଳ ଗ୍ରନ୍ଥାବଳୀ 'କାନ୍ତ ସାହିତ୍ୟ ମାଳା'ରେ ରାଜ୍ୟ ସଙ୍ଗୀତର ଦ୍ୱିତୀୟ ପଦରେ 'ଘନ ବନଭୂମି' ବୋଲି ଉଲ୍ଲେଖ ରହିଛି। ଏହାକୁ କାନ୍ତକବିଙ୍କ ଦୁଇପୁଅ ସଂଶୋଧନ କରିଥିଲେ। ମାତ୍ରାବୃତ୍ତ ଛନ୍ଦ ଅନୁଯାୟୀ ଏହା 'ଘଅନ' ବୋଲି ଗାନ କରାଯାଏ। ମାତ୍ର ଗୀତଟିକୁ ଗାଇବାରେ ସୁବିଧା ହେବ ବୋଲି ଏହାକୁ ଭୁଲ ଭାବେ 'ଘନ ଘନ ବନଭୂମି' କରାଯାଉଛି। 'ବନଭୂମି' ପୂର୍ବରୁ ଗୋଟିଏ 'ଘନ' ରହିବ। ଏହାର ଅର୍ଥ ଘଞ୍ଚ ଜଙ୍ଗଲ ଥିବା ସ୍ଥାନ। ମାତ୍ର 'ଘନ ଘନ ବନଭୂମି'ର ଅର୍ଥ ବାରମ୍ବାର ବନଭୂମିକୁ ସୂଚାଉଛି, ଯାହାକି ଠିକ୍ ନୁହେଁ ବୋଲି ସେ କହିଛନ୍ତି। ସେହିପରି ଉତ୍କଳ ସମ୍ମିଳନୀ ପକ୍ଷରୁ ମଧ୍ୟ ଏହାକୁ ବିରୋଧ କରାଯାଇଛି। ରାଜ୍ୟ ସଙ୍ଗୀତରେ ଏଭଳି ଭୁଲ୍ ଆଦୌ ଗ୍ରହଣୀୟ ନୁହେଁ ବୋଲି ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ତେଣୁ ଏହାକୁ ଠିକ୍ କରି ପୁନର୍ବାର ପ୍ରସାରିତ କରିବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିସହ ୨୦୨୦ ଜୁନ୍ ୭ରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ରାଜ୍ୟ ସଙ୍ଗୀତ ପୋଲିସ୍ ବ୍ୟାଣ୍ଡ, ବଂଶୀ ଓ ସିତାର ଭଳି ବାଦ୍ୟଯନ୍ତ୍ର ମାଧ୍ୟମରେ ପରିବେଷଣ କରାଯିବା ପାଇଁ ଦାବି କରାଯାଇଛି।

## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ୍ ଚାଳକ ମୃତ

ଯାଁଳା,୨୬ା୩(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅଧୀନ ବାଟଭୁଆସୁଣିଠାରେ ଶନିବାର ରାତିରେ କାର୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଅଞ୍ଚଳର ଦିବ୍ୟଦର୍ଶନ ପ୍ରଧାନ(୩୩)। ଆହତଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିବା ସହ ତଦନ୍ତ କରି କାର୍ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### କାତ୍ୟାୟନୀ ବେଶରେ ମା'ଜାଗୁଲାଈ

ଜଟଣୀ,୨୬ା୩(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମଦେବୀ ମା'ଜାଗୁଲାଈଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବର ରବିବାର ଷଷ୍ଠୀ ତିଥିର ସନ୍ଧ୍ୟାରେ ଜାଗୁଲାଇ କାତ୍ୟାୟନୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ମହାସ୍ନାନ କରାଯାଇ ଚିତ୍ରକର ବିଜୟ କୁମାର ପଣ୍ଡାଙ୍କ ଦ୍ୱାରା ମା'ଙ୍କୁ ବେଶ କରାଯାଇଥିଲା। ଷୋଡ଼ଶ ଉପଚାର ପୂଜା ପରେ ସପ୍ତସତୀ ଚଣ୍ଡୀପାଠ ଓ ଯଜ୍ଞ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ସୋମବାର ମା' କାଳରାତ୍ରି ବେଶରେ ଦର୍ଶନ ଦେବେ ବୋଲି ନିତ୍ୟ ସେବକ ମନୋରଞ୍ଜନ ପଣ୍ଡା କହିଛନ୍ତି। ଜଟଣୀ ନଗରପାଳ ଅନନ୍ତ ବେହେରା, ସଭାପତି ରାଧାମୋହନ ପଟ୍ଟନାୟକ, କୋଷାଧ୍ୟକ୍ଷ ଅଶୋକ ଦାସ, ସହ କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ପଣ୍ଡା, ସରୋଜ ପାଇକରାୟ, ପୂର୍ଣ୍ଣଚନ୍ଦ୍ର ସାହାଣୀ, କୃତିବାସ ପୃଷ୍ଟି, ଦିପୁ ପାଲ ପ୍ରମୁଖ କାର୍ଯ୍ୟରେ ପରିଚାଳନା କରିଥିଲେ ବୋଲି କମିଟି ସମ୍ପାଦକ ଏଲ୍.ଡି. ମହାନ୍ତି କହିଛନ୍ତି।

### ବାଘମାରୀରେ ହରେକୃଷ୍ଣ ଉତ୍ସବ

ବେଗୁନିଆ,୨୬ା୩(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମସ୍ଥିତ ରଘୁନାଥ ଦେବଙ୍କ ପୀଠରେ ୫୭ତମ ହରେକୃଷ୍ଣ ଉତ୍ସବ ପାଳିତ ହୋଇଯାଇଛି। ଶନିବାର ହରିହାଟ, ଶାଳାମଣ୍ଡନ, ଶୁଭ ଅଙ୍କୁରାରୋପଣ ଓ କଳସ ଯାତ୍ରା ସମ୍ପନ୍ନ ହୋଇଥିଲା। ରବିବାର ଆୟୋଜିତ ନାମଯଜ୍ଞ କାର୍ଯ୍ୟକ୍ରମରେ ୧୬ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଦିବ୍ୟ ଧୁନେ ହରି ନାମ ଜପ କରିଥିଲେ। ପାଠ ପରିସରରେ ୪ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆୟୋଜିତ ଉତ୍ସବରେ କୈଳାସ ଚନ୍ଦ୍ର ପଣ୍ଡା, ବାବାଜୀ ପଣ୍ଡା, କଳ୍ପତରୁ ପଣ୍ଡା, ବୀରକିଶୋର ପଣ୍ଡା, ଶିବ ପଣ୍ଡା, ସୁଶାନ୍ତ ପଣ୍ଡାଙ୍କ ମିଳିତ ଉଦ୍ୟମରେ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୬୨ ୟୁନିଟ ରକ୍ତ ସଂଗ୍ରହ

ଜଟଣୀ,୨୬ା୩(ଡି.ଏନ୍.ଏ.): ଜଟଣୀର ସାମାଜିକ ଅନୁଷ୍ଠାନ ବଜରଙ୍ଗୀ ସେବା ସଙ୍ଘର ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ରବିବାର ସ୍ଥାନୀୟ ଅଗ୍ରୱାଲ ଧର୍ମଶାଳା ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଟଣୀ ସୁରକ୍ଷା ମଞ୍ଚ ସହଯୋଗରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ରେଡକ୍ରସ ସହାୟତାରେ ୬୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଡ.ସୌରଭ ରାୟ ଏବଂ ଅରୁଣ ସାହୁ ପରିଚାଳନା କରିଥଲେ। ଚିତ୍ତ ପ୍ରଧାନ, ଜଗଦୀଶ ପ୍ରସାଦ ଅଗ୍ରୱାଲ, ସଞ୍ଜୟ କୁମାର ସାହୁ, ନିରଞ୍ଜନ ସାହୁ, ସୁକାନ୍ତ ସାହୁ, ଶିବରାମ ଆଚାରିଙ୍କ ସହିତ ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ୨୧ ଦେବଦେବୀଙ୍କ ମେଳଣ ଉତ୍ସବ

ବାଲୁଗାଁ,୨୬ା୩(ଡି.ଏନ୍.ଏ.)

ଚିଲିକା ବ୍ଲକ ବଡ଼କୂଳ ପଞ୍ଚାୟତ ଅଧୀନ ସୁବୁଦ୍ଧିପାଟଣା ଏବଂ ତୋଟାପଡ଼ା ଗ୍ରାମର ଇଷ୍ଟଦେବତା ଶ୍ରୀଜଗତେଶ୍ୱର ଦେବଙ୍କ ପୀଠରେ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ସହ ରବିବାର ପୂର୍ଣ୍ଣାହୁତି ଦିବସରେ ୨୧ ଦେବଦେବୀଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଗୁରୁବାର ଅଙ୍କୁରାରୋପଣ ପରେ ଶୁକ୍ରବାରଠାରୁ ଯଜ୍ଞ ଆରମ୍ଭ ହୋଇଥିଲା। ତିନି ଦିନ ବ୍ୟାପୀ ଅନୁଷ୍ଠିତ ଏହି ଯଜ୍ଞ ଦର୍ଶନ ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରବିବାର ଯଜ୍ଞର ପୂର୍ଣ୍ଣାହୁତି ଦିବସରେ ସ୍ଥାନାଧିପତି ଜଗତେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ପ୍ରଥମେ ରାମେଶ୍ୱର ଦେବ ପାଟପଟୁଆର, ରୋସଣି ସହ ପହଞ୍ଚି ଆସ୍ଥାନ ବିଜେ କରିଥିଲେ। ପରେ ବିଭିନ୍ନ ଗ୍ରାମରୁ ଅନ୍ୟ ଦେବଦେବୀ ଭେଲେରୀ ଧବଳେଶ୍ୱର ଦେବ, ବଡ଼କୂଳ ଗାଦିଶ୍ୱର ଦେବ ଓ ହରଗୌରୀ ଦେବ, ଗାଲୁଆ ଗୁପ୍ତେଶ୍ୱର ଦେବ, ମଙ୍ଗଳପୁର ଜଗତେଶ୍ୱର ଦେବ, ସୁବୁଦ୍ଧି ପାଟଣା ଦଧିବାମନ ଦେବ, ଛେଡ଼ାପଦର ରାଧାମୋହନ ଦେବ, ଚନ୍ଦ୍ରାପୁଟ ବାଳମୁକୁନ୍ଦ ଦେବ, ଖାରିବନ୍ଧ ରଘୁନାଥ ଦେବ, କାନ୍ଥମାଳ ଆଙ୍କୁଲା ଭଗବତ୍ ଦେବ, ରାଉତରାପଲ୍ଲୀ ରାଧାଗୋବିନ୍ଦ ଦେବ, ଇଞ୍ଜନପୁର ବୁଢ଼ାଲିଙ୍ଗେଶ୍ୱର, ବଡ଼କୂଳ ମା' କନ୍ଧୁଣୀ ଦେବୀ ପ୍ରମୁଖ ୨୧ ଦେବଦେବୀ ଦୋଳ ବିମାନରେ ପାଟପଟୁଆର ସହ ଆସି ନିଜ ଆସ୍ଥାନ ଗ୍ରହଣ କରିଥିଲେ।



ମେଳଣରେ ଲୋକଙ୍କ ଭିଡ଼।

### ଜଗତେଶ୍ୱର ଦେବଙ୍କ ପୀଠରେ ରୁଦ୍ର ମହାଯଜ୍ଞ

ଦିନତମାମ୍ ଠାକୁରଙ୍କ ପୂଜାନୀତି ଅନୁଷ୍ଠିତ ହେବା ପରେ ଅପରାହ୍ଣରେ ଯଜ୍ଞର ପୂର୍ଣ୍ଣାହୁତି ହୋଇ ମେଳଣ ଉତ୍ସବ ଆରମ୍ଭ ହୋଇଥିଲା। ଘଣ୍ଟ, କାହାଳୀ, ବାଦ୍ୟ, ହରିବୋଲ ଧ୍ୱନିରେ ମେଳଣ ପଡ଼ିଆ ଉତ୍ସବମୁଖର ହୋଇଉଠିଥିଲା। ପରେ ସମସ୍ତ ଠାକୁର ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଜଗତେଶ୍ୱର ଦେବଙ୍କ ପ୍ରତି ବିଶ୍ୱାସ ରହିଥିବାରୁ ବର୍ଷକୁ ଥରେ ଏହି ମେଳଣ ଉତ୍ସବ ହେବା ସହ ଦର୍ଶନ ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଉତ୍ସବକୁ ସୁବୁଦ୍ଧି ପାଟଣା ଏବଂ ତୋଟାପଡ଼ା ଗ୍ରାମବାସୀ ପରିଚାଳନା କରିଥିଲେ।





ଜଟଣୀ କୁଦିଆରୀସ୍ଥିତ ମା' ଜାଗୁଲାଇଙ୍କ କାତ୍ୟାୟନୀ ଓ ନିରାକାରପୁର ରାମେଶ୍ୱର ପଞ୍ଚାୟତସ୍ଥିତ ବନଦୁର୍ଗାଙ୍କ ସ୍କନ୍ଦମାତା ବେଶ।

# ୩ ଗୋରୁ ସହ ଗାଡ଼ି ଜବତ: ୨ ଅଟକ

ଖୋର୍ଦ୍ଧା ଅଫିସ, ୨୬ା୩

ଖୋର୍ଦ୍ଧାରେ ରବିବାର ଏକ ଗାଡ଼ିରୁ ୩ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଫଳରେ ପୁଣି ଗୋଚାଲାଣ ଘଟଣା ସାମ୍ନାକୁ ଆସିଛି। ଗୋଭକ୍ତ ଓ ଗ୍ରାମବାସୀ ୩ଗୋରୁଙ୍କୁ ଉଦ୍ଧାର କରିବା ସହ ଡ୍ରାଇଭରଙ୍କ ସମେତ ୨ଜଣଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଏନେଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ସମ୍ପୃକ୍ତ ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପଟେ ଗୋଚାଲାଣରେ ତାଙ୍କ ସମ୍ପୃକ୍ତି ଅଭିଯୋଗକୁ କେରଙ୍ଗ ସରପଞ୍ଚ ଏମ୍. ହୁସେନ ଖଣ୍ଡନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, କେରଙ୍ଗ ପଟୁ ଗୋରୁ ବୋଝେଇ ଏକ ଟାଟା ଏସିଇ ଗାଡ଼ି ଖୋର୍ଦ୍ଧା ଆଡ଼କୁ ଯାଉଥିଲା। ମୁକ୍ତାପୁର ଛକରେ ଦୁଇଜଣ ଗୋଭକ୍ତ ଠିଆ ହୋଇଥିଲେ। ଏହି ସମୟରେ ଗାଡ଼ି ଡ୍ରାଇଭର ଉଭୟଙ୍କୁ ଦେଖି ଦ୍ରୁତଗତିରେ ପଳାଇ ଯାଉଥିବାବେଳେ କେତେଜଣ ଗ୍ରାମବାସୀ ତାଙ୍କୁ ଗୋଡ଼ାଇ ଧରିଥିଲେ। ଗାଡ଼ିରେ ୩ଟି ଗୋରୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଥିଲେ। ଗୋରୁ କେଉଁଠୁ ଆଣିଲେ ଓ କୁଆଡ଼େ ନେଉଥିଲେ ବୋଲି ସେମାନେ ପଚାରିଥିଲେ। ତେବେ ଡ୍ରାଇଭର କିଛି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଅନ୍ୟପକ୍ଷରେ ଗୋରୁଙ୍କୁ ଛାଡ଼ି ଦେବାକୁ କେରଙ୍ଗ ସରପଞ୍ଚ ମୋବାଇଲ ଫୋନ୍‌ରେ କହୁଥିବା ଭାଇରାଲ ଅଡିଓକୁ ସେ ଖଣ୍ଡନ କରିଛନ୍ତି। ସରପଞ୍ଚ ହୁସେନ୍ କହିଛନ୍ତି, ବାଙ୍କୀର ଏକ ଗ୍ରାମରୁ ସମ୍ପୃକ୍ତ ଡ୍ରାଇଭର ତାଙ୍କ ଭଉଣୀ ଘରୁ ୩ଟି ଗୋରୁ ଧରି ଦିବ୍ୟସିଂହପୁରପ୍ରସାଦ ଗ୍ରାମକୁ ଆସୁଥିଲେ। ଏନେଇ ତାଙ୍କ ନିକଟରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କ ପତ୍ର ରହିଛି।

### ଗୋଚାଲାଣରେ ସମ୍ପୃକ୍ତି ଅଭିଯୋଗକୁ କେରଙ୍ଗ ସରପଞ୍ଚଙ୍କ ଖଣ୍ଡନ

ସୂଚନାଯୋଗ୍ୟ, ୫୭ନଂ ଓ ୧୬ ନଂ. ଜାତୀୟ ରାଜପଥ ଦେଇ ଗୋଚାଲାଣ କରାଯାଉଛି। ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଏପରିକି ବାଂଲାଦେଶ ପର୍ଯ୍ୟନ୍ତ ମାଫିଆଙ୍କ ଚେର ଲମ୍ବିଛି। ବାହାର ରାଜ୍ୟକୁ ଗୋଚାଲାଣରେ ମାଫିଆ ସହଯୋଗ କରୁଥିବାବେଳେ ର୍‍ୟାକେଟ ମଧ୍ୟ ସମ୍ପୃକ୍ତ। ଅତୀତରେ ଏଭଳି କେତୋଟି ଘଟଣାରୁ ଏହା ସାମ୍ନାକୁ ଆସିଛି।

### ସ୍କନ୍ଦମାତା ବେଶରେ ଦର୍ଶନ ଦେଲେ ବନଦୁର୍ଗା

ନିରାକାରପୁର,୨୬ା୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା'ବନଦୁର୍ଗାଙ୍କ ପୀଠରେ ନବଦିବନାତ୍ମକ ବାସନ୍ତିକ ଦୁର୍ଗାପୂଜାର ପଞ୍ଚମ ଦିବସରେ ମା' ସ୍କନ୍ଦମାତା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଏହି ଉପଲକ୍ଷେ ସକାଳେ ମଙ୍ଗଳ ଆଳତି, ବାଳ ଭୋଗ, ଷୋଡଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ଶପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟାରେ ବାଳଭୋଗ, ଅଧରପଣା ଓ ମହାପ୍ରସାଦ ଅର୍ପଣ ପୂର୍ବକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ସ୍କନ୍ଦମାତାଙ୍କୁ ଆରାଧନା କଲେ ଚତୁର୍ବର୍ଗ ଫଳପ୍ରାପ୍ତି ହୋଇଥାଏ ବୋଲି ପୂଜକ କୃପାସିନ୍ଧୁ ପଣ୍ଡା ଓ ତପନ ମହାପାତ୍ର ସୂଚନା ଦେଇଛନ୍ତି।

### ଟଙ୍କା, ଲୁହାରଡ୍ ଜବତ: ଯୁବକ ଗିରଫ

ଜଟଣୀ,୨୬ା୩(ଡି.ଏନ୍.ଏ.)

ଜଟଣୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ କୁସୁମାଟି ଗ୍ରାମ ମଝିସାହିର ସୁସେଇ ଓରଫ ସୁଶାନ୍ତ ମାଝି (୨୭)। ତାଙ୍କ ନିକଟରୁ ୨ଟି ଲୁହାରଡ୍ ଏବଂ ୮ ହଜାର ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୦୮/୨୩)ରୁଜୁ ହୋଇଛି। ମଧୁସୂଦନନଗରର କିଶୋର କୁମାର ସାହୁ ଗତ ଶନିବାର ତାଙ୍କ ଘର କବାଟ ଖୋଲାଥିବା ସହ ଜଣେ ଯୁବକଙ୍କୁ ଦେଖିବାକୁ ପାଇଥିଲେ। ଏହା ପରେ ପାଟି ଶୁଣି ସ୍ଥାନୀୟଲୋକେ ପହଞ୍ଚି ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

# ବାପା ମା'ଙ୍କ ସେବାଶ୍ରମର ବାର୍ଷିକୋତ୍ସବ




ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଜଟଣୀ,୨୬ା୩(ଡି.ଏନ୍.ଏ.)

ଜଟଣୀ ବ୍ଲକ ତିରିମଲ ପଞ୍ଚାୟତ ଅନ୍ତର୍ଗତ ରାଣୀପୁରସ୍ଥିତ ବାପା ମା'ଙ୍କ ସେବାଶ୍ରମ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଉତ୍ସବର ପ୍ରଥମ ଦିବସରେ ଅନୁଷ୍ଠାନର ସଭାପତି ଗୌତମ ମହାରଣାଙ୍କ ନେତୃତ୍ୱରେ ସ୍ଥାନୀୟ ମହାବୀର ମନ୍ଦିର ପ୍ରାଙ୍ଗଣରେ କଣ୍ଠଶିଳ୍ପୀ ଶ୍ରୀଚରଣ ଏବଂ ସାଥୀ ଆଶ୍ରମ ଅନ୍ତେବାସୀଙ୍କ ପାଇଁ ଭଜନ ପରିବେଷଣ କରିଥିଲେ। ରବିବାର ଉଦ୍‌ଯାପନୀ ଦିବସରେ ଏକ ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଥିଲା। ସଭାପତି ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଭାବେ ସାମାଜିକକର୍ମୀ ତଥା ବିଜେଡି ନେତା ଡ.ସନ୍ତୋଷ ଜେନା, ଅଧିବକ୍ତା ଅମରେଶ ରାଉତରାୟ, ଚୈତନ୍ୟ ପ୍ରସାଦ ବେହେରା, ମଞ୍ଚ ଓ ଦୂରଦର୍ଶନ ଅଭିନେତା ତଥା ନିର୍ଦ୍ଦେଶକ ରବୀନ୍ଦ୍ର ନାଥ ମହାକୁଡ଼, ଅଧିବକ୍ତା ଅକ୍ଷାଂଶୁ ଶେଖର ନାୟକ ପ୍ରମୁଖ ଯୋଗଦେଇଥିଲେ। ଶୈଶବରେ ବାପା ମା' ଯେପରି ପିଲାମାନଙ୍କ ଦାୟିତ୍ୱ ନେଇଥାନ୍ତି, ସେହିପରି ବୃଦ୍ଧ ସମୟରେ ସେମାନଙ୍କ ଦାୟିତ୍ୱ ନେବା ପିଲାମାନଙ୍କ କର୍ତ୍ତବ୍ୟ ବୋଲି ମତପ୍ରକାଶ ପାଇଥିଲା। ଅସହାୟ ମା'ବାପାଙ୍କୁ ସେବାଶ୍ରମରେ ଥଇଥାନ କରିଥିବା ଅନୁଷ୍ଠାନର ପ୍ରତିଷ୍ଠାତା ଓ ସମସ୍ତ ସଦସ୍ୟଙ୍କୁ ଅତିଥିମାନେ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସମ୍ପାଦିକା ଜ୍ୟୋତି ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମାଜସେବାରେ ରାଜ୍ୟ ଓ ଦେଶରେ ସୁନାମ ଅର୍ଜନ କରିଥିବା ରାଜ୍ୟର ବିଭିନ୍ନ ଜିଲାର ଆମନ୍ତ୍ରିତ ୪୭ଟି ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶା ବିଶ୍ୱକର୍ମା ସଙ୍ଗଠନର ରାଜ୍ୟ ସମ୍ପାଦକ ହାଡୁବନ୍ଧୁ ମହାରଣା ମଞ୍ଚ ପରିଚାଳନା କରିଥିଲେ। ସାମାଜିକକର୍ମୀ ବାସୁଦେବ ଓ ମହାବୀର ସଙ୍ଗଠନର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ସମନ୍ୱୟ ରହିଲେ ସମ୍ମାନ ବଢ଼ିବ'

ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୬ା୩(ଡି.ଏନ୍.ଏ.)

ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ (ଓୟୁଜେ) ଖୋର୍ଦ୍ଧା ଶାଖାର ଏକ ସାଙ୍ଗଠନିକ ବୈଠକ ରବିବାର ଭୂଷଣ୍ଡପୁରସ୍ଥିତ ମା' ଉଗ୍ରତାରାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ତପନ କୁମାର ନାୟକ ସଭାପତିତ୍ୱ କରିଥିଲେ। ରାଜ୍ୟ ସମ୍ପାଦକ ପ୍ରସନ୍ନ ପାଇକରାୟ, କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗଠନ କିପରି ମଜଭୁତ ହେବ ଏବଂ ଆଗାମୀ ଦିନରେ ଜନହିତକର କାର୍ଯ୍ୟ କରାଯିବ ସେନେଇ ସଦସ୍ୟମାନେ ମତ ରଖିଥିଲେ। ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କଲେ ସଙ୍ଗଠନର ସମ୍ମାନ ବଢ଼ିବ ବୋଲି ସଭାପତି କହିଥିଲେ। ୫୦ରୁ ଊର୍ଦ୍ଧ୍ୱ ନୂତନ ସଦସ୍ୟା ସଦସ୍ୟଙ୍କୁ ପରିଚୟପତ୍ର ବଣ୍ଟାଯାଇଥିଲା। ରବି ମିଶ୍ର, ସନତ ପଟ୍ଟନାୟକ, ଜୟନ୍ତ ରାୟ, ସଂଗ୍ରାମ ହୋତା, ରାଜେଶ ମହାନ୍ତି, ଅଜିତ ମିଶ୍ର, ତ୍ରିଲୋଚନ ବାଗସିଂ, ଚନ୍ଦନ କୁମାର ସୁନ୍ଦରାୟ, ହିମାଂଶୁ ଭୂଷଣ ଚମ୍ପତି, ସୁଧାଂଶୁ ଭୂଷଣ ଚମ୍ପତି, ପ୍ରଭାତ ମହାନ୍ତି, ସଏଦ ଅନସର ଅଲ୍ଲୀ, ରାକେଶ କୁମାର ଦାସ, ମହମ୍ମଦ ଖାନ, ଇକବଲ ଅହମ୍ମଦ, ଇନ୍ଦ୍ରଜିତ ପଟ୍ଟନାୟକ, ପ୍ରକାଶ ପଟ୍ଟନାୟକ, ରମେଶ ସାମନ୍ତରାୟ, ଶୁଭଲକ୍ଷ୍ମୀ ସାମନ୍ତରା, ଶ୍ରୀକାନ୍ତ ପ୍ରଧାନ, କମଳ ଲୋଚନ ପାଇକରାୟ, ଲଳିତ ମହାରଣା, ସତ୍ୟନାରାୟଣ ସାମନ୍ତରାୟ, ସନ୍ଦୀପ କୁମାର ବର୍ମନ, ଦିଲୀପ ହୋତା, ଅୟସ କୁମାର ମହାନ୍ତି, ଶ୍ରୀକାନ୍ତ ପରିଜା ଏବଂ ବିଶ୍ୱଜିତ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ନବରାତ୍ର ଅବସରରେ ବିଶ୍ୱଶାନ୍ତି ପାଇଁ ମା' ଉଗ୍ରତାରାଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା।

### ଉଗ୍ରତାରାଙ୍କ ପୀଠରେ ଓୟୁଜେର ବୈଠକ



କାର୍ଯ୍ୟକ୍ରମରେ ଓୟୁଜେ ଖୋର୍ଦ୍ଧା ଶାଖାର କର୍ମକର୍ତ୍ତାମାନେ।

### 'ସୁସଂସ୍କାର ଗୁରୁଶିଷ୍ୟ ସମ୍ପର୍କର ସେତୁ'

ଜଟଣୀ,୨୬ା୩(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ପି.ଏନ୍. ହାଇସ୍କୁଲ ପୁରାତନ ଛାତ୍ର ୧୯୬୯ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଙ୍ଗଠନ ୧୯୬୯ ବ୍ୟାଚ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଡ.ନରହରି ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଛାତ୍ରମାନଙ୍କୁ ପାଠ ପଢ଼ାଇଥିବା ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କରୁଣାକର ସାହୁ, ବିମଳ ପ୍ରସାଦ ମହାନ୍ତି, କୁମରମୋହନ ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ପି.ଏନ. ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶୃଙ୍ଖଳିତ ଆଚରଣ ଏବଂ ଭଲ ସଂସ୍କାର ଗୁରୁ ଶିଷ୍ୟଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରିବାରେ ସେତୁ ଭଳି କାର୍ଯ୍ୟ କରେ ବୋଲି ମତପ୍ରକାଶ ପାଇଥିଲା। ନରହରି ମହାରଣା ଓ ସୁଧାଂଶୁ ମହାନ୍ତି ସଭା ପରିଚାଳନା କରିଥିଲେ। ସୁଧାଂଶୁ ମହାନ୍ତି, ଡମ୍ବରୁଧର ସାହୁ, ନୀଳାଚଳ ପଣ୍ଡା, ବଂଶୀଧର ବେହେରା, ଆର୍.ଏନ. ମହାନ୍ତି, ତାରେଶ୍ୱର ସ୍ୱାଇଁ, କେଦାର ମହାପାତ୍ର, ଅଲି ହୁସେନ, ସହଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ।

# କଣ୍ଟାବାଡ଼ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ: ଇଟାମାଟି ଚାମ୍ପିୟନ

ବେଗୁନିଆ,୨୬ା୩(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅଧୀନ କଣ୍ଟାବାଡ଼ ଗ୍ରାମସ୍ଥିତ ହାଟପଡ଼ିଆଠାରେ ଦ୍ୱିତୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଡ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଇଟାମାଟି, କିଟ୍ ୟୁନିଭର୍ସିଟି ଭୁବନେଶ୍ୱର, କେରଙ୍ଗ, ବାଣୀକିଲୋ, କୁରାଢ଼ିଲୋ, ସିଧାମୂଳା, ଭେଡା(ବାଙ୍କୀ) ଏବଂ ଆୟୋଜକ କ୍ଲବ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କର ଶାଖା ପରିଚାଳକ ସନ୍ତୋଷ କୁମାର ସେନାପତି ମୁଖ୍ୟ ଅତିଥି, ଫାର୍ମାସିଷ୍ଟ ଚିତ୍ତରଞ୍ଜନ ହରିଚନ୍ଦନ, ସାମାଜିକ କର୍ମୀ ପ୍ରଭାତ କୁମାର ବାହିନୀପତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କିଟ୍ ୟୁନିଭର୍ସିଟି ଓ ଇଟାମାଟି ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଇଟାମାଟି ଟିମ୍ ତୃତୀୟ ରାଉଣ୍ଡରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଲଳିତ ମୋହନ ବଳିୟାରସିଂହ ଓ ଶଙ୍କର ପ୍ରସାଦ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଗଣେଶ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କର କୋଷାଧ୍ୟକ୍ଷ ସତ୍ୟବାଦୀ ଦୋରା ମୁଖ୍ୟ ଅତିଥି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀ ମୁଖ୍ୟ ବକ୍ତା, ଆୟୋଜକ କ୍ଲବର ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ସୌମ୍ୟ ରଞ୍ଜନ ଦାଶ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୩ ହଜାର ଟଙ୍କା ଏବଂ ରନରଅପ୍ ଟିମ୍‌କୁ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦିଲୀପ ପାଣିଗ୍ରାହୀ, ସୁନୀଲ ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ, ଶ୍ରୀକାନ୍ତ ବାହିନୀପତି, ସୂର୍ଯ୍ୟନାରାୟଣ ଓଝା, ଦିନବନ୍ଧୁ ପ୍ରଧାନ, ସୁଶାନ୍ତ ନାୟକ, ସନ୍ତୋଷ କୁମାର ଦାସ, ଅଜୟ ବେହେରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଆରମ୍ଭ

କୃଷ୍ଣପ୍ରସାଦ,୨୬ା୩(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସାନସୀମା ନୋଡାଲ ବିଦ୍ୟାପୀଠ ପଡ଼ିଆରେ ୧୪ରୁ ୧୭ ବର୍ଷ ମଧ୍ୟରେ ଥିବା ଛାତ୍ରୀଛାତ୍ରଙ୍କୁ ନେଇ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାକୁ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ ନିର୍ଦ୍ଦେଶକ ସଂଗ୍ରାମ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ମାଧ୍ୟମିକ ଶିକ୍ଷା ପରିଷଦର ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଡ.ବିଶ୍ୱଜିତ୍ ଘୋଷଙ୍କ ସଭାପତିତ୍ୱରେ ସାନସୀମା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତାଭାବେ ଜିଲା ପରିଷଦ ଲକ୍ଷ୍ମୀଧର ସାହୁ, ଅତିଥିଭାବେ ସହ ଶାରିରୀକ ଶିକ୍ଷା ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ, ସର୍ବଭାରତୀୟ କାନାଡା ବ୍ୟାଙ୍କ ଡାଇରେକ୍ଟର ଦିବାକର ପ୍ରସାଦ ହରିଚନ୍ଦନ, ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲାଇ, ସମିତିସଭ୍ୟ ଲଳିତେନ୍ଦୁ ତରାଇ, ସାନସୀମା ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜ କିଶୋର ତରାଇ ପ୍ରମୁଖ ଯୋଗଦେଇ ପାଠ ପଢ଼ିବା ସହ କ୍ରୀଡ଼ା ପ୍ରଦର୍ଶନ କରି ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ସୂର୍ଯ୍ୟନାରାୟଣ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଜଗନ୍ନାଥ ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କୃଷ୍ଣପ୍ରସାଦରେ ଏକ କ୍ରୀଡା ହବ୍ କରାଯିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ଘୋଷ କହିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା ଧନ୍ୟବାଦ ଦେଇଥିଲେ। ପ୍ରଥମ ଦିବସରେ ୨୦ ଜିଲାର ପ୍ରତିଯୋଗୀ ଭାଗ ନେଇଛନ୍ତି। ଖେଳାଳିମାନଙ୍କ ପାଇଁ ଏନ୍‌ଆର୍ ଫାଉଣ୍ଡେଶନ ସାତପଡ଼ା ପକ୍ଷରୁ ଘୋଳଦହି ଏବଂ ପୋଷାକ ବଣ୍ଟନ କରାଯାଇଛି। ସେହିପରି ମିଶନ ଶକ୍ତି ସିଆଣ୍ଡି ପଞ୍ଚାୟତସ୍ତରୀୟ ମହାସଂଘ ପକ୍ଷରୁ ସଂଘ ସଭାନେତ୍ରୀ ସବିତା ପଲାଇ, ସମ୍ପାଦିକା ସଞ୍ଜୁଲତା ସାହୁ, ଏମ୍‌ବିକେ ଚାଇନା ରାଣୀ ଗୌଡ଼ଙ୍କ ନେତୃତ୍ୱରେ ପାଣି ଏବଂ ଦହିପଣା ବ୍ୟବସ୍ଥା କରାଯାଇଛି। ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ବ୍ଲକ କ୍ରୀଡା ଜୋନ ସମ୍ପାଦକ ପଦ୍ମଚରଣ ଜେନା, ସାନସୀମା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ତରେଇ, ଆଲୁମିନି କମିଟି ସଭାପତି ଅଧ୍ୟାପକ ମଧୁସୂଦନ ସାହୁ, ସିଆରସିସି ବିଦ୍ୟାଧର ଜେନା, ପ୍ରଶାନ୍ତ କୁମାର ପ୍ରଧାନ, ସୁନୀଲ କୁମାର ଜେନା, ଅଜିତ କୁମାର ବାରିକ, ଶଙ୍କର୍ଷଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ଶ୍ୱଶୁର, ଶାଳକଙ୍କ ଆକ୍ରମଣରେ ଜ୍ୱାଇଁ ଗୁରୁତର

ନିମାପଡ଼ା,୨୬।୩(ଡି.ଏନ୍.ଏ.): ପାରିବାରିକ ବିବାଦର ଏକ କରୁଣ ପରିଣତି ନିମାପଡ଼ା ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ଥାନା ଅଧୀନ ରେଞ୍ଚ ବ୍ରାହ୍ମଣପଡ଼ା ଗ୍ରାମର ଜନ୍ମେଜୟ ପଣ୍ଡା ଓ ତାଙ୍କ ସ୍ତ୍ରୀ ତେଜସ୍ୱିନୀ ଶନିବାର ରାତିରେ ସାମଗ୍ରୀ କିଣିବାକୁ ଖେଲାର ବଜାରକୁ ଆସିଥିଲେ। ଏହି ସମୟରେ ଜନ୍ମେଜୟଙ୍କ ଶ୍ୱଶୁର ବାଲିପାଟଣା ଥାନା ଅଧୀନ ଗରିଆ ଗ୍ରାମର ରଘୁନାଥ ପଣ୍ଡା ଓ ତାଙ୍କ ପୁଅ କୀର୍ତ୍ତିବର୍ଦ୍ଧନ ମଧ କୌଣସି କାର୍ଯ୍ୟରେ ଖେଲାର ଆସିଥିଲେ। ହଠାତ୍ ଜ୍ୱାଇଁ ଜନ୍ମେଜୟଙ୍କୁ ଦେଖି ଗାଳିଗୁଲଜ କରିବା ସହ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ ତେଜସ୍ୱିନୀ ପ୍ରତିବାଦ କରିବାରୁ ତାଙ୍କୁ ମଧ ମାଡ଼ ମାରିଥିଲେ। ଜନ୍ମେଜୟଙ୍କ ମୁଣ୍ଡ ଫାଟିଯିବା ସହ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ପିପିଲି ମେଡିକାଲ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ତେଜସ୍ୱିନୀଙ୍କ ଅଭିଯୋଗକୁ ଭିତ୍ତିକରି ନିମାପଡ଼ା ପୋଲିସ ତଦନ୍ତ ଚଳାଇଛି।

### 'ରତ୍ନ ଭଣ୍ଡାର ପ୍ରସଙ୍ଗ ଉଠାଇବ ଭାଜପା'

ପୁରୀ ଅଫିସ, ୨୬।୩: ନୂତନ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରବିବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ରାତି ପ୍ରାୟ ୧୦ଟା ୩୦ରେ ମନମୋହନ ଭାଜପା ନେତା, କର୍ମୀଙ୍କ ସହ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ସେବାୟତ ଏବଂ ଜିଲା ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମନମୋହନ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିବା ସହ କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ସେବାୟତ ଓ ଭାଜପା ନେତା ଓ କର୍ମୀମାନଙ୍କ ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ପତିତପାବନ ବାନା, ମାଳ ମାହାର୍ଦ୍ଧି ଆଦି ପ୍ରଦାନ କରାଯାଇଥିଲା। ଏହି ଅବସରରେ ମନମୋହନ କହିଥିଲେ, ସେ ନୂତନ ଭାବେ ଦାୟିତ୍ୱ ନେବା ପରେ ପ୍ରଥମେ ମହାପ୍ରଭୁଙ୍କ ଆର୍ଶିବାଦ ଭିକ୍ଷା କରିଛନ୍ତି। ରାଜ୍ୟରୁ କିପରି ଅନ୍ୟାୟ, ଭ୍ରଷ୍ଟାଚାର ଲୋପ ପାଇବ ଓ ସାଢେ ୪କୋଟି ଜନସାଧାରଣଙ୍କୁ ନ୍ୟାୟ ମିଳିବ, ସେ ନେଇ ସେ କାର୍ଯ୍ୟ କରିବେ। ରାଜ୍ୟ ସରକାର ରତ୍ନଭଣ୍ଡାର ନ ଖୋଲିବାକୁ ନେଇ ମନମୋହନ କହିଛନ୍ତି, ଏ ନେଇ ତାଙ୍କ ଦଳ ସଚେତନ ଅଛି। ରାଜ୍ୟ ସରକାରଙ୍କ ଉପରେ ଜନତାଙ୍କ ଅବିଶ୍ୱାସ ଭାବନା ଜାଗ୍ରତ ହୋଇଛି। ସରକାର ଏଥିରୁ କ୍ଷାନ୍ତ ହେବା ଆବଶ୍ୟକ। ଭାଜପା ଏହି ପ୍ରସଙ୍ଗ ଉଠାଇବ। ସରକାରଙ୍କ ବିରୋଧରେ ଜନ ଅସନ୍ତୋଷ ରହିଛି। ଭାଜପା ବିରୋଧି ଦଳ ଭାବେ ଠିକ ଭାବେ ଦାୟିତ୍ୱ ତୁଲାଇବ। ୨୦୨୪ ନିର୍ବାଚନରେ ଭାଜପା ଓଡ଼ିଶାରେ ସରକାର ଗଠନ କରିବା ନେଇ ରଣନୀତି କରିବ ବୋଲି ମନମୋହନ କହିଛନ୍ତି। ଏହି ଗସ୍ତ ଅବସରରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ଜିଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାସ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ନେତ୍ରୀ ପ୍ରଭାତୀ ପରିଡ଼ା, ସେବାୟତ ମଧୁସୂଦନ ସିଂହାରୀ, ସୌମ୍ୟ ରଞ୍ଜନ ଲେଙ୍କା, ପୂର୍ବତନ ଜିଲାପରିସଦ ଅଧକ୍ଷ ଶଙ୍କର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# 'ଗାନ୍ଧୀ ଚେତନା ଦ୍ୱାରା ଶାନ୍ତି ପ୍ରତିଷ୍ଠା ସମ୍ଭବ'

ଡେଲାଙ୍ଗ,୨୬।୩(ଡି.ଏନ୍.ଏ.):



ଗାନ୍ଧୀ ସେବାସଂଘ ସ୍ମାରକୀ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ।

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବେରବୋଇ ଗାନ୍ଧୀ ପୀଠ ପରିସରରେ ରବିବାର ଗାନ୍ଧୀ ସେବାସଂଘ ସ୍ମାରକୀ ସମିତି ପକ୍ଷରୁ ୫୫ତମ ଗାନ୍ଧୀ ସେବାସଂଘ ସ୍ମାରକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଇଂ.ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ପୁରୀ ସର୍ବୋଦୟ ମେଳା କମିଟିର ସଭାପତି ଉମାବଲ୍ଲଭ ମହାପାତ୍ର, ସମ୍ପାଦକ ଶିବ ପ୍ରସାଦ ମିଶ୍ର, ମୁଖ୍ୟ ବକ୍ତାଭାବେ ଡେଲାଙ୍ଗ ଗାଦିବ୍ରହ୍ମ ମହାବିଦ୍ୟାଳୟର ଅଧକ୍ଷ ଡ.ସରୋଜ କୁମାର ପଣ୍ଡା, ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ପୂର୍ବତନ ଶିଶୁ ସୁରକ୍ଷା ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ୧୭ନଂ. ଜିଲାପରିଷଦ ସଭ୍ୟା ଦୀପ୍ତିଶ୍ରୀ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡା କାର୍ଯ୍ୟକ୍ରମ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ନିଶାମୁକ୍ତ ଭାରତ ଗଠନର ଆବଶ୍ୟକ ରହିଛି। ଦେଶର ବିକାଶ ଓ ଯୁବ ସମାଜର ଉନ୍ନତି ପାଇଁ ନିଶାମୁକ୍ତ ଭାରତ ଗଠନ ସମ୍ପର୍କରେ ଅତିଥିମାନେ ଆହ୍ୱାନ ଦେଇଥିଲେ। ଗାନ୍ଧୀ ଚେତନା ଦ୍ୱାରା ଶାନ୍ତି ପ୍ରତିଷ୍ଠା ସମ୍ଭବ ବୋଲି ମତପ୍ରକାଶ ପାଇଥିଲା। ବେରବୋଇ ଗାନ୍ଧୀ ପୀଠ ଅବହେଳିତ ଅବସ୍ଥାରେ ଥିବାରୁ ଅତିଥି ଓ ଗାନ୍ଧୀ ପ୍ରେମୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପୀଠରେ ଖୋଲା ଛାତ ସହ ଗାନ୍ଧୀଙ୍କ ଏକ ବ୍ରୋଞ୍ଜ ମୂର୍ତ୍ତି, ପ୍ରାର୍ଥନା ମଣ୍ଡପ, ଗାନ୍ଧୀ ପାଠାଗାର, କୁଟୀରଶିଳ୍ପ ଓ ତାଲିମ କେନ୍ଦ୍ର, ସାମୂହିକ ସଭାକକ୍ଷ, ଗାନ୍ଧୀଙ୍କ ଜୀବନୀ ଆଧାରିତ ବିଭିନ୍ନ କାର୍ଯ୍ୟକଳାପର ପଟ୍ଟଚିତ୍ର ଓ ଫଟୋଚିତ୍ର ପ୍ରଦର୍ଶନୀ କକ୍ଷ ପ୍ରତିଷ୍ଠା ପାଇଁ ଗାନ୍ଧୀ ସ୍ମାରକୀ ସମିତି ସହିତ ଉପସ୍ଥିତ ଅତିଥି ଓ ଜନସାଧାରଣ ଦାବି କରିଥିଲେ। ପ୍ରାରମ୍ଭରୁ କସ୍ତୁରବା କେନ୍ଦ୍ରର ସଞ୍ଚାଳିକା କବିତାରାଣୀ ପରିଡାଙ୍କ ତତ୍ତ୍ୱାବଧାନରେ ସର୍ବଧର୍ମ ପ୍ରାର୍ଥନା ସଭା କରାଯାଇଥିଲା। ପିପିଲିର ପଲ୍ଲବୀ ଅନୁଷ୍ଠାନର ଆବାହକ ପବିତ୍ର ପରିଡାଙ୍କ ଅନୁଷ୍ଠାନ ପକ୍ଷରୁ ବୈଷ୍ଣବ ଜନ ତୋ, ରଘୁପତି ରାଘବ ଗାନ କରାଯାଇଥିଲା। ଡେଲାଙ୍ଗ ୟୁଜିୟୁପି ବିଦ୍ୟାଳୟର ଶିକ୍ଷକ ଅଭୟଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କ ସଙ୍ଗୀତ ଓ ନୃତ୍ୟ ମନ୍ତ୍ରମୁଗ୍ଧ କରିଥିଲା। ଅଭୟ ଚରଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ସରୋଜିନୀ ଜେନା, ଶରତ ମହାପାତ୍ର, ସୁଦର୍ଶନ ପ୍ରଧାନ, ରୋହିତ

### ଗାନ୍ଧୀ ସେବାସଂଘ ସ୍ମାରକୀ ସମାରୋହ

ଚମ୍ପତି, ଲକ୍ଷ୍ମୀପ୍ରିୟା ଦାଶ, ଗଣେଶ ବାରିକ, ଦିଲୀପ କୁମାର ଧାଉଡିଆ, ହୃଷୀକେଶ ପାଢୀ, ସତ୍ୟବ୍ରତ ଧାଉଡିଆ ପ୍ରମୁଖ ଗାନ୍ଧୀଙ୍କ ଜୀବନୀ ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଫକୀର ଚରଣ ପାଢୀଙ୍କ ଲିଖିତ 'ଧନ୍ୟବାଦ ଓ ଶିଷ୍ଟାଚାର' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର, କବି ବିପିନ ଦଳାଇ, ପ୍ରବଚକ ଶରତ ରାଉତ, ଆଇନଜୀବୀ ଅନୁପ ପରିଡା, ଶିକ୍ଷାବିତ୍ ରମେଶ ପାତ୍ର, ନିରୁପମା ପାତ୍ର, ଉତ୍କଳ ସର୍ବୋଦୟ ମଣ୍ଡଳର ଇନ୍ଦୁମତି ସାହୁ, ମାଳତି ପାତ୍ର, କୈଳାସ ମଲ୍ଲିକ, କାଶୀନାଥ ମହାପାତ୍ର, ପ୍ରସନ୍ନ ତ୍ରିପାଠୀ, ପ୍ରଶାନ୍ତ ମହାପାତ୍ର, ଜିତେନ୍ଦ୍ର ପ୍ରଧାନ, ଅଶୋକ ପ୍ରଧାନ, କୈଳାସ ସ୍ୱାଇଁ, ଫକୀର ଦାସ, ସ୍ନେହମୟୀ ବାରିକ, ସୁପ୍ରଭାରାଣୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅତିଥି ଓ କବି, କବୟିତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଡେଲାଙ୍ଗ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟର ଶୁଭଶ୍ରୀ ବଳିୟାରସିଂହଙ୍କୁ ଆର୍ଥିକ ପ୍ରୋତ୍ସାହନ ସହାୟତା ପ୍ରଦାନ କରାଯାଇଥିଲା। କମିଟିର ବରିଷ୍ଠ ସଭ୍ୟ ବଲ୍ଲଭ ବିଶ୍ୱାଳ, ଅନାମ ମଲ୍ଲିକ, ସର୍ବେଶ୍ୱର ବରେଇ, କ୍ଷେତ୍ରବାସୀ ଆଲୁକ, ଦ୍ୱିତୀକୃଷ୍ଣ ରାଉତରାୟ, ଭାଗୀରଥି ପରିଡା, ଅମରେନ୍ଦ୍ର ବାରିକ, ସନ୍ତୋଷ ବିଶ୍ୱାଳ, ସୁରେଶ ମନ୍ତ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ଉପସଭାପତି କୁନ୍ତଳା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# 'ବନ୍ଦେ ଉତ୍କଳ ଜନନୀ'ରେ ସଂଶୋଧନ ଆବଶ୍ୟକ

- 'ଘନ ଘନ' ବଦଳରେ ହେଉ 'ଘନ' ବନଭୂମି
- ଟୁଇଟ୍ କରି ଦାବି ଜଣାଇଲେ କାନ୍ତକବିଙ୍କ ନାତି

ଭୁବନେଶ୍ୱର, ୨୬।୩ (ବ୍ୟୁରୋ)

ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଥିବା 'ବନ୍ଦେ ଉତ୍କଳ ଜନନୀ'କୁ କେହି ମନଇଚ୍ଛା ଗାନ କରି ପାରିବେ ନାହିଁ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଗାୟନର ଅନୁମୋଦିତ ସ୍ୱର, ଶୈଳୀ ଓ ଅବଧିକୁ ଅନୁସରଣ କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବାଧ କରାଯାଇଛି। ତେବେ ବିଭାଗ ପକ୍ଷରୁ ପ୍ରସାରିତ ହୋଇଥିବା ରାଜ୍ୟ ସଙ୍ଗୀତରେ କିଛିଟା ସଂଶୋଧନ ଆବଶ୍ୟକ ବୋଲି ଏହାର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାତି ଗୁରୁ କଲ୍ୟାଣ ମହାପାତ୍ର ଦାବି କରିଛନ୍ତି। ଏନେଇ ସେ ଟୁଇଟ୍ କରି ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଜଣାଇଛନ୍ତି। ଗୁରୁ କଲ୍ୟାଣଙ୍କ କହିବା ଅନୁଯାୟୀ, ମୂଳ ଗ୍ରନ୍ଥାବଳୀ 'କାନ୍ତ ସାହିତ୍ୟ ମାଳା'ରେ ରାଜ୍ୟ ସଙ୍ଗୀତର ଦ୍ୱିତୀୟ ପଦରେ 'ଘନ ବନଭୂମି' ବୋଲି ଉଲ୍ଲେଖ ରହିଛି। ଏହାକୁ କାନ୍ତକବିଙ୍କ ଦୁଇପୁଅ ସଂଶୋଧନ କରିଥିଲେ। ମାତ୍ରାବୃତ୍ତ ଛନ୍ଦ ଅନୁଯାୟୀ ଏହା 'ଘଅନ' ବୋଲି ଗାନ କରାଯାଏ। ମାତ୍ର ଗୀତଟିକୁ ଗାଇବାରେ ସୁବିଧା ହେବ ବୋଲି ଏହାକୁ ଭୁଲ ଭାବେ 'ଘନ ଘନ ବନଭୂମି' କରାଯାଉଛି। 'ବନଭୂମି' ପୂର୍ବରୁ ଗୋଟିଏ 'ଘନ' ରହିବ। ଏହାର ଅର୍ଥ ଘଞ୍ଚ ଜଙ୍ଗଲ ଥିବା ସ୍ଥାନ। ମାତ୍ର 'ଘନ ଘନ ବନଭୂମି'ର ଅର୍ଥ ବାରମ୍ବାର ବନଭୂମିକୁ ସୂଚାଉଛି, ଯାହାକି ଠିକ୍ ନୁହେଁ ବୋଲି ସେ କହିଛନ୍ତି। ସେହିପରି ଉତ୍କଳ ସମ୍ମିଳନୀ ପକ୍ଷରୁ ମଧ ଏହାକୁ ବିରୋଧ କରାଯାଇଛି। ରାଜ୍ୟ ସଙ୍ଗୀତରେ ଏଭଳି ଭୁଲ୍ ଆଦୌ ଗ୍ରହଣୀୟ ନୁହେଁ ବୋଲି ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ତେଣୁ ଏହାକୁ ଠିକ୍ କରି ପୁନର୍ବାର ପ୍ରସାରିତ କରିବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିସହ ୨୦୨୦ ଜୁନ୍ ୭ରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ରାଜ୍ୟ ସଙ୍ଗୀତ ପୋଲିସ୍ ବ୍ୟାଣ୍ଡ, ବଂଶୀ ଓ ସିତାର ଭଳି ବାଦ୍ୟଯନ୍ତ୍ର ମାଧ୍ୟମରେ ପରିବେଷଣ କରାଯିବା ପାଇଁ ଦାବି କରାଯାଇଛି।

## ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଆରମ୍ଭ



ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

କୃଷ୍ଣପ୍ରସାଦ,୨୬।୩(ଡି.ଏନ୍.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସାନସୀମା ନୋଡାଲ ବିଦ୍ୟାପୀଠ ପଡ଼ିଆରେ ୧୪ରୁ ୧୭ ବର୍ଷ ମଧ୍ୟରେ ଥିବା ଛାତ୍ରୀଛାତ୍ରଙ୍କୁ ନେଇ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାକୁ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ ନିର୍ଦ୍ଦେଶକ ସଂଗ୍ରାମ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ମାଧ୍ୟମିକ ଶିକ୍ଷା ପରିଷଦର ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଡ.ବିଶ୍ୱଜିତ୍ ଘୋଷଙ୍କ ସଭାପତିତ୍ୱରେ ସାନସୀମା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତାଭାବେ ଜିଲା ପରିଷଦ ଲକ୍ଷ୍ମୀଧର ସାହୁ, ଅତିଥିଭାବେ ସହ ଶାରିରୀକ ଶିକ୍ଷା ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ, ସର୍ବଭାରତୀୟ କାନାଡା ବ୍ୟାଙ୍କ ଡାଇରେକ୍ଟର ଦିବାକର ପ୍ରସାଦ ହରିଚନ୍ଦନ, ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲାଇ, ସମିତିସଭ୍ୟ ଲଳିତେନ୍ଦୁ ତରାଇ, ସାନସୀମା ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜ କିଶୋର ତରାଇ ପ୍ରମୁଖ ଯୋଗଦେଇ ପାଠ ପଢିବା ସହ କ୍ରୀଡ଼ା ପ୍ରଦର୍ଶନ କରି ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ସୂର୍ଯ୍ୟନାରାୟଣ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଜଗନ୍ନାଥ ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କୃଷ୍ଣପ୍ରସାଦରେ ଏକ କ୍ରୀଡା ହବ୍ କରାଯିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ଘୋଷ କହିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ମଗୁଲି ଚରଣ ଜେନା ଧନ୍ୟବାଦ ଦେଇଥିଲେ। ପ୍ରଥମ ଦିବସରେ ୨୦ ଜିଲାର ପ୍ରତିଯୋଗୀ ଭାଗ ନେଇଛନ୍ତି। ଖେଳାଳିମାନଙ୍କ ପାଇଁ ଏନ୍‌ଆର୍ ଫାଉଣ୍ଡେଶନ ସାତପଡ଼ା ପକ୍ଷରୁ ଘୋଳଦହି ଏବଂ ପୋଷାକ ବଣ୍ଟନ କରାଯାଇଛି। ସେହିପରି ମିଶନ ଶକ୍ତି ସିଆଣ୍ଡି ପଞ୍ଚାୟତସ୍ତରୀୟ ମହାସଂଘ ପକ୍ଷରୁ ସଂଘ ସଭାନେତ୍ରୀ ସବିତା ପଲାଇ, ସମ୍ପାଦିକା ସଞ୍ଜୁଲତା ସାହୁ, ଏମ୍‌ବିକେ ଚାଇନା ରାଣୀ ଗୌଡ଼ଙ୍କ ନେତୃତ୍ୱରେ ପାଣି ଏବଂ ଦହିପଣା ବ୍ୟବସ୍ଥା କରାଯାଇଛି। ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ବ୍ଲକ କ୍ରୀଡା ଜୋନ ସମ୍ପାଦକ ପଦ୍ମଚରଣ ଜେନା, ସାନସୀମା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ତରେଇ, ଆଲୁମିନି କମିଟି ସଭାପତି ଅଧାପକ ମଧୁସୂଦନ ସାହୁ, ସିଆରସିସି ବିଦ୍ୟାଧର ଜେନା, ପ୍ରଶାନ୍ତ କୁମାର ପ୍ରଧାନ, ସୁନୀଲ କୁମାର ଜେନା, ଅଜିତ କୁମାର ବାରିକ, ଶଙ୍କର୍ଷଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।



ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।

## ସର୍ବଭାରତୀୟ ଫଟୋଗ୍ରାଫି, ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ଭୁବନେଶ୍ୱର ସତ୍‌ସଙ୍ଗ ବିହାର ପ୍ରାଙ୍ଗଣରେ ଥିବା ରତାୟନୀ କକ୍ଷରେ ଦେଓଘର ଠାକୁର ବାଡ଼ି ଓ ଭୁବନେଶ୍ୱର ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ଉତ୍ସର୍ଜୀ ସର୍ବ ଭାରତୀୟ ଫଟୋଗ୍ରାଫି ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ସାଂସଦ କୃଷ୍ଣପାଲ ସିଂହ ଯାଦବ ଓ ସତ୍‌ସଙ୍ଗର ପ୍ରତି ରତିକ ଡା. ବିନାୟକ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ୨୦୦ ସତ୍‌ସଙ୍ଗୀ ପ୍ରେମୀ ଗୁରୁଭାଇ, ମା ଓ ପିଲାମାନଙ୍କ ସହିତ ଆସାମ କୋଲକାତା, ମୁମ୍ବାଇ, ମାଡ୍ରାସ, ଝାଡ଼ଖଣ୍ଡ ଦେଓଘର ଓ ଓଡ଼ିଶାର ୪୦ଜଣ ଚିତ୍ରଶିଳ୍ପୀ ଉପସ୍ଥିତ ଥିଲେ। ପ୍ରଦର୍ଶନୀ ୧୦୦ଟି ଚିତ୍ରକଳା ଓ ଫଟୋଗ୍ରାଫି ସ୍ଥାନ ପାଇଥିଲା।

## ଗୋରୁ ଗାଡ଼ି ଜବତ: ୨ ଅଟକ

ଖୋର୍ଦ୍ଧା ଅଫିସ, ୨୬।୩:

ଖୋର୍ଦ୍ଧାରେ ରବିବାର ଏକ ଗାଡ଼ିରୁ ୩ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଫଳରେ ପୁଣି ଗୋଚାଲାଣ ଘଟଣା ସାମ୍ନାକୁ ଆସିଛି। ଗୋଭକ୍ତ ଓ ଗ୍ରାମବାସୀ ୩ଗୋରୁଙ୍କୁ ଉଦ୍ଧାର କରିବା ସହ ଡ୍ରାଇଭରଙ୍କ ସମେତ ୨ଜଣଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଏନେଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ସମ୍ପୃକ୍ତ ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପଟେ ଗୋଚାଲାଣରେ ତାଙ୍କ ସମ୍ପୃକ୍ତି ଅଭିଯୋଗକୁ କେରଙ୍ଗ ସରପଞ୍ଚ ଏମ୍. ହୁସେନ ଖଣ୍ଡନ କରିଛନ୍ତି।

# ଦାବି ପୂରଣ ନ ହେଲେ ସମୂହ ଛୁଟିରେ ଯିବେ ଅମଲା

ପୁରୀ ଅଫିସ, ୨୬।୩:

ପୁରୀ ଜିଲା ଅମଲା ମିଳିତ ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ରାଜସ୍ୱ ଅମଲା ସଂଘ, ଓଡ଼ିଶା ଅମଲା ସଂଘ, ନିଖିଳ ଓଡ଼ିଶା ଟ୍ରେଜେରି ଅମଲା ସଂଘ ଏବଂ ସବ୍‌ରେଜିଷ୍ଟ୍ରାର ଅମଲା ସଂଘର ଅମଲାମାନେ ଯୋଗଦେଇଥିଲେ। ରାଜ୍ୟ ସରକାର ଅମଲାଙ୍କର ଚାକିରିରେ ପ୍ରବେଶ ଯୋଗ୍ୟତା ସ୍ନାତକ ରଖିଥିବାବେଳେ ପ୍ରବେଶିକା ଗ୍ରେଡ୍‌କୁ ଲେଭଲ-୪ ଅର୍ଥାତ୍ ଗ୍ରେଡ୍ ପେ ୧୯୦୦ ଟଙ୍କା ରଖିବା ଏବଂ ସମାନ ଶିକ୍ଷାଗତ ଯୋଗ୍ୟତା ଥିବା ଅନ୍ୟ ପଦବୀରେ ପ୍ରବେଶିକା ଗ୍ରେଡ ଲେଭଲ-୯ ଅର୍ଥାତ୍ ଗ୍ରେଡ୍ ପେ ୪୨୦୦ ଟଙ୍କା ରଖିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ବନ୍ଧରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଆଗାମୀ ଦିନରେ ରାଜ୍ୟର ସମସ୍ତ ଅମଲା ମିଳିତ ଭାବେ ଆନ୍ଦୋଳନ ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି ତାହାକୁ ପୁରୀ ଜିଲା ମିଳିତ ଅମଲା ମଞ୍ଚ ସମର୍ଥନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏପରିକି ଜିଲାର ସମସ୍ତ ବିଭାଗର ଅମଲା ଅନିର୍ଦ୍ଦିଷ୍ଟ କାଳ ପାଇଁ ସମୂହ ଛୁଟି ନେଇ ପ୍ରତିବାଦ ଜଣାଇବେ ବୋଲି ସ୍ଥିର ହୋଇଛି। ମିଳିତ ମଞ୍ଚ କାର୍ଯ୍ୟର ସୁପରିଚାଳନା ପାଇଁ ଏକ ଜିଲାସ୍ତରୀୟ କମିଟି ଗଠନ କରାଯାଇଛି। ବୈଠକରେ ଜିଲାର ସମସ୍ତ ଅମଲାଙ୍କ ସହିତ ମହେନ୍ଦ୍ର କୁମାର ମହାପାତ୍ର, ଆଶିଷ କୁମାର ସାମନ୍ତରାୟ, ଜ୍ଞାନରଞ୍ଜନ ଦାସ, ପ୍ରଭାକର ପ୍ରଧାନ, ପ୍ରଣବ ଚିନ୍ନରା, ବନମାଳି ଗିରି, ଦୁର୍ଗାପ୍ରସନ୍ନ ମହାନ୍ତି, ଲଲାଟେନ୍ଦୁ ହୋତା, ଦେବାଶିଷ ଦାସ, ଦୀନବନ୍ଧୁ ରଥ, ଉମାକାନ୍ତ ବଳ, ସୁରଜ କୁମାର ପଟ୍ଟନାୟକ, ରାଜେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୁରୀ ଜିଲା ଅମଲା ମିଳିତ ମଞ୍ଚର ବୈଠକ

# ଜଗା ଚାକର ସଂଘର ପ୍ରଥମ ବାର୍ଷିକ ଉତ୍ସବ

ପୁରୀ ଅଫିସ, ୨୬।୩:

ପୁରୀସ୍ଥିତ ବୃନ୍ଦାବତୀ ନିବାସଠାରେ ରବିବାର ସନାତନ ପରମ୍ପରାର ବାହକ 'ଜଗା ଚାକର ସଂଘ'ର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥ ସଂସ୍କୃତି ଓ ସନାତନ ଧର୍ମକୁ ସୁରକ୍ଷା ବଳୟ ଭିତରେ ବାନ୍ଧିବାର ପ୍ରଚେଷ୍ଟା କରାଯାଇଥିଲା। ଉତ୍ସବରେ ସାଧୁସନ୍ଥ ମଣ୍ଡଳୀ, ସାମାଜିକ କର୍ମୀ ଓ ଶିକ୍ଷାବିତ୍ ଯୋଗଦେଇଥିଲେ। ଅତିଥି ଭାବେ ଜଗା ଚାକର ସଂଘର ସଭାପତି ସଦାନନ୍ଦ ସାହୁ, ଉପସଭାପତି ପ୍ରକାଶ ଚନ୍ଦ୍ର ସାହୁ, ସମ୍ପାଦକ ମନୋଜ କୁମାର ମହାପାତ୍ର, ଯୁଗ୍ମସମ୍ପାଦକ ପ୍ରଦୀପ କୁମାର ସାହୁ ଓ ନିରୋଦ କୁମାର, ଯୁଗ୍ମସମ୍ପାଦିକା ପ୍ରିୟଦର୍ଶିନୀ ନାୟକ, କୋଷାଧକ୍ଷ ଶ୍ରୀକାନ୍ତ ସାହୁ, କନକପ୍ରଭା ପରିଡ଼ା ଏବଂ ବାଲିଘାଇସ୍ଥିତ କ୍ରିୟା ଯୋଗ ଆଶ୍ରମର ସ୍ୱାମୀ ନିତ୍ୟ ପ୍ରେମାନନ୍ଦ ଗିରି ମଞ୍ଚାସୀନ ଥିଲେ। ଗବେଷକ ନୀଳମଣି ଗୁରୁ, ଜିଲା କଲ୍ୟାଣ ଅଧିକାରୀ ବିକାଶ କୁମାର ମହାନ୍ତି, ଅପାରଙ୍କ ସେବା ଅନୁଷ୍ଠାନର ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଜଗା ଚାକର ସଂଘର ସଭାପତି କହିଥିଲେ, ରଥଯାତ୍ରାରେ ୨୦୦ରୁ ଉର୍ଦ୍ଧ କର୍ମୀ ଯୋଗଦେଇ ପରିବେଶକୁ ସଫା କରିବା ଏବଂ ଭକ୍ତ ସମାବେଶରେ ଅନ୍ନ ନିର୍ମାଲ୍ୟ, ଭଗବତ୍ ଗୀତା ଓ ପ୍ରଭୁଙ୍କ ପ୍ରିୟ ଜିନିଷ ବଣ୍ଟନ କରିଥାନ୍ତି। ସେହିପରି ବିଭିନ୍ନ ସ୍ଥାନରେ ଅବହେଳିତ ଜରାଶ୍ରମ, ଗୋଶାଳା, ରକ୍ତଦାନ ଶିବିର ଇତ୍ୟାଦି କାର୍ଯ୍ୟକ୍ରମ କରାଯାଉଛି।

### ସନାତନ ଧର୍ମର ସୁରକ୍ଷା ଉପରେ ଗୁରୁତ୍ୱ




ଜଗା ଚାକର ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

# 'ବିଭିନ୍ନ ଯାତ୍ରା ଉତ୍ସବରେ ମହାପ୍ରଭୁଙ୍କ ବିଜେ ପ୍ରତିମା ଲୀଳା କରନ୍ତି'



ଆଲୋଚନା ଚକ୍ରରେ ଯୋଗ ଦେଇଥିବା ଅତିଥିମାନେ ।

ପୁରୀ ଅଫିସ, ୨୬।୩:

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ରବିବାର ହୋଟେଲ ହଲିଡେ ରିସର୍ଟ ପରିସରରେ 'ଶ୍ରୀମନ୍ଦିରସ୍ଥ ବିଜେ ପ୍ରତିମା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସେବକ ତଲୁଛ ନୀଳକଣ୍ଠ ମହାପାତ୍ର ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ଗୋପାଳକୃଷ୍ଣ ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ସେବକ ସିଂହାରୀ ଜଗନ୍ନାଥ କର ଯୋଗଦେଇଥିଲେ। ଝାଞ୍ଜପିଟା ମଠ ମଠାଧୀଶ ସଚ୍ଚିଦାନନ୍ଦ ଦାସ ବାବାଜୀ ସଭାପତିତ୍ୱ କରିଥିଲେ। ଗବେଷଣା ପ୍ରତିଷ୍ଠାନର ସଚିବ ସନ୍ତୋଷ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ବିବରଣୀ ଉପସ୍ଥାପନ କରିଥିଲେ। ଭିତ୍ତିପ୍ରବନ୍ଧ ଉପସ୍ଥାପନ କରି ସଚିବ ଡ. ଅସିତ ମହାନ୍ତି କହିଥିଲେ, ଶ୍ରୀଜଗନ୍ନାଥ ମହାପ୍ରଭୁ ସ୍ୱୟଂ ପରଂବ୍ରହ୍ମ। ସେ ନୀଳାଦ୍ରି କଟକରେ ବିରାଜମାନ କରି ଯୁଗ ଯୁଗ ଧରି ବିଭିନ୍ନ ଯାତ୍ରା ଓ ଉତ୍ସବରେ ବିବିଧ ଲୀଳା ପ୍ରଦର୍ଶନ ପୂର୍ବକ ଭକ୍ତଙ୍କ କଲ୍ୟାଣ ବିଧାନ କରୁଛନ୍ତି। ସ୍ନାନଯାତ୍ରା ଓ ରଥଯାତ୍ରାରେ ସ୍ୱୟଂ ମହାପ୍ରଭୁ ରତ୍ନବେଦି ତ୍ୟାଗକରି ଭକ୍ତଙ୍କ ଗହଣକୁ ଆସି ଲୀଳା କରିଥାନ୍ତି। କିନ୍ତୁ ଅନ୍ୟାନ୍ୟ ଯାତ୍ରା ମହୋତ୍ସବରେ ତାଙ୍କର ବିଜେ ପ୍ରତିମାମାନେ ବିଜେକରି ଲୀଳା କରିଥାନ୍ତି। କେଉଁ ଯାତ୍ରାରେ କେଉଁ ବିଜେ ପ୍ରତିମାମାନେ ଅଂଶଗ୍ରହଣ କରନ୍ତି ସେ ସମ୍ପର୍କରେ ସେ ବିସ୍ତୃତ ବର୍ଣ୍ଣନା କରିଥିଲେ। ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ମହନ୍ତ ରାମକୃଷ୍ଣ ଦାସ ମହାରାଜ ଆର୍ଶିବଚନ ପ୍ରଦାନ କରିଥିଲେ। ଡ. ଶ୍ରୀନିବାସ ଆଚାର୍ଯ୍ୟ, ଡ. ଭାସ୍କର ମିଶ୍ର, ଡ. ନରେଶ ଚନ୍ଦ୍ର ଦାଶ, ଡ. କଲ୍ୟାଣୀ ନନ୍ଦୀ, ଡ. ଶ୍ରଦ୍ଧାଞ୍ଜଳି କାନୁନଗୋ, ପ୍ରାଧ୍ୟାପକ ସୁନିଲ ରଥ, ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ବୀରେନ୍ଦ୍ର ନାରାୟଣ ଗୋଛିକାର, ହରେକୃଷ୍ଣ ପ୍ରତିହାରୀ, ସୂର୍ଯ୍ୟନାରାୟଣ ମହାପାତ୍ର ଏବଂ ପ୍ରଦୀପ କୁମାର ସାହୁ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଡ. ଦେବପ୍ରସାଦ ଦାଶ, ଡ. ସିଦ୍ଧେଶ୍ୱର ମହାପାତ୍ର, ସୁଦର୍ଶନ ନାୟକ, ଡ. କରୁଣାକର ପ୍ରଧାନ ଏବଂ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାଚକ୍ର ସଂଚାଳନ ଏବଂ ସଙ୍ଗଠନର ସଚିବ ଡ. ପ୍ରସନ୍ନ କୁମାର ମହାପାତ୍ର ସଂଯୋଜନା କରିଥିଲେ। ପ୍ରତିଷ୍ଠାନର ଅର୍ଥ ସଚିବ ରବିନାରାୟଣ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

### ଶ୍ରୀମନ୍ଦିରସ୍ଥ ବିଜେ ପ୍ରତିମା ଶୀର୍ଷକ ଆଲୋଚନାଚକ୍ର

## ଭାଜପା ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା

କଟକ ଅଫିସ: ନୂତନ ଭାବେ ଭାଜପା ରାଜ୍ୟ ସଭାପତି ହୋଇଥିବା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କୁ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ପକ୍ଷରୁ ଶିଖରପୁରଠାରେ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଭାଜପା କଟକ ନଗର ଓବିସି ମୋର୍ଚ୍ଚା ସଭାପତି ମହେନ୍ଦ୍ର ମହାନ୍ତି, କଟକ ନଗର ଭାଜପା ଉପସଭାପତି ଭାଗୀରଥି ଦଳାଇ, ନୂଆବଜାର ମଣ୍ଡଳ ସଭାପତି ଗୋପାଳ ବେହେରା, ମହାନଦୀ ମଣ୍ଡଳ ସଭାପତି ନିତାଇଗୌର ମହାନ୍ତି, ନଗର ସମ୍ପାଦକ ବିଶ୍ୱରଥି ସ୍ୱାଇଁ, କର୍ପୋରେଟର ଦୀପକ ଦାସ, ମନମୋହନ ସ୍ୱାଇଁ, ବାଦଲ ଜେନା, କ୍ଷିତୀଶ ବେହେରା ଓ ଚିରଞ୍ଜିବୀ ଖଣ୍ଡାୟତରାୟ ପ୍ରମୁଖ ଉପସ୍ଥିତ ରହି ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**ସଂକ୍ଷେପରେ**

## ଚୋରି, ଲୁଟ୍ ସାମଗ୍ରୀ ମାଲିକଙ୍କୁ ଫେରସ୍ତ କରାଗଲା

**ଜବତ ସାମଗ୍ରୀ ଫେରସ୍ତ ମେଳା**



**କଟକ ଅଫିସ,୨୬।୩:** କଟକ ଡିସିପି ଅଫିସ ପରିସରରେ କମିଶନରେଟ୍ ପୋଲିସ ପକ୍ଷରୁ ଜବତ ସାମଗ୍ରୀ ଫେରସ୍ତ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମାମଲାରେ ଜବତ ହୋଇଥିବା ମୋବାଇଲ୍ ଫୋନ୍, ଦୁଇ ଓ ଚାରି ଚକିଆ ଗାଡ଼ି, ଲାପଟପ୍ ଏବଂ ଟିଭି ଆଦି ସାମଗ୍ରୀଗୁଡ଼ିକ ଉଦ୍ଦିଷ୍ଟ ମାଲିକମାନଙ୍କୁ ଫେରସ୍ତ କରାଯାଇଛି। କଟକ ସହରାଞ୍ଚଳ ପୋଲିସର ୧୯ଟି ଥାନା ଅଞ୍ଚଳରୁ ଜବତ କରାଯାଇଥିବା ସାମଗ୍ରୀଗୁଡ଼ିକ ଡିସିପି କାର୍ଯ୍ୟାଳୟ ପରିସରକୁ ଅଣାଯାଇଥିଲା। ସେଠାରେ ଡିସିପି ପିନାକ ମିଶ୍ର ଉପସ୍ଥିତ ରହି ଚୋରି ଓ ଲୁଟ୍ ହୋଇଥିବା ସାମଗ୍ରୀକୁ ସେମାନଙ୍କ ମାଲିକଙ୍କୁ ଫେରସ୍ତ କରିଥିଲେ। ସିଡିଏ ଫେଜ୍-୨, ସିଆର୍ଆର୍ଆଇ, କନ୍ଦରପୁର ଥାନାର କୌଣସି ସାମଗ୍ରୀ ଏଥିରେ ସାମିଲ ହୋଇ ନ ଥିବା ଜଣାପଡିଛି।

## ବସ୍ତିବାସିନ୍ଦାଙ୍କ ସମସ୍ୟା ବୁଝିଲେ ମେୟର

**ମୋ' ୱାର୍ଡ ଅଭିଯାନ କାର୍ଯ୍ୟକ୍ରମ**

**କଟକ ଅଫିସ,୨୬।୩:** କଟକ ମହାନଗର ନିଗମ(ସିଏମ୍ସି) ଅଧୀନ ୪ନଂ. ୱାର୍ଡରେ ରବିବାର ମୋ' ୱାର୍ଡ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମେୟର ସୁବାସ ସିଂ କାଠଯୋଡ଼ି ବସ୍ତି, ତାରିଣୀ ବସ୍ତି, ମୁଣ୍ଡା ବସ୍ତି, ବାଇଗଣୀ ବସ୍ତିର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ କାଠଯୋଡ଼ି ବିହାର ବସ୍ତିବାସିନ୍ଦାଙ୍କ ଥଇଥାନ ସମସ୍ୟାକୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମେୟର ଓ ସିଏମ୍ସି ଡେପୁଟି କମିଶନର ଅଜୟ୍ ମହାନ୍ତି ଉପସ୍ଥିତ ୱାର୍ଡର ସମସ୍ୟା ସମ୍ପର୍କରେ ଲୋକଙ୍କ ସହିତ ଆଲୋଚନା କରିଥିଲେ। ସରକାରୀ ସୁବିଧା ସୁଯୋଗ ମିଳୁଛି କି ନାହିଁ ଲୋକଙ୍କୁ ପଚାରି ବୁଝିଥିଲେ। ଏହି ଅଭିଯାନରେ କର୍ପୋରେଟର ପୁଷ୍ପିତା ମହାନ୍ତି, ପ୍ରଦୀପ ରାଉତ, ରୀତାଞ୍ଜଳି ବେହେରା, ସିଡିଏ-ସେକ୍ଟର୮ ର ସେକ୍ରେଟାରୀ ସୁଦାମ ବେହେରା, ରମେଶ ବେହେରା, ରାମଚନ୍ଦ୍ର ବେହେରା, ହିମାଂଶୁ ଦାସ, ସୁକାନ୍ତ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

## ରାମ ମନ୍ଦିର ନିର୍ମାଣ ପାଇଁ ପଠାଯିବ ରୁପା ଇଟା

**କଟକ ଅଫିସ,୨୬।୩:** ଅଯୋଧାରେ ନିର୍ମାଣ ହେଉଥିବା ରାମ ମନ୍ଦିର ପାଇଁ ଓଡ଼ିଶା କିନ୍ନର ସମାଜ ପକ୍ଷରୁ ୨ କେଜି ଓଜନର ରୁପା ଇଟା ପ୍ରଦାନ କରାଯିବ। କଟକର ତାରକସି କାରିଗରମାନେ ଏହାକୁ ତିଆରି କରିଛନ୍ତି। ଚଣ୍ଡୀ ମନ୍ଦିର, ଭୁବନେଶ୍ୱର ରାମ ମନ୍ଦିର ଓ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଏହି ରୂପା ଇଟାକୁ ପୂଜା କରି ଓଡ଼ିଶା କିନ୍ନର ସମାଜ ଅଯୋଧା ନେଇ ଯିବ। ରାମ ମନ୍ଦିରରେ ଏହି ରୂପା ଇଟା ସ୍ଥାପନ ହେଲେ ଜୀବନର ପ୍ରକୃତ ମୂଲ୍ୟବୋଧ ମିଳିପାରିବ ବୋଲି କିନ୍ନରମାନେ କହିଛନ୍ତି। ରବିବାର ଏହି ଇଟାକୁ କଟକ ଚଣ୍ଡୀ ମନ୍ଦିରରେ ପୂଜା କରାଯିବା ପରେ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା।

# ନିର୍ମାଣ ହୋଇପାରୁନି ମଡେଲ ଭେଣ୍ଡିଂ ଜୋନ୍

**କଟକ ଅଫିସ,୨୬।୩**

**■ନିଷ୍ପତ୍ତିକୁ ୨୦ ମାସ ବିତିଲାଣି**

**■ଅପେକ୍ଷାରେ ଉଠାଦୋକାନୀ**

ସହରରେ ବିସ୍ଥାପିତ ୧୨୦୦ ଉଠାଦୋକାନୀଙ୍କୁ ଥଇଥାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଯୋଜନାରେ ମଡେଲ୍ ଭେଣ୍ଡିଂଜୋନ୍ ନିର୍ମାଣ କରିବାକୁ କଟକ ମହାନଗର ନିଗମ(ସିଏମ୍ସି) ପକ୍ଷରୁ ନିଷ୍ପତ୍ତି ନିଆଯାଯାଇଥିଲା। ସହରରେ ରାସ୍ତା ପାର୍ଶ୍ୱରେ ବସି ବିକ୍ରି କରୁଥିବା ସମସ୍ତ ଉଠାଦୋକାନୀମାନ ଏଥିପାଇଁ ସିଡିଏ ସେକ୍ଟର-୭ସ୍ଥିତ ଆଶ୍ରୟ ଦି ସେଲ୍ଟର ନିକଟ, ବୀରେନ ମିତ୍ର ପାର୍କ ସମ୍ମୁଖ, ସେକ୍ଟର-୧୦ସ୍ଥିତ ମଶ୍ୱେରୀ ସ୍କୁଲ ନିକଟ, ୯ ନଂ. ୱାର୍ଡ ଦୟା ଆଶ୍ରମ ସମ୍ମୁଖ, ୪୮ ନଂ. ୱାର୍ଡ ଅଫିସ ସମ୍ମୁଖ, ୪୮ ନଂ. ୱାର୍ଡ ବିରୂପା ନଦୀ ନିକଟ ରାସ୍ତାପାର୍ଶ୍ୱ, ୯ ନଂ. ୱାର୍ଡରେ ଥିବା ବୋର୍ଡ ଅଫ ରେଭିନ୍ୟୁ କ୍ୱାର୍ଟର୍ସ ସମ୍ମୁଖ, ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ ଜାତୀୟ ରାଜପଥର ସର୍ଭିସ ରୋଡ ଅଞ୍ଚଳ, ଫକୀରପୁର ଆଇବି ରୋଡରୁ ନିମପୁର ବସ୍ତି ଅଞ୍ଚଳରେ ଥିବା ଖାଲି ସ୍ଥାନ, ୫୪ ନଂ. ୱାର୍ଡର ଲେପ୍ରୋସି ହୋମ୍ ଆଣ୍ଡ ହସ୍ପିଟାଲ ସମ୍ମୁଖ, ନୂଆବଜାର ମାଛ ମାର୍କେଟ ନିକଟ ଏବଂ ୫୮ ନମ୍ବର ୱାର୍ଡ ଗୋପାଳପୁର ଅଣ୍ଡରପାସ ଅଞ୍ଚଳରେ ଜମି ଚିହ୍ନଟ କରାଯାଇଥିଲା। ଏପରି କି ଉକ୍ତ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ପାଇଁ ସ୍ଥିର କରାଯାଇଥିଲା। ଟିମ୍ ପକ୍ଷରୁ ଏ ନେଇ ଅନୁଧ୍ୟାନ କରାଯାଇଥିଲେ ମଧ୍ୟ ଏ ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରାଯାଇନାହିଁ। ଇତିମଧ୍ୟରେ ୨୦ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜଣେ ଉଠାଦୋକାନୀଙ୍କୁ କ୍ୟାବିନ୍ ଖଣ୍ଡେ ମିଳିପାରିନାହିଁ।

ଏ ସମ୍ପର୍କରେ ସିଏମ୍ସି ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି, ମଡେଲ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ଯନ୍ତ୍ରୀ ବିଭାଗ ବୁଝାବୁଝି କରୁଛି। ସେହିପରି ସିଏମ୍ସି ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ କହିଛନ୍ତି, ପୂର୍ବରୁ ସହରର ଅନେକ ସ୍ଥାନରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇଛି। ହେଲେ ସେମାନେ ତାହାକୁ ଖୋଲୁ ନାହାନ୍ତି। ନୂତନ ମଡେଲ ଭେଣ୍ଡିଂ ଜୋନ୍ ନିର୍ମାଣ କାର୍ଯ୍ୟ ଭେଣ୍ଡିଂ ଜୋନ୍ କମିଟି ବୁଝୁଛି। ସେମାନେ ଯୋଜନା ପ୍ରସ୍ତୁତ କରୁଛନ୍ତି। ହେଲେ କଟକରେ ଏହି ଯୋଜନା କାର୍ଯ୍ୟକାରୀ ହେବା କଷ୍ଟକର ମନେହେଉଛି। କାରଣ ବ୍ୟବସାୟୀଙ୍କୁ କ୍ୟାବିନ୍ ଯୋଗାଇ ଦିଆଯାଇଥିଲେ ମଧ୍ୟ ବର୍ଷ ବର୍ଷ ଧରି ସେଥିରେ ତାଲା ଝୁଲୁଛି ବୋଲି ସେ କହିଛନ୍ତି।

## 'ମହିଳାଙ୍କ ବିକାଶ ହେଲେ ରାଜ୍ୟର ବିକାଶ ହେବ'



ବ୍ଲକସ୍ତରୀୟ ମହିଳା ସମାବେଶରେ ଉପସ୍ଥିତ ଅତିଥିବୃନ୍ଦ।

**ନିଆଳି,୨୬।୩(ଡି.ଏନ୍.ଏ.)**

ନିଆଳି ବ୍ଲକ ବିଜୁ ମହିଳା ଜନତା ଦଳ ପକ୍ଷରୁ ସ୍ଥାନୀୟ ମାଘସପ୍ତମୀ ପଡିଆରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସମ୍ପାଦିକା ସତ୍ୟସ୍ମିତା ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରମୋଦ ମଲ୍ଲିକ ଯୋଗଦେଇ କହିଥିଲେ, ମହିଳାଙ୍କର ଆର୍ଥିକ ସ୍ଥିତିର ବିକାଶ ହେଲେ ରାଜ୍ୟ ଓ ଦେଶର ବିକାଶ ହେବ। ଏଥିରେ ସମ୍ମାନିତ ଅତିଥି ଭାବେ ଜଗତ୍ସିଂହପୁର ଏମ୍ପି ରାଜଶ୍ରୀ ମଲ୍ଲିକ, କଟକ ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ଜିଲାପରିଷଦ ସଭ୍ୟା କବିତା ରାଉତ, ସୌଦାମିନୀ ରାଉତ, ସୂର୍ଯ୍ୟକାନ୍ତି ମହାନ୍ତି ପ୍ରମୁଖ ଯୋଗଦେଇ ମହିଳାଙ୍କ ବିକାଶ ଉପରେ ବକ୍ତବ୍ୟ ଦେଇଥିଲେ। ଏହି ସମାବେଶରେ ୩ହଜାରରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ନିଆଳି ସରପଞ୍ଚ ବବିତାରାଣୀ ବେହେରା ଧନ୍ୟବାଦ ଦେଇଥିଲେ।

# କଟକ ନଗର କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ



ସତ୍ୟାଗ୍ରହରେ ସାମିଲ ହୋଇଥିବା କଂଗ୍ରେସ ନେତୃବୃନ୍ଦ।

**କଟକ ଅଫିସ, ୨୬।୩**

**ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟ ପଦ ରଦ୍ଦ ପ୍ରତିବାଦ**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟ ପଦ ରଦ୍ଦ ପ୍ରତିବାଦରେ ରବିବାର କଟକ ନଗର କଂଗ୍ରେସ ପକ୍ଷରୁ ପୁରୀଘାଟସ୍ଥିତ ଗାନ୍ଧୀ ମୂର୍ତ୍ତି ନିକଟରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯାଇଥିଲା। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ରାହୁଲ ଗାନ୍ଧୀଙ୍କ ଲଢେଇ ସର୍ବଦା ଜାରି ରହିଛି। ଦେଶର ଗରିବ, ଯୁବକ, ଛାତ୍ର, ମହିଳା, କୃଷକ, ଆଦିବାସୀ, ସଂଖ୍ୟାଲଘୁମାନଙ୍କ ପାଇଁ ସେ ସର୍ବଦା ନିର୍ଭୀକ ସ୍ୱର ଉଠାଇଛନ୍ତି। ଚକ୍ରାନ୍ତ କରି ତାଙ୍କର ଲୋକ ସଭା ସଦସ୍ୟ ପଦ କେନ୍ଦ୍ର ସରକାର ରଦ୍ଦ କରିଛନ୍ତି। ଏ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଏହି ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯାଇଛି ବୋଲି ମତପ୍ରକାଶ ପାଇଛି। କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ସତ୍ୟାଗ୍ରହରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପିସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା, କଂଗ୍ରେସ ନେତା ବିଶ୍ୱନାଥ ଶତପଥୀ, ସଂଯୋଜକ ରାଜେନ୍ଦ୍ର ପଟ୍ଟନାୟକ, ବରଦା ସାହୁ, ମାନସ ନାୟକ, କର୍ପୋରେଟର ଜେ. କାମେଶ୍ୱର ରାଓ, ଶେଖ୍ ଜାଫର ପ୍ରମୁଖ ଉପସ୍ଥିତ ଥିଲେ।

## କୋଚିଲେଇ ମହୋତ୍ସବ ଉଦ୍ଯାପିତ

**କଟକ ସଦର,୨୬।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ସଫିପୁର ଗ୍ରାମରେ କୋଚିଲେଇ ମହୋତ୍ସବ ରବିବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅନ୍ୟ ଅତିଥି ଭାବେ ଓଡ଼ିଶା ଶିଳ୍ପ ସଂଘ ଉପସଭାପତି ଅବନୀ କାନୁନ୍ଗୋ, ଭେଷଜ ବିଶେଷଜ୍ଞ ଡା. ଜୟନ୍ତ ପଣ୍ଡା, ନିରାମୟ ଯୋଜନାର ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ଜୟ ଭାରତ ଟ୍ରଷ୍ଟର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଳୀ ଯୋଗଦେଇଥିଲେ। ମହୋତ୍ସବ କମିଟି ସଭାପତି ପ୍ରଫୁଲ୍ଲ କୁମାର ସିଂହ ବିବରଣୀ ପ୍ରଦାନ କରିଥିଲେ। ପରେ ଜି ସାର୍ଥକ ଟିମ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶୋଭନା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସକାଳେ ମା'ଙ୍କ ପୀଠରେ ଯଜ୍ଞ ଆୟୋଜନ କରାଯାଇଥିଲା। କମିଟି ସମ୍ପାଦକ ସୁମନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁବୋଧ ବେହେରା, ହୃଷୀକେଶ ରଣା, କିଶୋର ହରିଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ସୁବାସ ସଭାପତି, ପ୍ରଫୁଲ୍ଲ ସମ୍ପାଦକ



ସଭାରେ ଯୋଗଦେଇଥିବା ନୂତନ କର୍ମକର୍ତ୍ତା ଓ ଅନ୍ୟମାନେ।

**କଟକ ଅଫିସ୨୬।୩**

**ଖାନ୍ନଗର ପୂଜା କମିଟିର ନିର୍ବାଚନୀ ସଭା**

ଖାନ୍ନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ପକ୍ଷରୁ ସମସ୍ତ ମୁରବି, ଯୁବକ, ବ୍ୟବସାୟୀ ଓ ଯୁବକ ସଂଘର କର୍ମକର୍ତ୍ତାମାନଙ୍କୁ ନେଇ ଗ୍ରାମଦେବୀ ରଣା ମା' ମନ୍ଦିର ପରିସରରେ ଖାନ୍ନଗର ପୂଜା କମିଟିର ସାଧାରଣ ନିର୍ବାଚନୀ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ବଂଶରୀ ଗୋପୀନାଥଜୀଉ ମନ୍ଦିରର ଅଧିକାରୀ ରାଧାମୋହନ ସାହୁ, ଗୋପାଳଜୀଉ ମନ୍ଦିରର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ କର୍ପୋରେଟର ଗୋପାଳ ବେହେରା ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ସଭାପତି ଭାବେ ସୁବାସ ଚନ୍ଦ୍ର ବେହେରା ଓ ସାଧାରଣ ସମ୍ପାଦକ ଭାବେ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଆଗାମୀ ୫ ବର୍ଷ ପାଇଁ ମନୋନୀତ କରାଯାଇଛି। ଆଗାମୀ ଦିନରେ ପୂର୍ଣ୍ଣାଙ୍ଗ କାର୍ଯ୍ୟକାରୀ କମିଟି ଗଠନ କରି ସାହିର ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ କରିବାକୁ ଅକ୍ଷୟ ବେହେରା ପ୍ରସ୍ତାବ ଦେଇଥିଲେ।

## 'ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଅ'



କର୍ମଶାଳାରେ ବିଧାୟକ ପ୍ରଶାନ୍ତ ବେହେରା ବକ୍ତବ୍ୟ ଦେଉଛନ୍ତି।

**ମଙ୍ଗୁଳି-ଜଗତପୁର,୨୬।୩ (ଡି.ଏନ୍.ଏ.)**

**ବିଜୁ ଯୁବ ଛାତ୍ର ଜନତା ଦଳର କର୍ମଶାଳା**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଭଗତପୁର କଲ୍ୟାଣମଣ୍ଡପ ପରିସରରେ ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀ ବିଜୁ ଯୁବ ଜନତା ସଭାପତି ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ୧୩ଟି ପଞ୍ଚାୟତର ବିଜୁ ଛାତ୍ର କମିଟି ଘୋଷଣା କରିଥିଲେ। ଉକ୍ତ ପଞ୍ଚାୟତଗୁଡ଼ିକରେ ଅଧିକରୁ ଅଧିକ ଯୁବକଙ୍କୁ ଏହି କମିଟିରେ ସାମିଲ କରାଯିବ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡ଼ିକୁ ଯୁବ ଛାତ୍ରମାନେ ଜନସାଧାରଣ ନିକଟରେ ପହଞ୍ଚାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ନିର୍ବାଚନ ମଣ୍ଡଳୀକୁ ବିକଶିତ ନିର୍ବାଚନମଣ୍ଡଳୀରେ ପରିଣତ କରିବା ପାଇଁ ଯୁବ ଛାତ୍ରମାନେ ଶପଥ ନେଇଥିଲେ। ଆମ୍ା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ ବିଜୁ ଯୁବ ସଭାପତି ତାପସ୍ୱି ସାହୁ, ଶିକ୍ଷାବିତ୍ ଧୀରେନ୍ଦ୍ର ଜେଠି, ଜିଲାପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ବ୍ଲକ ଚେୟାରମ୍ୟାନ୍ଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ସରପଞ୍ଚ ଭରତ ବେହେରା, ଦୀପ୍ତିମୟୀ ବେହେରା, ପରମାନନ୍ଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଜୁ ଛାତ୍ର ବ୍ଲକ ସଭାପତି ପ୍ରଶାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# 'ପ୍ରତ୍ୟେକ ମଣିଷ ପାଇଁ ହାସ୍ୟବ୍ୟଙ୍ଗ ଆବଶ୍ୟକ'

**କଟକ ଅଫିସ,୨୬।୩**



ହାସ୍ୟବ୍ୟଙ୍ଗ ପତ୍ରିକା ରସଗୁଲାର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ହାସ୍ୟବ୍ୟଙ୍ଗ ପତ୍ରିକା ରସଗୁଲାର ବାର୍ଷିକ ଉତ୍ସବ**

ହାସ୍ୟବ୍ୟଙ୍ଗ ପତ୍ରିକା ରସଗୁଲାର ୮ମ ବାର୍ଷିକ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ପାଳିତ ହୋଇଯାଇଛି। ବ୍ୟଙ୍ଗକବି ଡ. ଧର୍ମଛଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସାହିତ୍ୟ ସମାଲୋଚକ ଡ. ବାବାଜୀ ଚରଣ ପଟ୍ଟନାୟକ ଉଦ୍‌ଘାଟନ କରି ଆଦିକବି ସାରଳା ଦାସଙ୍କ ସମୟରୁ ହାସ୍ୟବ୍ୟଙ୍ଗ ଚାଲିଆସିଥିବା ଓ ସାରଳା ସାହିତ୍ୟରେ ହାସ୍ୟବ୍ୟଙ୍ଗ ରହିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ବ୍ୟଙ୍ଗକବି ଜ୍ଞାନ ହୋତା କହିଥିଲେ, ବର୍ତ୍ତମାନର ବ୍ୟସ୍ତବହୁଳ ସମାଜରେ ଲୋକଙ୍କ ପାଇଁ ମନଖୋଲା ହସ ଦୁର୍ମୂଲ୍ୟ ହୋଇପଡ଼ିଛି। ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ବ୍ୟଙ୍ଗପତ୍ରିକାର ଆବଶ୍ୟକତା ରହିଛି। ବରେଣ୍ୟ ଅତିଥି ପଣ୍ଡିତ ଚୈତନ୍ୟ କୁମାର ସାହୁ ପ୍ରତ୍ୟେକ ମଣିଷ ପାଇଁ ହାସ୍ୟବ୍ୟଙ୍ଗ ଆବଶ୍ୟକ ବୋଲି କହିଥିଲେ। ଏହି ଉତ୍ସବରେ ରସଗୁଲା ପତ୍ରିକାର ବିଷୁବ ସଂଖ୍ୟା ଲୋକାର୍ପଣ କରାଯାଇଥିଲା। ବ୍ୟଙ୍ଗକାର ତଥା କଣ୍ଠଶିଳ୍ପୀ ବିଭୁ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ବ୍ୟଙ୍ଗକବି ସତ୍ୟାନାଶଙ୍କୁ ଅଭିନେତା ସ୍ୱର୍ଗତ ରବି ମିଶ୍ର ସ୍ମୃତି ସମ୍ମାନ, ଇଂ. ସୌରାଂଶୁ ପଟ୍ଟନାୟକଙ୍କୁ ଶାନ୍ତି ଦେବୀ ସ୍ମୃତି ସମ୍ମାନ, ବ୍ରଜବିହାରୀ ସୁବୁଦ୍ଧିଙ୍କୁ କନକଲତା ସ୍ମୃତି ସମ୍ମାନ, ବ୍ୟଙ୍ଗକବି ଜଗତ ମୋହନଙ୍କୁ ସନ୍ୟାସିନୀ ବିଦ୍ୟୁତଲାଲା ସମ୍ମାନ ଏବଂ ପର୍ଶୁରାମ ବାରିକଙ୍କୁ କାହ୍ନୁ କ୍ଷେତ୍ରମଣି ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ପତ୍ରିକାର ସମ୍ପାଦକ ବାବାଜୀ ଚରଣ ଲେଙ୍କା ବିବରଣୀ ପାଠ, ବ୍ରହ୍ମାନନ୍ଦ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ବିଭୁ ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ, ଶାନ୍ତି ରାଜେଶ ଧନ୍ୟବାଦ ଦେଇଥିଲେ। ପତ୍ରିକାର ସହ ସମ୍ପାଦକ ସୁଧୀର କୁମାର ନାୟକ, ଦୀପକ ଲେଙ୍କା, ଅନନ୍ୟା ପ୍ରିୟଦର୍ଶିନୀ ଲେଙ୍କା ଓ ଦିବ୍ୟାଂଶ କୁମାର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ହାସ୍ୟବ୍ୟଙ୍ଗ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହାକୁ ଗୀତାଞ୍ଜଳି ପୃଷ୍ଟି, ସୁଷମା ବାରିକ ଏବଂ ବିଭୁ ମିଶ୍ର ସଂଯୋଜନା କରିଥିଲେ।



ଅଯୋଧାରେ ଶ୍ରୀରାମ ମନ୍ଦିର ନିର୍ମାଣ ନେଇ ରବିବାର କଟକ ଚଣ୍ଡୀମନ୍ଦିର ନିକଟରୁ ଓଡ଼ିଶା କିନ୍ନର ସମାଜ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।




କଟକ ବକ୍ସିବଜାର ଗୋପବନ୍ଧୁ ପାର୍କ ପରିସରରେ କମିଶନରେଟ୍ ପୋଲିସ ପକ୍ଷରୁ ରବିବାର ଅନୁଷ୍ଠିତ ଓଡ଼ିଶା ପୋଲିସ ବ୍ୟାଣ୍ଡ ଶୋ'।




କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ରବିବାର କଳାବିକାଶ କେନ୍ଦ୍ର ମହୋତ୍ସବର ଉଦ୍ଯାପନୀ ସନ୍ଧ୍ୟାରେ ଡ. ସଙ୍ଗୀତା ଗୋସ୍ୱାଇଁଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ କଣ୍ଠସଙ୍ଗୀତ।

**ଭି ପକ୍ଷରୁ 'ସେଲ୍ଫ-କେୱାଇସି'**

ନୂଆଦିଲ୍ଲୀ,୨୬।୩: ଟେଲିକମ୍ କମ୍ପାନୀ ଭି ପକ୍ଷରୁ 'ସେଲ୍ଫ କେୱାଇସି' ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଭୋଡାଫୋନ୍-ଆଇଡିଆ ଲିମିଟେଡ୍‌ର ସିଓଓ ଅଭିଜିତ କିଶୋର କହିଛନ୍ତି, ଏଭଳି ଏକ ଅଭିନବ ଉତ୍ପାଦ ଆଣିବା ଏବଂ ଭି ଜରିଆରେ ଗ୍ରାହକଙ୍କୁ ଟେଲିକମ ସୁବିଧା ପ୍ରଦାନ କରିବା ଲାଗି ଆମେ ସର୍ବଦା ଅତିରିକ୍ତ କିଛି ଦୂର ଆଗକୁ ବଢ଼ିଥାଉ। ଫଳରେ ଗ୍ରାହକମାନେ ନୂଆ ମୋବାଇଲ୍ ସଂଯୋଗ ନେବା ବେଶ୍ ସରଳ, ତ୍ୱରିତ, ସୁରକ୍ଷିତ ଓ ସହଜ ହୋଇପାରିଛି।

# ଦୁଇ ମିଲିୟନ ଅତିକ୍ରମ କରିବ ବୈଦ୍ୟୁତିକ ଯାନ ବିକ୍ରି

## ୨୦୨୩-୨୪ ଆର୍ଥିକ ବର୍ଷରେ ବଢ଼ିବ ଇଭି ବିକ୍ରି: ବିଶେଷଜ୍ଞ

ନୂଆଦିଲ୍ଲୀ,୨୬।୩



ବିଗତ କିଛି ବର୍ଷ ହେବ ଭାରତୀୟ ଅଟୋଶିଳ୍ପରେ ଇଲେକ୍ଟ୍ରି ଭେଇକିଲ (ଇଭି)ର ଚାହିଦା ବୃଦ୍ଧି ପାଇଚାଲିଛି। ଏପରିକି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ଉଭୟ ଇଭି ନିର୍ମାତା ଓ ଗ୍ରାହକଙ୍କୁ ବିଭିନ୍ନ ପ୍ରକାରର ସୁବିଧା ପ୍ରଦାନ କରୁଛନ୍ତି। ଫଳରେ ଇଭି ଯାନର ଚାହିଦା ପ୍ରତି ବର୍ଷ ବଢ଼ିଚାଲିଛି। ବିଶେଷକରି ପରିବେଶ ସୁରକ୍ଷା ଓ ତୈଳ ଦର ବୃଦ୍ଧି ଯୋଗୁ ଇଭି ବଜାରରେ ଚାହିଦା କ୍ରମାଗତ ଭାବେ ବୃଦ୍ଧି ପାଉଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ଇଭି ଚାହିଦା ବଢ଼ିବା ସହ ବିକ୍ରି ମଧ୍ୟ ବୃଦ୍ଧି ପାଇବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏପରିକି ଚଳିତ ଆର୍ଥିକ ବର୍ଷ ଅପେକ୍ଷା ଆସନ୍ତା ଆର୍ଥିକ ବର୍ଷରେ ଏହି ସଂଖ୍ୟା ୨ ମିଲିୟନ ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ବିଶେଷକରି ବର୍ତ୍ତମାନର ଇଭି ଚାହିଦା ଓ ଆଗାମୀ ଦିନର ବଜାରକୁ ଲକ୍ଷ୍ୟ ରଖି ଦେଶର ପ୍ରମୁଖ ଇଭି ନିର୍ମାତାମାନେ ସବୁ ବର୍ଗର ଇଭି ମଡେଲ ବଜାରକୁ ଛାଡିବାକୁ ଆଗ୍ରହ ପ୍ରକାଶ ସହ ପ୍ରୟାସ ଜାରି ରଖିଛନ୍ତି। ସେହିପରି ଫାଷ୍ଟର ଆଡପସନ ଆଣ୍ଡ ମାନୁଫାକ୍ଚରିଙ୍ଗ ଅଫ ଇଲେକ୍ଟ୍ରି ଭେଇକିଲ୍ସ (ଏଫଏଏମଇ)-୨ ପ୍ରୋଗାମ ଜରିଆରେ ଉକ୍ତ ପ୍ରକ୍ରିୟା ଦ୍ରୁତ ଅଗ୍ରଗତି କରୁଛି। ଏପରିକି ଖୁବଶୀଘ୍ର ଉକ୍ତ ପ୍ରକ୍ରିୟା ଶେଷ ହେବାକୁ ଯାଉଥିବା ବେଳେ ଇଭି ନିର୍ମାତାମାନେ ମଧ୍ୟ ସେମାନଙ୍କର ଆଗାମୀ କାର୍ଯ୍ୟଧାରା ବିଷୟରେ ଯୋଜନା କରୁଥିବା ଜଣାପଡିଛି। ଅପରପକ୍ଷରେ ଇଭିଗୁଡିକର ଖୁଚୁରା ବିକ୍ରୟ ୨୦୨୨-୨୩ ଆର୍ଥିକ ବର୍ଷରେ ୧.୧୧ ମିଲିୟନ ୟୁନିଟ୍ ଅତିକ୍ରମ କରିସାରିଛି। ଯାହା ମୋଟ ଅଟୋମୋବାଇଲ୍ ବିକ୍ରିର ୫%ରୁ ଅଧିକ। ବିଶେଷ କରି ୨୦୨୧-୨୨ ଆର୍ଥିକ ବର୍ଷରୁ ୧୪୭% ଅଭିବୃଦ୍ଧି କରିଥିବା ଜଣାପଡିଛି। ଏପରିକି ସରକାରଙ୍କ ବାହାନ ୱେବ୍‌ସାଇଟରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଅନୁଯାୟୀ ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପ୍ରାୟ ୧.୧ ମିଲିୟନ ଇଭି ପଞ୍ଜୀକୃତ ହୋଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଇଭି ଫ୍ଲିଟ ଅପରେଟର ଏବଂ ଦୁଇ ଓ ତିନି ଚକିଆ ଯାନ କିଣୁଥିବା ବ୍ୟକ୍ତିମାନେ ଉକ୍ତ ଅଭିବୃଦ୍ଧିର ମୁଖ୍ୟ ଡ୍ରାଇଭର ହୋଇସାରିଛନ୍ତି। ଫଳରେ ନୂତନ ଲଞ୍ଚ ଏବଂ ଚାର୍ଜିଂ ପଏଣ୍ଟଗୁଡିକର ଉପଲବ୍ଧତା ସହ ସ୍ୱଳ୍ପ ମୂଲ୍ୟରେ ଚାଲୁଥିବା ସହିତ କ୍ରେତାଙ୍କୁ ଆକର୍ଷିତ କରୁଛି। ଇଭି ଦୁଇ ଏବଂ ତିନି ଚକିଆ ଯାନ ୨୦୨୨-୨୩ ଆର୍ଥିକ ବର୍ଷରେ ସର୍ବାଧିକ ବିକ୍ରି ପାଇଁ ଯଥାକ୍ରମେ ୬,୯୦,୦୦୦ ୟୁନିଟ୍ ଏବଂ ୩,୭୨,୦୦୦ ୟୁନିଟ୍ ରହିଥିଲା।

## ଏମ୍‌ପିସି ସମୟସୂଚୀ ପ୍ରକାଶିତ

ନୂଆଦିଲ୍ଲୀ,୨୬।୩

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷରେ ହେବାକୁ ଥିବା ମୁଦ୍ରାନୀତି କମିଟି ବୈଠକ(ଏମପିସି)ର ସମୟ ସୂଚୀ ନିକଟରେ ପ୍ରକାଶ କରିଛି। ଏପରିକି ଏମପିସି ବୈଠକ ପ୍ରତିବର୍ଷ ୬ ଥର ହୋଇଥାଏ। ବିଶେଷକରି ପ୍ରତି ୨ ମାସରେ ଥରେ ଏମପିସିର ବୈଠକ ହେଉଛି। ତେଣୁ ବର୍ଷକୁ ୬ ଥର ଉକ୍ତ ବୈଠକ ହେବ। ଆରବିଆଇର ଉକ୍ତ ଯୋଜନା ମୁତାବକ ପ୍ରଥମ ବୈଠକ ୨୦୨୩ ଏପ୍ରିଲ ୩ରୁ ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ୨ୟ ବୈଠକ ୨୦୨୩ ଜୁନ ୬ରୁ ୮ ତାରିଖ ଏବଂ ୩ୟ ବୈଠକ ୨୦୨୩ ଅଗଷ୍ଟ ୮ରୁ ୧୦ ପର୍ଯ୍ୟନ୍ତ ହେବ। ସେହପରି ଏମପିସିର ୪ର୍ଥ ବୈଠକ ୨୦୨୩ ଅକ୍ଟୋବର ୪ରୁ ୬ ତାରିଖ ଏବଂ ୫ମ ବୈଠକ ୨୦୨୩ ଡିସେମ୍ବର ୬ରୁ ୮ ତାରିଖ ପର୍ଯ୍ୟନ୍ତ ହେବ ବୋଲି ଆରବିଆଇ ପକ୍ଷରୁ କୁହାଯାଇଛି। ସେହିପରି ଏମପିସିର ୬ଷ୍ଠ ବୈଠକ ୨୦୨୪ ଫେବୃୟାରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ହେବ ବୋଲି ଆରବିଆଇ ପକ୍ଷରୁ ସୂଚନା ଦିଆଯାଇଛି।

## କଟକରେ ଟର୍ଟଲର ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ



କଟକ,୨୬।୩

ଦେଶର ପ୍ରମୁଖ ଗାର୍ମେଣ୍ଟ ବ୍ରାଣ୍ଡ୍ ଟର୍ଟଲ ଓଡ଼ିଶା ବଜାର ପକ୍ଷରୁ ଆଉ ଏକ ନୂତନ ଆଉଟ୍‌ଲେଟର ଶୁଭାରମ୍ଭ କରାଯାଇଛି। ଏପରିକି କଟକ ମଙ୍ଗଳାବାଗଠାରେ ଟର୍ଟଲର ଏକ୍ସକ୍ଲୁସିଭ୍ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍.ସ୍କୋୟାର ମାର୍କେଟିଂ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ଉମେଶ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱରଞ୍ଜନ ପାତ୍ର, ସୌମ୍ୟରଞ୍ଜନ ମିଶ୍ର ଏବଂ ସଂଗ୍ରାମ ଭଞ୍ଜଦେଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ୧୨୦୦ ବର୍ଗଫୁଟ ପରିବ୍ୟାପ୍ତ ଉକ୍ତ ଷ୍ଟୋରରେ ସମସ୍ତ ବର୍ଗଙ୍କୁ ସୁହାଇଲା ଭଳି ବିଭିନ୍ନ ଡିଜାଇନ୍‌ର ଡ୍ରେସ ଉପଲବ୍ଧ। ଏଠାରେ ବ୍ରାଣ୍ଡ୍‌ର ସମସ୍ତ ଡ୍ରେସ ସହ କାଜୁଆଲ୍ ଶାର୍ଟ, ଫର୍ମାଲ ଶାର୍ଟ, ମେନ୍ସ ୱେର ଆଦି ଉପଲବ୍ଧ । ବିଶେଷ କରି ଏଠାରେ ସହରର ସବୁ ବର୍ଗର ଗ୍ରାହକଙ୍କ ପାଇଁ ସୁଲଭ ମୂଲ୍ୟ ଓ ଗୁଣାତ୍ମକ ମାନରେ ପୋଷାକ ଉପଲବ୍ଧ। ବିଶେଷକରି କଟକ ବାସିନ୍ଦାଙ୍କ ଚାହିଦା ପୂରଣ ସହ ରାଜ୍ୟର ସବୁ ବର୍ଗର ଗ୍ରାହକଙ୍କ ଆସ୍ଥାଭାଜନ ହୋଇପାରିବ ବୋଲି ଷ୍ଟୋର ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ, କଟକ ସହରରେ ଟର୍ଟଲର ଏହା ୩ୟ ଆଉଟ୍‌ଲେଟ ବୋଲି ବ୍ରାଣ୍ଡ୍ ପକ୍ଷରୁ ସୂଚନା ଦିଆଯାଇଛି।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୨୬।୩

ଦେଶର ପ୍ରମୁଖ ମେଟାଲର୍ଜିକାଲ ଗ୍ରେଡର ଆଲୁମିନାର ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ବିଶେଷକରି କମ୍ପାନୀର ଓଡ଼ିଶା ୟୁନିଟ ଲାଞ୍ଜିଗଡ ଏବଂ କଳାହାଣ୍ଡି ଜିଲା ଓଡ଼ିଶା ବ୍ଲଡ ସେଣ୍ଟରର ମିଳିତ ସହଯୋଗରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର କର୍ମଚାରୀ, କର୍ମଚାରୀଙ୍କ ପରିବାର ସଦସ୍ୟ ଓ କମ୍ପାନୀର ବ୍ୟବସାୟିକ ସହଯୋଗୀମାନେ ଉକ୍ତ ଶିବିରରେ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏପରିକି ଉକ୍ତ ଶିବିର ଜରିଆରେ ୨୦୦ ୟୁନିଟରୁ ଅଧିକ ରକ୍ତ ସଂଗୃହୀତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ବେଦାନ୍ତ ଆଲୁମିନିୟମ ୫୦୦ ୟୁନିଟରୁ ଅଧିକ ରକ୍ତ ସଂଗ୍ରହ କରିଥିବା ଜଣାପଡିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନା ବିଜ୍‌ନେସ) ଜି.ଜି.ପାଲ୍ କହିଛନ୍ତି, ଏଭଳି ଏକ ଶିବିରର ଆୟୋଜନ କରି ଆମେ ବେଶ ଉତ୍ସାହିତ ଅଛୁ। ବିଶେଷ କରି ରକ୍ତଦାନ ହେଉଛି ଏକ ମହତ ଦାନ, ଯାହା ଜୀବନ ରକ୍ଷା ଲାଗି ମହତ୍ତ୍ୱପୂର୍ଣ୍ଣ । ଉକ୍ତ ପ୍ରୟାସରେ ଆମେ ସର୍ବଦା ଅଂଶଗ୍ରହଣ କରି ଖୁସି ଅନୁଭବ କରିଥାଉ। ଉକ୍ତ ଶିବିରକୁ ସଫଳ କରିବା ପାଇଁ ଆମର କର୍ମଚାରୀ ଓ ସେମାନଙ୍କ ପରିବାର ଏବଂ ବ୍ୟବସାୟୀ ସହଭାଗୀ ଆଗେଇ ଆସିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି। ସେହିଭଳି ସ୍ଥାନୀୟ ଗୋଷ୍ଠୀର ସ୍ୱାସ୍ଥ୍ୟ ସେବା ଓ ସେମାନଙ୍କ ସର୍ବବିଧ କଲ୍ୟାଣ ପାଇଁ ଆମେ ସର୍ବଦା ନିଜର ହସ୍ତକ୍ଷେପକୁ ଜାରି ରଖିବୁ ବୋଲି ପାଲ୍ ମତପ୍ରକାଶ କରିଛନ୍ତି।

## ପୁରୀ ଗ୍ରାଣ୍ଡ ରୋଡରେ ମୁଫ୍‌ତି ଏକ୍ସକ୍ଲୁସିଭ୍ ଷ୍ଟୋର

ପୁରୀ,୨୬।୩



ଦେଶର ପ୍ରମୁଖ ଗାରମେଣ୍ଟ ବ୍ରାଣ୍ଡ୍ ମୁଫ୍‌ତର ଓଡିଶା ବଜାର ପକ୍ଷରୁ ଆଉ ଏକ ନୂତନ ଆଉଟଲେଟର ଶୁଭାରମ୍ଭ କରାଯାଇଛି। ଏପରିକି ରବିବାର ପୁରୀ ଗ୍ରାଣ୍ଡ ରୋଡଠାରେ ମୁଫ୍‌ତ ଏକ୍ସକ୍ଲୁସିଭ୍ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍.ସ୍କୋୟାର ମାର୍କେଟିଂ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ଉମେଶ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ସାହା, ଗୋପୀନାଥ ପାତ୍ର, ସ୍ୱାତୀ ଅଗ୍ରୱାଲ ଏବଂ ବିଶ୍ୱରଞ୍ଜନ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ପୁରୀ ସହରରେ ମୁଫ୍‌ତର ଏହା ପ୍ରଥମ ଷ୍ଟୋର ହୋଇଥିବା ବେଳେ ରାଜ୍ୟରେ ୧୫ତମ ବୋଲି ବ୍ରାଣ୍ଡ୍ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୧୦୦୦ବର୍ଗଫୁଟ ପରିବ୍ୟାପ୍ତ ଉକ୍ତ ଷ୍ଟୋରରେ ସମସ୍ତ ବର୍ଗଙ୍କୁ ସୁହାଇଲା ଭଳି ବିଭିନ୍ନ ଡିଜାଇନ୍‌ର ଡ୍ରେସ ଉପଲବ୍ଧ। ଏଠାରେ ବ୍ରାଣ୍ଡ୍‌ର ସମସ୍ତ ଡ୍ରେସ ସହ କାଜୁଆଲ୍ ଶାର୍ଟ, ଟି ଶାର୍ଟ, ଡେନିମ୍ ଆଦି ଉପଲବ୍ଧ । ବିଶେଷ କରି ସହରର ସବୁ ବର୍ଗର ଗ୍ରାହକଙ୍କ ପାଇଁ ପୋଷାକ ସୁଲଭ ମୂଲ୍ୟ ଓ ଗୁଣାତ୍ମକ ମାନରେ ଉପଲବ୍ଧ ରହିଛି। ବିଶେଷକରି ପୁରୀ ବାସିନ୍ଦାଙ୍କ ଚାହିଦା ପୂରଣ ସହ ସବୁ ବର୍ଗର ଗ୍ରାହକଙ୍କ ଆସ୍ଥାଭାଜନ ହୋଇପାରିବ ବୋଲି ଷ୍ଟୋର ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି। ଉଲ୍ଲଖଯୋଗ୍ୟ, ପୁରୀ ବଡଦାଣ୍ଡ ମାର୍କେଟ ଛକ ସ୍ଥିତ ବଗଲା ଧର୍ମଶାଳାର ଅପରପାର୍ଶ୍ୱରେ ଉକ୍ତ ଶୋ'ରୁମ ଅବସ୍ଥିତ।

## ଆଇସିଏଆଇ ପକ୍ଷରୁ ଦିନିକିଆ କର୍ମଶାଳା

ଭୁବନେଶ୍ୱର,୨୬।୩

ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ଭୁବନେଶ୍ୱର ଶାଖା ପକ୍ଷରୁ ରବିବାର ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା। ବିଶେଷକରି ବ୍ୟାଙ୍କ ଶାଖା ଅଡିଟ୍-୨୦୨୩ ଶୀର୍ଷକ ବିଷୟବସ୍ତୁ ଉପରେ ଉକ୍ତ ସେମିନାର ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଚନ୍ଦ୍ରଶେଖର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଏଆଇ ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ସିଏ ରାଜୀବ ଶେଖର ସାହୁ, ଶାଖାର ଅଧ୍ୟକ୍ଷ ସିଏ ପ୍ରଦୀପ କୁମାର ସାହୁ, ଉପାଧ୍ୟକ୍ଷ ତଥା ଛାତ୍ର ସଂଗଠନର ଅଧ୍ୟକ୍ଷ ସିଏ ଗଗନ ବିହାରୀ ଦାସ, ସଭାପତି ମହେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ସିଏ ଶାଶ୍ୱତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ଶାଖା ଅଡିଟ୍ ସମ୍ବନ୍ଧରେ କାନାରା ବ୍ୟାଙ୍କର ସ୍ୱାଧୀନ ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ ବିସ୍ତୃତ ଆଲୋକପାତ କରିଥିଲେ। ଅପରପକ୍ଷରେ ସିଏ ଲୋକେଶ ଗୁପ୍ତା ବ୍ୟାଙ୍କ ଅଡିଟ୍ ଏବଂ ଏଲଏଫ୍‌ଆର୍ ରିପୋର୍ଟିଂ, ସିଏ ଅଭୟ ବିଷ୍ଣୁ କାମାତ୍ ଆଇଆର୍‌ଏସି ନର୍ମସ, ଲୋନ୍, ଅତ୍ୟାଧୁନିକ ଏବଂ ସିଏ ସଞ୍ଜୀବ ସାଂଘି ଯଥାକ୍ରମେ ସିବିଏସ୍ ପରିବେଶ ଅଡିଟ୍ ସମ୍ବନ୍ଧରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ। ପରିଶେଷରେ ପୂର୍ବାଞ୍ଚଳ କାଉନ୍‌ସିଲ୍ ଶାଖାର ଅଧ୍ୟକ୍ଷ ସିଏ ଦେବାୟାନ୍ ପାତ୍ର, ଉପାଧ୍ୟକ୍ଷ ସିଏ ସଞ୍ଜୀବ ସାଂଘି, ସଭାପତି ବିଷ୍ଣୁ ତୁଲସୟାନ୍ ଏବଂ କୋଷାଧ୍ୟକ୍ଷ ସିଏ ମୟୂର ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା।

**ଫୁରସତ୍**

# ବକେୟା ବିଦ୍ୟୁତ୍ ବିଲ୍ ପୈଠ ନ କଲେ ଘରୁ ଜିନିଷ ନେଇଯାଉଛନ୍ତି ଅଧିକାରୀ

ଭୋପାଳ



ଲୋକଙ୍କଠୁ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କରିବା ଲାଗି ମଧ୍ୟପ୍ରଦେଶ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରକାର ଅଭିଯାନ ଆରମ୍ଭ ହୋଇଛି। ଯେଉଁ ବ୍ୟକ୍ତି ବିଜୁଳି ବିଲ୍ ପୈଠ କରିବାକୁ ସକ୍ଷମ ହେଉନାହାନ୍ତି ବିଭାଗୀୟ ଅଧିକାରୀ ସେମାନଙ୍କ ଘରୁ ମୋଟର ସାଇକେଲ, ପାଳିତ ପଶୁ, ଟ୍ରାକ୍ଟର ଆଦି ଜୋର ଜବରଦସ୍ତ ନେଇଯାଉଛନ୍ତି, ଯାହା ଲୋକଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ଏ ନେଇ ଅଭିଯୋଗ ହେବା ପରେ ଉଚ୍ଚଅଧିକାରୀ ୨ ଠିକା କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ମଧ୍ୟପ୍ରଦେଶ ପୂର୍ବାଞ୍ଚଳ ଶକ୍ତି ବିତରଣ କମ୍ପାନୀ ୫୧୮ କୋଟି ଟଙ୍କାର ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କରିବା ନେଇ ଯୋଜନା କରିଥିବାରୁ ଏହି ଅଭିଯାନ ଆରମ୍ଭ କରିଥିବା କୁହାଯାଉଛି। ସ୍ଥାନୀୟ ଅଞ୍ଚଳରେ ଯେଉଁମାନେ ଦୀର୍ଘଦିନ ଧରି ବିଦ୍ୟୁତ୍ ବିଲ୍ ଟଙ୍କା ଜମା କରିନାହାନ୍ତି ସେମାନଙ୍କୁ ଏହି ଅଭିଯାନର ଶିକାର ହେବାକୁ ପଡ଼ିଛି। ଏ ନେଇ ସାଗର, ଦାମୋହ, ଛତରପୁର, ପାନ୍ନା, ଗ୍ୱାଲିଅର ଆଦି ଜିଲାର ଶତାଧିକ ଗ୍ରାମକୁ ରିକୋଭରି ନୋଟିସ ଜାରି କରାଯାଇଛି। ଅନେକ ଗ୍ରାମର ଲୋକଙ୍କଠାରୁ ଟ୍ରାକ୍ଟର, ମୋଟର ସାଇକେଲ୍, ପାଣିପମ୍ପ ଆଦି ଜବତ୍ କରାଯାଇଛି। ସାଗର ଜିଲା ଦେଓରି ଗ୍ରାମରେ ବିଭାଗୀୟ ଅଧିକାରୀ ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ ରେଖା ଅହିରୱାରଙ୍କ ଘରେ ପହଞ୍ଚିଥିଲେ। ରେଖା ଘରେ ନ ଥିବାବେଳେ ତାଙ୍କ ବଡ଼ ଶାଶୁ ଗାଧୋଇବାକୁ ଯାଇଥିଲେ। ବିଦ୍ୟୁତ୍ ବିଭାଗର ଅଫିସରମାନେ ତାଙ୍କ ଘରେ ଜବରଦସ୍ତ ପଶି ଘରକରଣା ଜିନିଷ ସବୁ ଗାଡ଼ିରେ ଲୋଡ୍ କରି ନେଇଯାଇଥିବା ରେଖା ଅଭିଯୋଗ କରିଛନ୍ତି। ଏ ପରି ନ କରିବାକୁ ଅଫିସରମାନଙ୍କୁ ରେଖା ନେହୁରା ହୋଇ ଥିଲେ ମଧ୍ୟ ତାଙ୍କ କଥା କେହି ଶୁଣି ନ ଥିଲେ। ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ରାଜ୍ୟ ସରକାର ଦୁଇ ଠିକା କର୍ମଚାରୀଙ୍କୁ ବହିଷ୍କାର କରି ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି।

## ଜେଲରୁ ଜ୍ୟାକଲିନ୍‌ଙ୍କୁ ଚିଠି



**ମୁମ୍ବାଇ:** ପ୍ରେମିକ ସୁକେଶ ଚନ୍ଦ୍ରଶେଖର ଜେଲରେ ଥାଇ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କୁ ଚିଠି ଲେଖିଛନ୍ତି। ଅନେକ କୋଟି ଟଙ୍କା ଠକେଇ ଅଭିଯୋଗରେ ଜେଲରେ ସଜା କାଟୁଥିବା ସୁକେଶ ନିଜ ଚିଠିରେ ଜ୍ୟାକ୍‌ଲିନ୍‌ଙ୍କୁ ତାଙ୍କ ଜୀବନର ସବୁଠାରୁ ବଡ଼ ଉପହାର ବୋଲି କହିଛନ୍ତି। ମନିଲଣ୍ଡରିଂ ଅଭିଯୋଗରେ ସୁକେଶ ବର୍ତ୍ତମାନ ମଣ୍ଡୋଲି ଜେଲରେ ଅଛନ୍ତି। ଅନ୍ୟପକ୍ଷେ ମନିଲଣ୍ଡରିଂ ମାମଲାରେ ଜ୍ୟାକ୍‌ଲିନ୍‌ଙ୍କ କୌଣସି ଭୂମିକା ନ ଥିବାବେଳେ ଅଭିନେତ୍ରୀ ତାଙ୍କ ସ୍ୱାଭିମାନ ପାଇଁ ଲଢ଼େଇ କରୁଥିବା ସେ ଚିଠିରେ ଉଲ୍ଲେଖ କରିଛନ୍ତି। ସୁକେଶ ଜ୍ୟାକ୍‌ଲିନ୍‌ଙ୍କୁ 'ବୁଟା ବୋମା' ବୋଲି ସମ୍ବୋଧନ କରିଛନ୍ତି। ତେଲୁଗୁରେ ଯାହାର ଅର୍ଥ 'ସୁନ୍ଦର କଣ୍ଢେଇ'। ସୁକେଶ ଜେଲରେ ଥାଇ ଜ୍ୟାକ୍‌ଲିନ୍‌ଙ୍କୁ ଖୁବ୍ ମନେପକାଉଥିବାବେଳେ ତାଙ୍କ ପ୍ରତି ଥିବା ଭଲପାଇବା କେବେ କମିବ ନାହିଁ ବୋଲି କହିଛନ୍ତି। କନ୍‌ମ୍ୟାନ୍ ତଥା ମହାଠକ ନିଜ ଜନ୍ମଦିନ ଅବସରରେ ଏହି ଚିଠି ଜ୍ୟାକ୍‌ଲିନ୍‌ଙ୍କ ପାଇଁ ଲେଖିଥିବା କୁହାଯାଉଛି। ୨୦୦ କୋଟି ଟଙ୍କା ଠକେଇ ମାମଲାରେ ମୁଖ୍ୟ ଅଭିଯୁକ୍ତ ସୁକେଶ। ଗତବର୍ଷ ମୁକ୍ତିଲାଭ କରିଥିବା ହିନ୍ଦୀ ଫିଲ୍ମ 'ସର୍କସ୍'ରେ ଜ୍ୟାକ୍‌ଲିନ୍‌ଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିଥିଲା। ତେବେ ମହାଠକ ସୁକେଶଙ୍କ ଚିଠିକୁ ନେଇ ଜ୍ୟାକ୍‌ଲିନ୍‌ଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ୧୦୦ କୋଟି ଟଙ୍କାର ମାନହାନି ମାମଲା କଲେ ନୱାଜୁଦ୍ଦିନ

**ମୁମ୍ବାଇ:** ନୱାଜୁଦ୍ଦିନ ସିଦ୍ଦିକି ହିନ୍ଦୀ ସିନେମାର ଜଣେ ଭେଟେରାନ ଅଭିନେତା। ଆଜିକାଲି ସେ ଚଳଚ୍ଚିତ୍ର କିମ୍ବା ଅଭିନୟ ନୁହେଁ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚାରେ ଅଛନ୍ତି। ତାଙ୍କ ପୂର୍ବତନ ସ୍ତ୍ରୀ ଆଲିଆ ସିଦ୍ଦିକି ଅଭିନେତାଙ୍କ ବିରୋଧରେ ଅନେକ ଅଭିଯୋଗ ଆଣିଛନ୍ତି। କେବଳ ସ୍ତ୍ରୀ ନୁହେଁ ନୱାଜୁଦ୍ଦିନଙ୍କ ଭାଇ ଶ୍ୟାମସୁଦ୍ଦିନ ମଧ୍ୟ ତାଙ୍କ ନାଁରେ କିଛି ଅଭିଯୋଗ କରିଛନ୍ତି। ଏନେଇ ନୱାଜୁଦ୍ଦିନ ଭାଇ ଏବଂ ପୂର୍ବତନ ସ୍ତ୍ରୀଙ୍କ ବିରୋଧରେ ୧୦୦ କୋଟି ଟଙ୍କା ମାନହାନି ମାମଲା ରୁଜୁ କରିଛନ୍ତି। ମାର୍ଚ୍ଚ ୨୦ରେ ଏହି ମାମଲାର ଶୁଣାଣି ହେବ। ନୱାଜୁଦ୍ଦିନ କୋର୍ଟରେ ଆବେଦନ କରିଛନ୍ତି ଯେ, ତାଙ୍କ ଭାଇ ଏବଂ ପୂର୍ବତନ ସ୍ତ୍ରୀ ସୋସିଆଲ ମିଡିଆରେ ତାଙ୍କୁ ବଦନାମ କରୁଥିବା ପୋଷ୍ଟ ଶେୟାର କରିଛନ୍ତି। ଏହି କାରଣରୁ ତାଙ୍କର ଅନେକ କ୍ଷତି ମଧ୍ୟ ହୋଇଛି। କୌଣସି ସାମାଜିକ କାର୍ଯ୍ୟରେ ଯୋଗ ଦେବା ପାଇଁ ନିଜକୁ ଲଜ୍ଜିତ ଅନୁଭବ କରୁଛନ୍ତି। ତେଣୁ ଉଭୟ ତାଙ୍କୁ ଲିଖିତ ଆକାରରେ କ୍ଷମା ମାଗିବା ଉଚିତ୍।



## ଉଲ୍‌କା ପିଣ୍ଡରେ ତିଆରି ବ୍ୟାଗ୍



**ଫ୍ରାନ୍ସ:** ଦାମୀ ଫ୍ୟାଶନ୍ କମ୍ପାନୀଗୁଡ଼ିକ ସବୁବେଳେ ନୂଆ ନୂଆ ଜିନିଷ ମାର୍କେଟକୁ ଆଣି ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରନ୍ତି, ଯେଉଁଥିରେ ତାଙ୍କୁ ବିପୁଳ ପରିମାଣର ଲାଭ ମଧ୍ୟ ପ୍ରାପ୍ତ ହୁଏ। ଫ୍ରେଞ୍ଚ ବ୍ରାଣ୍ଡ କୋପର୍ନି ନିକଟରେ ଏକ ଡିଜାଇନର୍ ବ୍ୟାଗ୍ ଲଞ୍ଚ କରିଛି। ଏହି ବ୍ୟାଗ୍ ଉଲ୍‌କାପିଣ୍ଡ ପଥରରେ ତିଆରି କରାଯାଇଛି, ଯାହାର ମୂଲ୍ୟ ୪୦,୦୦୦ ୟୁରୋ (୩୫ ଲକ୍ଷ ଟଙ୍କା)। ଧୂସର ରଙ୍ଗ ପଥରରେ ଏହି ବ୍ୟାଗ୍ ତିଆରି କରାଯାଇଛି। ଏ ନେଇ କମ୍ପାନୀକୁ ବିଭିନ୍ନ ଅଞ୍ଚଳରୁ ଉଲ୍‌କାପିଣ୍ଡ ସଂଗ୍ରହ କରିବାକୁ ପଡ଼ିଥିବା କୁହାଯାଇଛି। ଏହି ନିଆରା ବ୍ୟାଗ୍‌ର ଓଜନ ୧.୮ କିଲୋଗ୍ରାମ ଥିବାବେଳେ ଏହାର ଉଚ୍ଚତା ୨୩ ସେଣ୍ଟିମିଟର ରହିଛି। ଇଟାଲୀୟ କମ୍ପାନୀ ସିମର ହାଣ୍ଡକ୍ରାଫ୍ଟ ଏହି ବିଶେଷ ପ୍ରକାର ବ୍ୟାଗ୍ ତିଆରି କରିଥିବାବେଳେ କୋପର୍ନି କମ୍ପାନୀର ଲୋଗୋ ଏଥିରେ ଲଗାଯାଇଛି। ଉଲ୍‌କାପିଣ୍ଡରେ ଏହି ବ୍ୟାଗ୍ ତିଆରି କରିବା ଲାଗି ମୋଟ ୬ ସପ୍ତାହ ସମୟ ଲାଗିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। କିଛିଦିନ ପୂର୍ବରୁ ଲଗ୍‌ଜ୍ୟୁରି ବ୍ରାଣ୍ଡ କମ୍ପାନୀ ଡୋଲସେ ଆଣ୍ଡ୍ ଗାବାନ୍ନା ଖାକି ସ୍କି ମାସ୍କ କ୍ୟାପ୍ ବଜାରକୁ ଆଣିଥିଲା। ଏହାର ମୂଲ୍ୟ ୩୨ ହଜାର ଟଙ୍କା ଥିଲା। ସେହିପରି ହ୍ୟୁଗୋ ବସ୍ କମ୍ପାନୀ ଏକ ସ୍ଲିପର୍ ତିଆରି କରିଥିଲା, ଯାହାର ମୂଲ୍ୟ ଥିଲା ୯ ହଜାର ଟଙ୍କା।

**ସକ୍ରିୟ ରାଜନୀତିରେ ସୁଷମା ସ୍ୱରାଜଙ୍କ ଝିଅ**

ପୂର୍ବତନ ଭାଜପା ନେତ୍ରୀ ସୁଷମା ସ୍ୱରାଜଙ୍କ ଝିଅ ବାଂଶୁରୀ ସକ୍ରିୟ ରାଜନୀତିରେ ପ୍ରବେଶ କରିଛନ୍ତି। ତାଙ୍କୁ ଦିଲ୍ଲୀ ଭାଜପା ଆଇନ ସେଲ୍‌ର ସହ-ଆବାହକ ନିଯୁକ୍ତ କରାଯାଇଛି। ବୀରେନ୍ଦ୍ର ସଚ୍‌ଦେବା ଦିଲ୍ଲୀ ଭାଜପାର ପୂର୍ଣ୍ଣକାଳୀନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବାଂଶୁରୀଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ସେ ଭାଜପାକୁ ମଜଭୁତ କରିବେ ବୋଲି ସଚ୍‌ଦେବା ଆଶାବ୍ୟକ୍ତ କରିଛନ୍ତି। ତାଙ୍କୁ ସହ-ଆବାହକ ଭାବେ ନିଯୁକ୍ତି ମିଳିଥିବାରୁ ବାଂଶୁରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ‘ରାଜ୍ୟରେ ପଲିଟିକାଲ ସିଷ୍ଟମ୍ ନଷ୍ଟ ହୋଇଗଲାଣି’



ଭୁବନେଶ୍ୱରସ୍ଥିତ ଭାଜପାର ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ମଞ୍ଚରେ ଦଳୀୟ ନେତୃବୃନ୍ଦଙ୍କ ଗହଣରେ ନବ ନିଯୁକ୍ତ ରାଜ୍ୟ ସଭାପତି ମନମୋହନ ସାମଲ।

## ଭାଜପାର ନୂଆ ରାଜ୍ୟ ସଭାପତିଙ୍କୁ ବିପୁଳ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୬।୩(ବ୍ୟୁରୋ)

ଆଗାମୀ ନିର୍ବାଚନ ଐତିହାସିକ ହେବ। ଅନ୍ୟାୟ, ଅତ୍ୟାଚାରରେ ବୁଡ଼ିଥିବା ବିଜେଡି ସରକାର ବିରୋଧରେ ସାଧାରଣ ଲୋକେ ଭୋଟ୍ ଦେବେ ଓ ବିକଳ୍ପ ସରକାର ଗଢ଼ିବେ। ରାଜ୍ୟରେ ପଲିଟିକାଲ୍ ସିଷ୍ଟମ ନଷ୍ଟ ହୋଇଗଲାଣି। ମନ୍ତ୍ରୀମାନଙ୍କ ପାଖକୁ ଆଉ ଫାଇଲ୍ ଯାଉନାହିଁ। ବିଜେଡି ମନ୍ତ୍ରୀ ଓ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଭେଟିପାରୁ ନାହାନ୍ତି। ବିହାରୀ ଫିଲ୍ମ ଷ୍ଟାଇଲ୍ ଭଳି ରାଜ୍ୟରେ ଚାଲିଛି ସରକାରୀ ହୁକୁମ୍। ରାଜ୍ୟରେ ଯେତେବେଳେ ବି ନିର୍ବାଚନ ହେବ ସେଥିପାଇଁ ଦଳ ପ୍ରସ୍ତୁତ ଅଛି। ବର୍ତ୍ତମାନଠାରୁ ଆମେ ଶୋଇବୁନି କି କାହାକୁ ଶୋଇବାକୁ ଦେବୁନାହିଁ ବୋଲି କହି ଭାଜପାର ନୂଆ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଦଳର ବହୁ ଆଗଧାଡ଼ିର ନେତା ତଥା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ସହପ୍ରଭାରୀ, ଏମ୍‌ପି ବସନ୍ତ ପଣ୍ଡା, ଅପରାଜିତା ଷଡ଼ଙ୍ଗୀ, ପ୍ରତାପ ଷଡ଼ଙ୍ଗୀ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ରଙ୍କ ସମେତ ଅନେକ ନେତା ଓ କର୍ମୀ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ମନମୋହନଙ୍କୁ ନୂଆ ସଭାପତି ଭାବେ ସମ୍ବର୍ଦ୍ଧିତ କରିଛନ୍ତି। ମନମୋହନ ବିଜେଡିକୁ ଟାର୍ଗେଟ କରି କହିଛନ୍ତି ଯେ, ଏବେଠୁ ଭାଜପାର ସବୁ କର୍ମୀ ପରିବାରକୁ ଦାୟିତ୍ୱ ଦେଇ ଘରଦ୍ୱାର ଛାଡ଼ନ୍ତୁ, ନିର୍ବାଚନ ସରିଲେ ଫେରିବା। ନିଜ ଭିତରେ ଯେଉଁ ଶକ୍ତି ଅଛି ତାହା ବିଜେଡି ବିରୋଧରେ ଲଗାଇବା। ଭାଜପାର ଭୋଟ ୧ ପ୍ରତିଶତରୁ ଏବେ ପ୍ରାୟ ୪୦ ପ୍ରତିଶତରେ ପହଞ୍ଚିଥିବାରୁ ସରକାର ଗଠନ ନିମନ୍ତେ ସମସ୍ତେ ହାତ ଲଗାନ୍ତୁ ବୋଲି ସେ କହିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ କହିଛନ୍ତି, କଂଗ୍ରେସ ଅତ୍ୟାଚାର ଚରମ ସୀମାରେ ଥିବାରୁ ବିଜେଡିକୁ ଗଠନ କରାଯାଇଥିଲା। ବିଜେଡିକୁ ଯେଉଁମାନେ ଗଠନ କରିଥିଲେ ସେମାନେ ଆଉନାହାନ୍ତି। ବିଜେଡି ଏବେ କଂଗ୍ରେସ ଶାସନଠାରୁ ମଧ୍ୟ ବଳିଗଲାଣି। ରାଜ୍ୟରେ ବିକଳ୍ପ ସରକାର ଗଠନ ପାଇଁ ମିଳିତ ଲଢ଼େଇ ହେବ ବୋଲି ସେ କହିଛନ୍ତି। ବିଧାନସଭାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ୧୯୯୭ରେ କଂଗ୍ରେସକୁ ବିଦା କରିବାକୁ ବିଜେଡି ସହ ମେଣ୍ଟ କରାଯାଇଥିଲା। ୨୦୦୯ ପରେ ଏ ସରକାର କଂଗ୍ରେସଠାରୁ ମଧ୍ୟ ବିପଜ୍ଜନକ ହୋଇଛି। ଯେତେଶୀଘ୍ର ଏ ସରକାର ଯିବ ଓଡ଼ିଶାର କଲ୍ୟାଣ ହେବ ବୋଲି ସେ କହିଛନ୍ତି। ଏମ୍‌ପି ବସନ୍ତ ପଣ୍ଡା, ଅପରାଜିତା ଷଡ଼ଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ପୂର୍ବତନ ରାଜ୍ୟ ସଭାପତି କନକ ବର୍ଦ୍ଧନ ସିଂ ଦେଓ ଓ ସମୀର ମହାନ୍ତି ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ହେଲେ ଏହି ସଭାରେ ରାଜ୍ୟରୁ କେନ୍ଦ୍ରମନ୍ତ୍ରୀ ହୋଇଥିବା ୩ ନେତାଙ୍କ ମଧ୍ୟରୁ କେହି ହେଲେ ଉପସ୍ଥିତ ନ ଥିଲେ। ସୂଚନାଯୋଗ୍ୟ, ଗତ କିଛିଦିନ ମଧ୍ୟରେ ଦଳ ଦୁଇ ବରିଷ୍ଠ ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ବସାଇଛି। ପ୍ରଥମେ ଜୟନାରାୟଣ ମିଶ୍ରଙ୍କୁ ବିରୋଧୀ ଦଳ ନେତା ଦାୟିତ୍ୱ ଦିଆଯାଇଥିବାବେଳେ ଏବେ ମନମୋହନ ସାମଲଙ୍କୁ ଦଳର ସଭାପତି କରାଯାଇଛି।



ଭୁବନେଶ୍ୱର ନାଲକୋ ଛକ ସ୍ଥିତ ଗାନ୍ଧୀ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ରବିବାର ସତ୍ୟାଗ୍ରହ କରୁଥିବା କଂଗ୍ରେସ ନେତୃବୃନ୍ଦ।

# ଧାରଣାରେ ବସିଲେ କଂଗ୍ରେସ ନେତୃବୃନ୍ଦ

**ରାହୁଲଙ୍କ ଏମ୍‌ପି ପଦ ରଦ୍ଦ ପ୍ରସଙ୍ଗ**

- ଆଜି ରାଜ୍ୟପାଳଙ୍କୁ ଦେବେ ସ୍ମାରକପତ୍ର

ଭୁବନେଶ୍ୱର, ୨୬।୩(ବ୍ୟୁରୋ)

ରାହୁଲ ଗାନ୍ଧୀ ଗତ ମାର୍ଚ୍ଚ ୭ରେ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆଦାନୀଙ୍କ ସମ୍ପର୍କକୁ ନେଇ ବାରମ୍ବାର ପ୍ରଶ୍ନ ପଚାରିଥିଲେ। ଆଦାନୀ ସମ୍ପର୍କୀୟଙ୍କ ଦ୍ୱାରା ପରିଚାଳିତ ସେଲ୍ କମ୍ପାନୀ ମାଧ୍ୟମରେ ଯେଉଁ ୨୦ ହଜାର କୋଟି ଟଙ୍କା ଆଦାନୀ ଗ୍ରୁପ୍ ଅଫ୍ କମ୍ପାନିଜ୍‌କୁ ଆସିଛି ସେଇ ଟଙ୍କା କାହାର ବୋଲି ସେ ବାରମ୍ବାର ପଚାରିଥିଲେ। ଏହି ପ୍ରଶ୍ନକୁ ସାମ୍ନା କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ସରକାର ରାହୁଲ ଗାନ୍ଧୀଙ୍କୁ ଭୟ କରି ଲୋକସଭାରୁ ତାଙ୍କ ସଦସ୍ୟ ପଦ ରଦ୍ଦ ପାଇଁ ଷଡ଼ଯନ୍ତ୍ର କରିଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ରାହୁଲଙ୍କ ଏମ୍‌ପି ସଭ୍ୟ ପଦ ରଦ୍ଦ ହେବା ପ୍ରତିବାଦରେ ରବିବାର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ନିର୍ଦ୍ଦେଶକ୍ରମେ ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଦଳର ଅଧିକାଂଶ ନେତୃବର୍ଗ ନାଲକୋ ଛକ ସ୍ଥିତ ଗାନ୍ଧୀ ପାର୍କର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସକାଳ ୧୦ରୁ ୫ ଘଟିକା ପର୍ଯ୍ୟନ୍ତ ସତ୍ୟାଗ୍ରହ କରି ଧାରଣାରେ ବସିଛନ୍ତି। ରାଜଧାନୀ ବ୍ୟତୀତ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ସତ୍ୟାଗ୍ରହ କରାଯାଇଛି। ଅନ୍ୟପକ୍ଷରେ ଶନିବାର ପିସିସି ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ ନିଷ୍ପତ୍ତି ଅନୁଯାୟୀ କଂଗ୍ରେସ ରାଜଭବନ ଚଲୋ ଡାକରା ଦେଇଛି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ଜରିଆରେ କଂଗ୍ରେସ ପ୍ରତିନିଧିମଣ୍ଡଳୀ ସୋମବାର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବ।

କଂଗ୍ରେସ ରାଜ୍ୟ ନେତାମାନେ ଅଭିଯୋଗ କରିଛନ୍ତି ଯେ, ପ୍ରଥମ ଥର ପାଇଁ ସରକାରୀ ଦଳର ସଦସ୍ୟମାନେ ପାର୍ଲାମେଣ୍ଟକୁ ଦୀର୍ଘଦିନ ଅଚଳ କରି ରଖିଲେ। ୨୦୧୯ ଏପ୍ରିଲ ୧୩ରେ କୋଲାର ନିର୍ବାଚନୀ ସଭାରେ ଭାଷଣ ଦେଲାବେଳେ ରାହୁଲ କହିଥିଲେ କେତେକ ଚୋରଙ୍କ ସାଙ୍ଗିଆ ମୋଦି ଅଟେ। କିନ୍ତୁ ସେ କେବେହେଲେ ସବୁ ମୋଦି ନାମଧାରୀ ଚୋର ବୋଲି କହି ନ ଥିଲେ। କିନ୍ତୁ ଏହି ଘଟଣାକୁ ନେଇ ୨୦୧୯ ଏପ୍ରିଲରେ ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦି ସୁରଟର ଏକ ସେସନ୍ସ କୋର୍ଟରେ ଏକ ମାନହାନି ମକଦ୍ଦମା ଦାୟର କରିଥିଲେ। ଏ ମକଦ୍ଦମା ଉପରେ ନିଜେ ଅଭିଯୋଗକାରୀ ଗୁଜରାଟ ହାଇକୋର୍ଟରୁ ଏ ମାମଲାର ଶୁଣାଣିକୁ ବନ୍ଦ କରିବା ପାଇଁ ଷ୍ଟେ ଆଣିଥିଲେ। କିନ୍ତୁ ଗତ ଫେବୃୟାରୀ ୭ରେ ଲୋକ ସଭାରେ ଆଦାନୀ ସମ୍ପର୍କିତ ପ୍ରଶ୍ନ ଉତ୍ଥାପନ ପରେ ସରକାର ଏହି ଶିଥିଳ ପଡ଼ିଥିବା ମାନହାନି ମକଦ୍ଦମାକୁ ନିଜର ଅମୋଘ ଅସ୍ତ୍ରରୂପେ ବ୍ୟବହାର କଲେ। ପୂର୍ଣ୍ଣେଶ ମୋଦି ୨୦୨୩ ଫେବୃୟାରୀ ୧୬ରେ ହାଇକୋର୍ଟରୁ ଏହି ମକଦ୍ଦମାର ଷ୍ଟେ ହଟାଇବା ପାଇଁ ପ୍ରାର୍ଥନା କଲେ ଏବଂ ତାହା ଅନୁମୋଦନ ହେଲା। ୨୦୨୩ ଫେବୃୟାରୀ ୨୭ରୁ ଟ୍ରାଏଲ କୋର୍ଟର ଶୁଣାଣି ଆରମ୍ଭ ହେଲା ଏବଂ ଗତ ମାର୍ଚ୍ଚ ୨୩ରେ ରାହୁଲ ଗାନ୍ଧୀଙ୍କୁ ସର୍ବାଧିକ ୨ ବର୍ଷ ଜେଲ ଦଣ୍ଡାଦେଶ କରାଗଲା, ଯଦ୍ୱାରା କି ପିପୁଲ୍ସ ରିପ୍ରେଜେଣ୍ଟେଶନ ଆକ୍ଟ ୧୯୫୧ ଧାରା-୮(୩) ଅନୁସାରେ ତାଙ୍କ ଲୋକ ସଭା ସଭ୍ୟପଦ ରଦ୍ଦ କରିଦିଆଗଲା। ଗତ ୯ ବର୍ଷ ଭିତରେ ଭାରତବର୍ଷର ସଂସଦୀୟ ଗଣତନ୍ତ୍ରର ପରମ୍ପରାକୁ ସମ୍ପୂର୍ଣ୍ଣରୂପେ ଆଜି ଧୂଳିସାତ କରିଦିଆଯାଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି।

# ପାଟିରେ ତାଲା ପକାଇ ଧାରଣାରେ ବସିଲେ ତାରା

ଜୟପୁର, ୨୬।୩(ନି.ପ୍ର.)

ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦ ରଦ୍ଦକୁ ପ୍ରତିବାଦ କରିଛି କଂଗ୍ରେସ। ଏନେଇ କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଆହ୍ୱାନରେ ଜୟପୁର ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ କର୍ମୀ ଓ କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। ଏଥିରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉପସ୍ଥିତ ରହି କହିଥିଲେ, ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ଯାତ୍ରା ବେଶ୍ ପ୍ରଭାବ ରହିଛି। ଏଥିରେ ମୋଦି ସରକାର ଭୟଭୀତ ହୋଇପଡିଛନ୍ତି। ଫଳରେ ଷଡ଼ଯନ୍ତ୍ର କରି ରାହୁଲ ଗାନ୍ଧୀଙ୍କୁ ଜେଲ ସଜା ଦିଆଯାଇ ତାଙ୍କ ଏମ୍‌ପି ପଦ ରଦ୍ଦ କରିଛନ୍ତି ବୋଲି ବାହିନୀପତି କହିଛନ୍ତି। ରାୟରେ ରାହୁଲଙ୍କ ପାଇଁ ୩୦ ଦିନର ସମୟ ରହିଛି। ମାତ୍ର ୨୪ ଘଣ୍ଟା ଭିତରେ ତାଙ୍କ ସଭ୍ୟପଦ ରଦ୍ଦ କରିବା କେତେ ଦୂର ଠିକ୍ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏହି ଅବସରରେ ସେ ପ୍ରତିବାଦ ସ୍ୱରୂପ ପାଟିରେ ତାଲା ପକାଇ ବିରୋଧ ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋରେ ଗଣତନ୍ତ୍ରର ହତ୍ୟାକାରୀ ବୋଲି ପ୍ଲାକାର୍ଡ ଧରି କଂଗ୍ରେସ ଧାରଣା ଦେଇଛି।



ଜୟପୁରରେ ପାଟିରେ ତାଲା ପକାଇ ପ୍ରତିବାଦ ଜଣାଉଛନ୍ତି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି।

**ରାଜ୍ୟ ଖବର**

# ଟାଙ୍ଗିଆରେ ହାଣି ବୃଦ୍ଧଙ୍କୁ ହତ୍ୟା

ସୁନ୍ଦରଗଡ଼, ୨୬।୩(ଡି.ଏନ୍.ଏ.)

ସାମାନ୍ୟ ବଚସାକୁ କେନ୍ଦ୍ରକରି ରବିବାର ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲା ଥାନା କୁଲବା ଅଡ଼ାପଡ଼ା ଗ୍ରାମରେ ହତ୍ୟାକାଣ୍ଡ ଘଟିଛି। ଯୁବକଙ୍କ ଟାଙ୍ଗିଆ ଚୋଟରେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ହଳଧର ଭୋଇ(୬୫)। ପୋଲିସ ଅଭିଯୁକ୍ତ ଚନ୍ଦ୍ରକାନ୍ତ ଅଡ଼ା (୩୩)ଙ୍କୁ ଗିରଫ କରିଛି। ମୃତ ବ୍ୟକ୍ତିଙ୍କ ପୁଅ ଅନିଲ କୁମାର ଏ ସମ୍ପର୍କରେ କିଞ୍ଜିରିକେଲା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରି ପୋଲିସ ତଦନ୍ତ ଚଳାଇଛି। ଏନେଇ କିଞ୍ଜିରିକେଲା ଥାନାରେ ଏକ ହତ୍ୟା ମାମଲା (ନଂ. ୫୪/୨୦୨୩) ରୁଜୁ ହୋଇଛି। ତେବେ ଗ୍ରାମରେ ହଳଧର, ଚନ୍ଦ୍ରକାନ୍ତ ଓ ଅନ୍ୟ ଜଣେ ବ୍ୟକ୍ତି ଏକାଠି ବସି କଥା ହେଉଥିବାବେଳେ କୌଣସି ବିଷୟକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହା ପରେ ଚନ୍ଦ୍ରକାନ୍ତ ହଠାତ୍ ରାଗିଯାଇ ଏକ ଟାଙ୍ଗିଆ ଆଣି ହଳଧରଙ୍କ ମୁଣ୍ଡରେ ଚୋଟ ମାରିଥିଲେ। ଘଟଣାସ୍ଥଳରେ ହଳଧରଙ୍କ ମୃତ୍ୟୁ ଘଟିଥିଲା।

# କାର-ବାଇକ୍ ଧକ୍କା: ୨ ମୃତ

ମାଲକାନଗିରି/କାଲିମେଳା, ୨୬।୩(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକର ୩୨୬ ନମ୍ବର ଜାତୀୟ ରାଜପଥ ପୋତାଖାଲ କଲୋନୀ ଗ୍ରାମ ନିକଟରେ ରବିବାର ଅପରାହ୍ନରେ ଏକ କାର ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଫଳରେ ଘଟଣା ସ୍ଥଳରେ ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗମ୍ପାକୋଣ୍ଡା ପଞ୍ଚାୟତ ଏରାଗୋଣ୍ଡା ଗ୍ରାମର ଲାଛା ମାଡ଼ି(୨୮) ଏବଂ ଗଙ୍ଗା କବାସି(୨୬)। ଦୁର୍ଘଟଣା ଘଟାଇ କାର ଚାଳକ ଫେରାର ହୋଇଯାଇଛନ୍ତି।

ଖବରରୁ ଜଣାପଡିଛି, ଶିଖାପାଲି ନିକଟସ୍ଥ କୁନାରଗୁଡା ଗ୍ରାମରେ ଏକ ବିବାହ ଭୋଜିରେ ଯୋଗଦେଇ ଲାଛା ଓ ଗଙ୍ଗା ନିଜ ଗ୍ରାମ ଏରାଗୋଣ୍ଡା ଫେରୁଥିଲେ। ପୋତାଖାଲ କଲୋନୀ ନିକଟରେ ଏକ କାର (ସିଜି୦୪ ଏଲ୍‌ଏଲ୍-୧୩୪୧) ହଠାତ୍ ରଙ୍ଗ୍‌ରୁଟ୍‌ରେ ଆସି ସେମାନଙ୍କ ବାଇକ୍ (ଓଡି ୩୦ସି-୯୫୦୭)କୁ ଧକ୍କା ଦେଇଥିଲା। କାର ଭିତରେ ବାଇକ୍ ପଶିଯାଇଥିଲା। ଫଳରେ ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ କିଛି ସମୟ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। କାଲିମେଳା ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିବା ସହ ମୃତଦେହ ଜବତ କରି କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା କାର ଏବଂ ବାଇକକୁ ପୋଲିସ ଜବତ କରିଛି। ଦୁର୍ଘଟଣା ଘଟାଇଥିବା କାରଟି ଛତିଶଗଡ଼ର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଗ୍ରାମ୍ୟଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ, ୨୬।୩(ଡି.ଏନ୍.ଏ.)

ସ୍ଥାନୀୟ ଅଙ୍ଗାରପଡ଼ା ଗ୍ରାମ ନିକଟ ଜଙ୍ଗଲରୁ ରବିବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ମେଣ୍ଢାଶାଳ ଫାଣ୍ଡି ପୋଲିସ ଜବତ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ଗାଡ଼କଣରେ ରହୁଥିବା ଜଙ୍କିଆ ଥାନା ମଳିପଡ଼ା ଗ୍ରାମର ସୁରେଶ ମହାପାତ୍ର (୪୩)। ସୂଚନା ମୁତାବକ, ଗତ ୨୩ ତାରିଖରେ ଅଙ୍ଗାରପଡ଼ା ଗ୍ରାମ ନିକଟ ରାସ୍ତା ପାର୍ଶ୍ୱରେ ରହିଥିବା ଏକ ଅଟୋକୁ ପୋଲିସ ଜବତ କରିଥିଲା। ଅଟୋ କାହାର ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳି ନ ଥିଲା। ଅଙ୍ଗାରପଡ଼ା ଗ୍ରାମ ନିକଟ ଜଙ୍ଗଲରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ଦେଖି ରବିବାର କେତେଜଣ ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଜବତ ହୋଇଥିବା ଅଟୋଟି ତାଙ୍କର ବୋଲି ଜାଣିବାକୁ ପାଇଥିଲା। ତେବେ ଗତ ୨୨ତାରିଖ ରାତିରେ ସୁରେଶ ସ୍ତ୍ରୀଙ୍କ ସହ ଝଗଡ଼ା କରି ଘରୁ ପଳାଇ ଆସିଥିଲେ ବୋଲି ଫାଣ୍ଡି ଅଧିକାରୀ ମାନଗୋବିନ୍ଦ ନାୟକ କହିଛନ୍ତି। ପୋଲିସ ଏକ ମାମଲା (ନଂ.୨୦/୨୩)ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ସମ୍ପର୍କ ଯୋଡ଼ିଛି ମାନକୁଣ୍ଡା ହାଟ

- ଓଡ଼ିଶା-ପଶ୍ଚିମବଙ୍ଗବାସୀଙ୍କ ସହମତିରେ ପାଳିତ ହେଉଛି ପର୍ବପର୍ବାଣି
- ଭାଇଚାରା ବନ୍ଧନକୁ କରିଛି ସୁଦୃଢ଼

ପ୍ରଦୀପ ଦାସ
ଭୋଗରାଇ, ୨୬।୩

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ମାନକୁଣ୍ଡା ସାପ୍ତାହିକ ହାଟ ଓଡ଼ିଶା ଓ ପଶ୍ଚିମବଙ୍ଗ ଅଧିବାସୀଙ୍କ ମଧ୍ୟରେ ଭାଇଚାରାର ସେତୁ ବାନ୍ଧିଛି। ୧ଏକର ଜାଗା ପରିଧି ମଧ୍ୟରେ ଅବସ୍ଥିତ ଏହି ହାଟ ଦୁଇ ରାଜ୍ୟ ସୀମାନ୍ତବାସୀଙ୍କ ଆର୍ଥିକ ଓ ସାମାଜିକ ବ୍ୟବସ୍ଥାର ଉନ୍ନତି ନିମନ୍ତେ ଗୁରୁତ୍ୱ ବହନ କରୁଛି। ହାଟରେ ଶତାଧିକ ସ୍ଥାୟୀ ଓ ୮୦ରୁ ଅଧିକ ଉଠାଦୋକାନୀ ନିଜର ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରୟ ନିମନ୍ତେ ପସରା ମେଲାଇଛନ୍ତି। ସପ୍ତାହରେ ଦୁଇଥର ସକାଳେ ଓ ଅପରାହ୍ନରେ ହାଟ ବସିଥାଏ। ବୁଧବାର ଓ ଶନିବାର ସକାଳେ ସ୍ଥାନୀୟ ଚାଷୀଙ୍କ ଦ୍ୱାରା ଉତ୍ପନ୍ନ ପାନ, ପାନବରଜ ପାଇଁ ବ୍ୟବହୃତ ହେଉଥିବା ଖଡ଼ି, ଇକଡ଼, ସାର ଓ ଅନ୍ୟାନ୍ୟ ସାମଗ୍ରୀ ଭଲ ବିକ୍ରିବଟା ହେଉଥିବାରୁ ଲୋକେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଦୀର୍ଘ ୩୫ବର୍ଷ ଧରି ଏହି ହାଟ ସାଧାରଣ ଲୋକଙ୍କ ଜୀବନଜୀବିକା ମାନଦଣ୍ଡକୁ ସୁଦୃଢ କରିଆସିଛି। ଏଠାରେ ବିଭିନ୍ନ ପର୍ବପର୍ବାଣିରେ ଦୁଇ ରାଜ୍ୟ ଅଧିବାସୀଙ୍କ ସାହାଯ୍ୟ ସହଯୋଗ ଭାଇଚାରା ବନ୍ଧନକୁ ଅତୁଟ ରଖିଛି। ଏପରିକି କାଳୀପୂଜା, ମୈତ୍ରୀ ଉତ୍ସବ, କ୍ରିକେଟ ପ୍ରତିଯୋଗିତା, ମାନକୁଣ୍ଡା ନୀଳରୁଦ୍ରେଶ୍ୱର ମହାଦେବଙ୍କ ବାର୍ଷିକ ପାଟଉତ୍ସବ ଭଳି ବିଭିନ୍ନ ଗଣ ଉତ୍ସବ ଦୁଇ ରାଜ୍ୟ ସହମତି ଭିତ୍ତିରେ କାର୍ଯ୍ୟକ୍ରମ ଆଗେଇ ଚାଲିଛି। ଏହି ହାଟରେ ମାନକୁଣ୍ଡା ଗାଁର କୁଶଳୀ କୁମ୍ଭକାରମାନେ ମାଟିପାତ୍ରରେ ନିର୍ମିତ ବିଭିନ୍ନ ଜିନିଷ ସୁଲଭ ମୂଲ୍ୟରେ ବିକ୍ରି କରୁଥିବାରୁ ପଶ୍ଚିମବଙ୍ଗ ଏବଂ ଭୋଗରାଇ ବାଲିଆପାଳ ଅଞ୍ଚଳର ବେପାରୀମାନେ ତାହାକୁ କିଣିନେଇ ଭଲ ରୋଜଗାର ମଧ୍ୟ କରୁଛନ୍ତି।

୨୦୧୪ରୁ ଏହି ହାଟ ସରକାରଙ୍କ ପକ୍ଷରୁ ନିଲାମ କରାଯାଇଛି। ବର୍ଷକୁ ନିଲାମଧାରୀ ୩୪ହଜାର ଟଙ୍କା ରାଜସ୍ୱ ବାବଦକୁ ସରକାରୀ ତହବିଲରେ ପୈଠ କରୁଛନ୍ତି। ହାଟର ଉନ୍ନତି ନିମନ୍ତେ ମାର୍କେଟ କମ୍ପ୍ଲେକ୍ସ, ଖେଳପଡ଼ିଆ, ବିଶ୍ରାମାଗାର, ଗୋଷ୍ଠୀକେନ୍ଦ୍ର ଆଦି ନିର୍ମାଣ ବାବଦକୁ ୪୦ଲକ୍ଷ ଟଙ୍କା ରାଜ୍ୟ ସରକାର ଆର୍ଥିକ ଅନୁଦାନ ଯୋଗାଇ ଥିବାବେଳେ ଅନେକ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି ବୋଲି ହାଟ କମିଟିର ସଦସ୍ୟ ତଥା ଜନ ପ୍ରତିନିଧି ତପନ କୁମାର ପାହାଡ଼ି ସୂଚନା ଦେଇଛନ୍ତି। ବଜାର କମିଟିର ସଭାପତି ତଥାଗତ ମିଶ୍ର, କମିଟି ସଦସ୍ୟ ରାମଚନ୍ଦ୍ର ବେହେରା, ଦେବାଶିଷ ଦ୍ୱିବେଦୀ, ମୃଣ୍ମୟ ପାଣି ପ୍ରମୁଖ ପୂର୍ବ ପୁରୁଷଙ୍କ ଅମଳରୁ ସୀମାନ୍ତରେ ଉଭୟ ରାଜ୍ୟର ଭାଇଚାରା ନିଦର୍ଶନ ଅଦ୍ୟାବଧି ଅନନ୍ୟ ବୋଲି କହିଛନ୍ତି। ମାନକୁଣ୍ଡର ଗ୍ରାମର ସଞ୍ଜୟ ବେହେରା ନାମକ ଜଣେ ବ୍ୟକ୍ତି କୁହନ୍ତି ଆମ ଗାଁରେ ହାଟ ବସୁଥିବାରୁ କିଣାବିକା କରିବାରେ ସୁବିଧା ହେବା ସହ ଆର୍ଥିକ ମାନଦଣ୍ଡ ସୁଦୃଢ ହୋଇପାରିଛି। ପଶ୍ଚିମବଙ୍ଗ ସୀମାନ୍ତ ସନ୍ତେଶ୍ୱରପୁର ଗ୍ରାମର ମଣ୍ଟୁ ପ୍ରଧାନ କୁହନ୍ତି ମାନକୁଣ୍ଡା ହାଟ ଯୋଗୁ କିଣାବିକା ଲାଗି ଆଉ ଦୂରକୁ ଯିବାକୁ ପଡୁନାହିଁ। ବିଭିନ୍ନ ସାମଗ୍ରୀ ସୁବିଧାରେ ମିଳିଯାଉଛି।


ହାଟରେ କିଣାବିକା ଚାଲିଛି।

# ଶିକୁଲାରେ ଗୁଳିକାଣ୍ଡ, ଯୁବକଙ୍କୁ ହତ୍ୟା ଉଦ୍ୟମ


ଏସ୍‌ଡିପିଓ ଘଟଣା ସ୍ଥଳରେ ତଦନ୍ତ କରୁଛନ୍ତି।

ପୁରୁଷୋତ୍ତମପୁର, ୨୬।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଶିକୁଳା ଗ୍ରାମର ବ୍ରଜନଗର ସାହିରେ ରବିବାର ସକାଳେ ଗୁଳିକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିବା ପରେ ତାଙ୍କ ଉପରକୁ ଗୁଳିମାଡ଼ କରାଯାଇଛି। ଏଥିରୁ ସେ ବର୍ତ୍ତି ଯାଇଥିବା ବେଳେ ଗୁରୁତର ହୋଇ ଏମ୍‌କେସିଜିରେ ଚିକିତ୍ସାଧୀନ ଅଛନ୍ତି। ଆହତ ଯୁବକ ହେଲେ କୋକି ଓରଫ ନିରଞ୍ଜନ ମହାରଣା। ପୂର୍ବ ଶତ୍ରୁତା ଓ ଜୁଆଖେଳକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଅନୁମାନ କରାଯାଉଥିଲେ ମଧ୍ୟ ପ୍ରକୃତ କାରଣ ଜଣାପଡ଼ିନାହିଁ।

ପ୍ରକାଶ ଯେ, ବ୍ରଜନଗର ସାହିର କୋକି ଓ ସେହି ଗ୍ରାମର ଜଣେ ଯୁବକଙ୍କ ମଧ୍ୟରେ ଗତ ଚାରିଦିନ ତଳେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏହାକୁ କେନ୍ଦ୍ରକରି ଉକ୍ତ ଯୁବକ କିଛି ସହଯୋଗୀଙ୍କୁ ନେଇ କୋକିଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ସକାଳ ପ୍ରାୟ ୭ଟା ସମୟରେ କୋକି ଘରୁ ବାହାରି ଗାଁ ଭିତରକୁ ଯିବା ସମୟରେ ଲିଆଖାଇ ଛକ ନିକଟରେ ଲୁଚି ରହିଥିବା ଯୁବକମାନେ ଖଣ୍ଡାରେ ତାଙ୍କୁ ଆକ୍ରମଣ କରିଥିଲେ। କୋକି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୌଡି ଜଣକ ଘରକୁ ପଶିଯିବା ବେଳେ ତାଙ୍କ ଉପରକୁ ଅଭିଯୁକ୍ତମାନେ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ମାତ୍ର ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ଗୁଳି ଶବ୍ଦ ଶୁଣି ଲୋକେ ଚାଲିଆସିବାରୁ ଅଭିଯୁକ୍ତମାନେ ମୋଟରସାଇକେଲ ଯୋଗେ ଚମ୍ପଟ ମାରିଥିଲେ। ଗ୍ରାମବାସୀ କୋକିଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ଘଟଣା ସ୍ଥଳରେ ପହଞ୍ଚି ୨ଟି ଖୋକା ଜବତ କରିଛନ୍ତି। ପୋଲିସ ନିଜ ପକ୍ଷରୁ ନଂ. ୧୯୨/୨୩ରେ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଛି।

# ସରକାର ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ଦାବି ଶୁଣନ୍ତୁ

ଭୁବନେଶ୍ୱର, ୨୬।୩(ବ୍ୟୁରୋ)

ଅଲ୍ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ଭୁଖ୍ୟ ଅନୁବନ୍ଧିତ ବିଜୁ ଶ୍ରମିକ ସାମ୍ଭୁଖ୍ୟ ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମ୍ଭୁଖ୍ୟର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ତଥା ବିଜୁ ଶ୍ରମିକ ସାମ୍ଭୁଖ୍ୟର ମହାସଚିବ ସୁବାସ ସିଂ ଯୋଗଦେଇଥିଲେ। ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଭର୍ଚୁଆଲରେ ଜିଲା କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ୩୦ ଜିଲାରୁ ୩୦୦ରୁ ଊର୍ଦ୍ଧ୍ୱ ଜିଲାସ୍ତରୀୟ କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଦରମା ବୃଦ୍ଧି, ଅଣ୍ଡା ଟିଏଚ୍‌ଆର୍‌ର ମୂଲ୍ୟ ବୃଦ୍ଧି, ପ୍ରମୋଶନ କ୍ଷେତ୍ରରେ +୩ ଯୋଗ୍ୟତା ଥିବା କର୍ମୀଙ୍କୁ ଅଗ୍ରାଧିକାର, ଜାତୀୟ ଶିକ୍ଷା ନୀତିରେ ସ୍ପଷ୍ଟୀକରଣ, ଗ୍ରୀଷ୍ମକାଳୀନ ଛୁଟି ୧ ମାସ ପ୍ରଦାନ, ପ୍ରୋଜେକ୍ଟ ମିଟିଂ ମାସକୁ କରାଯିବା ସହିତ ଟିଏ, ଡିଏ ପ୍ରଦାନ, ଗାଁ କଲ୍ୟାଣ ସମିତିର ଯୁଗ୍ମ ଜମା ଖାତାରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ୍ ଦିଆଯାଉ ବୋଲି ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା ଦାବି କରିଥିଲେ। ଏହିସବୁ ଦାବି ସମ୍ପର୍କରେ ପଦକ୍ଷେପ ନେବାକୁ ସରକାରଙ୍କୁ ଅନୁରୋଧ କରିଛି ଅଙ୍ଗନୱାଡି ସାମ୍ଭୁଖ୍ୟ। ବିଜୁ ଶ୍ରମିକ ସାମ୍ଭୁଖ୍ୟର ସମ୍ପାଦକ ରାଜୀବ ମହାନ୍ତି, ବିଶିଷ୍ଟ ଶ୍ରମିକ ନେତା ନବକିଶୋର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦିକା ମଞ୍ଜୁଲତା ଦାସ, ସଭାନେତ୍ରୀ ନନ୍ଦିନୀ ପଣ୍ଡା ପରିଚାଳନା କରିଥିଲାବେଳେ ସଙ୍ଗୀତା ମହାପାତ୍ର, ରାଜ୍ୟ ଉପସଭାନେତ୍ରୀ ରଶ୍ମିବାଳା ମହାନ୍ତି, ଝୁନୁପମା ମହାନ୍ତି, ଗୌରୀ ଦାସ, ନିରଞ୍ଜନ ପାତ୍ର, ପ୍ରଦୀପ ନାୟକ, ପୁରେନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ ଓ ଅନ୍ୟମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପୁତ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୁବନେଶ୍ୱର ସ୍କୁଲ୍ସ ଚେସ୍: ଲଳିତ ଚାମ୍ପିୟନ


ପୁରସ୍କାର ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୬।୩(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୩୬ତମ ସ୍କୁଲ୍ସ ଚେସ୍ ଚାମ୍ପିୟନଶିପ୍ ରବିବାର ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡବିଶିଷ୍ଟ ଏହି ପ୍ରତିଯୋଗିତାରେ କଟକ ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ଲଳିତ ରଞ୍ଜନ ସାହୁ ୫.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଲୟୋଲା ସ୍କୁଲର ମନୀଷ ମିଶ୍ର ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ରିଦ୍ଧିକରାଜ ମିଶ୍ର (ଉଭୟେ ୫ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ବିକ୍ରମ ମିଶ୍ର, ଇଶାନ୍ତ ଦାସ, ଅର୍ନବ ମହାନ୍ତି, ସାଇ ଅଂଶୁମାନ ସିଂ, ଅଞ୍ଜଳି ମିଶ୍ର, ଅଂଶୁମାନ ପତି ଓ ଆରିହନ ମିଶ୍ର ଟପ୍-୧୦ ଫିନିଶ୍ କରିଛନ୍ତି। ଏମାନଙ୍କ ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ୨ ଜଣ ଲେଖାଏ ଶ୍ରେଷ୍ଠ ପ୍ରତିଯୋଗୀ ଏବଂ ୬ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ୫ ବର୍ଷ ୫ ମାସର ସୁଶ୍ରୀ ସଙ୍ଗୀତା ତ୍ରିପାଠୀ ପ୍ରତିଯୋଗିତାର ସର୍ବକନିଷ୍ଠ ପ୍ରତିଯୋଗୀ ଥିଲେ। ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଏବିଆଇଟି)ର ଏମ୍‌ସିଏ ବିଭାଗୀୟ ମୁଖ୍ୟ ଅମରେଶ ସାହୁ ଏବଂ ବାରିପଦା ଏସ୍‌ବିଆଇର ଚିଫ୍ ମ୍ୟାନେଜର ପ୍ରଭାତ କୁମାର ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଭୁବନେଶ୍ୱର ଚେସ୍ ଆସୋସିଏଶନ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ ଓ ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭୁଟାନକୁ ୯-୦ରେ ହରାଇଲା ଭାରତ

## ୧୭ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ

### ଶିଲ୍‌ଜି ଶାଜିଙ୍କ ୫ ଗୋଲ

**ଢାକା, ୨୬।୩**

ବାଂଲାଦେଶର ବୀର ଶ୍ରେଷ୍ଠ ଶହୀଦ ସିପାହି ମୁସ୍ତାଫା କମଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଭାରତ ୯-୦ ଗୋଲରେ ଭୁଟାନକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଶିଲ୍‌ଜି ଶାଜି ଏକାକୀ ୫ ଗୋଲ କରି ଦଳକୁ ବୃହତ୍ ବିଜୟ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୫ ଦଳବିଶିଷ୍ଟ ପ୍ରତିଯୋଗିତାରେ ୩ ମ୍ୟାଚ୍‌ରୁ ଭାରତର ଏହା ଥିଲା ଦ୍ୱିତୀୟ ବିଜୟ। ଆସନ୍ତା ୨୮ ତାରିଖରେ ଭାରତ ଏହାର ଶେଷ ମ୍ୟାଚ୍ ଶକ୍ତିଶାଳୀ ରୁଷିଆ ସହିତ ଖେଳିବ। ପ୍ରତିଯୋଗିତା ନିୟମ ଅନୁସାରେ ଗ୍ରୁପ୍ ଟପ୍ପର ଚାମ୍ପିୟନ ବିବେଚିତ ହେବ।

ନିଜର ପ୍ରଥମ ମ୍ୟାଚ୍‌ରେ ନେପାଳକୁ ୪-୧ ଗୋଲରେ ହରାଇଥିବା ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ଲଜ୍ଜୁଆ ପ୍ରଦର୍ଶନ କରିଥିଲେ ହେଁ ବାଂଲାଦେଶଠାରୁ ୦-୧ ଗୋଲରେ ହାରି ଯାଇଥିଲା। ମାତ୍ର ଭୁଟାନ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରି ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଭାରତ ମାତ୍ର ୩ୟ ମିନିଟ୍‌ରେ ମେନକା ଲୌରେମ୍ବାମଙ୍କ ଗୋଲ ସହାୟତାରେ ଯଦିଓ ଅଗ୍ରଣୀ ହାସଲ କରିଥିଲା ତେବେ ମ୍ୟାଚ୍‌ର ମୁଖ୍ୟ ନାୟିକା ଥିଲେ ଶିଲ୍‌ଜି ଶାଜି। ସେ ହ୍ୟାଟ୍ରିକ୍ ଅର୍ଜନ ସହ ୧୨, ୬୨, ୬୯, ୭୬ ଓ ୭୯ତମ ମିନିଟ୍‌ରେ ୫ଟି ଗୋଲ ଦେଇ ପ୍ରତିପକ୍ଷ ଦଳକୁ ବ୍ୟାକ୍‌ଫୁଟକୁ ଠେଲିଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବାନୀ ଦେବୀ ନଙ୍ଗମେଇକାପାମ୍ ୪୨ ଓ ୬୧ ମିନିଟରେ ୨ଟି ଏବଂ ଥୋଇବିସାନା ଚାନୁ ତୋଇଜାମ ୫୬ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ଟି ସମ୍ପୂର୍ଣ୍ଣ ଏକପାଖିଆ ହୋଇଯାଇଥିବାବେଳେ ଭାରତୀୟ ରକ୍ଷଣଭାଗ ଭେଦକରି ଭୁଟାନ ଗୋଟିଏହେଲେ ଗୋଲ ପରିଶୋଧ କରିପାରି ନ ଥିଲା। ପ୍ରକାଶଯୋଗ୍ୟ, ଏହି ଟୁର୍ନାମେଣ୍ଟ ପାଇଁ ପ୍ରିୟା ପି. ଭାଲାପିଲ ଭାରତୀୟ ଦଳର ମୁଖ୍ୟ କୋଚ୍ ଏବଂ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫୁଟ୍‌ବଲ ତାରକା ତଥା ଜାତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ସହକାରୀ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି। ବାଂଲାଦେଶ ବିପକ୍ଷ ପରାଜୟରେ ମ୍ରିୟମାଣ ହୋଇପଡ଼ିଥିବା ଶ୍ରଦ୍ଧାଞ୍ଜଳି ଭୁଟାନ ବିପକ୍ଷ ପ୍ରଦର୍ଶନରେ ଆଶ୍ୱସ୍ତ ହୋଇଛନ୍ତି। ରୁଷିଆ ବିପକ୍ଷରେ ଦଳ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ସେ ଆଶାବାଦୀ ଅଛନ୍ତି।


ଗୋଲ ଦେବାପରେ ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ଶିଲ୍‌ଜି ଶାଜି (ବାମ)।

# ସାମରାଙ୍କୁ ବ୍ରୋଞ୍ଜ୍

## ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍

### ୭ ପଦକ ସହ ଦ୍ୱିତୀୟରେ ଭାରତ

**ଭୋପାଳ,୨୬।୩ (ପି.ଟି.)**

ଭୋପାଳରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍‌ର ଅନ୍ତିମ ଦିନରେ ଲଜ୍ଜୁଆ ପ୍ରଦର୍ଶନ ସହିତ ବ୍ରୋଞ୍ଜ୍ ପଦକ ବିଜୟୀ ହୋଇଛନ୍ତି ସିଫ୍ଟ କୌର୍ ସାମରା। ସାମରାଙ୍କ ବ୍ରୋଞ୍ଜ୍ ସହିତ ଭାରତ ୭ଟି ପଦକ ପାଇ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଅନ୍ତିମ ଦିନରେ ଦୁଇଟି ସ୍ୱର୍ଣ୍ଣ ହାସଲ କରିଥିବା ଚାଇନା ୭ ସ୍ୱର୍ଣ୍ଣ ଓ ଦୁଇଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ୍ ସହିତ ପ୍ରଥମ ସ୍ଥାନରେ ରହିଥିଲା। ରବିବାର ୫୦ ମିଟର ରାଇଫଲ ୩ ପୋଜିଶନରେ ଭାରତର ପ୍ରମୁଖ ଖେଳାଳିମାନେ ବିଫଳ ହୋଇଥିବା ବେଳେ ୨୧ ବର୍ଷୀୟ ସାମରା କିନ୍ତୁ ଲଜ୍ଜୁଆ ପ୍ରଦର୍ଶନ କରିଥିଲେ। ଜାତୀୟ ଚାମ୍ପିୟନ ସାମରା ର୍‍ୟାଙ୍କିଂ ରାଉଣ୍ଡରେ ୪୦୩.୯ ପଏଣ୍ଟ ସ୍କୋର କରିଥିଲେ। ସ୍ୱର୍ଣ୍ଣ ବିଜୟିନୀ ଚାଇନାର ଝାଙ୍ଗ କ୍ୱିଓଙ୍ଗେ ୪୧୪.୭ ଓ ଚେକ୍ ରିପବ୍ଲିକ୍‌ର ଆନେଟା ବ୍ରାବକୋଭା ୪୧୧.୩ ପଏଣ୍ଟ ପାଇ ପ୍ରଥମ ଦୁଇ ସ୍ଥାନରେ ରହିଥିଲେ। ଫାଇନାଲରେ ଝାଙ୍ଗ ୧୬-୮ ପଏଣ୍ଟରେ ଆନେଟାଙ୍କୁ ପରାସ୍ତ କରିଥିଲେ। ୫୦ ମିଟର ରାଇଫଲ ୩ ପୋଜିଶନରେ ଅଭିଜ୍ଞ ଅଞ୍ଜୁମ ମୋଦ୍‌ଗିଲଙ୍କ ନିକଟରୁ ଭାରତର ପଦକ ଆଶା ରହିଥିଲେ ମଧ୍ୟ ସେ ନିରାଶ କରିଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ଅଞ୍ଜୁମ ୫୮୩ ସ୍କୋର ସହିତ ୧୬ତମ ସ୍ଥାନରେ ରହିଥିଲେ। ତେବେ ରବିବାର ସାମରା ନିଜ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ। ନିଲିଙ୍ଗରେ ୧୯୪(୯୯, ୯୫), ପ୍ରୋନ୍‌ରେ ପର୍ଫେକ୍ଟ ୨୦୦(୧୦୦, ୧୦୦) ଓ ଷ୍ଟାଣ୍ଡିଂରେ ୧୯୪(୯୭, ୯୭) ସହିତ ସାମରା ୫୮୮ ପଏଣ୍ଟ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ରାଜ୍ୟ ବାହୁକୁସ୍ତି: କଟକ ଦଳଗତ ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୨୬।୩ (କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଜିଲାରୁ ମୋଟ ୧୫୦ ପ୍ରତିଯୋଗୀ ଭାଗ ନେଇଥିବାବେଳେ କଟକ ଦଳଗତ ଚାମ୍ପିୟନ ହୋଇଛି। ମହିଳା ବିଭାଗରେ ନଗ୍‌ମା ଆରା ବେଗମ୍ ଏବଂ ପୁରୁଷରେ ପ୍ରମୋଦ ମୁଖି ଚାମ୍ପିୟନ ଅଫ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବହୁକୁସ୍ତି ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଅଶୋକ ଶର୍ମା, ରାଜ କିଶୋର ଦାସ, ସାଗର ନାୟକ, ସନ୍ତୋଷ ଦାସ, ସୁନୀଲ କୁମାର ରାଉତ, କୁନୁ ମୁଖି, ପ୍ରବୀର ଷଡ଼ଙ୍ଗୀ ଏବଂ ଶଶିକାନ୍ତ ଜେନା ପରିଚାଳନା କରିଥିଲେ। ଚିତ୍ତରଞ୍ଜନ ମିଶ୍ର, ମୀର ଅଜମତ ଅଲୀ, ହିମାଂଶୁ ଶେଖର ଦାସ, ସନ୍ଦିପ ଦାସ, ସନ୍ଦିପ ମହାନ୍ତି, ଲଳିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଦକ୍ଷିଣ ଆଫ୍ରିକାର ରେକର୍ଡ ରନ୍‌ଚେଜ୍

**ସେଞ୍ଚୁରିଅନ୍,୨୬।୩(ପି.ଟି.):** ଟି୨୦ରେ ସର୍ବାଧିକ ରନ୍‌ଚେଜର ରେକର୍ଡ ନିଜ ନାମରେ କରିଛି ଦକ୍ଷିଣ ଆଫ୍ରିକା। ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟରେ ୨୫୮ ରନ୍ କରିଥିବା ବେଳେ ୭ ବଲ୍ ବାକି ଥାଇ ୪ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା ଦକ୍ଷିଣ ଆଫ୍ରିକା। ୱେଷ୍ଟଇଣ୍ଡିଜ ପକ୍ଷରୁ ଜନ୍‌ସନ୍ ଚାର୍ଲ୍ସ ୪୬ ବଲ୍‌ରୁ ୧୧୮ ରନ୍ କରିଥିଲେ। ଏହି ଇନିଂସରେ ୧୦ ଚୌକା ଓ ୧୧ ଛକା ସାମିଲ ଥିଲା। ଅନ୍ୟପକ୍ଷରେ କ୍ୱିଣ୍ଟନ ଡିକକ୍‌ଙ୍କ ୪୪ ବଲ୍ ୧୦୦ ଓ ରୀଜା ହେଣ୍ଡ୍ରିକ୍ସଙ୍କ ୬୮ ରନ୍ ବଳରେ ୧୮.୫ ଓଭରରେ ଜିତି ନେଇଥିଲା ଦକ୍ଷିଣ ଆଫ୍ରିକା। ଏହା ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଥିଲା ଯେଉଁଥିରେ ଉଭୟ ଇନିଂସରେ ୫୦୦ ରନ୍ ହୋଇଥିଲା। ଏହା ପୂର୍ବରୁ ପାକିସ୍ତାନ ସୁପର ଲିଗ୍‌ର ଏକ ମ୍ୟାଚ୍ ଓ ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍‌ର ମ୍ୟାଚରେ ଥରେ ଲେଖାଏ ଉଭୟ ଇନିଂସରେ ୫୦୦+ ସ୍କୋର ହୋଇଥିଲା। **ସଂକ୍ଷିପ୍ତ ସ୍କୋର:** ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୨୫୮/୫ (ଜନ୍‌ସନ୍ ଚାର୍ଲ୍ସ-୧୧୮, କାଇଲ ମେୟର୍ସ-୫୧, ମାର୍କୋ ଜାନସେନ-୩/୫୨)। ଦକ୍ଷିଣ ଆଫ୍ରିକା-୧୮.୫ ଓଭରରେ ୨୫୯/୪ (କ୍ୱିଣ୍ଟନ ଡିକକ୍-୧୦୦, ରୀଜା ହେଣ୍ଡ୍ରିକ୍ସ-୬୮, ରୋଭମାନ ପାୱେଲ-୧/୨୭)।


## ଜନ୍ମଦିନ ଶୁଭେଚ୍ଛା


(Putra)
**Avneesh Parida**
କଳିଙ୍ଗ ନଗର, ଘାଟିକିଆ, ଭୁବନେଶ୍ୱର
ଆଜି ତୋର ସପ୍ତମ ଜନ୍ମବାର୍ଷିକୀ ଶୁଭ ଅବସରରେ ସକଳ ସୁଖ, ସମୃଦ୍ଧି, ମଙ୍ଗଳ ଓ ଯଶସ୍ୱୀ ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୁଭେଚ୍ଛା ସହ:** ବାପା, ମାଆ, ପାପା, ମାମା, ଅଜା, ଆଈ, ମାମୁ, ମାଇଁ, ପିଉସୀ ମାଆ, କାହ୍ନା ଭାଇ, କ୍ରିସ୍ ଭାଇ।
ଧ-୩୧୫୨


# ରାମେଶ୍ୱର ସ୍ପୋର୍ଟିଂର ବୃହତ୍ ବିଜୟ

## ୧୫ ବର୍ଷରୁ କମ୍ କମଳା ପରିଡ଼ା ସ୍ମାରକୀ କ୍ରିକେଟ

### ଅଧିନାୟକ ଶୁଭାଶିଷ ମଲିକଙ୍କ ଶତକ


ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥି, କର୍ମକର୍ତ୍ତା ଓ ଦୁଇ ଦଳର ଖେଳାଳି।

**ଭୁବନେଶ୍ୱର, ୨୬।୩ (କ୍ରୀଡ଼ା ପ୍ରତିନିଧି)**

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ କମଳା ପରିଡ଼ା ସ୍ମାରକୀ (୫ମ ରାମେଶ୍ୱର କପ୍) କ୍ରିକେଟ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ଏହାର ପ୍ରଥମ ମ୍ୟାଚ୍‌ରେ ଅଧିନାୟକ ଶୁଭାଶିଷ ମଲିକଙ୍କ ବିସ୍ଫୋରକ ଶତକ ସହାୟତାରେ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ୨୦୫ ରନ୍‌ର ବୃହତ୍ ବ୍ୟବଧାନରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ସହିଦ ସ୍ପୋର୍ଟିଂ ଟସ୍ ଜିତି ରାମେଶ୍ୱରକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୩୫ ଓଭରରେ ୩ ଉଇକେଟ ହରାଇ ୩୧୮ ରନ୍ କରିଥିଲା। ଦଳ ପକ୍ଷରୁ ଶିଭାଶିଷ ୧୦୬ଟି ବଲ୍‌ର ସମ୍ମୁଖୀନ ହୋଇ ୨୨ ଚୌକା ଓ ୭ ଛକା ସହାୟତାରେ ସର୍ବାଧିକ ୧୧୬ ରନ୍ କରିଥିଲେ। ତୀର୍ଥଙ୍କର ସାହୁ ୪୧ ଓ ସ୍ନେହାଶିଷ ଚୌଧାରୀ ୩୫ ରନ୍ କରିଥିଲେ। ବିପକ୍ଷ ଦଳର ଓମ୍ ପି. ନାୟକ ୩୬ ରନ୍ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୩୫ ଓଭରରେ ୫ ଉଇକେଟ ହରାଇ ମାତ୍ର ୧୧୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ମହେଶ ପରିଡ଼ା ସର୍ବାଧିକ ୨୫ ରନ୍ କରିଥିଲେ। ବିଜୟୀ ଦଳର ସୋହମ୍ ପଟ୍ଟନାୟକ ଓ ଜଗଦୀଶ ମହାପାତ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଶୁଭାଶିଷଙ୍କୁ ରଣଜୀ ଖେଳାଳି ରାଜେଶ ମହାନ୍ତି ଓ ପରେଶ ପଟେଲ ପୁରସ୍କୃତ କରିଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ, କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଉପସଭାପତି ରାଧାନାଥ ମହାପାତ୍ର ପ୍ରମୁଖ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

# ସଞ୍ଜୀୟ ରାଉଳଙ୍କ ମାତୃ ବିୟୋଗ

**ଭୁବନେଶ୍ୱର, ୨୬।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ମ୍ୟାଚ୍ ରେଫରି ସଞ୍ଜୀୟ ରାଉଳଙ୍କ ମା' ରମାରାଣୀ ରାଉଳଙ୍କର ଶନିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କ ୭୯ ବର୍ଷ ହୋଇଥିଲା। ମୃତ୍ୟୁ ଖବର ପାଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ସଦସ୍ୟ ସୁଶାନ୍ତ ମହାନ୍ତି ଓ ସିଇଓ ସୁବ୍ରତ ବେହେରା କଟକ ସିଡିଏସ୍ଥିତ ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।


# Classified Everyday
0674-2580101, 2549949


AUTOMOBILE

SALE

College/School Bus for sale Two school buses of TATA Make 2007 Model-709, 32 seaters with valid registration, fitness, permit and insurance for sale. Please contact Mob. 9348196197 with the offer price. D-3098

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


REAL ESTATE

SALE

ଭୁବନେଶ୍ୱର ଏୟାରଫିଲ୍ଡ ଥାନାରୁ ୧୨ କି.ମି. ଦୂରରେ 1200sqft. ପ୍ଲଟ୍‌କୁ 6,84,000/-, 8,40,000/-ରେ କିଣି ଆଜି ଘର କରନ୍ତୁ। 9938016295. D-74833

Book 3BHK/ 4BHK Premium flat at Soubhagya Nagar, near City Woman's College, Unit-8, Bhubaneswar (Handover June - 2024) Contact : 9439716901. D-74529

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ : 9090778800. D-74528

ଭୁବନେଶ୍ୱର Retanga Railway Station ପାଖରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ 650/-, 9348767829. D-74834

House for sale at GGP Colony 3Storied building (10nos of individual quarters). Contact: 7978141625. D-3080

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

ପିପିଲି ଟାଉନ୍‌କୁ ଲାଗି immediate ଘର କଲାଭଳି plot boundary, electricity, road, plantation with ପଟ୍ଟା ଓ ସମସ୍ତ ଖର୍ଚ୍ଚ ସହିତ sqft.-950/-ରେ ମିଳୁଛି। 7749800648. D-3079




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74664

Newly open health benefits SPA Special Offer@999Sahidnagar. 8118028440. D-73695

Newly open health benefits Spa special offer @999, Nayapalli, 7846814019. D-73694

"Only Professional body massage, Steam-Bath & Body Scrubbing. 9861550765". D-2985

Relax, Refresh your Body, Mind at Saikrupa Spa with best therapies, 8984068077. D-3063




2 Room house with attached kitchen, bathroom near Dharma Vihar, Khandagiri, Bhubaneswar. Contact- 9437051142. D-3090

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd., 9439856856.** D-2931

## AFFIDAVIT

I, Shivasankar Acharya, F/O. SUBHAM PRAGYA ACHARYA, At-Kantabania, P.O. Gambharididihi, Dist. Nayagarh, Odisha, declare that my daughter's name has been changed from SUBHAM PRAGYA ACHARYA to SAMEEKSHA ACHARYA for all purposes, vide Affidavit C.F. No. 29 dated 09/03/2023 sworn before the Court of Executive Magistrate, Bhubaneswar. D-3089

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


**୰ଜଳଧର ମହାପାତ୍ର**
ଡିମିରି, ଅଡ଼ଶପୁର, କଟକ
ଆବିର୍ଭାବ: ଅକ୍ଟୋବର (୧୯୩୫)
ତିରୋଧାନ: ଏପ୍ରିଲ୍ (୨୦୨୧)
(ଧର୍ମ ନିବାସ, ଏ-ଏଲ୍-୬୪)
(ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର)
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ ପରିବାରବର୍ଗ**
ଧ-୩୦୦୭

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ସୁସ୍ଥ ହାର୍ଟ ଓ ସକାରାତ୍ମକ ମାନସିକତା



**ଆ**ଜିକାଲିର ଧାଁଧପଡ଼ ଜୀବନରେ ନିଜର ମାନସିକତାକୁ ସକାରାତ୍ମକ ରଖିବା ହୁଏତ ସହଜ କଥା ନୁହେଁ। କିନ୍ତୁ ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିପାରନ୍ତି, ତେବେ ସେଥିରୁ ଅନେକ ଉପାଦେୟତା ମିଳିଥାଏ। ବିଶେଷଭାବରେ ଏହାଦ୍ୱାରା ତାଙ୍କର ହୃତ୍‌ପିଣ୍ଡ ବା ହାର୍ଟ ସୁସ୍ଥ ରହିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ନିକଟରେ ସୁସ୍ଥ ହାର୍ଟ ଓ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଥିଲା ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ହୃତ୍‌ପିଣ୍ଡ ବେଶ୍ ସୁଚାରୁ ରୂପେ କାର୍ଯ୍ୟ କରୁଥିବାର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ। ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ନିଜକୁ ଯେତେସମ୍ଭବ ଚାପମୁକ୍ତ ରଖିବା ଦରକାର ବୋଲି ଏହି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ମଜଭୁତ ଦାନ୍ତ ପାଇଁ..



**ଦା**ନ୍ତ ମଜଭୁତ ରଖିବାର ଏକ ସରଳ ଉପାୟ ରହିଛି। ତାହା ପୁଣି ହାତ ପାଆନ୍ତାରେ। ଯଦି ଜଣେ ନିୟମିତ କ୍ଷୀର ପିଅନ୍ତି, ତେବେ ତାଙ୍କର ଦାନ୍ତ ପୂର୍ବାପେକ୍ଷା ମଜଭୁତ ରହିଥାଏ ବୋଲି ଜଣାପଡିଛି। କ୍ଷୀରରେ ଏଭଳି ତତ୍ତ୍ୱ ରହିଛି ଯାହା କେବଳ ଶରୀର ପାଇଁ ନୁହେଁ, ଦାନ୍ତ ପାଇଁ ମଧ୍ୟ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ପ୍ରତିଦିନ କ୍ଷୀର ପିଇଲେ ଦାନ୍ତ ମଜଭୁତ ରହିବା ସହ ଦାନ୍ତ କ୍ଷୟ ପରି ସମସ୍ୟା କମ୍ ଦେଖାଯାଇଥାଏ। ଦନ୍ତଜନିତ ସମସ୍ୟା ସହ ଜଡିତ କିଛି ବ୍ୟକ୍ତିଙ୍କୁ ସର୍ଭେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ପ୍ରତିଦିନ କିଛି କ୍ଷୀର ପିଇବାକୁ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନଙ୍କର ଦାନ୍ତର ଅବସ୍ଥା କିପରି ଅଛି ତାହାକୁ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ପରୀକ୍ଷା କରିଥିଲେ। ଏହାଦ୍ୱାରା ଅନେକଙ୍କର ଦାନ୍ତ ପୂର୍ବାପେକ୍ଷା ମଜଭୁତ ହେବା ସହ ଦାନ୍ତ କ୍ଷୟଜନିତ ସମସ୍ୟା କମ୍ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଲାଲ୍ ରକ୍ତ କୋଷିକା ବୃଦ୍ଧି କରେ ଭିଟାମିନ୍-ଇ



**ଭି**ଟାମିନ୍-ଇ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ବିଶେଷ ଭାବରେ ଏଭଳି ଖାଦ୍ୟ ଖାଇଲେ ତାହା ଶରୀରରେ ଲାଲ ରକ୍ତ କୋଷିକା (ରେଡ୍ ବ୍ଲଡ୍ ସେଲ୍) ବୃଦ୍ଧି କରିବାରେ ସହାୟକ ହୋଇଥାଏ। କେବଳ ସେତିକି ନୁହେଁ, ଏଥିରେ ଥିବା ସ୍ୱାସ୍ଥ୍ୟୋପକାରୀ ଗୁଣ ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ଭିଟାମିନ୍-ଇଯୁକ୍ତ ଖାଦ୍ୟ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏଭଳି ଖାଦ୍ୟ ଖାଇଲେ ତାହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଇରଏଡ୍ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏହା ସହାୟକ ମଧ୍ୟ ହୋଇଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍-ଇ ପ୍ରଚୁର ମାତ୍ରାରେ ଭରିରହିଛି।

# ଅନ୍ୟ ଗ୍ରହରେ ଜୀବନ ସନ୍ଧାନ



ଡା. ବିଜୟ କେତନ ପଟ୍ଟନାୟକ

**ଜ୍ୟୋ**ତିର୍ବିଜ୍ଞାନୀ ଓ ମହାକାଶ ବିଜ୍ଞାନୀମାନେ ଆମ ସୌରମଣ୍ଡଳର ଅନ୍ୟ କୌଣସି ଗ୍ରହରେ ବା ଗ୍ରହମାନଙ୍କ ଚାରିପଟେ ଘୂରୁଥିବା ଚନ୍ଦ୍ର ସଦୃଶ ଉପଗ୍ରହରେ କିମ୍ବା ନୀହାରିକାର ଅନ୍ୟ କୌଣସି ସୌରଜଗତରେ 'ବାସୋପଯୋଗୀ ମଣ୍ଡଳ'ର ସନ୍ଧାନ 'ନାସା', 'ଇସ୍ରୋ', 'ଏଗା' (ୟୁରୋପିୟାନ ସ୍ପେଶ ଏଜେନ୍ସି) ବା ଜାପାନର 'ଜାକ୍ସା' ଆଦି ମହାକାଶ ଗବେଷଣା ସଂସ୍ଥା ଜରିଆରେ ପ୍ରୟାସ ଜାରି ରଖିଛନ୍ତି। ବାସୋପଯୋଗୀ ମଣ୍ଡଳର ତାପମାତ୍ରା ହିମାଙ୍କଠାରୁ କମ୍ ନୁହେଁ ବା ସ୍ଫୁଟନାଙ୍କଠାରୁ ବେଶି ନୁହେଁ। ହିମାଙ୍କଠାରୁ କମ୍ ହେଲେ ତରଳ ଜଳ ହିମଖଣ୍ଡରେ ପରିଣତ ହୋଇଯିବ। ସେହିପରି ସ୍ଫୁଟନାଙ୍କଠାରୁ ଅଧିକ ହେଲେ ଏହା ବାଷ୍ପୀଭୂତ ହୋଇଯିବ। ଏହି ବାସୋପେଯୋଗୀ ମଣ୍ଡଳକୁ 'ଗୋଲ୍ଡି ଲକ୍‌ସ' ଜୋନ୍ କୁହାଯାଏ, ଯାହାର ତାପମାତ୍ରା ଜୀବନର ଉନ୍ମେଷ ପାଇଁ ଉପଯୋଗୀ। ଆମ ପୃଥିବୀ ପରି ଏଠି ଜୀବସତ୍ତା ରହିଥିବ ଅଥବା ଅନୁକୂଳ ପରିସ୍ଥିତିରେ ଏହି ଗ୍ରହରେ ଜୀବନର ଅଭ୍ୟୁଦୟ ଘଟିବା ସମ୍ଭବ ହେବ। ଯଦି ଭବିଷ୍ୟତରେ ନିହାତି ଆବଶ୍ୟକ ପଡେ ବା ପରିସ୍ଥିତି ସୃଷ୍ଟି ହୁଏ, ତେବେ ପୃଥିବୀକୁ ପରିତ୍ୟାଗ କରି ସେଠାକୁ ପଳାଇ ଯାଇ ବସତି ସ୍ଥାପନ କରିହେବ-ଏହାହିଁ ବୈଜ୍ଞାନିକମାନଙ୍କର ଚିନ୍ତାଧାରା।

ମହାକାଶ ବିଜ୍ଞାନୀମାନଙ୍କ ମଧ୍ୟରୁ କେତେକ 'ବାସୋପଯୋଗୀ ମଣ୍ଡଳ' ତତ୍ତ୍ୱ ଅନୁସରଣ କରି ଆମ ସୌରଜଗତ ବାହାରେ ଅନ୍ୟ ନକ୍ଷତ୍ର ମଣ୍ଡଳରେ 'ଗୋଲଡି ଲକ୍ ଜୋନ୍' ଓ ସେଥିରେ ପୃଥିବୀ ପରି ଘୂର୍ଣ୍ଣାୟମାନ ଗ୍ରହର ସନ୍ଧାନ କରୁଛନ୍ତି। ସେଥିପାଇଁ ସେମାନେ ଉନ୍ନତ ଟେଲିସ୍କୋପ୍ ଓ ଟ୍ରାନଜିଷ୍ଟିଙ୍ଗ ଏକ୍‌ସେପ୍ଲାନେଟ୍ ସର୍ଭେ ସାଟେଲାଇଟ୍ (TESS) ବ୍ୟବହାର କରି ଆବିଷ୍କୃତ ଗ୍ରହର ପୃଷ୍ଠ ଭାଗରେ ତରଳ ଜଳ ଖୋଜୁଛନ୍ତି। କେବଳ ତରଳ ଜଳ ରହିଲେ ଯେ ଜୀବସତ୍ତାର ଉନ୍ମେଷ ସମ୍ଭବ ହୋଇପାରିବ ତା' ନୁହେଁ, ସେହି ବାୟୁମଣ୍ଡଳ ଥିବା ଦରକାର ; ଯେଉଁଠି ଜୀବନର ଉନ୍ମେଷ ପାଇଁ ନାଇଟ୍ରୋଜେନ୍ ବା ଯବକ୍ଷାରଜାନ ଥିବ। ଅନ୍ୟ କେତେକ ମହାକାଶବିଜ୍ଞାନୀ ଆମ ସୌରମଣ୍ଡଳରେ ଥିବା ଅନ୍ୟ ଗ୍ରହରେ ଜୀବନର ସମ୍ଭାବନା ସ୍ଥିତି ପରଖୁଛନ୍ତି। ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ, ବୈଜ୍ଞାନିକମାନେ ଯେଉଁ କେତେକ ବହିଃ ସୌରଜଗତର ସନ୍ଧାନ ପାଇଛନ୍ତି, ତନ୍ମଧ୍ୟରୁ 'ଜାର୍ମିଦା' ସବୁଠାରୁ ଅଧିକ ସମ୍ଭାବନାମୟ ବାସୋପଯୋଗୀ ଗ୍ରହ ବୋଲି ଚିନ୍ତା କରାଯାଉଥିଲା। କିନ୍ତୁ ୨୦୧୦ ଅକ୍ଟୋବରରେ କେତେକ ଜ୍ୟୋତିର୍ବିଜ୍ଞାନୀ ମତ ପ୍ରକାଶ କଲେ ଯେ, ଜାର୍ମିନା ଗ୍ରହରେ ଯାହା ଆଶା କରାଯାଉଛି ତାହା ଅନେକଟା ଅବାଞ୍ଛିତ ପରିକଳ୍ପନା।





> "ମହାକାଶ ବିଜ୍ଞାନୀମାନଙ୍କ ମଧ୍ୟରୁ କେତେକ 'ବାସୋପଯୋଗୀ ମଣ୍ଡଳ' ତତ୍ତ୍ୱ ଅନୁସରଣ କରି ଆମ ସୌରଜଗତ ବାହାରେ ଅନ୍ୟ ନକ୍ଷତ୍ର ମଣ୍ଡଳରେ 'ଗୋଲଡି ଲକ୍ ଜୋନ୍' ଓ ସେଥିରେ ପୃଥିବୀ ପରି ଘୂର୍ଣ୍ଣାୟମାନ ଗ୍ରହର ସନ୍ଧାନ କରୁଛନ୍ତି। ସେଥିପାଇଁ ସେମାନେ ଉନ୍ନତ ଟେଲିସ୍କୋପ୍ ଓ ଟ୍ରାନଜିଷ୍ଟିଙ୍ଗ ଏକ୍‌ସେପ୍ଲାନେଟ୍ ସର୍ଭେ ସାଟେଲାଇଟ୍ (TESS) ବ୍ୟବହାର କରି ଆବିଷ୍କୃତ ଗ୍ରହର ପୃଷ୍ଠ ଭାଗରେ ତରଳ ଜଳ ଖୋଜୁଛନ୍ତି।"

୨୦୧୩ ଡିସେମ୍ବରରେ ଜ୍ୟୋତିର୍ବିଜ୍ଞାନୀ ସାରଟୋକ୍‌ର ଆମେରିକାନ୍ କଂଗ୍ରେସର ବିଜ୍ଞାନୀ, ମହାକାଶ ଓ ବୈଷୟିକ କମିଟିକୁ ଜଣାଇଥିଲେ ଯେ, 'ନାସା'ର 'କେପଲର' ଦୂରବୀକ୍ଷଣ ଯନ୍ତ୍ର ଆମର ସୌରମଣ୍ଡଳ ବାହାରେ ଯଦି ଏମିତି ଏକାଧିକ ଗ୍ରହଙ୍କୁ ଠାବ କରାଯାଇପାରିଛି, ଯେଉଁଠି ଜୀବସତ୍ତା ଥିବାର ସମ୍ଭାବନା ଉଜ୍ଜ୍ୱଳ। ୨୦୧୫ ଜୁଲାଇରେ ଅନ୍ୟ ଏକ ଖବର ପ୍ରକାଶ ପାଇଥିଲା ଯେ ଆମ ସୌରମଣ୍ଡଳର ନିକଟତମ ନକ୍ଷତ୍ର ହେଉଛି 'ପ୍ରକ୍‌ସିମା ସେଣ୍ଟାୱରି' ବା 'ଆଲଫା ସେଣ୍ଟାୱାରି'। ସେହି ନାମରେ ନକ୍ଷତ୍ରର ବାସୋପଯୋଗୀ ଜୋନ୍‌ରେ ପୃଥିବୀ ଆକୃତିର ଗୋଟିଏ ଗ୍ରହ ପରିକ୍ରମଣ କରୁଛି ବୋଲି ୨୦୧୬ ଅଗଷ୍ଟରେ ଜଣାପଡିଲା। ଏହି ଗ୍ରହର ଜୀବନକୁ ସୁହାଇଲା ଭଳି ଅନେକ ଉପାଦାନ ରହିଛି, କିନ୍ତୁ ଏହି ନକ୍ଷତ୍ର ମଣ୍ଡଳ ମଧ୍ୟ ଆମ ପୃଥିବୀଠାରୁ ୪.୨୪ ଆଲୋକବର୍ଷ ଦୂରରେ ରହିଛି। ୧୯୧୮ ମସିହାରେ ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା', ଆମ ସୌରମଣ୍ଡଳ ବାହାରେ ସୂର୍ଯ୍ୟପରି ଏକ ବାମନ ନକ୍ଷତ୍ର ଚାରିପଟେ ସାତଗୋଟି ପୃଥିବୀ ଆକୃତିର ଗ୍ରହ ପରିକ୍ରମଣ କରୁଥିବା ଆବିଷ୍କାର କରି ସୂଚନା ଦେଲେ। ତନ୍ମଧ୍ୟରୁ ତିନୋଟି ଗ୍ରହ ବାସୋପଯୋଗୀ ହୋଇଥିବାର ଜଣାପଡୁଛି ଏବଂ ସେଠି ହୁଏତ ଜୀବସତ୍ତାର ବିକାଶ ଘଟିଥାଇପାରେ ଅବା ଘଟିବାର ସମ୍ଭାବନା ରହିଛି। ଏହି ଗ୍ରହପୁଞ୍ଜ ମଧ୍ୟ ଆମ ପୃଥିବୀଠାରୁ ୪୦ ଆଲୋକବର୍ଷ ଦୂରରେ ଅଛି। ମହାଶୂନ୍ୟରେ ଆଲୋକ ରଶ୍ମି ଯେତେଦୂର ଗତି କରିପାରିବ, ତାହାହିଁ ଏକ ଆଲୋକବର୍ଷର ଦୂରତା।

ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' ବିଗତ ଦଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସୌରମଣ୍ଡଳ ବାହାରେ ବାସୋପଯୋଗୀ ଗ୍ରହର ଅନୁସନ୍ଧାନ ଜାରି ରଖିଛନ୍ତି। ୨୦୨୩ ଜାନୁୟାରୀରେ 'ନାସା'ର ଏକ ମିଶନ ମହାକାଶରେ ଅବିକଳ ପୃଥିବୀ ସଦୃଶ ଏକ ଗ୍ରହ ଚିହ୍ନଟ କରିଛନ୍ତି। ଟ୍ରାନ୍‌ଜିଟିଂ ଏକସୋପ୍ଲାନେଟ୍ ସର୍ଭେ ସାଟେଲାଇଟ୍‌ର ସହଯୋଗରେ ଠାବ କରାଯାଇଥିବା ଏହି ଗ୍ରହର ନାମ ରଖାଯାଇଛି 'ଟିଓଆର ୭୦୦-ଇ'। ଯେଉଁ ନକ୍ଷତ୍ର ଚାରିପଟେ ଏହି ଗ୍ରହ ପରିକ୍ରମଣ କରୁଛି, ଉକ୍ତ ନକ୍ଷତ୍ରର ବାସୋପଯୋଗୀ ମଣ୍ଡଳ ମଧ୍ୟରେ ରହିଛି। ଏହାର ଆକୃତି ଆମ ପୃଥିବୀର ୯୦ ପ୍ରତିଶତ ଏବଂ ପ୍ରତି ଦଶ ଦିନରେ ଥରେ ମୂଳ ନକ୍ଷତ୍ରକୁ ପ୍ରଦକ୍ଷିଣ କରେ। କେବଳ ଆକାର ନୁହେଁ, ବରଂ ଭୌଗଳିକ ଗଠନ ଦୃଷ୍ଟିରୁ ମଧ୍ୟ ପୃଥିବୀ ସହିତ ଏହି ନୂତନ ଗ୍ରହର ସାମଞ୍ଜସ୍ୟ ରହିଛି। ଏହି ଗ୍ରହର ପୃଷ୍ଠଭାଗ ପଥୁରିଆ ଏବଂ ଏଠାରେ ତରଳ ଜଳର ସନ୍ଧାନ ମିଳିପାରେ ବୋଲି ଆଶା କରାଯାଇଛି। ଏହି ସବୁ କାରଣରୁ 'ଟିଓଆର୍ ୭୦୦-ଇ'ରେ ଜୀବସତ୍ତା ସମ୍ଭବ ବୋଲି ବିଶେଷଜ୍ଞଙ୍କ ମତ।

ଅନ୍ୟପକ୍ଷରେ ଆମ ସୌରମଣ୍ଡଳର ଅନ୍ୟ ଗ୍ରହଗୁଡ଼ିକ ଜୀବସତ୍ତା ଉନ୍ମେଷ ହେବାର ସମ୍ଭାବନା ଅଛି କି ନାହିଁ ତା'ର ଅନୁସନ୍ଧାନ ଜାରି ରଖିଛନ୍ତି। ପୃଥିବୀର ଉପଗ୍ରହ ଚନ୍ଦ୍ର ଏକ ଶୁଷ୍କ ଓ ମୃତ ଉପଗ୍ରହ। ଏଠାରେ ପ୍ରାକୃତିକ ଉପାୟରେ ଜୀବସତ୍ତା ବିକଶିତ ହେବାର ସମ୍ଭାବନା ନାହିଁ। ହୁଏତ କୃତ୍ରିମ ଉପାୟରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ଅନ୍ୟ ଗ୍ରହକୁ ଯିବା ନିମନ୍ତେ ଚନ୍ଦ୍ରରେ 'ସ୍ପେଶ ଷ୍ଟେଶନ' କରାଯାଇପାରେ। ଶୁକ୍ର ଗ୍ରହର ଭୂପୃଷ୍ଠ ତାପମାତ୍ର ୪୬୨ ଡିଗ୍ରୀ ସେଣ୍ଟିଗ୍ରେଡ ହୋଇଯାଏ, ଯାହା ଜୀବସତ୍ତାର ବିକାଶ ପାଇଁ ଆଦୌ ଅନୁକୂଳ ନୁହେଁ। କିନ୍ତୁ 'ନାସା'ର ସୂତ୍ରକୁ ଉଦ୍ଧାର କରି 'ଡାଉନ ଟୁ ଆର୍ଥ' ପତ୍ରିକାରେ ୨୦୧୭ ସେପ୍ଟେମ୍ବର ମାସରେ ଖବର ପ୍ରକାଶ ପାଇଥିଲା ଯେ, ପ୍ରାୟ ଦୁଇଶହ କୋଟି ବର୍ଷ ପୂର୍ବେ ଶୁକ୍ର ଗ୍ରହରେ ମଧ୍ୟ ଜୀବନ ବିକାଶ ଓ ଉନ୍ମେଷ ନିମନ୍ତେ ସହାୟକ ଉତ୍ତାପ ଥିଲା, କାରଣ ସେତେବେଳେ ସୂର୍ଯ୍ୟଙ୍କର ଉଜ୍ଜ୍ୱଳତା ଯଥେଷ୍ଟ କମ୍ ଥିଲା। ଶୁକ୍ର ଆକାଶରେ ମେଘ ଥିଲା ଏବଂ ସାମୟିକ ଭାବେ ବରଫପାତ ହେଉଥିଲା। (କ୍ରମଶଃ..)

-ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା
ମୋ: ୯୪୩୭୦୦୦୯୦୪

## ଆଣ୍ଠୁଗଣ୍ଠି ଯନ୍ତ୍ରଣା କମାଇବ ହରମୋନ

**ଆ**ଜିକାଲି ଅନେକ ଆଣ୍ଠୁଗଣ୍ଠିଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ଅନେକ କାରଣ ରହିଛି। ତେବେ ଏଭଳି ଯନ୍ତ୍ରଣା କମାଇବାର ଏକ ନୂଆ ଉପାୟ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଆଣ୍ଠୁଗଣ୍ଠିଜନିତ ସମସ୍ୟାରୁ କିପରି ସହଜରେ ଉପଶମ ପାଇହେବ ସେନେଇ ସେମାନେ ଗତ କିଛି ବର୍ଷ ଧରି ଗବେଷଣା କରୁଥିଲେ। ଏହି ସମୟରେ ସେମାନେ ଏକପ୍ରକାର ହରମୋନ ଠାବ କରିବାରେ ସକ୍ଷମ ହୋଇଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟର ଅସ୍ଥିଶଲ୍ୟ ବିଶେଷଜ୍ଞମାନଙ୍କର ମତାନୁସାରେ ଆମ ଶରୀରରେ ଏଭଳି ଏକ ହରମୋନ ରହିଛି, ଯାହା ଯଦି ସନ୍ତୁଳିତ ରହେ, ତେବେ ଆଣ୍ଠୁଗଣ୍ଠି ଫୁଲିବା, ଯନ୍ତ୍ରଣା ହେବା ଆଦି ସମସ୍ୟା ଦେଖାଯିବାର ଆଶଙ୍କା କମ୍ ରହିଛି। ଏହି ହରମୋନ୍‌ଟି ହେଲା 'ପ୍ରୋଲାକ୍ଟିନ୍'। ହେଲେ ଏହା ସବୁବେଳେ ପ୍ରାକୃତିକ ଉପାୟରେ କ୍ଷରଣ ହୋଇଥାଏ। ଏହାକୁ ସନ୍ତୁଳିତ ରଖିବାକୁ ହେଲେ କ୍ୟାଲସିୟମଯୁକ୍ତ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବାକୁ ପଡିବ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



## ଜାଣି ରଖନ୍ତୁ

**ଆ**ମକୁ ସବୁବେଳେ ଖାଦ୍ୟପେୟ ପ୍ରତି ବେଶ୍ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ। ତେଣୁ ଯେଉଁ ଋତୁ ହେଉ ନା କାହିଁକି, ଖାଉଥିବା ଖାଦ୍ୟ ପ୍ରତି ନଜର ଦିଅନ୍ତୁ। ସବୁବେଳେ ଏଭଳି ଖାଦ୍ୟ ଖାଆନ୍ତୁ, ଯାହା ସହଜରେ ହଜମ ହୋଇପାରୁଥିବ। କେତେକ ରୋଗର ବାହକ ହେଲା ପାଣି। ତେଣୁ ସବୁବେଳେ ବିଶୁଦ୍ଧ ବା ପ୍ୟୁରିଫାଏଡ ପାଣି ପିଅନ୍ତୁ। ପାଣିକୁ ଫୁଟାଇ ପିଇଲେ ତାହା ସ୍ୱାସ୍ଥ୍ୟ ପ୍ରତି ଆହୁରି ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଶୋଇବା, ଦୀର୍ଘ ସମୟ ଧରି ଟିଭି ଦେଖିବା କେତେକ ଲୋକଙ୍କର ଅଭ୍ୟାସ। ଏଭଳି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଶୋଇବା ପୂର୍ବରୁ ଅଧିକ ସମୟ ଟିଭି ଦେଖିଲେ ତାହାର ଖରାପ ପ୍ରଭାବ ନିଦ୍ରା ଉପରେ ପଡିଥାଏ। ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ରୋଗ ସମ୍ପର୍କରେ ସବିଶେଷ ତଥ୍ୟ ଦିଅନ୍ତୁ। କାରଣ ସେଗୁଡ଼ିକୁ ଆଧାର କରି ଡାକ୍ତର ସେହି ରୋଗର ଚିକିତ୍ସା କରିଥାଆନ୍ତି। ଦୃଷ୍ଟିଶକ୍ତିଜନିତ ସମସ୍ୟା ଥିଲେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ନିକଟରେ ଆଖି ପରୀକ୍ଷା କରାଇ ନିଅନ୍ତୁ।



# ନୀରୋଗ ଶରୀର ପାଇଁ...

**ଶ**ରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବା ପାଇଁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ, ଯଦ୍ୱାରା ଡାଇବେଟିସ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, କର୍କଟ ରୋଗ ଭଳି ଅନେକ ମାରାତ୍ମକ ରୋଗରୁ ଆମେ ରକ୍ଷା ପାଇଥାଉ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଠିକ୍ ଭାବେ ଶୋଇପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ଏହାକୁ ଦୂରେଇବାକୁ ହେଲେ ଯୋଗ କରିବା ଆମ ପାଇଁ ଏକାନ୍ତ କାମ୍ୟ ହେବା ଜରୁରୀ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।



## ସ୍ୱାସ୍ଥ୍ୟ ସୂଚନା

- ରାତ୍ର ଭୋଜନ ଶେଷ କରିବା ପରେ ସଙ୍ଗେ ସଙ୍ଗେ ଶୋଇବାକୁ ଯାଆନ୍ତୁ ନାହିଁ। ଘର ଭିତରେ ହେଉ ଅବା ବାହାରେ ଅଳ୍ପ ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହେବା ସହ ଭଲ ନିଦ ହୋଇଥାଏ।
- ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ଡାକ୍ତରଙ୍କ ସହ ନିୟମିତ ସମୟ ଅନ୍ତରାଳରେ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ତାଙ୍କ କଥାନୁସାରେ ଖାଦ୍ୟ ଖାଆନ୍ତୁ ଏବଂ ଡାକ୍ତରଙ୍କ ପରାମର୍ଶ ବିନା କୌଣସି ଔଷଧ ବନ୍ଦ କରନ୍ତୁ ନାହିଁ।
- ବିଶେଷଭାବରେ ବୟସ ବଢ଼ିଲେ ଆମକୁ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ୍ ହେବାକୁ ପଡିଥାଏ। ଏହି ବୟସରେ ଗରିଷ୍ଠ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- କୌଣସି ରୋଗର କାରଣ ବିଷୟରେ ଅବଗତ ହେଲେ ତାହାର ତୁରନ୍ତ ଚିକିତ୍ସା କରାଇ ନିଅନ୍ତୁ।
- ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ। ନିଜ କାମରେ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଆଦୌ ଭୁଲନ୍ତୁ ନାହିଁ।
- ନିଜକୁ ପ୍ରତିଦିନ କିଛି ସମୟ ଶାନ୍ତ ପରିବେଶରେ ରଖନ୍ତୁ। ଏହାଦ୍ୱାରା ଅନେକାଂଶରେ ମାନସିକ ଶାନ୍ତି ମିଳିଥାଏ।
- କୌଣସି ରୋଗ କିମ୍ବା ତାହାର ଚିକିତ୍ସା ବିଷୟରେ ସବିଶେଷ ଜ୍ଞାନ ନ ଥିଲେ ସେ ବିଷୟରେ ଅନ୍ୟମାନଙ୍କୁ ପରାମର୍ଶ ଦିଅନ୍ତୁ ନାହିଁ।



# ମୁମ୍ବାଇ ଇଣ୍ଡିଆନ୍ସକୁ ଡବ୍ଲ୍ୟୁପିଏଲ୍ ଟାଇଟଲ

**ମୁମ୍ବାଇ, ୨୬।୩**

ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ପ୍ରଥମ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଚାମ୍ପିୟନ ହୋଇଛି। ଇସି ଓଙ୍ଗ୍ ଓ ହିଲି ମାଥ୍ୟୁସଙ୍କ ଚମତ୍କାର ବୋଲିଂ ଏବଂ ନାତାଲି ସ୍କିଭର-ବ୍ରଣ୍ଟଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ସହାୟତାରେ ଏହି ଦଳ ରବିବାର ଅନୁଷ୍ଠିତ ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୭ ଉଇକେଟରେ ପରାସ୍ତ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୩୧ ରନ କରିଥିବାବେଳେ ମୁମ୍ବାଇ ୧୯.୩ ଓଭରରେ ୩ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରି ନେଇଥିଲା। ପୂରା ଲିଗ୍‌ର ପ୍ରଭାବୀ ବ୍ୟାଟିଂ କରି ଆସିଥିବା ବ୍ରଣ୍ଟ ୫୫ ବଲ୍‌ରୁ ୬୦ (୫ ଚୌକା) ରନରେ ଅପରାଜିତ ରହି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଧିନାୟିକା ହରମନପ୍ରୀତ କୌର ୩୭ ରନ ସ୍କୋର କରିଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ରାଧା ଯାଦବ ଓ ଜେସ୍ ଜୋନାସେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ୪ ବଲ୍‌ରୁ ୧୧ ରନ୍ କରିଥିବା ଶେଫାଳି ବର୍ମା ଧୂଆଁଧାର ଆରମ୍ଭ କରିଥିଲେ ହେଁ ଦ୍ୱିତୀୟ ଓଭରରେ ବିବାଦୀୟ ଢଙ୍ଗରେ ଆଉଟ ହୋଇ ପ୍ୟାଭିଲିୟନ୍ ଫେରିଥିଲେ। ଅଣ୍ଟା ଉଚ୍ଚର ଫୁଲଟସକୁ ନେଇ ବିବାଦ ଦେଖା ଦେଇଥିଲା। ମୁମ୍ବାଇର ବୋଲର ଇସି ଓଙ୍ଗ ପ୍ରଥମ ୩ ଉଇକେଟ ନେବାରୁ କ୍ୟାପିଟାଲ୍ସ ୩୫ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ଓଙ୍ଗଙ୍କ ଗତି ସମ୍ମୁଖରେ କ୍ୟାପିଟାଲ୍ସ ଇନିଂସ ଭୁଷୁଡି ପଡିଥିଲା। ଅଧିନାୟିକା ମେଗ୍ ଲାନିଙ୍ଗ ୩୫ ଓ ମାରିଜେନ୍ କାପ୍ ୧୮ ଚତୁର୍ଥ ଉଇକେଟରେ ୪୮ ରନ୍ ଯୋଡି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଆମେଲିଆ କେର୍‌ଙ୍କ ବଲରେ କାପ୍ ଆଉଟ ହେବା ପରେ କ୍ୟାପିଟାଲ୍ସର ଚିନ୍ତା ବଢ଼ିଥିଲା। ଏକଦା ୭୩/୩ ରହିଥିବା ଦିଲ୍ଲୀ ପରବର୍ତ୍ତୀ ୬ ରନ୍‌ରେ ୬ ଉଇକେଟ ହରାଇଥିଲା। ମାତ୍ର ୫ ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିବା ହିଲି ମାଥ୍ୟୁସ୍ ଏହି ବିପର୍ଯ୍ୟୟ ଘଟାଇଥିଲେ। ଭେଟେରାନ୍ ଶିଖା ପାଣ୍ଡେ (୨୭*) ଓ ରାଧା ଯାଦବ(୨୭) ଅସମାପ୍ତ ଶେଷ ଉଇକେଟରେ ୨୪ ବଲ୍‌ରୁ ୫୨ ରନ୍ ଯୋଡିବାରୁ ଦଳ ୧୩୧ ରନ୍ କରିଥିଲା। ମୁମ୍ବାଇ ପକ୍ଷରୁ ହିଲି ମାଥ୍ୟୁସ ୫ ରନ ଦେଇ ୩ ଉଇକେଟ ନେଇଥିବା ବେଳେ ଇସି ଓଙ୍ଗ ୩ ଓ ଆମେଲିଆ କେର୍ ୨ ଉଇକେଟ ନେଇଥିଲେ। ଇସି ଓଙ୍ଗ ବୋଲିଂ କରିଥିବା ୧୯ତମ ଓଭରରୁ ରାଧା ଓ ଶିଖା ପାଣ୍ଡେ ୨୦ ରନ୍ ସଂଗ୍ରହ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୩୧/୯ (ମେଗ ଲାନିଙ୍ଗ-୩୫, ଶିଖା ପାଣ୍ଡେ-୨୭*, ରାଧା ଯାଦବ-୨୭*, ହିଲି ମାଥ୍ୟୁସ୍-୩/୫, ଇସି ଓଙ୍ଗ-୩/୪୨, ଆମେଲିଆ କେର୍-୨/୧୮)। ମୁମ୍ବାଇ ଇଣ୍ଡିଆନ୍ସ ୧୯.୩ ଓଭରରେ ୧୩୪/୩ (ନାତାଲି ସ୍କିଭର ବ୍ରଣ୍ଟ-୬୦*, ହରମନପ୍ରୀତ କୌର-୩୭, ରାଧା ଯାଦବ-୧/୨୪, ଜେସ୍ ଜୋନାସେନ-୧/୨୮)।



ମହିଳା ପ୍ରିମିୟର ଲିଗ୍ ଟ୍ରଫି ସହ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଦଳ।

## ଓମେନ୍ସ ପ୍ରିମିୟର ଲିଗ୍ ରେକର୍ଡ୍ସ

**ଅରେଞ୍ଜ କ୍ୟାପ୍:** ୩୪୫ ରନ୍, ମେଗ୍ ଲାନିଙ୍ଗ (ଦିଲ୍ଲୀ କ୍ୟାପିଟାଲ୍ସ)
**ପର୍ପଲ କ୍ୟାପ୍:** ୧୬ ଉଇକେଟ, ହିଲି ମାଥ୍ୟୁସ୍(ମୁମ୍ବାଇ ଇଣ୍ଡିଆନ୍ସ)
**ଶ୍ରେଷ୍ଠ ବୋଲିଂ:** ୫/୧୫, ମାରିଜେନ୍ କାପ୍ (ଦିଲ୍ଲୀ କ୍ୟାପିଟାଲ୍ସ)
**ସର୍ବାଧିକ ବ୍ୟକ୍ତିଗତ ସ୍କୋର:** ସୋଫି ଡିଭାଇନ୍, ୯୯ (ଆରସିବି)
**ସର୍ବାଧିକ ଛକା:** ଶେଫାଳି ବର୍ମା (୧୩)
**ଶ୍ରେଷ୍ଠ ଆଭରେଜ୍:** ନାଟାଲି ସ୍କିଭର ବ୍ରଣ୍ଟ (୬୬.୪)
**ସର୍ବାଧିକ ଷ୍ଟ୍ରାଇକ୍‌ରେଟ୍:** ଶେଫାଳି ବର୍ମା(୧୮୫.୨୯)
**ସର୍ବାଧିକ ଦଳଗତ ସ୍କୋର:** ୨୨୩/୨, (ଦିଲ୍ଲୀ କ୍ୟାପିଟାଲ୍ସ)
**ସର୍ବନିମ୍ନ ଦଳଗତ ସ୍କୋର:** ୬୪, (ଗୁଜରାଟ ଜାଏଣ୍ଟ୍ସ)।
**ଇମର୍ଜିଂ ପ୍ଲେୟର ଅଫ୍ ଦ ଇୟର:** ୟାସ୍ତିକା ଭାଟିଆ
**କ୍ୟାଚ୍ ଅଫ୍ ଦ ସିଜନ:** ହର୍ମନପ୍ରୀତ କୌର୍

# ଏଆଇସିଏଫ୍ ସଦସ୍ୟ ହେଲା କିଟ୍ ୟୁନିଭର୍ସିଟି

**ଭୁବନେଶ୍ୱର, ୨୬।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଦେଶ ଏକମାତ୍ର ତଥା ପ୍ରଥମ ଶିକ୍ଷାନୁଷ୍ଠାନ ଭାବେ ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍)ର ସଦସ୍ୟତା ହାସଲ କରିପାରିଛି କିଟ୍ ୟୁନିଭର୍ସିଟି। ଗତ ୧୫ବର୍ଷ ହେଲା ଓଡ଼ିଶା ଓ ଭାରତରେ ଚେସ୍ ଖେଳର ପ୍ରମୋଟ କରିବାରେ କିଟ୍‌ର ଉଲ୍ଲେଖନୀୟ ଭୂମିକା ରହି ଆସିଛି। ବହୁ ବାର୍ଷିକ ଗ୍ରାଣ୍ଡମାଷ୍ଟର୍ସ ଟୁର୍ନାମେଣ୍ଟ, ଅନ୍ତର୍ଜାତୀୟ ଓ ଜାତୀୟ ଟୁର୍ନାମେଣ୍ଟ

**ପ୍ରଥମ ଶିକ୍ଷାନୁଷ୍ଠାନ**

ଆୟୋଜନ କରିଛି। ଏହାଛଡ଼ା ଦୁଇ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ଓ ସ୍ୱୟମ୍ଭ ମିଶ୍ରଙ୍କ ସମେତ ଅନ୍ୟ କେତେକ ରେଟିଂପ୍ରାପ୍ତ ଖେଳାଳି ସୃଷ୍ଟି କରିବା କ୍ଷେତ୍ରରେ ଓଡ଼ିଶାକୁ ସହାୟତା କରିଛି। ରବିବାର ଏଆଇସିଏଫ୍‌ର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଏବଂ ପରେ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ଭୁବନେଶ୍ୱରର କିଟ୍ ୟୁନିଭର୍ସିଟିକୁ ଆନୁଷ୍ଠାନିକ ସଦସ୍ୟତା ପ୍ରଦାନ କରାଯାଇଥିଲା। ଏହାଦ୍ୱାରା କିଟ୍ ଏଣିକି ଏଆଇସିଏଫ୍ ଅଧୀନରେ ଗ୍ରାଣ୍ଡମାଷ୍ଟର୍ସ ଟୁର୍ନାମେଣ୍ଟ ସମେତ ବିଭିନ୍ନ ଟୁର୍ନାମେଣ୍ଟ ଏବଂ ଚେସ୍ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ସିଧାସଳଖ ଭାବେ ଆୟୋଜନ କରିପାରିବ। ଏହି ପରିପ୍ରେକ୍ଷୀରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଫିଡେ ଉପଦେଷ୍ଟାମଣ୍ଡଳୀ ଓ ଉପସଭାପତି ଭରତ ସିଂ ଚୌହାନ, ଏଆଇସିଏଫ୍‌ର ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ସର୍ବଭାରତୀୟ ଚେସ୍ ମହାସଂଘ ଏବଂ ଅଲ୍ ଓଡ଼ିଶା ଚେସ୍ ଫେଡେରେଶନର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।



ଫିଡେ ଉପଦେଷ୍ଟାମଣ୍ଡଳୀ ଅଧ୍ୟକ୍ଷ ଭରତ ସିଂ ଚୌହାନଙ୍କ ସହ ଅଚ୍ୟୁତ ସାମନ୍ତ।

# ଜାଡେଜାଙ୍କ ଉନ୍ନତି, ରାହୁଲଙ୍କ ଅବନତି

**ନୂଆଦିଲ୍ଲୀ, ୨୬।୩ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହାର ବାର୍ଷିକ ଚୁକ୍ତି ଖେଳାଳି ତାଲିକା ରବିବାର ଘୋଷଣା କରିଛି। ଏଥିରେ ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଏଲିଟ୍ ଗ୍ରେଡ୍ 'ଏ' ପ୍ଲସ୍ କାଟେଗୋରିକୁ ଉନ୍ନୀତ ହୋଇଥିବାବେଳେ ଅକ୍ଷର ପଟେଲ 'ଏ' କାଟେଗୋରିକୁ ଉଠିଛନ୍ତି। ଅନ୍ୟପକ୍ଷରେ କ୍ରମାଗତ ଖରାପ ପ୍ରଦର୍ଶନ ପାଇଁ ଟପ୍ ଅର୍ଡର ବ୍ୟାଟର କେ.ଏଲ୍ ରାହୁଲ ଗ୍ରେଡ୍ 'ବି'କୁ ଖସି ଆସିଛନ୍ତି। ପେସ୍ ବୋଲର ଭୁବନେଶ୍ୱର କୁମାର, ଅଜିଙ୍କ୍ୟ ରାହାନେ ଓ ଇଶାନ୍ତ ଶର୍ମାଙ୍କ ନାମ

**ବିସିସିଆଇ ବାର୍ଷିକ ଚୁକ୍ତି**

ଚୁକ୍ତି ତାଲିକାରେ ସ୍ଥାନ ପାଇନାହିଁ। ବିସିସିଆଇ ଚୁକ୍ତି ତାଲିକାରେ ରହିଥିବା ୨୬ ଖେଳାଳିଙ୍କୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରିଛି। 'ଏ' ପ୍ଲସ୍ କାଟେଗୋରି ଖେଳାଳି ୭ କୋଟି, 'ଏ' କାଟେଗୋରି ଖେଳାଳି ୫ କୋଟି, 'ବି' କାଟେଗୋରି ଖେଳାଳି ୩ କୋଟି ଏବଂ 'ସି' କାଟେଗୋରି ଖେଳାଳି ୧ କୋଟି ଟଙ୍କା ଲେଖାଏଁ ପାଇବେ। ଷ୍ଟାର ଉଇକେଟକିପର-ବ୍ୟାଟର ରିଷଭ ପନ୍ତ 'ଏ' କାଟେଗୋରିରେ ସ୍ଥାନ ପାଇଛନ୍ତି। ଏହି କାଟେଗୋରିରେ ହାର୍ଦ୍ଦିକ ପାଣ୍ଡ୍ୟା, ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ଶାମି ରହିଛନ୍ତି। ଗ୍ରୁପ୍ 'ବି'ରେ ୬ ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଚେତେଶ୍ୱର ପୂଜାରା, କେ.ଏଲ୍ ରାହୁଲ, ଶ୍ରେୟସ ଆୟର, ମହମ୍ମଦ ସିରାଜ, ସୂର୍ଯ୍ୟକୁମାର ଯାଦବ ଓ ଶଭମନ ଗିଲ୍। ଗ୍ରୁପ୍ ସି'ରେ ୧୧ କ୍ରିକେଟର ରହିଛନ୍ତି। ସେମାନେ ହେଲେ ଭରତଙ୍କ ସହିତ ଉମେଶ ଯାଦବ, ଶିଖର ଧାୱନ, ଶାର୍ଦ୍ଦୂଳ ଠାକୁର, ଇଶାନ କିଶନ, ଦୀପକ ହୁଦା, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ସଞ୍ଜୁ ସାମ୍‌ସନ, ଅର୍ଶଦୀପ ସିଂ।





72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

#ପଲ୍‌ସର୍ 125 Neon Disc ସିଙ୍ଗଲ୍ ସୀଟ୍ ଭେରିଆଣ୍ଟ ର ଏକ୍ସ-ଶୋରୁମ୍ ମୂଲ୍ୟ *ପଲ୍‌ସର୍ 125 Neon Disc ସିଙ୍ଗଲ୍ ସୀଟ୍ ଭେରିଆଣ୍ଟ ପାଇଁ ଡାଉନ୍ ପେମେଣ୍ଟ । ଡାଉନ୍ ପେମେଣ୍ଟ ରେ ପ୍ରୋସେସିଙ୍ଗ ଫୀସ୍ ଓ ଅନ୍ୟାନ୍ୟ ଚାର୍ଜେସ୍ ମିଶି ନାହିଁ ଏବଂ ତାହା କ୍ରେଡିଟ୍ ପାରାମିଟର୍‌ସ ପୂରଣ ଅଧୀନ ଅଟେ। ଫାଇନାନ୍ସିଅର୍‌ଙ୍କ ନିଜସ୍ୱ ନିର୍ଣ୍ଣୟ ଉପରେ ଫାଇନାନ୍ସ ନିର୍ଭର କରେ । ବଜାଜ ଅଟୋ ବିନା ଅଗ୍ରୀମ୍ ସୂଚନାରେ ଯେକୌଣସି ବା ସବୁ ଅଫର୍‌କୁ ରଦ୍ଦ କରିବାର ଅଧିକାର ରଖୁଛି । ପ୍ରଦର୍ଶିତ ଷ୍ଟଣ୍ଟସ, ଏକ୍ସପର୍ଟଙ୍କ ଦ୍ୱାରା ପ୍ରୋଫେଶନାଲ୍ ସୁପରଭିଜନ୍ ଅନ୍ତର୍ଗତ, ସାଧାରଣ ଜନତା ବା ସାଧାରଣ ରାସ୍ତା ଠାରୁ ଅନ୍ୟତ୍ର ନିୟନ୍ତ୍ରିତ ଓ ବନ୍ଦ ସୀମିତ ପରିବେଶରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ । ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମ ପାଳନ କରନ୍ତୁ । ଏଏମ୍‌ସି ବିଶେଷ ମଡେଲ୍‌ସ ଆଉ ବିଶେଷ ପ୍ରଦେଶ ମାନଙ୍କରେ ଉପଲବ୍ଧ । ଅଧିକ ବିବରଣୀ ପାଇଁ ବଜାଜ ଡୀଲର୍‌ଙ୍କୁ ସମ୍ପର୍କ କରନ୍ତୁ । ରୋଡ୍ ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଅନ୍ତର୍ଭୁକ୍ତ ଅଟେ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** VINAYAK BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Balugaon** BHARAT BAJAJ 7381099441 • **Cuttack: Badambadi SURAJ BAJAJ 8093066603** • **Rahama** MAITREE BAJAJ 9668801781, **Nayagarh MSB BAJAJ 7790048130** • **Rajsunakhala MSB BAJAJ 9668820967** • **Daspalla MSB BAJAJ 7873925390** • **Phulbani MSB BAJAJ 8917341979** • **Keonjhar JR BAJAJ 9937697094 / 9439008692**• **Angul** JAMUNA BAJAJ 7682899351 • **Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Chandikhole** TARINI BAJAJ 9937310800. **Authorised Service Centre: Balianta 7978570067, Balipatna** 9861061389, **Khurda** 9937785586 **Jatni** 8339062656, **Ersama** 8018800801, **Jagamara 9777042612, Sundarpada 9777042612, Iginia** 7064422415, **Rasulgad** 9937284842, **Nimapada 9437030368, Charichak 9658078583, Kaktpur 9776125534,, Tangi** 8984562569, **Phulnakhara 9437410737, Niali 9437511829, Choudwar 7735864350, Salepur** 9040452661, **Jagatsinghpur** 9437273939, **Balikuda 9777683351, JajpurTown** 9937888777, **Bhuban 9438570111, Rasol 9938656276/9937513419, Kuakhia** 9937312014, **Chhatia** 9040084846, **Kamakhayanagar 9437079287, Barbil** 9437086335, **Jashipur 9437443161/8117041821. Dhenkikote** 9437598479 **Turmunga** 9937428333, **Karanjia** 7504810975, **Udala** 9337004355/56. **Pallahara** 9178494430, **Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576, Athgarh** 9937289417, **Bidharpur** 7008503281, **Banki** 8895278126, **Rambha** 7381099445. **Narsinghpur** 7978288573, **Badamba 9937643504 Adaspur** 9439735529, **Pattamundai** 7064987720, **Balikuda** 9861130954, **Kendrapara** 7008576945, **Nischintakoili** 8917622159



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ